# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR

ଯାହା ଆପଣଙ୍କ କଥା କହେ




ସୁରକ୍ଷାବଳରେ ଅଧିକ ଯୁବପିଢି ଯୋଗଦେବାକୁ ଆହ୍ୱାନ | ୬



ରାଜନୀତିରେ ଏଣ୍ଟ୍ରି ନକରିବାର କାରଣ କହିଲେ ରବୀନା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୩ Vol. 21 No-233 22 NOVEMBER 2024 FRIDAY BHUBANESWAR ଶୁକ୍ରବାର, ୨୨ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ବଢ଼ିଲା

ଭୁବନେଶ୍ୱର, ୨୧।୧୧ (ଭାସ୍କର ନ୍ୟୁଜ): ରାଜ୍ୟର ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ଉତ୍କଳ, ରମାଦେବୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କ କାର୍ଯକାଳକୁ ଆଉ ୬ ମାସ ପାଇଁ ବଢାଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଏଇ ମାସରେ ଶେଷ ହେଉଥିଲା ।

### କୋଟିପତି ସିଏସ୍‌ଓ ଗିରଫ

ଭୁବନେଶ୍ୱର, ୨୧।୧୧ (ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ସିଏସ୍‌ଓ ସୁରେଶ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଚଢାଉ ସମୟରେ ତାଙ୍କର ଦୁଇଟି କୋଠା, ଗୋଟିଏ ଫାର୍ମ ଓ ୧୯ଟି ପ୍ଲଟ୍ ଜବତ ହୋଇଥିଲା। ଏଥିସହ ୧.୪୯ଲକ୍ଷ ନଗଦ ଟଙ୍କା ମଧ୍ୟ ଭିଜିଲାନ୍ସ ଠାବ କରିଥିଲା। ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚୁରା କରିଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

## ନୂଆଦିଲ୍ଲୀରେ ଆୟୋଜିତ ମହତାବଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ମହତାବ ଥିଲେ ଓଡ଼ିଶାର ସର୍ଦ୍ଦାର ପଟେଲ




- ଡକ୍ଟର ମହତାବ ଥିଲେ ପ୍ରେରଣାର ଉତ୍ସ: ରାଷ୍ଟ୍ରପତି
- କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରଦାନ କଲେ ଧର୍ମେନ୍ଦ୍ର
- ଗଡ଼ଜାତ ରାଜ୍ୟର ଶେଷ ପ୍ରଧାନମନ୍ତ୍ରୀ ଥିଲେ ମହତାବ
- ଶିଳ୍ପାୟନ, ରାଜ୍ୟର ଆର୍ଥିକ ବିକାଶରେ ଅବଦାନ ଅତୁଳନୀୟ"
- ସ୍ୱତନ୍ତ୍ର ସ୍ମାରକୀ ଡାକଟିକେଟ, ମୁଦ୍ରା ଉନ୍ମୋଚିତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ): ଡକ୍ଟର ହରେକୃଷ୍ଣ ମହତାବ ଥିଲେ ଓଡ଼ିଶାର ସର୍ଦ୍ଦାର ପଟେଲ। ଜଣେ ମହାନ ରାଷ୍ଟ୍ରନେତା, ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, ରାଜନେତା, ସମାଜ ସଂସ୍କାରକ ଏବଂ ସାମ୍ବାଦିକ ଭାବେ ସେ ବେଶ୍ ପରିଚିତି ହାସଲ କରିଥିଲେ। ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଏବଂ ମହାତ୍ମାଗାନ୍ଧୀଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କ ଦ୍ୱାରା ସେ ଗଭୀର ପ୍ରଭାବିତ ହୋଇଥିଲେ। କଲେଜ ଜୀବନରୁ ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଆଜିର ଯୁବପିଢି ତାଙ୍କ ଆଦର୍ଶକୁ ଅନୁକରଣ କରିବା ପାଇଁ ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଡକ୍ଟର ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହରେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ମାଝୀ କହିଥିଲେ, ଡକ୍ଟର ମହତାବ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟତା ପାଇଁ ଏକାଧିକ ବାର ଗିରଫ ହୋଇଥିଲେ ଏବଂ ଓଡ଼ିଶାକୁ ଭାରତରେ ମିଶ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଗଡ଼ଜାତ ରାଜ୍ୟର ଶେଷ ପ୍ରଧାନମନ୍ତ୍ରୀ ମଧ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତର ମୁଖ୍ୟମନ୍ତ୍ରୀ ଭାବରେ ସେ ଓଡ଼ିଶାର ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟର ଆର୍ଥିକ ବିକାଶରେ ଅବଦାନ ଯୋଡ଼ିଥିଲେ। ରାଜ୍ୟର ଐତିହାସିକ ବିବରଣୀ ଓଡ଼ିଶାର ଇତିହାସ ସମେତ ତାଙ୍କର ଅନନ୍ୟ କୃତିପାଇଁ ସେ ପ୍ରଶଂସିତ ହୋଇଥିଲେ। ୧୯୮୩ ମସିହାରେ ଗାଁ ମଜଲିସ୍ ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଥିଲେ। ସ୍ୱର୍ଗତଃ ମହତାବ ତାଙ୍କର ଦୃଢ ଇଚ୍ଛାଶକ୍ତି, ସଂକଳ୍ପ ଓ ପ୍ରଭାବ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀ ମାଝୀ କହିଥିଲେ। ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ଡକ୍ଟର ହରେକୃଷ୍ଣ ମହତାବ ଜଣେ ପ୍ରେରଣାଦାୟକ ନେତା ଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ କାରାବରଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଡାକରାରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଅହମ୍ମଦନଗର କିଲ୍ଲା ଜେଲ୍‌ରେ କାରାବରଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ସ୍ମାରକୀ ଡାକଟିକେଟ ଓ ମୁଦ୍ରାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ରସିଂ ଶେଖାଓ୍ୱତ ଯୋଗଦେଇ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ସହକାରେ ପାଳନ କରିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଧ୍ୟକ୍ଷ ଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, • ପୃଷ୍ଠା ୫ ଦେଖନ୍ତୁ

## ଗୁୟାନାର ଅର୍ଡର ଅଫ୍ ଏକ୍ସଲେନ୍ସରେ ମୋଦୀ ସମ୍ମାନିତ



ନୂଆଦିଲ୍ଲୀ, ୨୧।୧୧: ଗୁୟାନାର ରାଷ୍ଟ୍ରପତି ଗୁରୁବାର ଷ୍ଟେଟ ହାଉସ୍‌ରେ ଆୟୋଜିତ ଏକ ସମାରୋହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଦ ଅର୍ଡର ଅଫ୍ ଏକ୍ସଲେନ୍ସ' ପ୍ରଦାନ କରିଛନ୍ତି। ଜଣେ ଦୂରଦର୍ଶୀ ରାଜନେତା ଭାବେ ବିଶ୍ୱ ମଞ୍ଚରେ ବିକାଶଶୀଳ ରାଷ୍ଟ୍ରଙ୍କ ଦାବି ଉଠାଇବା, ବିଶ୍ୱ ସମୁଦାୟ ପାଇଁ ଅତୁଳନୀୟ ସେବା ତଥା ଭାରତ-ଗୁୟାନାର ସଂପର୍କକୁ ସୁଦୃଢ କରିବା ଦିଗରେ ତାଙ୍କର ପ୍ରତିବଦ୍ଧତା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ପାକିସ୍ତାନରେ ବଡ଼ଧରଣର ଆତଙ୍କୀ ହମ୍‌ଲା

# ୫୦ ମୃତ, ୨୯ ଆହତ

- ଯାତ୍ରୀବାହୀ ଭ୍ୟାନ୍ ଉପରକୁ ଆଖିବୁଜା ଗୁଳିମାଡ଼
- ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା, ଶିଶୁ
- ପୋଲିସ କର୍ମଚାରୀଙ୍କ ସମେତ ୨୯ ଆହତ
- ଆକ୍ରମଣକୁ ପାକ୍ ରାଷ୍ଟ୍ରପତିଙ୍କ ଦୃଢ ନିନ୍ଦା



ଇସଲାମାବାଦ, ୨୧।୧୧: ପାକିସ୍ତାନରେ ଗୁରୁବାର ଏକ ବଡ଼ ଧରଣର ଆତଙ୍କ ହମ୍‌ଲା ହୋଇଛି। ଏଥିରେ ୩୮ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ରହିଥିବା ସୂଚନା ଦିଆଯାଇଛି। ପୋଲିସ କର୍ମଚାରୀଙ୍କ ସମେତ ୨୯ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏକ ଯାତ୍ରୀବାହୀ ଭ୍ୟାନ୍ ଯାଉଥିବା ସମୟରେ ଖାଇବର ପଖତୁନଖ୍ୱାର ଡାଉନ୍‌କୁରମ୍ ଅଞ୍ଚଳରେ ଆତଙ୍କବାଦୀମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ଖାଇବର ପଖତୁନଖ୍ୱାର ମୁଖ୍ୟ ସଚିବ ନଦିମ ଆସଲାମ ଚୌଧୁରୀ ଆତଙ୍କୀ ହମଲାକୁ ସ୍ୱୀକାର କରିଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ଥିବା ସେ କହିଛନ୍ତି। ପାକ୍ ସରକାରଙ୍କ ଜଣେ • ପୃଷ୍ଠା ୫ ଦେଖନ୍ତୁ

## ■ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣା ■

# ଅଙ୍ଗନୱାଡ଼ି କର୍ମୀଙ୍କୁ ମିଳିବ ସୁଭଦ୍ରା ସହାୟତା




ଭୁବନେଶ୍ୱର, ୨୧।୧୧ (ଭାସ୍କର ନ୍ୟୁଜ): ଆସନ୍ତା ୨୪ ତାରିଖରେ ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା। ଏଥିପାଇଁ ସମସ୍ତଙ୍କ ଯାଞ୍ଚ ଶେଷ କରାଯାଇଛି। ଏଥର ତୃତୀୟ ପର୍ଯ୍ୟାୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଆସନ୍ତା ୨୪ ତାରିଖରେ ୨୦ଲକ୍ଷ ମହିଳାଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୬୦ଲକ୍ଷ ୨୭ ହଜାର ଜଣଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯାଇ ସାରିଥିବାବେଳେ ଏଥର ମିଶିଲେ ଏହି ସଂଖ୍ୟା ୮୦ଲକ୍ଷ ପାର୍ କରିଯିବ। ସୁଭଦ୍ରା ପାଇଁ ଆବେଦନକାରୀଙ୍କ ସଂଖ୍ୟା ୧ କୋଟି ୧୬ଲକ୍ଷରେ ପହଞ୍ଚିଛି। ଚଳିତମାସ ୨୪ ତାରିଖ ପରେ ଡିସେମ୍ବର ମାସରେ ଆଉ ଏକ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯିବ। ଏହାପରେ ଜାନୁଆରୀ ଓ ଫେବୃଆରୀ ମାସରେ ଯେଉଁମାନେ ଆବେଦନ କରିବେ ସେମାନେ ମାର୍ଚ୍ଚ ୮ ତାରିଖରେ ଏକ ସମୟରେ ଦୁଇଟି କିସ୍ତି ପାଇବେ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ଏଥିସହ ଏକାଧିକ ଏକାଉଣ୍ଟ ଯୋଗୁ ସୁଭଦ୍ରା ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ୫ଲକ୍ଷ ଆବେଦନକାରୀଙ୍କୁ ସିଙ୍ଗଲ ଏକାଉଣ୍ଟ ଦେବାକୁ ଅପିଲ କରାଯାଇଛି। ଗୋଟିଏ ମୋବାଇଲ ସହ ଏକାଧିକ ଏକାଉଣ୍ଟ ଲିଙ୍କ ରହୁଥିବାରୁ ଟଙ୍କା ପହଞ୍ଚିବାରେ ଅସୁବିଧା • ପୃଷ୍ଠା ୫ ଦେଖନ୍ତୁ

## ବିଧାୟକଙ୍କୁ ଆକ୍ରମଣ ଘଟଣା

# ଜେଲ ଗଲେ ୧୦ ଅଭିଯୁକ୍ତ

ଯାଜପୁର, ୨୧।୧୧ (ଭାସ୍କର ନ୍ୟୁଜ): ବୁଧବାର ସନ୍ଧ୍ୟାରେ ଯାଜପୁର ବୁଢାପୋଲ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୧୦ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏସଡିଜେଏମ୍ ଜାମିନ ନାମଞ୍ଜୁର କରିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବିଧାୟକ ଶ୍ରୀ ସାହୁଙ୍କ ପିଏସ୍‌ଓଙ୍କ ଏତଲା ଆଧାରରେ ପୋଲିସ ଏହି ୧୦ଜଣଙ୍କୁ ଗିରଫ କରି ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା • ପୃଷ୍ଠା ୫ ଦେଖନ୍ତୁ




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଗୋପ(ଭାସ୍କର ନ୍ୟୁଜ): ଦିନ ହଜରତ୍ ସୈୟଦ୍ ଖାକିଶାହ ବାବାଙ୍କର ବାର୍ଷିକ ଉର୍ସ ଉତ୍ସବ ବହୁ ଆଡ଼ମ୍ବର ଭାବେ ସମାପିତ ହୋଇଯାଇଛି । ଏହି ଉତ୍ସବରେ ଦୂର ଦୂରାନ୍ତ ବସ୍ତିମାନଙ୍କରୁ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ସାମିଲ୍ ହୋଇଥିଲେ । ସକାଳୁ ବାବାଙ୍କ ମଜାରରେ ଗୋସଲ୍ ଓ କୋରାନ୍ ପାଠ କରାଯାଇଥିଲା । ଏହା ପରେ ଦ୍ୱିପହରରେ ଲଙ୍ଗର ସେବନ ପରେ ଶାନ୍ତିପୂର୍ଣ୍ଣ ଭାବେ ଏକ ଚାଦର ଶୋଭାଯାତ୍ରା ଗୋପ ସୁନ୍ନୀ ମସଜିଦ୍‌ଠାରୁ ବାହାରି ବସ୍ତି ଓ ବଜାର ପରିକ୍ରମା କରି ଖାକି ବାବାଙ୍କ ପାଠ ସ୍ଥାଳରେ ପହଞ୍ଚିଥିଲା । ବାଦରଫୋଷି ଓ କୁଲ୍ ଶରିଫ୍ ପରେ ମାର୍ଫତବାର ସୈୟଦ ଜହିର ଉଦ୍ଦିନଙ୍କ ତତ୍ତ୍ୱାବଧାନରେ ଲଙ୍ଗର ବଣ୍ଟନ କରାଯାଇଥିଲା।ଉପସ୍ଥିତ ଓଲେମା ମାନେ ପିର ବାବାଙ୍କ ମହିମା ଚର୍ଚ୍ଚା କରି ଯୁଗେଯୁଗେ ଓଲିୟା-ଏ-କରାମ୍ ମାନେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅହିଂସା ପ୍ରେମ ଭ୍ରାତୃତ୍ୱ ଓ ଶାନ୍ତି ରୂପକ ଶିକୁଳିରେ ମାନବ ସମାଜକୁ ବାନ୍ଧି ହୋଇ ରହିବାକୁ ପ୍ରେରଣା ଦେଇ ଅମର ହୋଇ ରହିଛନ୍ତି ବୋଲି ଦର୍ଶାଇଥିଲେ । ଗୋପ ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦାନ କରି ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରାଇଥିବାରୁ ଖଲିଲ୍ଲୁର ରହମାନ, ଶେଖ୍ ରୈହାନ ଉଲ୍ଲା କାଦରୀ, ସଫାତ ସାହା, କାରି ଇମ୍ରାନ ଉଲ୍ଲା, ମୌଲାନା ଜାହିଦ, କଲାମ ଡୁଲ୍ଲା ଏବଂ ଉର୍ସ କମିଟିର ସଭ୍ୟମାନେ ସହୃଦୟେ ସାଧୁବାଦ ଜ୍ଞାପନ କରିଛନ୍ତି ।



# ବଦଳିବ ଗୁଣୁପୁର ନୂଆ ବସଷ୍ଟାଣ୍ଡର ରୂପରେଖ !

ଗୁଣୁପୁର(ଭାସ୍କର ନ୍ୟୁଜ): ବଦଳିବ ଗୁଣୁପୁର ନୂଆ ବସଷ୍ଟାଣ୍ଡର ରୂପରେଖ। ପୂର୍ବତନ ନବୀନ ସରକାର ଅମଳରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଗୁଣୁପୁର ନୂଆବସଷ୍ଟାଣ୍ଡର କାମ ଆରମ୍ଭ ହୋଇଛି। ଭଙ୍ଗାଯାଉଛି ଦୋକାନ ଗୃହ। ବ୍ୟବସାୟିଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ। ଦୋକାନୀମାନେ ଥଇଥାନ କରିବା ପାଇଁ ଦାବି କଲେ ମଧ୍ୟ ପୌରପରିଷଦ କର୍ଣ୍ଣପାତ କରୁନଥିବା ଅଭିଯୋଗ। ପୂର୍ତ୍ତବିଭାଗର ବିନା ଆଦେଶନାମାରେ ଭଙ୍ଗା ଯାଇଥିବା ଦୋକାନ କୁ ମଧ୍ୟ ଭାଙ୍ଗିଦେଉଥିବା କହିଛନ୍ତି ଦୋକାନୀ ଓ ବ୍ୟବସାୟୀ। ଅପରପକ୍ଷେ ନୂଆବସଷ୍ଟାଣ୍ଡର ଉନ୍ନତିକରଣ ପାଇଁ ଟେଣ୍ଡର ହେବା ପରେ ପୌରପରିଷଦ କିଭଳି ପ୍ରାୟ କୋଟିଏ ଟଙ୍କାର ଅନୁଦାନ ଖର୍ଚ୍ଚ କରି ଭେଣ୍ଡିଂ ଜୋନ, ଅତ୍ୟାଧୁନିକ ଶୌଚାଳୟ, ଯାତ୍ରୀଆଶ୍ରୟ ସ୍ଥଳୀ, ପିଇବା ପାଣିର ବ୍ୟବସ୍ଥା କରିଛି ତାହା ବି ମାଟିରେ ମିଶିବ । ଏହି ଭୁଲ୍ ପାଇଁ ଦାୟି କିଏ ବୋଲି ଦୋକାନୀ ପ୍ରଶ୍ନ ଉଠାଇବା ସହ ପୌରପରିଷଦର ମନମାନିକୁ ବିରୋଧ କରିଛନ୍ତି ବ୍ୟବସାୟି ଓ ଦୋକାନୀ,ବସ୍ ମାଲିକ ସଂଘ। ଗୁଣୁପୁର ଠାରେ ୨୦୦୭ ମସିହାରେ ଏହି ନୂଆ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ସେତେବେଳେ ଅନେକ ବାଦ ବିବାଦ ପରେ ବସଷ୍ଟାଣ୍ଡ ବସ୍ ଚଳପ୍ରଚଳ କରିଥିଲା। ଗୁଣୁପୁର ପୌରପରିଷଦ ପକ୍ଷରୁ ବସଷ୍ଟାଣ୍ଡ ଓ ଦୋକାନ ଗୃହଗୁଡ଼ିକ ନିର୍ମାଣ ହୋଇଥିଲା। କିଛି ଦୋକାନ କାର୍ଯ୍ୟକ୍ଷମ ହୋଇ ବ୍ୟବସାୟିମାନେ ବ୍ୟବସାୟ ଆରମ୍ଭ କରିଥିଲେ। ଆଉ କିଛି ଦୋକାନ ତିଆରି ହେବା ଠାରୁ ତାଲା ପଡି ରହିଥିଲା। ଏହି ଦୋକାନଗୁଡ଼ିକୁ ଗୋଟିଏ ବି ବ୍ୟବସାୟିଙ୍କୁ ଦିଆଯାଇ ନଥିଲା।ସେହି ଦୋକାନ ଗୁଡ଼ିକ ଏବେ ଭାଙ୍ଗି ଦିଆଯାଉଛି। ବର୍ତ୍ତମାନ ୨୦୨୪ ମସିହାରେ ଅତ୍ୟାଧୁନିକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ୨୨ କୋଟି ଅନୁଦାନ ଦେଇଥିଲେ। ଏହି



ଅନୁଦାନରେ ଅତ୍ୟାଧୁନିକ ସେବା ଯୋଗାଇବା ଭଳି ନୂତନ ବସଷ୍ଟାଣ୍ଡର ଉନ୍ନତିକରଣ କରିବା ପାଇଁ ଓ ଏସ୍ ଆର ଟି ସି ଟେଣ୍ଡର ଡାକିବା ପରେ ଏକ ଠିକା ସଂସ୍ଥା କୁ ଦିଆଯାଇଛି। ବର୍ତ୍ତମାନ ଠିକସଂସ୍ଥା ନୂତନ ବସଷ୍ଟାଣ୍ଡର ଡିଜାଇନ୍ ନେଇ କାମ ଆରମ୍ଭ କରିଛି। କାମ ଆରମ୍ଭ କରିବା ନେଇ ପୂର୍ବରୁ ଥିବା ଦୋକାନଗୁଡ଼ିକୁ ପୌରପରିଷଦ ନିର୍ଦ୍ଦେଶ ରେ ଭାଙ୍ଗି ଦିଆଯାଉଛି। ଯେଉଁ ଦୋକାନୀମାନେ ନିର୍ମାଣହୋଇଥିବା ଦୋକାନଗୁଡ଼ିକରେ ବ୍ୟବସାୟ କରି ବଞ୍ଚୁଛନ୍ତି ସେହି ଦୋକାନ ଭାଙ୍ଗିବା ପାଇଁ ପୌର ପରିଷଦ ୩୦ ତାରିଖ ମଧ୍ୟରେ ଖାଲି କରିବା ପାଇଁ ସମୟ ଦେଉଥିବା କହିଛନ୍ତି। ଯାହାଦ୍ୱାରା ଦୋକାନୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଅନ୍ୟପଟେ ଦୋକାନୀ ମାନେ ସେମାନଙ୍କୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ଘରୋଇ ବସ ମାଲିକ ସଂଘ ମଧ୍ୟ ସେମାନଙ୍କ ବସ ରହିବା ବ୍ୟବସ୍ଥା ଓ ୟୁନିୟନ କାର୍ଯ୍ୟାଳୟ ପାଇଁ ପୌରପରିଷଦର ଅନୁମତି ପରେ ଯେଉଁ ଅନୁଦାନ ଖର୍ଚ୍ଚ କରି ୟୁନିୟନ କୋଠା ନିର୍ମାଣ କରିଛି ତାହା ଭାଙ୍ଗି ଦେଲେ ୟୁନିୟନକୁ କିଏ ଅନୁଦାନ ଦେବ ବୋଲି କହିଛନ୍ତି ଘରୋଇ ମାଲିକ ସଂଘ। ପୂର୍ତ୍ତ ବିଭାଗର ବିନା ଆଦେଶ ନାମାରେ କିଭଳି ଦୋକାନ କୋଠା ଗୁଡିକ ଭଙ୍ଗାଯାଉଛି ବୋଲି ପ୍ରଶ୍ନ ଉଠେଇଛନ୍ତି ଦୋକାନୀ ସଂଘ। ଗୋଟିଏ ପଟେ ବ୍ୟବସାୟି ଉନ୍ନୟନ କାମକୁ ବିରୋଧ ନକରି ପୌରପରିଷଦ ଥଇଥାନ କରିବା ପାଇଁ ଦାବି କରୁଥିବା ବେଳେ ପୌରପରିଷଦ ଖାମଖିଆଲି ମନମାନୀକୁ ବିରୋଧ କରିଛି ଦୋକାନୀ। ଏହି ଅଭିଯୋଗକୁ ନେଇ ଦୋକାନୀମାନଙ୍କ ସହ ଆଲୋଚନା କରି କିଛି ବିକଳ୍ପ ବ୍ୟବସ୍ଥା କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ପୌରପରିଷଦ ନିର୍ବାହି ଅଧିକାରୀ କହିଛନ୍ତି। ଅନ୍ୟପଟେ ନୂଆ କାମ ଯାହା ହୋଇଛି ତାହା ଭଙ୍ଗାଯିବନି ଯାହା ସରକାରୀ ଗାଇଡ୍ ଲାଇନ୍ ରହିବ ତାକୁ ଧରି ଭଙ୍ଗାଯାଉଥିବା ବୋଲି କହିଛନ୍ତି। ବ୍ୟବସାୟି ଓ ଘରୋଇ ବସ୍ ମାଲିକ ସଂଘର ଦାବିକୁ ପୌର ପରିଷଦ ଓ ଓ ଏସ୍ ଆର ଟି ସି ବିଭାଗ ଆଗକୁ କଣ ପଦକ୍ଷେପ ନେଉଛି ତାକୁ ଦେଖିବାକୁ ବାକି ରହିଲା।

# ସୁରକ୍ଷାକର୍ମୀ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

## ଜଣେ ମାଓବାଦୀ ନିହତ, ୧ ଯବାନ ଆହତ, ୨ ମାଓବାଦୀ ଗିରଫ





ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମ୍ଭି-୭୯ ଥାନା ଅନ୍ତର୍ଗତ ଜିନ୍ଦଲଗୁଡ଼ାରେ ସୁରକ୍ଷାକର୍ମୀ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ଏନ୍‌କାଉଣ୍ଟରରେ ଟଳିଛି ଜଣେ ମାଓବାଦୀ ଓ ଦୁଇ ନକ୍ସଲଙ୍କୁ ଗିରଫ କରିଛି ପୋଲିସ । ମାଓବାଦୀଙ୍କ ଗୁଳିରେ ଜଣେ ଡିଭିଏଫ୍ ଯବାନ ଆହତ ହୋଇଥିବା ଖବର ମିଳିଛି। ଯବାନଙ୍କୁ ଉଦ୍ଧାର କରାଯାଇ ମାଲକାନାଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ , ଏମଭି-୭୯ ଥାନା ଅନ୍ତର୍ଗତ ଜିନେଲଗୁଡା ଗାଁ ନିକଟସ୍ଥ ଜଙ୍ଗଲରେ ଛତିଶଗଡରୁ କିଛି ମାଓବାଦୀ ଲୁଚି ଆସି ରହିଥିବା ନେଇ ପୋଲିସ୍ ର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା । ଏହା ପରେ ଜିଲ୍ଲା ଏସଓଜି ଓ ଡିଭିଏଫ ବାହିନୀ ତରଫରୁ ସେଠାରେ କୁମ୍ବିଂ ଅପରେସନ ଆରମ୍ଭ କରିଥଲେ। ତଥ୍ୟ ଅନୁଯାୟୀ ଜିଲ୍ଲାର କାଳିମେଳା ବ୍ଲକ ଅଧିନ ରେ ଥିବା ଜିନେଲଗୁଡା ଜଙ୍ଗଲ ଦେଇ କିଛି ମାଓବାଦୀ ଜିଲ୍ଲା ମଧ୍ୟକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଏହି ଖବର ପାଇ ଅଞ୍ଚଳରେ ମାଲକାନଗିରି ଜିଲ୍ଲାର ଡିଭିଏଫ ଯବାନମାନେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତେବେ ବୁଧବାର ବିଳମ୍ବିତ ରାତିରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ସାମ୍ନା ସାମ୍ନି ହେବା ସହ ଗୁଳିବିନିମୟ ହୋଇଥିଲା। ଯେଉଁଥିରେ ଜଣେ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସେହିପରି ଜଣେ ଡିଭିଏଫ ଯବାନ ଆହତ ହୋଇଥିବାବେଳେ ତାଙ୍କ ନାମ ଡମ୍ବୁରୁ ବଡ଼ ନାୟକ ବୋଲି ଜଣାପଡ଼ିଛି। ଏହା ସହ ଦୁଇଜଣ ମାଓବାଦୀଙ୍କୁ ଯବାନ ମାନେ ଗିରଫ କରିଛନ୍ତି । ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ନେଇ ସୂଚନା ମିଳିଛି। ଘଟଣା ସ୍ଥଳରେ ଅଧିକ ଯବାନ ପହଁଚି କୁମ୍ବି ଅପରେସନକୁ ଆହୁରି ଜୋରଦାର କରିଛନ୍ତି। ଆହତ ଯବାନଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ଜିଲ୍ଲା ସଦର ଚିକିତ୍ସାଳୟକୁ ନିଆଯାଇଥିବା ସୂଚନା ମିଳିଛି ।

# ଶିଶୁ ଚଳାଇଲେ ଗୋଷ୍ଠୀ ବେତାର କେନ୍ଦ୍ର




କୋଣାର୍କ (ଭାସ୍କର ନ୍ୟୁଜ): ନଭେମ୍ବର ୨୦ ତାରିଖ ବିଶ୍ୱ ଶିଶୁ ଦିବସ ଅବସରରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ କେନ୍ଦ୍ର ରେଡ଼ିଓ ନମସ୍କାର କାର୍ଯ୍ୟକ୍ରମ ଓ ପ୍ରସାରଣ ଶିଶୁମାନେ ପରିଚାଳନା କରିଥିଲେ । ଶିଶୁ ଦିବସର ଦିନ ଭରି କାର୍ଯ୍ୟକ୍ରମ ପ୍ରସ୍ତୁତି ସହ କେନ୍ଦ୍ର ପରିଚାଳନା ଓ ପ୍ରସାରଣ ପିଲାମାନଙ୍କ ଦ୍ୱାରା ସଂପନ୍ନ ହୋଇଛି । ସୂଚନା ଯୋଗ୍ୟ ରାଜ୍ୟର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ଭାବେ ୨୦୧୦ ମସିହା ଫେବୃୟାରୀ ୧୨ ତାରିଖରେ ରେଡ଼ିଓ ନମସ୍କାର ସ୍ଥାପନ ହେବା ପରଠାରୁ ନିରନ୍ତର ଭାବେ ଜନହିତ କର ଓ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରିଆସୁଛି । ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ଓ ଅଭିନବ ପ୍ରସାରଣ ନିମନ୍ତେ ରେଡ଼ିଓ ନମସ୍କାର କେନ୍ଦ୍ର ସରକାର ଓ ବିଭିନ୍ନ ଅନ୍ତରଜାତୀୟ ସଂସ୍ଥା ପକ୍ଷରୁ ବାରମ୍ବାର ପ୍ରଶଂସିତ ଓ ସମ୍ମାନିତ ହୋଇଛି । ରେଡ଼ିଓ ନମସ୍କାର ଚଳିତବର୍ଷ ଏକ ଭିନ୍ନ ଧରଣରେ ୟୁନିସେଫ୍ ସହଯୋଗରେ ପାଳନ କରୁଛି ବିଶ୍ୱ ଶିଶୁ ଦିବସ । କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର , ୟୁନିସେଫର ପ୍ରତିନିଧି ତଜିନ କ୍ୟୁରେଶୀ, ଶ୍ରେୟା ପଟ୍ଟନାୟକ , ପୁରୀ ଜିଲ୍ଲା ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ସଦସ୍ୟା ଇତିବାଲା ପ୍ରଧାନ, କାକଟପୁର ବ୍ଲକ୍ ର ଅଙ୍ଗନୱାଡ଼ି ସୁପରଭାଇଜର ପ୍ରତିମା ମହାନ୍ତି, ରେଡ଼ିଓ ନମସ୍କାର ଅଧ୍ୟକ୍ଷ ଏନ୍ .ଏ . ଶାହ ଅନସାରୀ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା , ଅଧିକାର , ଆଇନ୍ ଓ ଦକ୍ଷତା ବୃଦ୍ଧି ସହିତ ବାଲ୍ୟବିବାହଙ୍କୁ ବିରୋଧ କରିବା , ଶିଶୁଶ୍ରମକୁ ବନ୍ଦ କରିବା ତଥା ଶିଶୁମାନଙ୍କ ଉପରେ ହେଉଥିବା ଘରୋଇ ହିଂସାକୁ ରୋକିବା ଏବଂ ପୁଅ ଓ ଝିଅ ମଧ୍ୟରେ ଭେଦଭାବ ଦୂର କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ , ଶୋଭନୀୟ ଶିକ୍ଷାଶ୍ରମ,କୋଣାର୍କ ହାଇସ୍କୁଲ, ବଟେଶ୍ୱର ହାଇସ୍କୁଲ ବାଲିଦୋକାନ , ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟା ପୀଠ ନୂଆ ଗାଁ,ବିବେକାନନ୍ଦ ଶିକ୍ଷା କେନ୍ଦ୍ର କୋଣାର୍କ , ରାଉଳପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ କୋଣାର୍କର ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇ ରେଡିଓ ନମସ୍କାରର କାର୍ଯ୍ୟକ୍ରମଙ୍କୁ ସାରାଦିନ ପରିଚାଳନ କରିବା ସହିତ ବିଭିନ୍ନ ଶିଶୁ ସମ୍ପର୍କିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ।

## ବଡ଼ପଡା ଗାଁର ସୁନାପୁଅ ବିଜୟ ଏବଂ ବିଷ୍ଣୁଙ୍କୁ ସମ୍ବର୍ଦ୍ଧନା



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଜଣେ 'ବିଷ୍ଣୁ', ଆଉଜଣେ 'ବିଜୟ' । ଜଣେ ଲୋକଙ୍କ ସେବାରେ ଅଛନ୍ତି, ଆଉଜଣେ ସେବା କରିବାକୁ ସଫଳତା ପାଇଛନ୍ତି। ପଙ୍କରୁ ପଦ୍ମ ଭଳି, ବିକଶିତ ହୋଇଛନ୍ତି, ଉଭୟେ । ଏମାନଙ୍କ ପାଇଁ, ଗାଁ ସମେତ ଅଞ୍ଚଳବାସୀ ବହୁତ ଖୁସି । ଏମାନଙ୍କ ପାଇଁ ଗାଁରେ ଅଦିନିଆ ଉତ୍ସବ। ଏକାଠି ହୋଇଥିଲେ ପିଲାଠୁ ବୟସ୍କ । ଅବସର ଥିଲା ଗାଁର ଏହି ଦୁଇ ସୁନା ପୁଅଙ୍କୁ ସମ୍ମାନ ଜଣାଇବା । ଯାହାକି ଅନ୍ୟମାନଙ୍କୁ, ପ୍ରେରଣା ଦେବ । ଏଥିପାଇଁ ଗାଁ ଚଉଁରା ନିକଟରେ ଆୟୋଜିତ ହୋଇଥିଲା ସମ୍ବର୍ଦ୍ଧନା ପର୍ବ । ସେଥିରୁ ଜଣେ ଥିଲେ ଡାକ୍ତର, ବିଜୟ କୁମାର ପଣ୍ଡା । ଯିଏକି ଡାକ୍ତରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନୂଆଁକରି ଗଂଜାମ ଜିଲ୍ଲାରେ ଦାୟିତ୍ୱ ନେଇଛନ୍ତି । ଅନ୍ୟ ଜଣେ ଥିଲେ, ଗରିବ ଘରର ପୁଅ ବିଷ୍ଣୁ ଚରଣ ନାୟକ । ପେଟ ପାଟଣା ପାଇଁ ସୁରତରେ ଦାଦନ ଦାଦନ ଶ୍ରମିକ ଭାବେ, କାମ କରୁଥିଲେ । ଏବଂ ଶେଷରେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାର ସଫଳତା ପାଇଛନ୍ତି । ଯାହାକି ଉଭୟଙ୍କ ପାଇଁ, ଏକ ନିପଟ ମଫସଲି ଗାଁମାଟି ଆଜି ଗର୍ବିତ ହୋଇଛି । ପୂର୍ବତନ ସରପଞ୍ଚ ପିତବାସ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ, ଗ୍ରାମବାସୀଙ୍କ ସହ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏଭଳି ସଫଳ ବ୍ୟକ୍ତିତ୍ୱଙ୍କ ପାଇଁ ନିଜ ନିର୍ବାଚନ ମଣ୍ଡଳୀ ଗର୍ବିତ ବୋଲି, ନିଜ ପ୍ରତିକ୍ରିୟାରେ କହିଥିଲେ ବିଧାୟକ ଶ୍ରୀ ବିଷୋୟୀ । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବିଷୋୟୀଙ୍କ ସମେତ ଗଂଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାଃ ବିଜୟ କୁମାର ପଣ୍ଡା, ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ବିଷ୍ଣୁ ଚରଣ ନାୟକ, ପ୍ରମୋଦ ଦଳବେହେରା, ସମାଜସେବୀ- ଜିତେନ୍ଦ୍ର କୁମାର ନାୟକ, ବିପିନ ବିହାରୀ ପଣ୍ଡା, ସାମ୍ବାଦିକ- ରତ୍ନାକର ସାହୁ, ସରପଞ୍ଚ - ଶାନ୍ତନୁ କୁମାର ସାହୁ ଏବଂ ପ୍ରଫୁଲ୍ଲ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କରାଯାଇଥିବା ବେଳେ, ବଡ଼ପଡା ପଞ୍ଚାୟତର ବହୁ ସଂଖ୍ୟକ ଜନସାଧାରଣ ଏବଂ ବୁଦ୍ଧିଜୀବି ପ୍ରମୁଖ ଯୋଗ ଦେଇଥିଲେ ।

# ମା'କିଚକେଶ୍ୱରୀଙ୍କ ଜମି ହଡ଼ପ୍ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଏବଂ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ କରଞ୍ଜିଆ ଏନଏସି ଅଞ୍ଚଳରେ ଥିବା ମାଆ କିଚକେଶ୍ୱରୀଙ୍କ ଜବରଦଖଲ କରାଯାଇଥିବା ଜମିକୁ ଉଚ୍ଛେଦ ନିମନ୍ତେ ବିଶିଷ୍ଟ ସମାଜସେବୀ ଭାଗବତ ଚନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି ।ତେବେ ଉକ୍ତ ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସୋୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କରଞ୍ଜିଆ ତହସିଲଦାର ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ସୂଚନା ମୁତାବକ କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ଥିବା ମାଆ କିଚକେଶ୍ୱରୀଙ୍କ ଜମି ସହିତ ପଳାସିଆ ମୌଜା ୯ନମ୍ବର ୱାର୍ଡ ଠାରେ ଥିବା ଖାତା ନମ୍ବର ୧୮୪ ପ୍ଲଟ ନମ୍ବର ୧୭ ମତେ ୪ ଡ଼ିସିମିଲ ଜାଗା ଯାହାକି ଶ୍ରୀ କିଚକେଶ୍ୱରୀ ଠାକୁରାଣୀ ଆସ୍ଥାନ ଜମି ମଧ୍ୟ ଅନ୍ତର୍ଭୁକ୍ତ ଅଟେ ଉକ୍ତ ଠାକୁରାଣୀଙ୍କ ଅସ୍ଥାନ ଜମିରୁ ପ୍ରାୟ ୩ ଡ଼ିସିମିଲ ଜାଗା ଜବରଦଖଲ ହୋଇ ସେଠାରେ ଗୃହ ନିର୍ମାଣ ହୋଇଥିବା ନେଇ ଉକ୍ତ ଅଭିଯୋଗ ରେ ଦର୍ଶାଯାଇଛି ।ତେବେ ଅଭିଯୋଗ ସଂକ୍ରାନ୍ତ ସମସ୍ତ ତଥ୍ୟ କାଗଜପତ୍ରକୁ ବିଚାରକୁ ନେଇ ଜିଲ୍ଲାପାଳ ତୁରନ୍ତ ଉକ୍ତ ଜମି ତଦନ୍ତ ସହ ମାପ କରି ଜବରଦଖଲକାରୀ ଙ୍କୁ ୧୫ ଦିନିଆ ନୋଟିସ ଦେଇ ଜବରଦଖଲ ଉଚ୍ଛେଦ ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କରଞ୍ଜିଆ ତହସିଲଦାର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।ତେବେ ବର୍ତ୍ତମାନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କେବେ କାର୍ଯ୍ୟକାରୀ କରାଯିବ ଦେଖିବାକୁ ବାକିରହିଲା।

# ମା' ଡୋମଣୀ ଦେବୀଙ୍କ ନୂତନ ମନ୍ଦିର ଓ ନବଗ୍ରହ ବିଗ୍ରହ ପ୍ରତିଷ୍ଠା

ବାଲୁଗାଁ(ଭାସ୍କର ନ୍ୟୁଜ୍): ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଅନ୍ତର୍ଗତ ଛେଡାପଦର ଗ୍ରାମରେ ମା' ଡୋମଣୀ ଦେବୀଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱ ଦେବତା ନବଗ୍ରହ ବିଗ୍ରହ ପ୍ରତିଷ୍ଠା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ମାର୍ଗଶିର କୃଷ୍ଣପକ୍ଷ ତୃତୀୟା ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋମବାର ବନଜାଗ,ରତ୍ନମୁଦ, ଜଳାଯାତ୍ରା ଓ ଅଙ୍କୁରାରୋପଣ ମଙ୍ଗଳବାର ମଣ୍ଡଳକରଣ, ସାଲାଅଧିବାସ, ସୂର୍ଯ୍ୟପୂଜା, ଦେବୀଙ୍କ ପ୍ରାଣପ୍ରତିଷ୍ଠା, ହୋମ ଯଜ୍ଞ କରାଯାଇଥିବା ବେଳେ ବୁଧବାର ବିଗ୍ରହ ମାନଙ୍କ ମହାସ୍ନାନ, ସୂର୍ଯ୍ୟପୂଜା,ଶାଳାସଂସ୍କାର, ଅଗ୍ନିସ୍ଥାପନ ସହ ମୂର୍ତ୍ତି ଜୀବନ୍ୟାସ କରାଯାଇଥିଲା। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି କରି ବିଗ୍ରହମାନଙ୍କୁ ନଗର ପରିକ୍ରମା କରି ସିଂହାସନ ଆରୋହଣ କରାଯାଇଥିଲା। ଜ୍ୟୋତିଷ ଆଚାର୍ଯ୍ୟ ଓ କର୍ମକାଣ୍ଡ ବିଶାରଦ ପଣ୍ଡିତ ସନ୍ତୋଷ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ବହୁ ଆଡମ୍ବରରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ହଜାର ହଜାର ସଂଖ୍ୟକ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ।ଭକ୍ତଙ୍କ ନିମିତ୍ତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରିତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଆପାତଃକାଳୀନ ବୈଠକ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଗଜପତି ଜିଲ୍ଲାରେ ଥିବା ସମସ୍ତ ପେଟ୍ରୋଲ, ଗ୍ୟାସ ମାଲିକ ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ,ବୃହତ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମାନଙ୍କରେ ରସାୟନିକ ଦୁର୍ଘଟଣାକୁ କିପରି ମୁକାବିଲା କରିବା ଏବଂ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲ୍ଲା ଆପାତକାଳୀନ ବିଭାଗ କାର୍ଯ୍ୟ କରୁଅଛି । ସେହିଭଳି ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ପ୍ରସ୍ତୁତି ରହିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ଦାଶ ପେଟ୍ରୋଲ ଓ ଗ୍ୟାସ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ମାନଙ୍କୁ ପରାମର୍ଶ ଦେଇଥିଲେ । ଅଫସାଇଟ୍ ଏମରଜେନ୍ସି ପ୍ଲାନ୍ ପ୍ରସ୍ତୁତ ରଖିବା, ଅବିଚ୍ଛିନ୍ନ ଭାବେ ରାଜ୍ୟ ଓ କେନ୍ଦ୍ର କ୍ରାଇସେସ୍ ଗ୍ରୁପକୁ ସୂଚନା ପଠାଇବା , ମକଡ୍ରିଲ୍ କରିବା, ବୃହତ ଶିଳ୍ପର ଆଖପାଖ ଅଞ୍ଚଳ ବାସିନ୍ଦା ମାନଙ୍କୁ ରସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା କରିବା ନିମନ୍ତେ ସଚେତନତା କରାଇବା ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା କହିଥିଲେ ଯେ, ସମସ୍ତ ଶିଳ୍ପ କର୍ତ୍ତୃପକ୍ଷ ମାନେ ରସାୟନିକ ଦୁର୍ଘଟଣାକୁ ଏଡାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଅଧିକ ସୁରକ୍ଷା ପାଇଁ କଂଟ୍ରୋଲରୁମ୍ ର ଆବଶ୍ୟକତା ରହିଛି ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କହିଥିଲେ। ସେହିପରି ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡର ଶ୍ରୀ ଶୁଭମ କୁମାର ସାହୁ,ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ର ଶ୍ରୀ ରାମପ୍ରବେଶ କୁମାର,ଇଣ୍ଡିଆନ୍ ଓଏଲ୍ କର୍ପୋରେସନ୍ ଲିମିଟେଡ ର ଶ୍ରୀମତୀ ଅଙ୍କିତା ଚଙ୍ଗମାଇ ପ୍ରମୁଖ ଯୋଗଦେଇ ରସାୟନିକ ଦୁର୍ଘଟଣାକୁ କିପରି ରଖାଯାଇ ପାରିବ ସେ ଉପରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସେଥି ମଧ୍ୟରୁ ପେଟ୍ରୋଲିୟମ କିମ୍ବା ଗ୍ୟାସ ସ୍ଥାନାନ୍ତରିତ କରିବା ସମୟରେ ଗାଡ଼ିର ମାନ ଯାଞ୍ଚ କରିବା, ଚାଳକର ଲାଇସେନ୍ସ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଉପରେ କିପରି ନଜର ରଖିହେବ ସେ ସଂପର୍କରେ ଅବଗତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ,ଡେପୁଟି କଲେକ୍ଟର ଶ୍ରୀ କମଳ କାନ୍ତ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ଶ୍ରୀ ଚିତ୍ତରଞ୍ଜନ ବେଉରା,ଉପ-ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟାଳୟ ରାୟଗଡ ଡିଭିଜନ,ଶ୍ରୀ ବିନିତ୍ ଷଡ଼ଙ୍ଗୀ,ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟାଳୟ ରାୟଗଡ ଡିଭିଜନ , ଶ୍ରୀ ପ୍ରଦୋଷ ଶତପଥି ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ମ୍ୟାନେଜର,ଜିଲ୍ଲା ଅଗ୍ନିଶମ ଅଧିକାରୀ ଓ ସମସ୍ତ ଶିଳ୍ପ,ଗ୍ୟାସ ଓ ପେଟ୍ରୋଲିୟମ ର ମାଲିକ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ଗୁଣପୁର(ଭାସ୍କର ନ୍ୟୁଜ୍): ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ଶତାୟୁ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ଓଡିଶାର ୭୦ଭାଗ ଚାଷ ଉପରେ ନିର୍ଭର କରୁଥିବା ବେଳେ ଚାଷୀଙ୍କ ଅମଳ ଦ୍ୱିଗୁଣ କରିବା ସହ ଆର୍ଥିକ ଅଭିବୃଦ୍ଧି ପାଇ ଚାଷ କାର୍ଯ୍ୟରେ କୃଷିଯନ୍ତ୍ରପାତି ବ୍ୟବହାରର ଆବଶ୍ୟକତା ରହିଛି। ତେବେ ଏହି କୃଷି ଯନ୍ତ୍ରପାତି ମେଳା ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣପୁର ପୌରାଧକ୍ଷା ମମତା ଗୌଡ଼, ଗୁଣପୁର ପଞ୍ଚାୟତ ସମିତି ଅଧକ୍ଷା ଝିଲି ଶବର, ଉପାଧକ୍ଷ ସୁଦର୍ଶନ ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନାଥ ପଟ୍ଟନାୟକ, କୃଷି ବୈଜ୍ଞାନିକ ରାଜୀବ ଟୁଡୁ, କୃଷି ଜିଲ୍ଲା ଅଧିକାରୀ ବୃନ୍ଦାବନ ବେହେରା, ଚିତ୍ତ ରଞ୍ଜନ ଶତପଥି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ୨୪ଟି ଷ୍ଟଲ ଖୋଲି, କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ପ୍ରଥମ ଦିନରେ ଗୁଡରି, ପଦ୍ମପୁର, ରାମନଗୁଡା ଅଞ୍ଚଳର ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଥିବା ଚାଷୀଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା । ବସନ୍ତ ମିଶାଲ, ସୁଦାମ ମାଝୀ, ଚୂଡ଼ାମଣି ଅଣ୍ଡରୁ, ଗୀତାଞ୍ଜଳି ସାହୁ, ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ସହ ବିଭିନ୍ନ ଚାଷ କରି ଚାଷୀ ସ୍ୱାବଲମ୍ବୀ ହୋଇ ପାରିଲେ ଏହି କାର୍ଯ୍ୟକ୍ରମର ତାପର୍ଯ୍ୟ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିବସରେ ପାଞ୍ଚଟି ଟ୍ରାକ୍ଟର, ବହୁ କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିଲା । ପରିଶେଷରେ ମୁନିଗୁଡା କୃଷି ଜିଲ୍ଲା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା (ଜୁନିୟର) ମହାବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଶ୍ରେଣୀ ଗୃହ କୋରାଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ଏକ ସଭା ଅନୁଷ୍ଠାନର ଅଧ୍ୟକ୍ଷା ପଙ୍କଜିନୀ ପାଣି ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ଦାସନାୟକ ଯୋଗଦେଇ ମହାବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, ଅନ୍ୟତମ ଅତିଥିଭାବେ ପ୍ରାଧ୍ୟାପିକା ଲଳିତା ସାହୁ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ବେଳେ ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ଦାସନାୟକ ଓ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ଦୀପ୍ତିମୟୀ ରାଉତ, ଅନିମା ପ୍ରଧାନ, ଡକ୍ଟର ମମତାମୟୀ ଦାଶ, ଆୟେଶା ପରିଡା, ସୁଚିଶ୍ରୀ ଚେହେରା, ଅଧ୍ୟାପକ ଚିତରଞ୍ଜନ ବଳ, ଗୋବର୍ଦ୍ଧନ ନାୟକ, ଜ୍ୟୋତିପ୍ରକାଶ ରାଉତ, ହୃଷିକେଷ ତ୍ରିପାଠୀ, ସୁରେନ୍ଦ୍ର ମଲ୍ଲିକ, ସରୋଜ କୁମାର ଜେନା, ଅଶୋଜ ଦାସ, କ୍ଷୀରୋଦ ରାଉତ, ଶିବପ୍ରସାଦ ଦାସ, ବସନ୍ତ ସେଠୀ, ମହେନ୍ଦ୍ର କୁମାର ପରିଡା, ବିନାୟକ ପାତ୍ରୀ, ଅଶୋକ କୁମାର ଭଞ୍ଜ, ହେମନ୍ତ କୁମାର ବେହେରା, ସତ୍ୟଭାମା ସ୍ୱାଇଁ, ସୁକାନ୍ତୀ ଦାସ, ଜୟପ୍ରକାଶ ଦାସ, ପ୍ରଦୀପ ଦାସ, ରମେଶ ସ୍ୱାଇଁ, ଅଚ୍ୟୁତ ମଲିକ ପ୍ରମୁଖ ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଳେଶ୍ୱର ଶୈବ ପୀଠରୁ ପୁଣି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

ଛତ୍ରପୁର(ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରୟାଗିସ୍ଥିତ ସର୍ବପୁରାତନ ଶୈବପୀଠ ଅଳେଶ୍ୱର ମନ୍ଦିରରୁ ପୁଣି ହୁଣ୍ଡି ଭାଙ୍ଗି ଲୁଟିଛନ୍ତି ଦୁର୍ବୃତ୍ତମାନେ । ଆଜି ଭୋର ସମୟରେ ପୂଜକ ଆସି ଦେଖିଲା ବେଳକୁ ମନ୍ଦିର ଥିବା ଦାନ ହୁଣ୍ଡିଟି ନାହିଁ। ଏନେଇ କମିଟିକୁ ଜଣାଇବା ପରେ ନିକଟସ୍ଥ ଏକ ତୋଟାରେ ଭଗ୍ନ ଅବସ୍ଥାରେ ହୁଣ୍ଡିଟି ପଡ଼ିଥିବା ଦେଖିବାକୁ ମିଳିଥିଲା । କାର୍ତ୍ତିକ ମାସ ଯାଇଥିବାରୁ ହୁଣ୍ଡିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି । ଏନେଇ ରମ୍ଭା ଥାନାରେ ଏତଲା ଦିଆଯାଇଛି । ଗତ ତିନି ମାସ ତଳେ ମଧ୍ୟ ଏହି ମନ୍ଦିରରୁ ଲୁଟ ହୋଇଥିବା ବେଳେ, ଏହି ଥାନା ଅନ୍ତର୍ଗତ ବୋରିଗ୍ରାମ ଝଡ଼େଶ୍ୱର, କଣ୍ଟିଆଗଡ଼ ବଟେଶ୍ୱର, ଗୌରାଙ୍ଗ ପାଟଣା ରାମେଶ୍ୱର, ଶତ୍ରୁଶୋଳ ଶିବ ମନ୍ଦିରରୁ ଚୋରି ଓ ଲୁଟ ହୋଇଥିଲେ ମଧ୍ୟ ଲୁଟେରାଙ୍କୁ ଧରିବା ଦୂରର କଥା ସେମାନଙ୍କ ଟେର ପାଇପାରୁନି ପୋଲିସ। ଯାହା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଲୁଟେରାମାନେ କୌଶଳ କରି ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରିବା ପୋଲିସକୁ ଖୋଲା ଚ୍ୟାଲେଞ୍ଜ ସଦୃଶ ହୋଇଛି ।



କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ୨୧ତମ ପ୍ରାଣୀଧନ ଗଣନା-୨୦୨୪ କାର୍ଯ୍ୟକ୍ରମ କଟକ ଜିଲ୍ଲାର ଖପୁରିଆ ସ୍ଥିତ ୱାର୍ଡ଼ ନଂ ୫୦ ଓ ୫୨ରୁ ଶୁଭାରମ୍ଭ କରାଯାଇଛି । ରାଜ୍ୟର ସମସ୍ତ ଗ୍ରାମ ତଥା ସହରାଞ୍ଚଳରେ ଥିବା ସମସ୍ତ ୱାର୍ଡ଼ରେ ଏହି ପ୍ରାଣୀଧନ ଗଣନା କରାଯିବ । ୧୯୧୯-୨୦ ମସିହାଠାରୁ ପ୍ରତି ୫ ବର୍ଷରେ ଏହି ଗଣନା କରାଯାଇ ଆସୁଛି। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ବିଭୁ ରଜ ଦାସ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ ବେହେରା, ଜିଲ୍ଲା ନୋଡ଼ାଲ ଅଧିକାରୀ ଡକ୍ଟର ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଗଣନା ଆସନ୍ତା ୪ ମାସ ପର୍ଯ୍ୟନ୍ତ ଚାଲୁ ରହିବ । ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଡକ୍ଟର ଦେବଦ ପାଢ଼ି ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ରଶ୍ମିରଜ ଦାସ ସୁପର ଭାଇଜର ରୂପେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗଣନାକାରୀମାନେ ଘର ଘର ବୁଲି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବେ, ଯାହାକି ସଂପୂର୍ଣ୍ଣ ଭାବେ ଗୋପନୀୟ ରଖାଯିବ ।

**ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣ ଉତ୍ସବ**

# ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନ ଜନନାୟକ, ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣ ଉତ୍ସବ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରବିନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଏହି



ଫଟୋଚିତ୍ର ପ୍ରଦର୍ଶନୀରେ ଉତ୍କଳ କେଶରୀ ଡ. ମହତାବଙ୍କ ଘଟଣାବହୁଳ ଜୀବନର ବହୁ ବିରଳ ଓ ଅମୂଲ୍ୟ ଫଟୋଚିତ୍ର ସ୍ଥାନ ପାଇଛି । ଡ. ମହତାବଙ୍କ ଯୁବାବସ୍ଥାର ଫଟୋ, ବିଭିନ୍ନ ରଚନାବଳୀ, ଓଡ଼ିଶାର ବିଭିନ୍ନ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ତାଙ୍କର ଫଟୋ, ଓଡ଼ିଶା ବିଧାନସଭା, ରାଜ୍ୟସଭା, ପାରାଦ୍ୱୀପ ବନ୍ଦର ଲୋକାର୍ପଣ ସମାରୋହ ଏବଂ ଅନ୍ୟାନ୍ୟ ଐତିହାସିକ ଅବସରରେ ତାଙ୍କର ବିରଳ ଫଟୋସବୁ ମଧ୍ୟ ପ୍ରଦର୍ଶିତ ହେଉଛି । ଡ. ମହତାବଙ୍କ ଜୀବନୀ ଓ ଆଦର୍ଶ ସହ ତାଙ୍କ କୃତି ଓ କୀର୍ତ୍ତି ବାବଦରେ ଉତ୍ତରପିଢ଼ିଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏହି ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ଫଟୋଚିତ୍ର ପ୍ରଦର୍ଶନୀ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ସୁରଜିତ ମିଶ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଳାଶୁଣୀରେ ମର୍ମନ୍ତୁଦ ଦୁର୍ଘଟଣା, ମହିଳା ମୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁଣି ମୁଣ୍ଡ ନେଲା ପଳାଶୁଣୀ ଛକ । ରାସ୍ତା ପାର ହେବା ବେଳେ ମହିଳାଙ୍କ ଉପରେ ଚଢ଼ିଗଲା ଟ୍ରକ। ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଛି । ବ୍ୟାଗରେ ପନିପରିବା ନେଇ ରାସ୍ତା ପାର ହେଉଥିଲେ ମହିଳା। ଦୁର୍ଘଟଣା ଯୋଗୁଁ ରାସ୍ତା ଜାମ ହୋଇଛି । ଟ୍ରକକୁ ଅଟକ ରଖିଛନ୍ତି ସ୍ଥାନୀୟ ଲୋକେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।



ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କ ଜାତୀୟ ମହାସଂଘ (ନାଫସ୍କବ)ର ୧୪ଜଣିଆ ପରିଚାଳନା ପରିଷଦରେ ସ୍ଥାନ ପାଇଥିବା ବରିଷ୍ଠ ସମବାୟବିତ୍ ଅମ୍ବିକା ପ୍ରସାଦ ଦାସଙ୍କୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସମନ୍ତ ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରୁଛନ୍ତି।

## ପଲ୍ଲିଶ୍ରୀ ମେଳାକୁ ଭାରତ ମସଲା ବ୍ରାଣ୍ଡ୍ ଆମ୍ବାସଡରଙ୍କୁ ନିମନ୍ତ୍ରଣ

କଟକ(ଭାସ୍କର ନ୍ୟୁଜ୍): ଚଳିତ ବାଲିଯାତ୍ରାର ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳାକୁ ଭାରତ ମସଲାର ବ୍ରାଣ୍ଡ ଆମ୍ବାସଡରଙ୍କୁ ନିମନ୍ତ୍ରଣ କରିଛି ଓରମାସ। ଆସନ୍ତା ୨୩ ତାରିଖ ତଥା ବାଲିଯାତ୍ରା ଶେଷ ଦିନରେ ଏହି ନିମନ୍ତ୍ରଣ ମିଳିଛି । ଓରମାସ ଏ ନେଇ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ଚିଠି ଲେଖି ଜଣାଇଛି । ଜିଲ୍ଲା ପ୍ରଶାସନର ସହଯୋଗରେ ଐତିହାସିକ ବାଲିଯାତ୍ରାରେ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଛି। ପଲ୍ଲିଶ୍ରୀ ମେଳା ଗ୍ରାମୀଣ ଉତ୍ପାଦ ଏବଂ କାରିଗରୀ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ। ଗତବର୍ଷ ଏହା ଚିତ୍ତାକର୍ଷକ ସଫଳତା ପାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ସମବାୟ ସମିତି, କୃଷକ ଉତ୍ପାଦକ ଏବଂ ଗ୍ରାମୀଣ କାରୀଗରମାନଙ୍କ ଦ୍ୱାରା ଉତ୍ପାଦ ସାମଗ୍ରୀକୁ ଏଠାରେ ବଡ ପ୍ଲାଟଫର୍ମ ମିଳିଥାଏ। ମେଳାରେ ଉତ୍ପାଦକମାନଙ୍କ ଯୋଗଦାନ ସମଗ୍ର ଭାରତରୁ ଗ୍ରାମୀଣ ଉତ୍ପାଦର ସମୃଦ୍ଧ ବିବିଧତାକୁ ଆଲୋକିତ କରିବାରେ ସାହାଯ୍ୟ କରିବ । ଯାହା ସ୍ଥାନୀୟ ସମ୍ପ୍ରଦାୟ ଏବଂ ଗ୍ରାମୀଣ ଜୀବିକାକୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଭାରତ ମସଲାର ବ୍ରାଣ୍ଡ ଆମ୍ବାସାଡର ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳାକୁ ପ୍ରୋତ୍ସାହିତ କରିବାକୁ ନିବେଦନ କରାଯାଇଛି। ଉପାନ୍ତ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ ସିଧାସଳଖ ଭାରତ ମସଲା ସହ ଯୋଡ଼ି ହୋଇ ରହିଛନ୍ତି। ସମ୍ବଲପୁରର କୁଚିଣ୍ଡା, ବାମଣ୍ଡା ଏବଂ ଗଞ୍ଜାମରୁ ଶୁଖିଲା ଲଙ୍କା ଆଣି ଭାରତ ମସଲା କମ୍ପାନୀ ଲଙ୍କା ଗୁଣ୍ଡ ପ୍ରସ୍ତୁତ କରି ବଜାରକୁ ଛାଡ଼ୁଛି। ପଲ୍ଲିଶ୍ରୀ ମେଳାରେ ଭାରତ ମସଲା କମ୍ପାନୀ କିଭଳି ଆମ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଠାରୁ ଶୁଖିଲା ଲଙ୍କାର କଞ୍ଚାମାଲ ସଂଗ୍ରହ କରି ଚାଷୀମାନଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇଛି ତାହାର ଫୋଟୋ ବାଲିଯାତ୍ରା ମେଳାରେ ପ୍ରଦର୍ଶୀତ ହୋଇଛି।

## ଜିଲ୍ଲାସ୍ତରୀୟ ଡକ୍ଟର ହରେକୃଷ୍ଣ ମହତାବ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ୍): କଟକର ପ୍ରେସଛକ ସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଜି କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ଜଣେ ଓଡ଼ିଆ ନେତାଙ୍କର ଜୟନ୍ତୀ ଉତ୍ସବ ପାଳନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଡକ୍ଟର ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାତ ତ୍ରିପାଠୀ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସମାରୋହରେ ସିଏମ୍‌ସି ୫୦ନମ୍ବର ୱାର୍ଡ଼ କର୍ପୋରେଟର ସନ୍ତୋଷ ଭୋଳ ଓ ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଡକ୍ଟର ମହତାବ ଜୟନ୍ତୀ କମିଟିର ସାଧାରଣ ସଂପାଦକ ପ୍ରଫୁଲ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

**ବାଲିଯାତ୍ରାରେ ଭାରତ ମସଲାର ୫ମ ଦିନର ଲକି ଡ୍ର**

## ମନିଷା, ପ୍ରକାଶ, ମୀର୍ ଜମିର୍ ଓ ପୂର୍ଣ୍ଣଚନ୍ଦ୍ର ଭାଗ୍ୟଶାଳୀ ବିଜେତା



କଟକ(ଭାସ୍କର ନ୍ୟୁଜ୍): ଭାରତ ମସଲା ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ହୋଇଥିବା ଲକି ଡ୍ର ର ପଞ୍ଚମ ଦିବସର ଭାଗ୍ୟଶାଳୀ ବିଜେତା ମାନଙ୍କର ନା ଘୋଷଣା ହୋଇଛି। ଭାଗ୍ୟଶାଳୀ ପ୍ରଥମ ବିଜେତା ହେଲେ ଭୁବନେଶ୍ୱର ୟୁନିଟ୍ -୮ର ମନିଷା ଦାସ ଯିଏକି ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ, ଦ୍ୱିତୀୟ ହେଲେ କଟକ ସିଡିଏ ସେକ୍ଟର-୭ ଅଞ୍ଚଳର ପ୍ରକାଶ ବେହେରା ଯିଏକି ରେସିଂ ବାଇ ସାଇକେଲ, ତୃତୀୟ ବିଜେତା ହେଲେ ଭୁବନେଶ୍ୱର ବେଦପୁର ଅଞ୍ଚଳର ମୀର୍ ଜମୀର୍ ଯିଏକି ବାଉଲ୍ ସେଟ୍ , ଚତୁର୍ଥ ବିଜେତା ଭାବେ କଟକ ଟାଙ୍ଗୀ ହଳଦିବସନ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦତ୍ତ ଯିଏକି ଫ୍ରାୟିଂ ପାନ୍ ପାଇ ନିଜ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ଲକି ଡ୍ର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲର ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା ଓ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଲକି ବିଜେତା ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜୀଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଏସଏନ ମିଲେନିୟମଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ବ୍ୟାଙ୍କ୍ କାର୍ଯ୍ୟପାଳକ ନିର୍ଦ୍ଦେଶକଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଣ୍ଡିଆନ୍ ବ୍ୟାଙ୍କ୍ କାର୍ଯ୍ୟପାଳକ ନିର୍ଦ୍ଦେଶକ ମହେଶ କୁମାର ବଜାଜ୍ ଚଳିତ ମାସ ୨୦ ଓ ୨୧ ତାରିଖରେ ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିଲେ। ତାଙ୍କର ଏହି ଗସ୍ତ ଅବସରରେ ସେ ବହୁ ସରକାରୀ ଉଚ୍ଚ ପଦାଧିକାରୀଙ୍କ ସହ ସାକ୍ଷାତ କରିଥିଲେ ଓ ରାଜ୍ୟରେ ଇଣ୍ଡିଆନ୍ ବ୍ୟାଙ୍କ୍ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲେ। ସାଧାରଣ ଗ୍ରାହକ ଏବଂ କର୍ପୋରେଟ୍ ଗ୍ରାହକମାନଙ୍କ ସୁବିଧା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ୍ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ



ଆଲୋଚନା କରିଥିଲେ। ଓଡିଶା ସରକାରଙ୍କ 'ସୁଭଦ୍ରା' ଯୋଜନାରେ ବ୍ୟାଙ୍କର ଅଂଶଗ୍ରହଣ ଓ ସୁଭଦ୍ରା ହିତାଧିକାରୀଙ୍କୁ ସିବିଡିସି ପ୍ଲାଟ୍‌ଫର୍ମରେ ଆର୍.ବି.ଆଇ ଡିଜିଟାଲ ମୁଦ୍ରା ଯୋଗାଇବା ସମ୍ପର୍କରେ ଶ୍ରୀ ବଜାଜ ଅଧିକାରୀମାନଙ୍କୁ ସୂଚୀତ କରିଥିଲେ। ଶ୍ରୀ ବଜାଜ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ ଏବଂ ସୂଚୀତ କରିଥିଲେ ଯେ ଇଣ୍ଡିଆନ୍ ବ୍ୟାଙ୍କ ଯାହା କି, ଦେଶର ସପ୍ତମ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଡିଜିଟାଲ ସେବା ଏବଂ ଗ୍ରାହକ ସଂଯୋଗୀକରଣ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟାଙ୍କ୍। ବ୍ୟାଙ୍କିଙ୍ଗ୍‌ରେ ଦକ୍ଷତା ଓ ଗ୍ରାହକମାନଙ୍କ ଅଭିଜ୍ଞତା ବୃଦ୍ଧିରେ ଡିଜିଟାଲ ସୃଜନଶୀଳତା ଉପରେ ସେ ଆଲୋକପାତ କରିଥିଲେ।

## ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ସଂଗ୍ରାମମୟ ବୈପ୍ଲବିକ ଭୂମିକା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା। ଓଡ଼ିଶାର ମାଟି, ପାଣି, ପବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ମହତାବ ସାରା ରାଜ୍ୟରେ ଏକ ସଚେତନ ବାତାବରଣ ସୃଷ୍ଟି କରିଥିଲେ। ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଓଡ଼ିଶା ଓ ଭାରତବର୍ଷର ରାଜନୀତିକୁ ସେ ଆଚ୍ଛନ୍ନ କରି ରଖିଥିଲେ। ସ୍ୱାଧୀନତା ସଂଗ୍ରାମ ବ୍ୟତୀତ ସାହିତ୍ୟ ଓ ସଂସ୍କୃତିର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ। ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ବାବୁ ସିଂ, ବିଧାନସଭାର ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିଧାନସଭା ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ।









ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ବୈଷମ୍ୟ ଆଣିବ ଭବିଷ୍ୟତର ସଙ୍କଟ

# ପ୍ରତିକାର ପାଇଁ ପ୍ରଚେଷ୍ଟା ଲୋଡ଼ା

ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି। କେଉଁଠି ଧନଶାଳୀ ବ୍ୟକ୍ତି ଦିନକୁ ଦିନ ଅଧିକ ଧନୀ ହୋଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ବେଳେ ଅନ୍ୟ କେଉଁଠି ଗରିବ ଲୋକଟିଏ ଅଧିକ ଗରିବ ହୋଇ ଭୋକ ଉପାସରେ ଦିନ କାଟୁଛି। ବୈଷମ୍ୟର ଏହି ମେଘନାଦ ପ୍ରାଚୀର ବିଭିନ୍ନ ଦେଶରେ ଜନ ଅସନ୍ତୋଷର ମୂଳକାରଣ ହୋଇଛି। ଦାରିଦ୍ର୍ୟ କବଳରୁ ମୁକ୍ତିଲାଭ କରି ଦୁଇଓଳି ଆହାର ମୁଠିଏ ପାଇବାକୁ ମଣିଷର ସଂଗ୍ରାମ ଜାରି ରହିଥିବା ବେଳେ ଯେଉଁଠି ଏଥିରୁ ବଞ୍ଚିତ ହେଉଛି, ସେଠାରେ ହିଂସାର ଆଶ୍ରୟ ନେବାକୁ ପଛାଉନାହିଁ। ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ଟପି ସାରିଛି, ଯାହା ଆଗାମୀ ଦିନରେ ଖାଦ୍ୟାଭାବ ଓ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ମୁଖ୍ୟ କାରଣ ହେବ। ମିଳିତ ଜାତିସଂଘ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ଏଥିରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୮୨ କୋଟି ଲୋକ ପ୍ରତିଦିନ ରାତିରେ ଖାଇବାକୁ ନପାଇ ଉପାସ ରହୁଛନ୍ତି। ଗତ ୨୦୧୯ ମସିହା ଠାରୁ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୧୩ କୋଟି ୫୦ ଲକ୍ଷରୁ ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଉଛି ଯେ, ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି, ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ମଧ୍ୟ ଏହି ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା। ସେଠାରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ ବିଶ୍ୱନେତାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ ଏବେ ଲୋକମାନେ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ଜି-୨୦ ରାଷ୍ଟ୍ରଗୁଡ଼ିକରେ ଦୁନିଆର ସର୍ବାଧିକ ଧନଶାଳୀ ବ୍ୟକ୍ତି ବସବାସ କରୁଥିବାର ଆକଳନ କରାଯାଇଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦର୍ଶାଇଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଉତ୍ପାଦିତ ହେଉଛି। ଏହାର ପରିମାଣ ପ୍ରାୟ ୪ ବିଲିୟନ ଟନ୍ ହୋଇଥିବା ବେଳେ ଏହି ଉତ୍ପାଦିତ ଖାଦ୍ୟରୁ ଏକ ତୃତୀୟାଂଶ ନଷ୍ଟ ହୋଇଯାଉଛି। ନଷ୍ଟ ହେଉଥିବା ଖାଦ୍ୟ ଭିତରେ ମୁଖ୍ୟତଃ ଫଳ, ପନିପରିବା, ଦୁଗ୍ଧ ଓ ମାଂସ ଅନ୍ତର୍ଭୁକ୍ତ, ଯାହାର ପରିମାଣ ୧.୩ ବିଲିୟନ ଟନ୍ ହେବ ବୋଲି ଆକଳନ କରାଯାଉଛି। ଯେତିକି ଖାଦ୍ୟ ନଷ୍ଟ ହେଉଛି, ତାହା ପୁଷ୍ଟିକର ଖାଦ୍ୟ ପାଉନଥିବା ଲୋକଙ୍କୁ ଯୋଗାଇବା ପାଇଁ ଯଥେଷ୍ଟ ହୁଅନ୍ତା। ଅଥଚ ଏତେ ପରିମାଣର ଉନ୍ନତ ଖାଦ୍ୟ ନଷ୍ଟ ହେଲେ ମଧ୍ୟ ମଣିଷ ତାହା ପାଇପାରୁ ନାହିଁ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବାଧକ ସାଜିଥିବା ଅନ୍ୟ କାରଣଟି ହେଉଛି, ବିଭିନ୍ନ ଖାଦ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟବୃଦ୍ଧି। ଗରିବ ଲୋକ ଅଧିକ ଅର୍ଥ ଖର୍ଚ୍ଚ କରି ତାହା କିଣିବାକୁ ସକ୍ଷମ ହେଉନାହାଁନ୍ତି ଏବଂ ଭୋକ ଉପାସରେ ରହିବାକୁ ବାଧ ହେଉଛନ୍ତି। ଶସ୍ତା ଦରରେ ନିମ୍ନମାନର ଖାଦ୍ୟ ଖାଇବା ଫଳରେ ପୁଷ୍ଟିହୀନତା ବୃଦ୍ଧି ପାଉଛି। ମହିଳା ଓ ଶିଶୁମାନଙ୍କ ପାଇଁ ପୁଷ୍ଟିହୀନତା ଏକ ବଡ଼ ସମସ୍ୟା ରୂପେ ଦେଖାଦେଇଥିବାର ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ଶିଶୁମାନଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହେବାର ସମ୍ଭାବନା ରହିଛି। ପ୍ରାୟ ଅଢେଇ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଶ୍ୱର ସମସ୍ତ ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅତିମାତ୍ରାରେ ବୃଦ୍ଧି ପାଇଛି। ଏହି ଦୁଇ ଦେଶ ସାରା ଦୁନିଆକୁ ଗହମ, ବାର୍ଲି, ମକା ଓ ସୂର୍ଯ୍ୟମୁଖୀ ତେଲ ଯୋଗାଇବାରେ ଅଗ୍ରଣୀ ଭୂମିକା ନେଇଥାନ୍ତି। ଉଭୟ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଓ ଭୟଙ୍କର ଖାଦ୍ୟ ସଙ୍କଟ ଭବିଷ୍ୟତରେ ହିଂସା ଓ ଅରାଜକତାକୁ ଆମନ୍ତ୍ରଣ କରିଆଣିବା କିଛି ଅସମ୍ଭବ ନୁହେଁ। ତେଣୁ ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ବିଭିନ୍ନ ଦେଶ ଏହାର ପ୍ରତିକାର ନିମନ୍ତେ ସୁଚିନ୍ତିତ ରଣନୀତି ଆପଣାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଜାତିସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଯେ ଆବଶ୍ୟକତା ରହିଛି, ଏଥିରେ ସନ୍ଦେହ ନାହିଁ।

# ବିଶ୍ୱବ୍ୟାଙ୍କର ନୂଆ ରିପୋର୍ଟକୁ ନେଇ ପ୍ରଶ୍ନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ବିଶ୍ୱବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟ ଚିନ୍ତାଜନକ ନିଶ୍ଚୟ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ପ୍ରତିଶ୍ରୁତି ଏବଂ କଲ୍ୟାଣକାରୀ ଯୋଜନା ସବୁ ପରେ ଭାରତରେ ଦାରିଦ୍ର୍ୟ (ଗରିବ) ହାର କମିବା ଭଳି ଜଣାପଡୁ ନାହିଁ। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ୨୦୨୦ ପର ଠାରୁ ଭାରତ ସମେତ ସାରା ଦୁନିଆରେ ଗରିବ ଲୋକଙ୍କ ସଂଖ୍ୟା କମିବାର ପ୍ରକ୍ରିୟା ଅଟକି ଯାଇଛି। ଆକଳନ ଅନୁସାରେ ଏବେ ଭାରତରେ ୧୨କୋଟି ୯୦ ଲକ୍ଷ ଏବେ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି। ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟର ଯେଉଁ ମାନକ ଧାର୍ଯ୍ୟ କରିଛି ତଦନୁସାରେ ଯେଉଁ ଲୋକର ପ୍ରତିଦିନ କ୍ରୟ କରିବାର କ୍ଷମତା ୨.୧୫ ଡ଼ଲାର ବୋଲି କୁହାଯାଇଛି। ଅର୍ଥାତ୍ ପ୍ରତିଦିନର କ୍ରୟ କରିବାର କ୍ଷମତା ପାଖାପାଖି ୪୪ଟଙ୍କା ବୋଲି ବିଶ୍ୱବ୍ୟାଙ୍କ ଧାର୍ଯ୍ୟ କରିଛି। କିନ୍ତୁ ବିଶ୍ୱବ୍ୟାଙ୍କ ଯେହେତୁ ଭାରତକୁ ମଧ୍ୟମ ଆୟ ବାଲା ଦେଶର ଶ୍ରେଣୀରେ ରଖିଛି ତେଣୁ ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଭାରତର ଯେଉଁ ଲୋକଙ୍କ ପ୍ରତିଦିନର କ୍ରୟ କରିବାର କ୍ଷମତା ୬.୮୫ଡ଼ଲାର ଅର୍ଥାତ୍ ୧୩୯ଟଙ୍କା ନଥିବ ସେମାନଙ୍କୁ ଗରିବ କୁହାଯିବ। ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି ଯେ ଆଜି ବି ଦୁନିଆରେ ୪୪ ପ୍ରତିଶତ ଲୋକ ପ୍ରତିଦିନ ୫୭୬ଟଙ୍କାରୁ କମ୍ ଆୟରେ ଜୀବନ ଯାପନ କରିଥାନ୍ତି। ଜନସଂଖ୍ୟା ବୃଦ୍ଧି କାରଣରୁ ୧୯୯୦ ପରଠାରୁ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ଆସିନାହିଁ। ୨୦୨୦ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁସାରେ ଅତି ଗରିବ ଲୋକଙ୍କ ସଂଖ୍ୟା କମିବା ପାଇଁ ଆହୁରି ଏକ ଦଶନ୍ଧି ଲାଗିଯିବ ଏବଂ ଲୋକଙ୍କ ପ୍ରତିଦିନର ଆୟ ୫୭୬ ଟଙ୍କା ବା ତା'ଉପରକୁ ଆଣିବା ପାଇଁ ଅଧିକ ସମୟ ଲାଗିବ।

ମୁଖ୍ୟ କଥା ହେଉଛି ବିଶ୍ୱର ଜନସଂଖ୍ୟାର ୮.୫ ପ୍ରତିଶତ ବା ୭୦ କୋଟିରୁ ଅଧିକ ଲୋକଙ୍କ ଦୈନିକ ଆୟ ୧୮୧ ଟଙ୍କାରୁ କମ୍ ରହିଛି। ଆକଳନ ଅନୁସାରେ ୨୦୩୦ ବେଳକୁ ୭.୩ ପ୍ରତିଶତ ଲୋକ ଅତି ଗରିବ ହୋଇ ରହିଥିବେ। ଭାରତରେ ଏବେ ପାଖାପାଖି ୧୩ କୋଟି (୧୨କୋଟି ୯୦ଲକ୍ଷ) ଲୋକ ଗରିବ ତାଲିକାରେ ଅଛନ୍ତି। ଅତି ଗରିବର ଅର୍ଥ ହେଉଛି ଦୈନିକ ଆୟ ୨୦୦ଟଙ୍କାରୁ କମ୍ ଅଟେ। ମୋଟାମୋଟି ଭାବେ କୁହାଯାଇପାରେ ଯେ ମାସକୁ ୫ ହଜାର ବା ତା'ଠାରୁ କମ୍ ଆୟ କରୁଥିବା ଲୋକଙ୍କୁ ଅତି ଗରିବ ବୋଲି କୁହାଯାଏ। ସଂଖ୍ୟା ଅନୁସାରେ ଦେଖିଲେ ଭାରତରେ ଯେତିକ ଗରିବ ଅଛନ୍ତି ସେତିକି ଲୋକେ ଅନେକ ବିକଶିତ/ବିକାଶଶୀଳ ଦେଶରେ ବି ନାହାଁନ୍ତି। ବିଶ୍ୱବ୍ୟାଙ୍କ ତା'ର ରିପୋର୍ଟରେ କହିଛି ୧୯୯୦ ପରଠାରୁ ଭାରତରେ ଦାରିଦ୍ର୍ୟର ହାର କମାଇବା ପାଇଁ ଭାରତ ସରକାର ଅନେକ ଯୋଜନା କରିଛନ୍ତି। ଏହା ବ୍ୟତୀତ ବିଗତ ଏକ ଦଶନ୍ଧି ମଧ୍ୟରେ ଅନେକ ପରିବର୍ତ୍ତନ ମଧ୍ୟ ହୋଇଛି। କିନ୍ତୁ ବିଶ୍ୱବ୍ୟାଙ୍କର ଆକଳନ କହୁଛି ଯେ ଦେଶକୁ ଦାରିଦ୍ର୍ୟ ମୁକ୍ତ କରିବାରେ ଭାରତ ସରକାରଙ୍କର ଆହୁରି କିଛି କରିବାକୁ ବାକି ଅଛି। ୧୯୯୦ରେ ଭାରତର ଗରିବଙ୍କ ସଂଖ୍ୟା ୪୩.୧କୋଟି ଥିଲା। ସୁରେଶ ତେନ୍ଦୁଲକର କମିଟିର ରିପୋର୍ଟ ଅନୁସାରେ ୨୦୧୦ରେ ଏହି ସଂଖ୍ୟା ୩୫ କୋଟି ଥିଲା। କିନ୍ତୁ ୨୦୨୪ ବେଳକୁ ଏହି ସଂଖ୍ୟା କମିଯାଇ ୧୨.୯କୋଟିରେ ପହଞ୍ଚିଛି।

ବିଶ୍ୱବ୍ୟାଙ୍କର ତଥ୍ୟ ମୁତାବକ ଆଗାମୀ ଦଶନ୍ଧିରେ ଭାତରରେ ଗରିବଙ୍କ ସଂଖ୍ୟା ଆହୁରି କମିବାର ଆଶଙ୍କା ରହିଛି। ଆଗାମୀ ଦଶକରେ ପ୍ରତି ବ୍ୟକ୍ତିର ଜିଡିପି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୩୦ରେ ଭାରତର ଅତି ଗରିବ ଲୋକଙ୍କ ସଂଖ୍ୟା ଶୂନ ହୋଇପାରେ ଏବଂ ଏହି ସମୟ ମଧ୍ୟରେ ସାରା ବିଶ୍ୱର ଅତି ଗରିବ ଲୋକଙ୍କ ହାର ୭.୩୧ ପ୍ରତିଶତରୁ ହ୍ରାସ ପାଇ ୬.୭୨ ପ୍ରତିଶତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବିଶ୍ୱ ବ୍ୟାଙ୍କ ଭାରତ ସରକାରଙ୍କ ପକ୍ଷରୁ ନିକଟରେ ଜାରି କରାଯାଇଥିବା ଘରୋଇ ଉପଭୋଗ ଏବଂ ଖର୍ଚ୍ଚ ବାବଦରେ କରାଯାଇଥିବା ସର୍ବେକ୍ଷଣ ରିପୋର୍ଟ ୨୦୨୨-୨୩କୁ ନେଇ ପ୍ରଶ୍ନ ଉଠାଇଛି। ସର୍ବେକ୍ଷଣର ଆଧାର ଉପରେ ଭାରତ ସରକାର ଦେଶର ଗରିବଙ୍କ ସଂଖ୍ୟା ହ୍ରାସପାଇଛି ବୋଲି ଦାବି କରିଛନ୍ତି ଓ ଅନ୍ୟ ପକ୍ଷରେ ଗରିବଙ୍କ ସଂଖ୍ୟା ହିସାବ କରିବାରେ ବିଶ୍ୱବ୍ୟାଙ୍କ ଯେଉଁ ମାନକ ଧାର୍ଯ୍ୟ କରିଛି ତାକୁ ନେଇ ବିଶ୍ୱବ୍ୟାଙ୍କକୁ ସମାଲୋଚନା କରାଯାଉଛି। ବିଶ୍ୱବ୍ୟାଙ୍କର ବିଶେଷଜ୍ଞମାନେ ମନଇଚ୍ଛା ଏଭଳି ମାନକଧାର୍ଯ୍ୟ କରିଛନ୍ତି ବୋଲି ଅଭିଯୋଗ ଉଠୁଛି। ବିଶ୍ୱବ୍ୟାଙ୍କ ଭାରତକୁ ମଧ୍ୟମ ଆୟ ଶ୍ରେଣୀରେ ସୂଚୀବଦ୍ଧ କରିଥିବା କାରଣରୁ ଭାରତରେ ଦୈନିକ ୧୩୯ଟଙ୍କା ବ୍ୟୟ କରିବାର କ୍ଷମତା ଥିବା ବ୍ୟକ୍ତିଙ୍କୁ ଗରିବ ଶ୍ରେଣୀରେ ନେଉ ନଥିବାରୁ ଏହି ମାନକ କେତେ ଠିକ୍ ତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ୍। କାରଣ ଏହି ସୀମିତ ଆୟରେ କୌଣସି ବ୍ୟକ୍ତି କେଉଁ ସ୍ତରର ଉପଭୋଗ କରିପାରିବ ସେକଥା ବାବଦରେ ବିଶ୍ୱବ୍ୟାଙ୍କ ନୀରବ ରହିଛି। ବିଶ୍ୱବ୍ୟାଙ୍କର ଏହି ଫର୍ମୁଲା ଅନୁସାରେ ଦ୍ରୁତଗତିରେ ବଢ଼ିଚାଲିଥିବା ଅର୍ଥ ବ୍ୟବସ୍ଥାର ସ୍ୱରୂପ ଜଣାପଡ଼େ ଏବଂ ଆମ ବିକାଶର କଥା ସ୍ପଷ୍ଟ ଜଣାପଡ଼େ। ଗତ ଜାନୁୟାରୀ ୧୬ ତାରିଖରେ ଭାରତର ନୀତି ଆୟୋଗ ପକ୍ଷରୁ ଏକ ରିପୋର୍ଟ ଜାରି କରାଯାଇଥିଲା। ଏହି ରିପୋର୍ଟ ଅନୁସାରେ ଦେଶର ଗରିବ ହାର ୨୦୧୩-୧୪ରେ ୨୯.୧୭ ପ୍ରତିଶତରୁ ହ୍ରାସ ପାଇ ୨୦୨୨-୨୩ରେ ୧୧.୨୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ଏହି ହାର ୧୭.୮୯ ପ୍ରତିଶତ ଏହି ଅବଧି ମଧ୍ୟରେ ହ୍ରାସ ପାଇଛି।

ଗରିବଙ୍କ ଚିହ୍ନଟ ପାଇଁ ବିଶ୍ୱସ୍ତରରେ ଅନେକ ପ୍ରକ୍ରିୟା ରହିଛି। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନସ୍ତରକୁ ମଧ୍ୟ ଗରିବ ମାପିବାର ଏକ ପ୍ରକ୍ରିୟା ବୋଲି କୁହାଯାଇପାରେ। ନ୍ୟାସନାଲ ଫାମିଲି ହେଲଥ ସର୍ଭେ ରାଉଣ୍ଡ ୩ରୁ୫ର ଡାଟାର ଉପଯୋଗ କରି ୨୦୦୫-୦୬, ୨୦୧୫-୧୬ ଏବଂ ୨୦୧୯-୨୧ ପାଇଁ ଭାରତରେ ଗରିବଙ୍କ ସଂଖ୍ୟା ଆକଳନ କରାଯାଇଛି। ଏଥିରେ କୁହାଯାଇଛି ୨୦୦୫-୦୬ରେ ଦେଶର ୫୫.୩୪ ପ୍ରତିଶତ ଲୋକ ଗରିବ ଥିଲେ। ୨୦୧୩-୧୪ରେ ଏହା ୨୯.୧୭ ପ୍ରତିଶତ ଥିଲା। ୨୦୨୪ରେ ଏହା ଏକକ ସଂଖ୍ୟାରେ ପହଞ୍ଚିଯିବ ବୋଲି ହିସାବ କରାଯାଇଛି। ଗରିବଙ୍କ ସଂଖ୍ୟା କମିବାର ଦୁଇଟି କାରଣ ବୋଲି କୁହାଯାଇଛି। ପ୍ରଥମ ହେଉଛି ଶାସନ ଏବଂ ବିତରଣ ବ୍ୟବସ୍ଥାରେ ସୁଧାର ଏବଂ ଦ୍ୱିତୀୟ ହେଉଛି ସରକାରଙ୍କ ପକ୍ଷରୁ କରାଯାଉଥିବା ଅନେକ ଯୋଜନା। ଏହାର ପ୍ରଭାବ କାରଣରୁ ଦେଶରୁ ଦାରିଦ୍ର୍ୟ କମିଛି ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟ କହିଛି ଯେ ଯେଉଁ ମାନକ ଧାର୍ଯ୍ୟ କରାଯାଇଛି ତାହା ନୂଆ ଏବଂ ପୁରୁଣା ମାନକର ବ୍ୟବହାରକୁ ନେଇ ନୁହେଁ ବରଂ ଚିନ୍ତାଜନକ କଥା ହେଉଛି ଯେ ଗରିବୀ ପ୍ରସଙ୍ଗରେ ସାରା ବିଶ୍ୱ ପ୍ରକୃତ ଲକ୍ଷ୍ୟରୁ ଦୂରେଇ ଯାଇଛି। ୨୦୧୨ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ଯେ ୨୦୩୦ ସୁଦ୍ଧା ସାରା ବିଶ୍ୱରୁ ଅତି ଗରିବଙ୍କ ସଂଖ୍ୟା ଶୂନ୍ ହୋଇଯିବ। କିନ୍ତୁ ନୂଆ ମାନକ ଅନୁସାରେ ପାଖାପାଖି ବିଶ୍ୱର ଅଧିକ ସଂଖ୍ୟକ ଲୋକ ଅତିଗରିବ ଅଛନ୍ତି। ଏଣୁ ୨୦୩୦ ସୁଦ୍ଧା ବିଶ୍ୱରୁ ଅତିଗରିବଙ୍କ ସଂଖ୍ୟା ଶୂନ୍ ହୋଇପାରିବ ନାହିଁ ବୋଲି ଜଣାପଡୁଛି।

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର
ମୋ: ୯୯୩୭୬୯୧୪୭୫

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'N' ଅକ୍ଷରଟି North ବା ଉତ୍ତର ଦିଗ, 'E' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'W' ବର୍ଣ୍ଣଟି ପଶ୍ଚିମ ଦିଗ ବା West ବୁଝାପଡ଼େ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ S ବା Southକୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝିପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତା'ର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତା'ର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟମାରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧୀଙ୍କ ଲେଖନୀ ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧୀଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନୀତି ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡ଼ିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡ଼ଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତା'ର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

# ଶୀତ ଦିନେ ସ୍ନାୟୁପୀଡ଼ା



ଡାକ୍ତର ଗୁରୁପଦ ମିଶ୍ର
ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ

ଶୀତ ଋତୁରେ ବିଭିନ୍ନ ପ୍ରକାର ପୁରାତନ ବ୍ୟଥା ମୁଣ୍ଡ ଟେକେ। ଏହି ଋତୁରେ ସ୍ନାୟୁ ସହିତ ଜଡ଼ିତ ବିଭିନ୍ନ ରୋଗ, ଗଣ୍ଠି-ମାଂସପେଶୀ ଦରଜ ଆଦି ହୋଇଥାଏ। କୌଣସି ପୁରୁଣା ଆଘାତ ଯାହାକି ପୂର୍ବରୁ ଠିକ୍ ହୋଇଯାଇଥାଏ। ତାହା ମଧ୍ୟ ପୁଣି ବାହାରେ। କେବଳ ବୟସ୍କଲୋକ ନୁହଁନ୍ତି, ଯୁବକ, ଯୁବତୀମାନେ ମଧ୍ୟ ଏପ୍ରକାର ସମସ୍ୟା ଭୋଗିଥାନ୍ତି। ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ରୋଗୀଙ୍କ ଠାରେ ଏପ୍ରକାର ରୋଗର ଆଶଙ୍କା ବେଶୀ। ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଗଣ୍ଠି ମାଂସପେଶୀ ବ୍ୟଥାର ଭୟ ୪୦ ପ୍ରତିଶତ ଅଧିକ। ସ୍ନାୟୁ ସହିତ ଜଡ଼ିତ ବ୍ୟଥା ନ୍ୟୁରୋପାଥିକ ପେନ୍ ଭାବରେ ପରିଚିତ। ଏହା ଯେ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇଥାଏ। ଏଥିରେ ସାଇଟିକା, ଡାଇବେଟିସ୍, କ୍ୟାନସର ସଂକ୍ରାନ୍ତ ସ୍ନାୟୁ ବ୍ୟଥା, ମୁହଁ ଦରଜ, ମାଇଗ୍ରେନ, ଷ୍ଟ୍ରୋକ୍, ସ୍ପାଇନାଲ କୋର୍ଡ଼ ଇଞ୍ଜୁରୀ, କୌଣସି ଦୁର୍ଘଟଣା ଆହତ ଆଦି ସାମିଲ। ଅପରେସନ ପରେ ଦେହରେ ଯେଉଁ କଟାଦାଗ ରହିଯାଏ ତାହା ମଧ୍ୟ ବ୍ୟଥାର କାରଣ ସାଜିଥାଏ। କୌଣସି ମହିଳାଙ୍କର ସିଜେରିଆନ ଅସ୍ତ୍ରୋପଚାର ପରେ ଯେଉଁ କଟାଦାଗ ରହେ ତାହା ମଧ୍ୟ ବ୍ୟଥାର କାରଣ ହୋଇଥାଏ। ତେବେ ସମସ୍ତଙ୍କ ଠାରେ ଯେ ଏପରି ବ୍ୟଥା ହେବ ତାହା ନୁହେଁ, ବିଶେଷକରି ଅସ୍ତ୍ରୋପଚାର ପରେ ଯେଉଁମାନଙ୍କର କିଛି କ୍ଷତି ଘଟିଥାଏ ସେମାନଙ୍କ କ୍ଷେତ୍ରରେ ଏପରି ବ୍ୟଥାର ଆଶଙ୍କା ଅଧିକ। ଶୀତ ବଢ଼ିବା ସହିତ ଶରୀରରେ ରକ୍ତ ଯୋଗାଉଥିବା ସ୍ନାୟୁ ସଂକୁଚିତ ହୋଇଯାଏ। ଫଳରେ ଦେହରେ ଠିକ୍ ଭାବରେ ରକ୍ତ ସଂଚାର ହୋଇପାରେ ନାହିଁ ଏବଂ ବିଭିନ୍ନ ପ୍ରକାର ବ୍ୟଥା ବୃଦ୍ଧି ପାଏ। ନ୍ୟୁରୋପାଥିକ ବ୍ୟଥା ଫଳରେ ରୋଗୀ ଶରୀର କୌଣସି ଅଂଶ କୁଣ୍ଡାଇ ହେବା, ଜ୍ୱାଳା ଅନୁଭୂତ ହେବା, ଛୁରୀ ମାରିଲା ଭଳି ଦରଜ, ବିଦ୍ୟୁତ୍ ସକ୍ ଲାଗିବା ପରି ଜଣାପଡ଼ିଥାଏ।

ଏଥିରେ ଯେଉଁ ସ୍ନାୟୁ ଅଧିକ ସକ୍ରିୟ ଜଣାପଡ଼େ ତାହାକୁ ଅସ୍ଥାୟୀ ଭାବରେ ବ୍ଲକ୍ କରିଦିଆଯାଏ। ବ୍ଲକ କରିବା ପାଇଁ ସେହି ସ୍ନାୟୁରେ ଇଞ୍ଜେକସନ୍ ମଧ୍ୟ ଦିଆଯାଏ। ଫଳରେ ବ୍ୟଥା କମ୍ ଜଣାପଡ଼େ। ଖରା ବଢ଼ିଲେ ଏହି ସ୍ନାୟୁ ୩/୪ ମାସ ଭିତରେ ରିଜେନେରେଟ୍ ହୋଇଥାଏ। ସେହିଠାରୁ ରକ୍ତ ସ୍ନାୟୁ ଆପେ ଆପେ ଠିକ୍ ହେବା ଆରମ୍ଭ ହୁଏ। ସାଇଟିକା କିମ୍ବା ସ୍ପାଇନାଲ କର୍ଡ଼ ସମସ୍ୟା ଯାହା ହେଉନା କାହିଁକି ଏସବୁଥିରେ ଇଞ୍ଜେକସନ୍ ନେବାକୁ ପଡ଼ିଥାଏ। ଷ୍ଟ୍ରୋକ୍ ହେଉଥିଲେ ଔଷଧ ମାଧ୍ୟମରେ ଏହାର ଚିକିତ୍ସା କରାଯାଏ। ଏହା ସାଙ୍ଗକୁ ଫିଜିଓଥେରାପି କରିବାକୁ ପଡ଼େ। ଇଞ୍ଜେକସନ୍ ମଧ୍ୟ ଦିଆଯାଏ। ମୁହଁ ଦରଜ ଏଥିରେ ମୁହଁର ଏକ ସ୍ଥାନରେ ବିଦ୍ୟୁତ୍ କରେଣ୍ଟ ମାରିଲା ପରି ବ୍ୟଥା ଅନୁଭୂତ ହୁଏ ଏବଂ ଏକ ମିନିଟ୍ ଦୁଇ ମିନିଟ୍ ପର୍ଯ୍ୟନ୍ତ ଜଣାପଡ଼େ। ଏହା ବିଶେଷ କରି ଗାଲ ଭିତରେ ଅନୁଭୂତ ହୁଏ ଏବଂ କିଛିଦିନ, ସପ୍ତାହ କିମ୍ବା ମାସ ପର୍ଯ୍ୟନ୍ତ ବଜାୟ ରହେ। ପୁଣି ହଠାତ୍ କିଛି ମାସ-ବର୍ଷ ଆରମ୍ଭ ହୋଇ କ୍ରମଶଃ ବଢ଼େ ଏବଂ ଗାଲର ସଂସ୍ପର୍ଶରେ କୌଣସି ଜିନିଷ ଆସିଲେ ବିଶେଷ କରି ଖିଅର ହେବା, ମୁହଁ ଧୋଇବା, ମେକଅପ୍ ଲଗାଇବା ସମୟରେ ବଢ଼ିଥାଏ। ବ୍ରଶ କରିବା, ଖାଇବାପିଇବା, କଥା କହିବା ଏବଂ ବାୟୁ ସଂସ୍ପର୍ଶରେ ଆସିଲେ ମଧ୍ୟ ଏ ପ୍ରକାର ବ୍ୟଥା ବଢ଼ାଇଥାଏ। ଯେ କୌଣସି ଏ ପ୍ରକାର ବ୍ୟଥା ଅନୁଭୂତ ହୋଇଥାଏ। ତେବେ ୫୦ରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏ ପ୍ରକାର ବ୍ୟଥାର ଆଶଙ୍କା ବେଶୀ। ପୁରୁଷଙ୍କ ତୁଳନାରେ ମହିଳାମାନେ ଏ ପ୍ରକାର ବ୍ୟଥା ଅଧିକ ଅନୁଭୂତ କରିଥାନ୍ତି। ଟ୍ରିଜେମିନାଲ୍ ସ୍ନାୟୁ ଦବିଯିବା ଫଳରେ ଏ ପ୍ରକାର ବ୍ୟଥା ହୋଇଥାଏ।

ଏ ପ୍ରକାର ରୋଗୀ ଭିଟାମିନ୍ ବି, ଖାଇବା ଜରୁରି। ସବୁଜ ପନିପରିବା, କଦଳୀ, ଅମୃତଭଣ୍ଡା ଇତ୍ୟାଦି ଖାଦ୍ୟରେ ସାମିଲ କରିବା ଉଚିତ। ଏହାଛଡ଼ା ସୁପ୍, ଆମିଷ, ଆଦି ଖାଇଲେ ଶରୀରକୁ ଉଷ୍ମତା ମିଳିଥାଏ। ଶୀତଦିନ ସ୍ନାୟୁକୁ ଥଣ୍ଡା ଠାରୁ ସୁରକ୍ଷିତ ରଖିବା ଉଚିତ। ଯେଉଁମାନଙ୍କର ସ୍ନାୟୁ ଦୁର୍ବଳ ସେମାନେ ବାଇକ୍ ଚଳାଇବା ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ସମୟରେ ନିଜ ମୁଣ୍ଡ, ମୁହଁ ଏବଂ କାନକୁ ଗରମ କପଡ଼ାରେ ଘୋଡ଼ାଇ ରଖିବା ଆବଶ୍ୟକ। ନଚେତ୍ ଥଣ୍ଡା ପବନ ବାଜି ସ୍ନାୟୁ ପ୍ରଭାବିତ ହେବାର ଆଶଙ୍କା ଥାଏ।

# କିରଣ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଗୋଟିଏ କେଉଟ ପିଲା ଡଙ୍ଗା ଚଳଉଥିଲା। ଜଣେ ସୌଦାଗର ତାକୁ ପଚାରିଲେ, ଆରେ ପୁଅ ତମ ବାପାଙ୍କର ମୃତ୍ୟୁ କେମିତି ହେଲା। ବାଳକ କହିଲା, ଡଙ୍ଗା ଚଳାଉଥିବା ସମୟରେ ତୋଫାନ ଆସିଲା ଆଉ ଡଙ୍ଗା ବୁଡିଗଲା। ପାଣିରେ ବୁଡିକରି ବାପାଙ୍କର ମୃତ୍ୟୁ ହୋଇଥିଲା। ଏବେ ସୌଦାଗର ପଚାରିଲେ ତୁମ ଜେଜେ ବାପାଙ୍କର ମୃତ୍ୟୁ କ'ଣ ଏମିତି ହୋଇଥିଲା। ଏହା ଶୁଣି ବାଳକ କିଛି ଉତ୍ତର ଦେଲାନାହିଁ। ତା'ହେଲେ ତୁମେ ଏହି ବିପଦପୂର୍ଣ୍ଣ କାମ କାହିଁକି କରୁଛ ? ସୌଦାଗର ପଚାରିଲେ। ଏବେ ବାଳକ ତାଙ୍କୁ ପଚାରିଲା- ମହାଶୟ ! କ'ଣ ଆପଣ କହିପାରିବେ କି ଆପଣଙ୍କ ବାପା ଆଉ ଜେଜେ ବାପାଙ୍କ ମୃତ୍ୟୁ କେମିତି ହୋଇଥିଲା। ସୌଦାଗର କହିଲେ ହଁ..ହଁ..ସେମାନଙ୍କୁ ରୋଗ ହୋଇଥିଲା ଆଉ ସେମାନେ ଘରେ ମରିଥିଲେ। ତା'ହେଲେ ଆପଣ ଘରେ କାହିଁକି ରହୁଛନ୍ତି ? ସୌଦାଗରଙ୍କ ପାଖରେ ଏହି ପ୍ରଶ୍ନର କିଛି ଉତ୍ତର ନଥିଲା। ବାଳକ କିଛି ସମୟ ରହିକରି କହିଲା, ଆଜ୍ଞା ! ସେଠି ହେଉ ଅଥବା ଏଠି ହେଉ ମୃତ୍ୟୁ ତ ସବୁ ଯାଗାରେ ନିଜର ତ ହୋଇଥାଏ। ଆଉ ଆମେ ସେଥିରେ ବିବ୍ରତ କାହିଁକି ହେଉଛେ ? ଆମକୁ ତ ସୁନ୍ଦର ଭବିଷ୍ୟର କଳ୍ପନା କରିବା ଜରୁରି। ଅସୁବିଧାରେ ପଡିବାର କଥା କାହିଁକି ଭାବିବା। ଯେମିତି ସ୍ଥିତି ଆସିବ ତାହାର ସାମ୍ନା କରିବା। ଉତ୍ସାହ ପୂର୍ବକ ମନୋଭୂମି ମନୁଷ୍ୟ ପାଇଁ ଗୋଟିଏ ପ୍ରକାରର ଦୈବୀ ଚମତ୍କାର ଅଟେ। ଯାହା ଅନେକ କଠିନତାରୁ ବାହାର କରି ସୁଖ, ସନ୍ତୋଷ, ପ୍ରସନ୍ନତା ଆଉ ଉଲ୍ଲାସ ପ୍ରଦାନ କରିଥାଏ। ଏହି ଗୁଣରୁ ଆତ୍ମାର ଆର୍ବିଭାବ ହୋଇଥାଏ। ଆଶାବାଦୀ ଆଉ ଉତ୍ସାହ ପୂର୍ବକ ଦୃଷ୍ଟିକୋଣରୁ ମନୁଷ୍ୟ ଚିନ୍ତା, ଭୟ ଆଉ ବହୁତ ବଡ ରୋଗ ଉପରୁ ବିଜୟ ପ୍ରାପ୍ତ କରିପାରିବ। ଜୀବନର ପ୍ରତି ତାକୁ ପ୍ରେମ କରିବା ଜରୁରି। ତାକୁ କୌଣସି ସହଯୋଗୀ ମିଳୁ ଅଥବା ନମିଳୁ ଆତ୍ମ ସହାନୁଭୂତିର ବିଚାରରେ ରମଣ କରିବା ଦରକାର। ଏହା ସର୍ବୋତ୍ତମ ଔଷଧ ଅଟେ ଯିଏ ମାରକ ବିଷକୁ ମଧ୍ୟ ପ୍ରାଭାବ ହୀନ କରିପାରିବ। ଏହି ସଂସାରର ସାଜସଜ୍ଜା ହିଁ ଏମିତି ଅଟେ ଯାହାର ସୁଖରେ ସହିତ ଦୁଃଖ ମଧ୍ୟ ଆବଶ୍ୟ ଆସିଥାଏ। ବଳବାନ ବ୍ୟକ୍ତିଙ୍କୁ ରୋଗ, ଧନୀ ବ୍ୟକ୍ତିଙ୍କୁ ମଧ୍ୟ ଋଣ ଗ୍ରାସିଥାଏ, ଭଲ ଲୋକଙ୍କୁ ମଧ୍ୟ ସମସ୍ୟା ହଇରାଣ କରିଥାଏ। ବିପରୀତ ପରିସ୍ଥିତିର ଆସିବା ଜୀବନର ସ୍ୱାଭାବିକ ଗୁଣ ଅଟେ। ଦିନର ଆଲୋକ ପରେ ରାତିର ଅନ୍ଧାର ଆସିଥାଏ। ଆଉ ପ୍ରତ୍ୟେକ ସକାଳର ସହିତ ସନ୍ଧ୍ୟାର ସନାତନ ସମ୍ବନ୍ଧ ଯୋଡି ହୋଇ ରହିଛି। ଏଥିରେ ଯାହା ଭଲ ପରିସ୍ଥିତିକୁ ଚିନ୍ତନ କରିଥାଏ ତାଙ୍କୁ ବୁଦ୍ଧିମାନ କୁହାଯାଏ। ସେମାନଙ୍କ ସାମନାରେ କଠିନତା ଆସିଥାଏ ଆଉ ସେମାନେ ତାକୁ ଗୋଟିଏ କ୍ଷଣରେ ସମାଧାନ କରି ଦେଇଥାନ୍ତି। ଆଉ ଯିଏ ରାତିର ଅନ୍ଧକାର, ଦିନର ସନ୍ଧ୍ୟା, ବାଦଲ, ବିଜୁଳି, ଅସୁରକ୍ଷା, ଭୂତର ଭୟରେ ଥରୁଥାନ୍ତି ତାଙ୍କ ପାଇଁ ସୁଖର ବସ୍ତୁ ମଧ୍ୟ ଧୋକା ସିଦ୍ଧ ହୋଇଥାଏ। ସେଥିପାଇଁ ସେମାନଙ୍କର କଳ୍ପନା କାହିଁକି କରିବ ? ଆମକୁ ଶୁଭ ଭାବିବା ଦରକାର ଆଉ ସୁଖଦ ଭବିଷ୍ୟର ଆଶା ରଖିବା ଜରୁରି।



କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଅନ୍ତର୍ଗତ ପଳାଶବାହାଲୀ ନିଆଲୁ ଭାୟା କୁଆଁଧରା ରାସ୍ତାର ପଳାଶବାହାଲୀ ନାଳରେ ଏକ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି ପ୍ରମୁଖ ଯୋଗଦେଇ ଉକ୍ତ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ନଡିଆ ବାଡେଇ ଭୂମିପୂଜନ କରିଥିଲେ । ସେଠାରେ ବିଜେପି ରେଙ୍ଗାଳି ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଂସଦ ଓ ବିଧାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋକପାତ କରିବା ସହ ଉକ୍ତ ସେତୁ ଦ୍ୱାରା କଣିହାଁ ବ୍ଲକ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ଯାତାୟତରେ ସୁଗମ ହେବ । ଦେବଗଡ଼ ଜିଲ୍ଲାକୁ ମଧ୍ୟ ଯାତାୟାତ ସୁଗମ ହୋଇପାରିବ ବୋଲି କହିଥିଲେ । ଉକ୍ତ ସେତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ୪କୋଟି ୩୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ । ସାଂସଦ ଓ ବିଧାୟକ ଗଣ୍ଡମଳା ପଞ୍ଚାୟତ ପରିସରରେ ଆୟୁଷ ମେଡିକାଲ ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ପରାବିଲ ସରକାରି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ନିମିତ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବିଜେପି ଜିଲା ଉପସଭାପତି ନୃସିଂହ ଚରଣ ବରାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନ, ମଣ୍ଡଳ ସଂପାଦକ ହରେକୃଷ୍ଣ ପ୍ରଧାନ, ଲୋକନାଥ ସାହୁ, ସୁଶାନ୍ତ ସାମଲ, ଟିକନ ପ୍ରଧାନ, କର୍ଣ୍ଣ ଭୁତିଆ, ବସନ୍ତ ମଞ୍ଜରି ପ୍ରଧାନ, ପରାବିଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରମାକାନ୍ତ ସାହୁ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ମୋନାଲିଶା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ବିଧାୟକ ମଣ୍ଡୁଆ ଆଶ୍ରମ ପରିଦର୍ଶନ କରିଥିଲେ ।



### ବହୁ ଚର୍ଚ୍ଚିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

# ଯୋଗଦେଲେ ମହାମହିମ ରାଜ୍ୟପାଳ: ସୋନୁଙ୍କ ସଂଗୀତ ଯାଦୁରେ ଦର୍ଶକ ବିମୋହିତ



ପାରାଦୀପ(ଭାସ୍କର ନ୍ୟୁଜ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ୩୨ ତମ ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪ ଗୁରୁବାର ସନ୍ଧ୍ୟାରେ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ମହତ୍ୱ ବଢ଼ାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ-ଖଣିଜ ସମ୍ପଦ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପୋଲିସ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ଜେ.ସୋନାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଉତ୍ସବ ଗତ ନଭେମ୍ବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମହାମହିମ ରାଜ୍ୟପାଳଙ୍କ ଯୋଗଦାନ ଏହି ମହୋତ୍ସବର ଗାରିମା ବେସ ବୃଦ୍ଧି କରିଛି । ଅନ୍ୟପକ୍ଷରେ ଆଠଦିନ ବ୍ୟାପି ଏହି ଉତ୍ସବର ପ୍ରତ୍ୟକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ନାମିଦାମୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନଛୁଆଁ ହୋଇପାରିଥିଲା । ତେବେ ଅନ୍ତିମ ସନ୍ଧ୍ୟାରେ ଦେଶ ତଥା ବଲିଉଡ ଜଗତର ଖ୍ୟାତନାମା ଗାୟକ ସୋନୁ ନିଗମଙ୍କ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ଉପସ୍ଥିତ ହଜାର ହଜାର ଦର୍ଶକ ବିମୋହିତ ହୋଇଥିଲେ । ଏଥିରେ ସୋନୁ ନିଗମ ଓଡ଼ିଆ ଭଜନ ସହ ଚର୍ଚ୍ଚିତ ହିନ୍ଦୀ ସଂଗୀତ ପରିବେଷଣ କରିଥିଲେ । ତେବେ ପ୍ରଥମ ଥର ପାଇଁ ବାଲିଯାତ୍ରା କମିଟି ପକ୍ଷରୁ ଏଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ଜେ.ସୋନାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସପ୍ତାହ ବ୍ୟାପି ମହୋତ୍ସବରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ ।

## ସମସ୍ୟା ଘେରରେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ପାଠଚକ୍ର କାହା ସ୍ୱାର୍ଥରେ ?

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବ୍ଲକ ଭୋଦର ପଞ୍ଚାୟତ ଚାରିଛକ ନିଗମାନନ୍ଦ ମହା ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ରହିଥିବା ବେଳେ ଛାତ୍ରୀ ନିବାସ ଦୀର୍ଘଦିନ ହେବ ମରାମତି ହେଉଥିବାରୁ ସେହି କଲେଗ ମଧ୍ୟରେ ଛାତ୍ରୀଙ୍କୁ ରଖାନଯାଇ ବାହାରକୁ ଯିବା ଘଟଣାକୁ ନେଇ ଛାତ୍ରୀଙ୍କ ସୁରକ୍ଷା ଉପରେ ସନ୍ଦେହ ପ୍ରକଟ ହୋଇଛି । ଛାତ୍ରୀମାନେ ଏହି କଲେଜରେ ପଢି ବାହାରେ ଘର ଭଡାନେଇ ରହୁଥିବା ଘଟଣା ଅଡୁଆ ଲାଗୁଥିଲେ ମଧ କୌଣସି ଖରାପ ପରିସ୍ଥିତି ପାଇଁ କିଏ ଦାୟୀ ରହିବ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଅପେକ ସମୟରେ କଲେଜ ପରିସରରେ କେତେଜଣ କର୍ମଚାରୀଙ୍କୁ ନେଇ ପାଠଚକ୍ର ନାମରେ କାର୍ଯ୍ୟ ହୋଇଛିକି ନାହିଁ ତାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରି କଲେଜ କର୍ତ୍ତୃପକ୍ଷ ବାହାବା ନେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଗତି କରୁଅଛି । ଲେଡିଜ୍ ହଷ୍ଟେଲରେ ଛାତ୍ରୀମାନେ ରହୁନଥିବା ବେଳେ ଅନ୍ୟ ଠାରେ ଘରଭଡା ନେଇ ରହିବା ପାଇଁ କୁହାଯାଇଛି । ଦୀର୍ଘଦିନ ହେବ ଛାତ୍ରମାନେ ବାହାରେ ରହୁଥିବା ବେଳେ କଲେଜ ହଷ୍ଟେଲର କାର୍ଯ୍ୟ ସରୁନାହିଁ । ଏହି ମହିଳା କଲେଜରେ ଘର ନିର୍ମାଣ କରୁଥିବା କେତେକ କର୍ମଚାରୀ ରହୁଥିବା ବେଳେ କଣ ପାଇଁ ଛାତ୍ରୀନିବାସ କାର୍ଯ୍ୟ ସରୁନାହିଁ । ଏହି ବିଳମ୍ବକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଠିକାଦାର କଣ ପାଇଁ କାର୍ଯ୍ୟ ବିଳମ୍ବ କରୁଛି, ଛାତ୍ରୀମାନେ ବାହାରେ ଭଡା ନେଇ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି, ଏହି ଘଟଣା ପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହୋଇଛି । ଅନେକ ସମୟରେ କଲେଜରେ ବିଭିନ୍ନ ପାଠଚକ୍ର ଅନୁଷ୍ଠିତ ହେଉଛି । ଏହି ପାଠଚକ୍ରରେ ସବୁ ସମୟରେ ପୂର୍ବତନ ଅବସରପ୍ରାପ୍ତ କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଛି । ନିମାପଡା ଅଞ୍ଚଳରେ ବହୁ ଜ୍ଞାନୀ ଗୁଣି ଶିକ୍ଷାବିତ୍ ଥିବାବେଳେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଅଧକ୍ଷା କଣ ପାଇଁ ବିଭିନ୍ନ କାର୍ଯ୍ୟରେ ଡକାଇ ସଭାସମିତି କରୁଛନ୍ତି ବୋଲି ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ଘଟଣା ପ୍ରତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଷ୍ଟି ଦେବା ପାଇଁ ଦାବି ହୋଇଥିବା ବେଳେ ଜଣେ ସୂଚନା କର୍ମୀ ସୂଚନା ବଳରେ କଲେଜର ସମସ୍ତ ତଥ୍ୟ ମାଗିବେ ବୋଲି ପ୍ରତିନିଧିଙ୍କୁ କହିଛନ୍ତି ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ବୁର୍ଲା(ଭାସ୍କର ନ୍ୟୁଜ): ପଶ୍ଚିମ ଓଡିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲର ବ୍ରଜରାଜନଗର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ଏହି ଘଟଣା ନେଇ ବ୍ରଜରାଜନଗର ଥାନରେ ମାମଲା ହେବା ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ବ୍ରଜରାଜନଗର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ କର୍ମଚାରୀ ଲାଇନମ୍ୟାନ୍ ରାଜେଶ ରାୟ (୨୮) । ଗତକାଲି ଶ୍ରୀ ରାୟ କାର୍ଯ୍ୟାଳୟରେ ବ୍ୟସ୍ତ ଥିବାବେଳେ ଅପରାହ୍ନ ପ୍ରାୟ ୩ଟା ବେଳେ ଟିକା କାନ୍ତ, ପିତା-କାର୍ତ୍ତିକ କାନ୍ତ, ଘର- ଚୂନାଭଟା) ନାମକ ଜଣେ ଦୁର୍ବୃତ୍ତ ଟିପିଡବଲୁଓଡିଏଲର ବ୍ରଜରାଜନଗରସ୍ଥିତ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ବଳପୂର୍ବକ ପ୍ରବେଶ କରି ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ କିଏ ବିଚ୍ଛିନ୍ନ କରିଛି ବୋଲି କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଶ୍ରୀ ରାୟଙ୍କୁ ଧମକପୂର୍ଣ୍ଣ ଭାବେ ପ୍ରଶ୍ନ କରିଥିଲେ । ତେବେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନେଇ ତାଙ୍କ ପାଖରେ କୌଣସି ସୂଚନା ନଥିବା ଶ୍ରୀ ରାୟ କହିଥିଲେ । ପରେ କ୍ରୋଧାନ୍ୱିତ ହୋଇ ଅଭିଯୁକ୍ତ ଶ୍ରୀ ରାୟଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ । ତେବେ ଉପସ୍ଥିତ ବୁଦ୍ଧି ପ୍ରୟୋଗ ପରେ ଶ୍ରୀ ରାୟ ଅଳ୍ପକେ ଆକ୍ରମଣରୁ ରକ୍ଷା ପାଇଥିଲେ । ଏନେଇ ଶ୍ରୀ ରାୟ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବ୍ରଜରାଜନଗର ଥାନା ପୋଲିସ ଦଫା ୧୨୬(୨), ୧୧୫(୨), ୧୦୯ ଏବଂ ୩୫୧(୨)ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଟିକା କାନ୍ତକୁ ଗିରଫ କରିଛି ।

## ଭକ୍ତି ଓ ଭଗବାନଙ୍କ ନାମରେ ବେପାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଭଗବାନଙ୍କ ନାମରେ କେତେକ ବାବା ଓ ମାତା ଭାଣ୍ଡାମି ଚଳାଇଥିବା ବେଳେ ବିଶେଷ କରି ପୁରୀ ଜିଲ୍ଲା ନିମାପଡାରେ ହୁକୁମ ନାମରେ ଚାଲିଛି ଭାଣ୍ଡାମି । ଲୋକଙ୍କୁ ଭୁଆଁ ବୁଲାଇ ଭଗବାନଙ୍କ ନାମରେ ଟଙ୍କା ଆଦାୟ ହେଉଥିବା ଖବର ବିଶେଷ ସୂତ୍ରରୁ ଜଣାପଡିଛି । ଅଧିକ ଅର୍ଥ ରୋଜଗାର କରିବାର ଏହା ଏକ ମାଧ୍ୟମ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି । ଭକ୍ତି ଓ ଭଗବାନଙ୍କ ନାମରେ ବ୍ୟାପାର ଚାଲିଥିବା ବେଳେ ଲୋକମାନଙ୍କର ଭାବାବେଗ ସହ ଖେଳୁଛନ୍ତି । ଏପରି ଲୋକମାନଙ୍କୁ କ୍ଷମା ଦିଆଯିବ ନାହିଁ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ । ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ କଳ୍‌କୀ ବାବାଙ୍କ କଳା କାରନାମା ପଦାରେ ପଡିଥିବା ବେଳେ ଏହି ଘଟଣାକୁ ନେଇ ହୁକୁମ୍ ଦେଉଥିବା ଅନେକ ବାବା ଓ ମାତା ଲୁଚିବା ଆରମ୍ଭ କରୁଛନ୍ତି । କେଉଁ ମହିଳାଙ୍କ ସନ୍ତାନ ହେଉନାହିଁ, ପ୍ରେମିକ ସହିତ ପ୍ରେମିକାକୁ ଯୋଡିବା, ପତି ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର କରିବା, ଅଧିକା ଅର୍ଥ ରୋଜଗାର କରିବା ଅନେକ ସମସ୍ୟାର ସମାଧାନ କରିଦେବା କହି ଦେବାଦେବୀଙ୍କ ନାମରେ ହୁକୁମ୍ ଚାଲିଛି । ତୁଳ, ସୀପୁର ପଞ୍ଚାୟତ ସମେତ ଅନ୍ୟ ୬ଟି ସ୍ଥାନରେ ଏପରି ହୁକୁମ୍‌କୁ ନେଇ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ଅର୍ଥ ରୋଜଗାରର ବାଟ ଖୋଲାଯାଉଛି । ବାବା ମାତାମାନେ ଏପରି କରୁଥିବା ବେଳେ ତୁଳସୀପୁର ଅଞ୍ଚଳରେ ଜଣେ କାଳିସୀ ହୁକୁମ୍ ଦେଇ ସମସ୍ତ ରୋଗ ନିବାରଣ କରିବା ସହ ବଡ ବଡ ସମସ୍ୟାର ସମାଧାନ କରୁଛନ୍ତି ବୋଲି ତାଙ୍କର କେତେକ ଚାଟୁକାର କହୁଛନ୍ତି । ଚାଟୁକାରମାନେ ଗାଁ ଗହଳି ବୁଲି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଡାକି ଆଣୁଛନ୍ତି । ଏପରି ଘଟଣା ଉପରେ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଥିବା ବେଳେ କେଉଁ ଜାଗାରେ ହୁକୁମ୍ ଚାଲିଛି ସେ ସଂପର୍କରେ ରିପୋର୍ଟ ମଗାଯାଇଛି । ଏହି ରିପୋର୍ଟ ଆସିବା ପରେ ଭଗବାନଙ୍କ ନାମ ନେଇ ଲୋକଙ୍କ ଭାବାବେଗ ସହିତ ଖେଳୁଥିବା ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂସ୍କୃତି ମନ୍ତ୍ରୀ କହିଛନ୍ତି । ପ୍ରକାଶ ଥାଉକି ଅନେକ ବ୍ୟକ୍ତି ପ୍ରତିଷ୍ଠିତ ଗୁଣିଆ କହି ନିମାପଡାକୁ ଆସି ସେମାନଙ୍କ ବେପାର ଜମାଇଛନ୍ତି । ଅନେକ ବ୍ୟକ୍ତି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଆ ପାଖକୁ ଯାଇ ଗୁଣିଗାରେଡି କରି ଅନ୍ୟ ଲୋକଙ୍କୁ ବଶ କରିବା ପାଇଁ ରିତିମତ ଲାଗିପଡିଛନ୍ତି । ଏହି ଘଟଣା ଉପରେ ଦୃଷ୍ଟି ଦିଅଗଲେ ଭଣ୍ଡ ଗୁଣିଆଙ୍କ ଭାଣ୍ଡାମି ଧରାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଇଡା(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅଧିନସ୍ତ ମାଲଦା ପଞ୍ଚାୟତ କଲମଙ୍ଗ (ସଂଖପଡ଼ା) ଗ୍ରାମରେ ଘଟି ଯାଇଛି ଅଭାବନୀୟ ଘଟଣା । ଘଟଣାରୁ ପ୍ରକାଶ ଗତ କିଛି ଦିନ ହେବ ବିକୃତ ମସ୍ତିକ ଥିବା ବିର୍ସା ମୁଣ୍ଡା ଏ ଗାଁ ସେ ଗାଁ ବୁଲୁଥିଲେ । ଗତକାଲି ସକାଳୁ ବୁଲି ବୁଲି ଭିଣୋଇ ରୟା ମୁଣ୍ଡାଙ୍କ ଘରେ ବିର୍ସା ମୁଣ୍ଡା ଆସି ପହଞ୍ଚି ଥିଲେ । ରୟା ମୁଣ୍ଡାଙ୍କ ଘର ଲୋକମାନେ କୌଣସି କାମ ପାଇଁ ବାହାରକୁ ଯାଇଥିବା ସମୟରେ ବିକୃତ ମତିସ୍କ ବିର୍ସା ମୁଣ୍ଡା ଘର ଭିତରେ କବାଟ ବନ୍ଦକରି ବେକରେ ରସି ଲଗାଇ ଥିଲେ । ଭିଣୋଇ ଘର ଲୋକ କାମ ସାରି ଆସି କବାଟ ଖୋଲିବା ବେଳେ କବାଟ ବନ୍ଦ ଅଛି । ସଙ୍ଗେ ସଙ୍ଗେ ଭିଣୋଇ ଘରର ଲୋକମାନେ ସାହି ଲୋକଙ୍କୁ ଡାକି କବାଟ ଭାଙ୍ଗି ଦେଖିଲା ପରେ ବିର୍ସା ମୁଣ୍ଡା ବେକରେ ରଶି ଲଗାଇ ଝୁଲୁଛି । ସେତେବେଳକୁ ବିର୍ସା ମୁଣ୍ଡାଙ୍କ ମୃତ ଘଟିସରିଛି । ମୃତଦେହ ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ । ସରପଞ୍ଚ ସଙ୍ଗେ ସଙ୍ଗେ କୋଇଡ଼ା ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ କୋଇଡ଼ା ପୋଲିସ ପହଞ୍ଚି ଶବକୁ ଜବତ କରି ପଚାର ଉଚରା ଜାରି ରଖିଛି । ମୃତ ବିର୍ସା ମୁଣ୍ଡାଙ୍କ ଘର କେନ୍ଦୁଝର ଜିଲ୍ଲାର ସିଲିଯୋଡ଼ା ବୋଲି ଜଣାପଡିଛି ।

## ଟ୍ରକ୍ ଚାପାରେ ମୋଟର ସାଇକଲ ଚାଳକ ମୃତ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ରାଞ୍ଚି-ବିଜୟୱାଡା ୩୨୬ ନଂ ଜାତୀୟ ରାଜପଥର ଏମଭି-୧୩ ଗ୍ରାମ ନିକଟରେ ଟ୍ରକ ଦୁର୍ଘଟଣାରେ ଜଣେ ମୋଟର ସାଇକେଲ ଚାଳକ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ତେବେ ଟ୍ରକ ଡ୍ରାଇଭର ଜଣକ ନିଜ ଟ୍ରକର ଭାରସାମ୍ୟ ହରାଇ ଗୋଟିଏ ଘରକୁ ନେଇ ଧକ୍କା ଦେଇଥିବା ବେଳେ ଘରଟିର ବିଶେଷ କ୍ଷତି ହୋଇନଥିବା ଜଣାପଡିଛି । କିନ୍ତୁ ଅନ୍ୟପଟେ ସାମ୍ନା ପଟୁ ଆସୁଥିବା ଏକ ମୋଟର ସାଇକେଲ ଚାଳକକୁ ଧକ୍କା ଦେଇଥିବା ବେଳେ ଘଟଣା ସ୍ଥଳରେ ମୋଟର ସାଇକେଲ ଚାଳକ ଜଣକ ମୃତ୍ୟ ବରଣ କରିଥିବା ଜଣାପଡ଼ି ଛି । ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଜଣକ ଫେରାର ହୋଇଯାଇଥିବା ବେଳେ ଅନ୍ୟପଟେ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ତଦନ୍ତ କରୁଥିବା ଜଣାପଡିଛି ।

## ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ବରକନ୍ଦରୁ ଦାରୁ ଚିହ୍ନଟ



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ବରକନ୍ଦ ଗ୍ରାମରେ ଗୁରୁବାର ମହାପ୍ରଭୁ ଜଗନ୍ନାଥଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଦାରୁ ଚିହ୍ନଟ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଧୀନ ନାଇକୁଡି ପଞ୍ଚାୟତରେ ନାଇକୁଡି ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିର୍ମାଣ ପାଇଁ ବହୁ ଦିନ ଧରି ଦାରୁ ଖୋଜାଖୋଜି କରିଥିଲେ ମଧ ଦାରୁ ମିଳିଲା ନାହିଁ । ତେବେ କିଛିଦିନ ପୂର୍ବେ ନାଇକୁଡି ଗ୍ରାମର ଉତ୍ତର-ପଶ୍ଚିମ ଦିଗରେ ଠାକୁରଙ୍କ ବିଗ୍ରହ ନିର୍ମାଣ ପାଇଁ ଜଣଙ୍କ ବାଡ଼ିରେ ଏକ ଗଛ ଥିବା ସ୍ୱପ୍ନାଦେଷ ହୋଇଥିଲା ବୋଲି କହିଛନ୍ତି ମନ୍ଦିର ନିର୍ମାଣ କରୁଥିବା ମହାରଣା ବିଶ୍ୱନାଥ ଘୋଡାଇ । ଏହାପରେ ବିଶ୍ୱନାଥ, ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ଉତ୍ତର-ପଶ୍ଚିମ ଦିଗରେ ଖୋଜାଖୋଜି କରିବା ସମୟରେ ଜାଣିବାକୁ ପାଇଲେ ଯେ ମୋରଡ଼ା ବ୍ଲକ ଅଧୀନ ବରକନ୍ଦ ଗ୍ରାମର ବିରଞ୍ଚି ନାରାୟଣ ନାୟକଙ୍କ ବାଡ଼ିରେ ଥିବା ନିମ୍ବଗଛକୁ ବହୁଦିନ ଧରି ପୂଜାର୍ଚ୍ଚନା କରିବା ସହ ଉକ୍ତ ଗଛରେ ଠାକୁରଙ୍କ ନବଗ୍ରହ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଏହା ଜାଣିବା ପରେ ବିଶ୍ୱନାଥ ଘୋଡେଇ, ଜଗନ୍ନାଥଙ୍କ ବିଗ୍ରହ କରୁଥିବା ଚିନ୍ତାମଣି ମହାରଣା ବରକନ୍ଦସ୍ଥିତ ବିରଞ୍ଚିଙ୍କ ଘରେ ପହଞ୍ଚି ନୂତନ ବିଗ୍ରହଙ୍କ ନିର୍ମାଣ ବିଷୟରେ କହିବାରୁ ବିରଞ୍ଚି ଓ ତାଙ୍କ ପରିବାର ଦାରୁ ଦାନ କରିବା ପାଇଁ ରାଜି ହୋଇଥିଲେ । ତେବେ ବାଡ଼ିରେ ଅନେକ ଗଛ ଥିବାବେଳେ ବିରଞ୍ଚି ନାୟକଙ୍କ ଦୁଇବର୍ଷର ନାତୁଣୀ ଦ୍ୟିବାଂଶୁ ନାୟକ କହିଥିଲେ ଘର ପଛରେ ସେ ଗଛ ଅଛି । ପରେ ଉକ୍ତ ପରିବାରର ଆଉ ଜଣେ ନାତୁଣୀ ତନିସା ନାୟକ ଉକ୍ତ ଗଛକୁ ଚିହ୍ନଟ କରିଥିଲେ । ଉକ୍ତ ଦାରୁର ପୂଜାର୍ଚ୍ଚନା ଆରମ୍ଭ କରି ରିତିନୀତି ଅନୁଯାୟୀ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ପାଇଁ ପୁରୀରୁ ଆସିଥିବା ଚିନ୍ତାମଣି ମହାରଣା କହିଛନ୍ତି ଯେ ୨୧ ଦିନ ଭିତରେ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ତେବେ ମୋରଡା ଅଞ୍ଚଳରୁ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ଯାଉଥିବାରୁ ଅଞ୍ଚଳବାସୀ ଆନନ୍ଦିତ ହୋଇପଡ଼ିଥିଲେ ।

## ମୁଖ୍ୟମନ୍ତ୍ରୀ ମକା ମିଶନ ଚତୁର୍ଥ ପର୍ଯ୍ୟାୟ ତାଲିମ ଶିବିର




କେନ୍ଦୁଝର(ଭାସ୍କର ନ୍ୟୁଜ): ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବାନଯୋଡି ସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ୍ ଆଇଡିଆଲ ଡେଭଲପମେଣ୍ଟ ଏଜେନ୍ସିର ସଭାଗୃହରେ ମୁଖ୍ୟମନ୍ତ୍ରୀ ମକା ମିଶନ ପ୍ରକଳ୍ପର ଚତୁର୍ଥ ପ୍ରଯ୍ୟାୟ ତାଲିମ୍‌ଦାତାଙ୍କ ତାଲିମ ଶିବିର ଅନଷ୍ଠିତ ହୋଇଯାଇଛି । ଏହି ଶିବିରରେ ଉପଯୁକ୍ତ ମକର ଚୟନ, ସୁରକ୍ଷା ଓ ସଠିକ୍ ମୂଲ୍ୟରେ କେମିତି ମକାର ବିକ୍ରୟ କରିହେବ ସେ ବିଷୟରେ ବିସ୍ତୃତ ଆଲୋଚନା ଓ ତାଲିମ୍ ଦିଆଯାଇଥିଲା । ଏହି ଶିବିରରେ କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ମକା ଉତ୍ପାଦନର ସମୟ ଓ ଉତ୍ପାଦନ ପରେ ସୁରକ୍ଷା ବିଷୟରେ, ଚମ୍ପୁଆ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ୍ ସୋରେନ୍ ମକାର ଗୁଣ, ଗ୍ରେଡ଼ିଂ ପଦ୍ଧତି ଓ ମକାର ଗୁଣ ନିୟନ୍ତ୍ରଣ ବିଷୟରେ, କେନ୍ଦୁଝର ମକା ମିଶନର ଯୋଜନା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ମକାରେ ପୋକ ଓ ରୋଗ ନିୟନ୍ତ୍ରଣ ବିଷୟରେ, ଆରଆରଟିଟି ଏସ, କେନ୍ଦୁଝରର ବୈଜ୍ଞାନିକ ଡକ୍ଟର କିଶୋର ଚନ୍ଦ୍ର ସାହୁ ସଫଳ ମକାର ଉତ୍ପାଦନର ସମସ୍ତ ପ୍ରଣାଳୀ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଉତ୍ପାଦିତ ମକାକୁ ଭଣ୍ଡାରରେ କେମିତି ସଞ୍ଚୟ କରି ରଖାଯିବ ସେ ବିଷୟରେ ଜିଲ୍ଲା କୃଷି ଅଧିକାରୀ କେନ୍ଦୁଝର ଗୋକୁଳ ଚନ୍ଦ୍ର ପ୍ରଧାନ, ସମୟ ସଠିକ୍ ଉପଯୋଗରେ କେମିତି ମକା ଫସଲର ଉତ୍ପାଦନ ବୃଦ୍ଧି କରିହେବ ସେ ବିଷୟରେ ଗ୍ରାମୀଣ ସ୍ୱରୋଜଗାର ଓ ପ୍ରଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ହରେକୃଷ୍ଣ ମହାନ୍ତ ତଥ୍ୟ ପ୍ରଦାନ କରିଥିଲେ । ଝୁମ୍ପୁରା ବ୍ଲକ୍ କୃଷି ଅଧିକାରୀ ରତିକାନ୍ତ ମହାନ୍ତି ମକା ଉତ୍ପାଦନର ପ୍ରଣାଳୀ ଓ ଉନ୍ନତୀକରଣ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା କୋର୍ଡିନେଟର ହରିଶ୍ ମହାନ୍ତ ମକାର କ୍ରୟ ଓ ବିକ୍ରୟ ଉପରେ ଝୁଂପରା ବ୍ଲକ୍‌ରୁ ଚୟନ ହୋଇଥିବା ତାଲିମ୍‌ଦାତାଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ପ୍ରକଳ୍ପ ସଂଯୋଜକ ଦେବରଞ୍ଜନ୍ ଦାସ ତଦାରଖ କରିଥିବା ବେଳେ ଆଇଡିଏ କାର୍ଯ୍ୟନିର୍ବାହୀ ସେବତୀ ସିଂ ମଞ୍ଚ ପରିଚାଳନା କରିଥିଲେ । ଆଇଡିଏର ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ, ସୌରଭ ମହାନ୍ତି ଓ ନିରଂଜନ ପୃଷ୍ଟି ତାଲିମ୍ ଶିବିର ପରିଚାଳନାରେ ସହଯୋଗ କରିଥିଲା ବେଳେ ଏସଏମ ଫରଦିନ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଭୀମ ଭୋଇ ସାମର୍ଥ୍ୟ ଶିବିରରେ ୧୦୪୫ ଭିନ୍ନକ୍ଷମ ପଞ୍ଜିକୃତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ପ୍ରଶାସନ ତରଫରୁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମାନସିକ ଅନଗ୍ରସର ୨୦୯ ଜଣ, ଅସ୍ଥିଶଲ୍ୟ ୩୫୭ ଜଣ, ଦୃଷ୍ଟି ବାଧକ ୧୧୯ଜଣ, ଶ୍ରବଣ ବାଧକ ୧୧୯ ଜଣ ଓ ଶିଶୁ ବିଭାଗରେ ୧୬ ଜଣ ସମୁଦାୟ ୮୨୦ ଜଣଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ୧୦୪୫ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହେବା ସର୍ବକାଳୀନ ରେକର୍ଡ଼ ବୋଲି କୁହାଯାଉଛି । ସେଥି ମଧ୍ୟରୁ ୨୧ ଜଣଙ୍କୁ ବସ୍ ପାସ, ୩ ଜଣଙ୍କୁ ବାଣୀଶ୍ରୀ ବୃତ୍ତି ଓ ୧୦ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଙ୍କ ଋଣ ପ୍ରଦାନ ପାଇଁ ପ୍ରମାଣ ପତ୍ର କରାଯାଇଥିଲା । ବିଡିଓ ଆୟୁସୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତରମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ଉପକରଣ, ଔଷଧ, ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଆକାଉଣ୍ଟ ଅଫିସର ପ୍ରଶାନ୍ତ କୁମାର ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର ଓ ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଭୁବନ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଆଣ୍ଡ ଗାଇଡ ଛାତ୍ର ଏବଂ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ବେଆଇନ୍ ଗଞ୍ଜେଇ ଚାଷ ନଷ୍ଟ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ବିଭିନ୍ନ ଅଞ୍ଚଳରେ ବେଆଇନ ଚାଷ ହୋଇଥିବା ଗଞ୍ଜେଇ ଅମଳ ପୂର୍ବରୁ ତତ୍ପରତା ଦେଖାଇଛି ଓର୍କେଲ ପୋଲିସ । ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଗୁରୁବାର ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏଏସଆଇ ବିଜୟ କୁମାର ବେନିଆ ଓ ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧିନସ୍ତ ମଜୁରଲେଣ୍ଡି ପାହାଡ଼ରେ ପ୍ରାୟ ୫ଏକର ବେଆଇନ ଚାଷ ହୋଇଥିବା ପ୍ରାୟ ୬୦୦୦ରୁ ଉର୍ଦ୍ଧ ଗଞ୍ଜେଇ ଗଛକୁ କାଟି ଖଇରପୁଟ ତହସିଲଦାର ଏମ ପ୍ରମୋଦ କୁମାର ବେହେରାଙ୍କ ଉପସ୍ଥିତରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି । ଏ ନେଇ ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର-୩୬୫/୨୪ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଓ ଜେଜେ ବାପା, ଜେଜେ ମା' ସମ୍ମିଳନୀ





ଭୁବନ(ଭାସ୍କର ନ୍ୟୁଜ): ଭୁବନ ସହର ଉପକଣ୍ଠସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ବର୍ଷର କନ୍ୟା ଶିବିର, ଜେଜେ ବାପା, ଜେଜେ ମା' ଓ ଅଜାଆଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଅନୁଷ୍ଠିତ କନ୍ୟା ଶିବିରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଧାରାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଭଉଣୀମାନଙ୍କୁ କନ୍ୟା ଜୀବନର ସାର୍ଥକତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏଥିରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୧ ଜଣ ଶିଶୁ ଭଉଣୀ ଯୋଗଦେଇ ନୃତ୍ୟ, ସଙ୍ଗୀତ,ସିଲେଇ କଳା, ଝୋଟି, ମୁରୁଜ ଇତ୍ୟାଦି ପାରମ୍ପରିକ କାର୍ଯ୍ୟକୁ ଶିକ୍ଷଣ କରିବା ସହ ଶାରୀରିକ ସୁସ୍ଥତା ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଜେଜେ ବାପା, ଜେଜେ ମା ଓ ଅଜା, ଆଇ ସମ୍ମିଳନୀରେ ଅବସରପ୍ରାପ୍ତ ଅଧ୍ୟାପକ ସନାତନ ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ତୁଷାରକାନ୍ତି ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁଙ୍କୁ ସୁନାଗରିକ ଭାବେ ଗଠନ କରିବା ଦିଗରେ ଜେଜେ ବାପା, ଜେଜେ ମା'ଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଜଗବନ୍ଧୁ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଢେଙ୍କାନାଳ ଜିଲ୍ଲା ପ୍ରମୁଖ ନିର୍ମଳ କୁମାର ସେନାପତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ସମସ୍ତ ଗୁରୁଜୀ, ଗୁରୁମା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ସରିଲା ମିଳିତ ସମରାଭ୍ୟାସ 'ସାଗର କବଚ'



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ । ଚଳିତ ବର୍ଷ ଦ୍ୱିତୀୟଥର ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇଦିନିଆଁ ମିଳିତ ସମରାଭ୍ୟାସ ସାଗର କବଚ ଅଥବା ସି ଭିଜିଲ ଅନୁଷ୍ଠିତ ହୋଇଯାଇଛି । ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଦ୍ୱିତୀୟ ଦିନରେ ଗୁରୁବାର ସକାଳଠାରୁ ଆରମ୍ଭ ହୋଇଥିବା ସମରାଭ୍ୟାସ ସାଗର କବଚ ଅଥବା ସି ଭିଜିଲି ଶେଷ ହୋଇଛି । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ ନସାଗର କବଚ । ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି । ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ଦ୍ୱିତୀୟ ଦିନରେ ଗୁରୁବାର ସକାଳ ୬ରୁ ଆରମ୍ଭ ହୋଇଥିବା ସମରାଭ୍ୟାସ ବେଳେ ରେଡ ଫୋର୍ସ ୩ ଜଣ ଗୁପ୍ତ ଶତ୍ରୁଙ୍କୁ ଧରିଥିଲେ ବ୍ଲୁ ବାହିନୀ । ସେମାନେ ହେଲେ ଆଇଏନଏସ ଚିଲିକାର ସୁଦାମ ପ୍ରଧାନ, ବି ରମେଶ ଓ ପରମାନନ୍ଦ ରେଡି ନୂଆଗଡ ଜେଠି ରେଡ ଫୋର୍ସ ଭୂମିକା ଉପକୂଳକୁ ପ୍ରବେଶ କରୁଥିବା ବେଳେ ବ୍ଲୁବାହିନୀ ଗୁରୁବାର ସକାଳ ୬ଘ ୩୦ମିନିଟ ସମୟରେ ଧରିଥିଲେ ।ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି । ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ । ବ୍ଲୁ ଫୋର୍ସ ଓ ରେଡ ଫୋର୍ସ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି । ରେଡ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ନିର୍ବାହ କରିବେ ଏବଂ ବ୍ଲୁ ଫୋର୍ସ ପୁଲିସ ତଥା ସୁରକ୍ଷା ବାହିନୀର ଭୂମିକା ତୁଲାଇବେ । ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁପକ୍ଷ ହୋଇ ଦୂରସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ସମୁଦ୍ର ପଥ, ବସ ତଥା ଯାନବାହନ ଆଦିରେ ରେଡ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ । ସମୁଦ୍ରରେ ସନ୍ଦେହ ଜନକ ଭାବେ ଯାତାୟାତ କରୁଥିବା ଡ଼ଙ୍ଗାକୁ ଚିହ୍ନଟ କରିବେ । ବାହ୍ୟ ଶତ୍ରୁଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ ୨ ଥର କରାଯାଇଥାଏ । କିଭଳି ଭାବେ ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶିନଯିବେ ସେ ନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ । କାର୍ଯ୍ୟକ୍ରମରେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ମାଷ୍ଟର ପ୍ରକାଶ ଦାସ, ଅତିରିକ୍ତ ମାଷ୍ଟର ସୁଧୀର କୁମାର ପ୍ରଧାନ, କ୍ଷୀରୋଦ କୁମାର ସାହୁ, ଏସଆଇ ଜଗବନ୍ଧୁ ପରିଡାଙ୍କ ସହ ଅନେକ ଅଧିକାରୀ ମାନେ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନୁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ବୋହିନେଲେ ବିଲାତି

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ୪୯ ନମ୍ବର ଜାତୀୟ ରାଜପଥ ଚେମଣା ନର୍ସରୀ ଛକରେ ବୁଧବାର ଭାରସାମ୍ୟ ହରାଇ ଏକ ବିଲାତି ବୋଝେଇ ଟ୍ରକ ଓଲଟି ପଡିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମାନବିକତା ଦେଖାଇ ଡ୍ରାଇଭର ହେଲପରଙ୍କୁ ଉଦ୍ଧାର କରିବାକୁ ଭୁଲି ଟ୍ରେ ଟ୍ରେ ବିଲାତି ଘରକୁ ବୋହି ନେଇଥିଲେ । ଏ ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଟ୍ରକଟି ନାସିକରୁ ବିଲାତି ନେଇ କୋଲକତା ଯାଉଥିଲା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରକଟି ଭାରସାମ୍ୟ ହରାଇ ଚେମଣା ନର୍ସରୀ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ଟ୍ରକଟି ରାସ୍ତା ଉପରେ ଓଲଟି ପଡିଥିଲା । ଏଥିରେ ଚାଳକ ଓ ଖଲକ୍ଷସି ଆହତ ହୋଇଥିଲେ । ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ବିଲାତି ଦର ଏବେ ମହଙ୍ଗା ଥିବାରୁ ସ୍ଥାନୀୟ ଲୋକେ ବିଲାତି ଘରକୁ ବୋହି ନେଇଥିଲେ । ପ୍ରାୟ ଲକ୍ଷାଧିକ ଟଙ୍କାର ବିଲାତି ନଷ୍ଟ ହୋଇଥିବା ଡ୍ରାଇଭରଙ୍କ ଠାରୁ ପ୍ରକାଶ । ପରେ ପୋଲିସ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇ ତଦନ୍ତ କରୁଛି ।

# ସୁନାହଜା ଜଙ୍ଗଲରେ ହାତୀ ମୃତଦେହ ଠାବ



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଞ୍ଚଳରୁ ପୁଣି ସାମ୍ନାକୁ ଆସିଛି ଏକ ହାତୀ ମୃତ୍ୟୁ ଘଟଣା । ତେବେ ହାତୀ ମୃତ୍ୟୁ ପଛରେ ବନବିଭାଗର ଅବହେଳା ଏକମାତ୍ର କାରଣ ବୋଲି ଆଲୋଚନା ହେଉଛି । ଗୋଟେପଟେ ହାତୀର ଗତିବିଧି ଉପରେ ବନବିଭାଗ ତୀକ୍ଷ୍ଣ ନଜର ରଖୁଥିବା କଥା ଦୃଢତାର ସହ ବିଭିନ୍ନ ସମୟରେ କହି ଆସୁଥିବା ବେଳେ ଏଠାରେ କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ହାତୀ ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି । ଯଦି ବେତନଟୀ ରେଞ୍ଜ ଅଧିକାରୀ ହାତୀର ଗତିବିଧି ଉପରେ ନଜର ରଖିଥାନ୍ତେ ହୁଏତ ଏହି ଅସ୍ୱାଭାବିକ ମୃତ୍ୟୁକୁ ଏଡ଼ାଯାଇ ପାରିଥାନ୍ତା ବୋଲି ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି । ମାତ୍ର ହାତୀପଲ ପାଇଁ ସ୍ଥାନୀୟ ଲୋକମାନେ ଚିନ୍ତା ସାଙ୍ଗକୁ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ସଂପୃକ୍ତ ବିଭାଗର ଅଧିକାରୀ ବେଫିକର ରହି ହାତୀ ନାମରେ କାଗଜପତ୍ରରେ ଲୁଟୁଥିବା ଭଳି ଚାପା ଗୁଞ୍ଜରଣ ହେଉଥିବା ଲକ୍ଷ୍ୟ କରାଯାଉଛି ।ଫଳରେ ଏ ହାତୀ ମୃତ୍ୟୁ ଭଳି ସ୍ପର୍ଶକାତର ଘଟଣା ସାମ୍ନାକୁ ଆସିଛି ଏବଂ ଏଥିପାଇଁ ବେତନଟୀ ରେଞ୍ଜର ମୁଖ୍ୟତଃ ଦାୟୀ ବୋଲି ଆଲୋଚନା ହେଉଥିବା ବେଳେ ଆଗକୁ କି କାର୍ଯ୍ୟାନୁଷ୍ଠାନ ହେଉଛି ତାଉପରେ ପରିବେଶ ଓ ପଶୁପ୍ରେମୀଙ୍କ ନଜର ରହିଥିବା ଜଣାପଡିଛି । ତେବେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ତଥା ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲର ସୁନାହଜା ନିକଟରେ ଏକ ହାତୀର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଉକ୍ତ ସଂରକ୍ଷିତ ଜଙ୍ଗଲରେ ଗତ ତିନିଦିନ ହେବ ଏକ ଏଗାର ଟିକିଆ ହାତୀପଲ ସ୍ଥାନୀୟ ଗ୍ରାମ ସୁନାହଜାରେ ଉପଦ୍ରବ ଚଳାଇଥିଲେ । ତେବେ ଆଜି ଅପରାହ୍ନ ଦୁଇଟା ସମୟରେ ସୁନାହଜା ଗ୍ରାମର ବନ ସୁରକ୍ଷା ସମିତି ସଭାପତି ମହେଶ୍ୱର ମହାନ୍ତ ତାଙ୍କ ବିଲକୁ ପାଣି ଛାଡିବାକୁ ଯାଇଥିବା ବେଳେ ବିଲରୁ ଅଳ୍ପ ଦୂରରେ ଥିବା ଏକ ପଙ୍କକାଦୁଅ ଦଲଦଲିରେ ଏକ ହାତୀ ଶୋଇଥିବା ଅବସ୍ଥାରେ ଦେଖିଥିଲେ ଏବଂ ପାଖକୁ ଯାଇ ଦେଖିଲା ବେଳକୁ ଉକ୍ତ ହାତୀଟି ମୃତ୍ୟୁବରଣ କରିଥିବାର ଜାଣିବାକୁ ପାଇ ବନବିଭାଗକୁ ଖବର ଦେଇଥିଲେ । ତେବେ ବେତନଟୀ ରେଞ୍ଜର ଫ୍ଲିଡ ବୁଲୁ ନଥିବାରୁ ଏପରି ଘଟଣା ସାମ୍ନାକୁ ଆସୁଛି ବୋଲି ଖୋଲାଖୋଲି ଆଲୋଚନା ହେଉଛି । ପରେ ଖବରପାଇ ବେତନଟୀ ରେଞ୍ଜର ମନୱାର ଖାଁ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂସାମନ୍ତ, ଦୀପକ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିଜୟ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୃତ ହାତୀଟିର ବୟସ ପାୟ ୧୦ରୁ ୧୨ ବର୍ଷ ହେବ ଏବଂ ଦୁଇହାତୀ ମଧ୍ୟରେ ଲଢେଇ ସାଙ୍ଗକୁ ପଙ୍କ କାଦୁଅ ଦଲଦଲିରେ ପଶି ଅଣନିଶ୍ୱାସୀ ହୋଇ ହାତୀଟି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି ବୋଲି କହିଛନ୍ତି ଏସିଏଫ ରବିନାରାୟଣ ମହାନ୍ତି । ଅନ୍ୟପଟେ ମୃତହାତୀର ଶୁଣ୍ଢଟି କାଦୁଅ ଭିତରେ ପଶିଯାଇଥିବା ବେଳେ ପାଟିରୁ ରକ୍ତ ବାହାରୁଥିବା ଦେଖାଦେଇଛି । ଏହାପରେ ଘଟଣା ସ୍ଥଳରେ ଏସସିଏଫ ରବିନାରାୟଣ ମହାନ୍ତି ପହଞ୍ଚି ସ୍ଥିତି ଅନୁଧାନ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ଆସନ୍ତାକାଲି ଉକ୍ତ ମୃତ ହାତୀର ଶବ ବ୍ୟବଚ୍ଛେଦ ସହ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଭଦ୍ରକ, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ବୁଧବାର ଚାନ୍ଦବାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥିଭାବରେ ଭଦ୍ରକ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ଡ଼ାକ ବିଭାଗର ବିଜନେସ୍ ଏକ୍‌ଜିକିଭ୍ ସୋଭନ କୁମାର ମହାନ୍ତି, ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ, ଚାନ୍ଦବାଲି ବ୍ଲକର ବ୍ରାଞ୍ଚ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ବିପିଏମ୍ ଓଏଲ୍ଏମ୍ ବିଣାପାଣୀ ପଣ୍ଡା, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର ନାଗେଶ୍ୱର ରାଓ ଯୋଗ ଦେଇଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲି ଓ ସୋଭନ୍ କୁମାର ମହାନ୍ତି ଡ଼ାକଘରେ ଉପଲବ୍ଧ ଥିବା ସମସ୍ତ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ବୀମା ଯୋଜନା ସଂପର୍କରେ ଲୋକଙ୍କୁ ଜଣାଇଥିଲେ । ପଦ୍ମନ କୁମାର ରାୟ ସାଇବର ସୁରକ୍ଷା ଓ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଓ ବିପିଏମ୍ ଓଏଲ୍ଏମ୍ ଲୋକମାନଙ୍କୁ ସ୍ୱଳ୍ପ ସଞ୍ଚୟ ଯୋଜନାମାନଙ୍କରେ ସଞ୍ଚୟ କରିବା ପାଇଁ ଅନୁପ୍ରାଣୀତ କରିଥିଲେ । ଷ୍ଟେଟ୍ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ସାମାଜିକ ସୁରକ୍ଷା ବୀମା ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇଥିଲେ ।



### ବେଆଇନ ଖଣି ଉପରେ ପୋଲିସର ଚଢ଼ାଉ

# ୧୫ ଗାଡ଼ି ଜବତ, ୧୦ ଗିରଫ

ଢେଙ୍କାନାଳ,(ଭାସ୍କର ନ୍ୟୁଜ): ଢେଙ୍କାନାଳ ଏସ୍‌ପି ଅନୁଭବ ସୋନ୍‌କରଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପକ୍ଷରୁ ଭାପୁର ଅମାନ୍ତିପଡା ଅଞ୍ଚଳରେ ଚାଲିଥିବା ବେଆଇନ କଳା ମୁଗୁନି ପଥର ଖଣି ଉପରେ ସଦର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି । ଏହି ଚଢ଼ାଉରେ ବେଆଇନ ଭାବେ ବ୍ଲାଷ୍ଟିଂ କରି କଳା ମୁଗୁନି ପଥର ଚାଲାଣ ଚାଲିଥିବା ଘଟଣା ଧରାପଡ଼ିଛି । ଏହି ବେଆଇନ କାରବାରରେ ନିୟୋଜିତ ୫ଟି ହିଟାଚି, ୬ଟି ବ୍ଲାଷ୍ଟିଂ ମେସିନ ଓ ୭ଟି ଟ୍ରାକ୍ଟରକୁ ଜବତ କରିବାରେ ପୋଲିସ ସକ୍ଷମ ହୋଇଛି । ତେବେ ଏହି ବେଆଇନ ଖନନ କାର୍ଯ୍ୟରେ ଲାଗିଥିବା ୧୦ଜଣଙ୍କୁ ପୋଲିସ ଗିରଫ କରିଛି । ସୂଚନାଥାଉ କି, ଢେଙ୍କାନାଳ ଓଡ଼ପଡା ତହସିଲ ଅନ୍ତର୍ଗତ ଘଟିପିରି ଏହି ଅମାନ୍ତିପଡ଼ା ଅଞ୍ଚଳରେ ଥିବା ଭୁଆସୁଣି ପାହାଡ଼କୁ ବେଆଇନ ଭାବେ ବ୍ଲାଷ୍ଟିଂ ଚାଲିଥିଲା । ଟ୍ରିପ୍ ଟ୍ରିପ୍ କଳା ମୁଗୁନି ପଥର ଚୋରା ଚାଲାଣ କରାଯାଉଥିଲା । କୋଟି କୋଟି ଟଙ୍କାର ରାଜସ୍ୱ ଲୁଟୁଥିଲେ ଖଣି ମାଫିଆ । ଦୀର୍ଘ ଦିନ ହେଲା ବେଆଇନ ଭାବେ ହିଟାଚି ଓ ବ୍ଲାଷ୍ଟିଂ ମେସିନ ଲଗାଇ ଭୁଆସୁଣି ପାହାଡ଼କୁ କାଟି କୋଟି କୋଟି ଟଙ୍କାର କଳା ମୁଗୁନି ପଥର ଲୁଟି ଚାଲିଥିଲେ ମାଫିଆ । ଏପରିକି ଖଣି ମାଫିଆଙ୍କ ଦ୍ୱାରା ବେଆଇନ ଭାବେ ବ୍ଲାଷ୍ଟିଂ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ କୋଠା ବାଡ଼ି ସବୁ ଫାଟି ଅସୁରକ୍ଷିତ ହୋଇପଡିଥିଲା । ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ ପୋଲିସ ଓ ଜିଲ୍ଲା ପ୍ରଶାସନ ସ୍ଥାଣୁ ପାଲଟିଥିଲେ । ବ୍ଲାଷ୍ଟିଂ ଯୋଗୁଁ ପଥର ଖଣ୍ଡମାନ ଛିଟିକି ପଡିବା ଆଶଙ୍କାରେ ଅଞ୍ଚଳବାସୀଙ୍କ ଧନଜୀବନ ଅସୁରକ୍ଷିତ ହୋଇପଡୁଛି । ଏ ସଂକ୍ରାନ୍ତରେ ବହୁ ଅଭିଯୋଗ ହୋଇଆସୁଛି । ମାତ୍ର ଏହି ଖଣି ମାଫିଆ, ସ୍ଥାନୀୟ ରାଜସ୍ୱ କର୍ମଚାରୀ ପୋଲିସ ସଲାସୁତରା ଯୋଗୁଁ କେହି ଏହାକୁ କର୍ଣ୍ଣପାତ କରୁନଥିଲେ । ପାଲଟା ଅଭିଯୋଗକାରୀଙ୍କ ଉପରେ ପଥର ମାଫିଆମାନେ ଜୁଲମ ଓ ନାନା ଧମକଚମକ କରିଆସୁଥିଲେ । ଯାହାଫଳରେ ଏହି ବେଆଇନ ପଥର ଖନନରେ ସମ୍ପୃକ୍ତ ମୁଷ୍ଟିମେୟ ଲୋକମାନଙ୍କ ଭୟରେ ସ୍ଥାନୀୟ ଅଞ୍ଚଳବାସୀ ବାଧ ହୋଇ ଚୁପ୍ ରହିଛନ୍ତି । ଏହାର ସୁଯୋଗରେ ଭୁଆସୁଣି ପାହାଡ଼କୁ ଧ୍ୱଂସ କରିଚାଲିଛନ୍ତି ଏହି ପଥର ମାଫିଆମାନେ । ମାତ୍ର ବିଳମ୍ବରେ ହେଉପଛେ ନୂତନ ଭାବେ ଯୋଗ ଦେଇଥିବା ଏସ୍‌ପି ଶ୍ରୀ ସୋନକର ଢେଙ୍କାନାଳରେ ଅବସ୍ଥାପିତ ପରେ ଏହି ସୂଚନା ପାଇ ଆକ୍ସନ ମୁଡ୍‌କୁ ଆସିଛନ୍ତି। ଏପରିକି ଏହି ବେଆଇନ ଖଣି ଉପରେ ଚଢ଼ାଉ ପାଇଁ ଢେଙ୍କାନାଳ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପାଇଁ ବାଧ ହୋଇ ସଦର ଥାନା ପୋଲିସ ଓ ଭାପୁର ଫାଣ୍ଡି ପୋଲିସ ମିଳିତ ଭାବେ ଏହି ବେଆଇନ ପଥର ଖଣି ଉପରେ ବଡ଼ଧରଣର ରେଡ୍ କରିଥିବା ଜଣାପଡିଛି । ତେବେ ଏହି ଚଢ଼ାଉ ଖବର ପାଇ କେତେକ ହାଇଓ୍ୱା ଓ ଟ୍ରାକ୍ଟର ଖସି ଯାଇଥିବାବେଳେ ପ୍ରକୃତ ଖଣି ମାଫିଆକୁ ପୋଲିସ ଧରିବାରେ ବିଫଳ ହୋଇଛି । ଦୀର୍ଘଦିନ ହେବ ବିନା ପରମିସନରେ କାହା ଛତ୍ରଛାୟା ତଳେ ରହି ଏହି ବେଆଇନ ବ୍ଲାଷ୍ଟିଂ କରି ଚାଲିଥିଲା ଖଣିଲୁଟ ତାହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ତୁରନ୍ତ ଖଣିମାଫିଆକୁ ଗିରଫ କରି ସ୍ଥାନୀୟ ଅଞ୍ଚଳରେ ହେଉଥିବା ବେଆଇନ ବ୍ଲାଷ୍ଟିଂକୁ ବନ୍ଦ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି ।

# ବିଶ୍ୱ ମତ୍ସ୍ୟ ଦିବସ ପାଳିତ

କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝରର ମତ୍ସ୍ୟ ଅଧିକାରୀଙ୍କ ତାଲିମ ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଗୋଟି ବ୍ଲକରୁ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଜାଆଁଳ ଉତ୍ପାଦନକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରବିନ୍ଦ ଦାସ ଯୋଗଦେଇ ଜିଲ୍ଲାର ମତ୍ସ୍ୟ ଚାଷକୁ ଆହୁରି କିପରି ବ୍ୟାପକ କରିହେବ ଏବଂ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଜୀବନରେ ଉନ୍ନତି ଆଣିହେବ ସେ ବିଷୟରେ ଆଲୋକପାତ କରିଥିଲେ । ମାଛ ଚାଷରେ ଜାଆଁଳ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହାର ଗୁଣାତ୍ମକ ଓ ପରିମାଣତ୍ମକ ଭାବରେ ମାଛ ଚାଷରେ ଠିକ୍ ଭାବରେ ବ୍ୟବହାର ହେବା ଉଚିତ୍ । ଭଲ ମାଛ ଚାଷ ହେଲେ ଅଧିକ ମାଛ ଉତ୍ପାଦନ ହେବ ଯାହା ପାଇଁ ଛୋଟବଡ଼ ଶିଳ୍ପ ମଧ ଗଢି ଉଠିବ ବୋଲି ସେ କହିଥିଲେ । ମାଛ ଚାଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଡିତ ମାଛ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି । ଯାହାଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ପରିବାର ଆର୍ଥିକ ଉନ୍ନତି ହୋଇପାରିଛି । ବିଭିନ୍ନ ପ୍ରକାର ମାଛ ଚାଷ, ମାଛ ଚାଷର ଖାଦ୍ୟ, ରୋଗ ପରିଚାଳନା ଏବଂ ମାଛ ଚାଷରୁ କିପରି ଅଧିକ ଆୟ ହୋଇପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଜଳ ବିଭାଜିକା ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବନମାଳୀ ପାତ୍ର କ୍ଷେତ ପୋଖରୀରେ ମିଶ୍ରିତ ମାଛ ଚାଷ କରି ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ । ମନରେଗା, ଓ୍ୱାଡସି ଏବଂ ଡିଏମ୍ଏଫ୍ ମାଧ୍ୟମରେ କ୍ଷେତ ପୋଖରୀ ଖନନ ହେଉଛି । ଏହାର ସୁବିଧା ନେବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଅଧିକରୁ ଅଧିକ କ୍ଷେତ ପୋଖରୀ ହେଲେ ମାଛ ଚାଷ ଉତ୍ପାଦନରେ କେନ୍ଦୁଝର ଜିଲ୍ଲା ସ୍ୱାବଲମ୍ବୀ ହେବା ସହ ବିଭିନ୍ନ ପ୍ରକାର ଚାଷ କରି ଚାଷୀ ଲାଭବାନ ହେବେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ ନିଜ ସଭାପତିତ୍ୱ ବକ୍ତବ୍ୟରେ ନୀଳ ବିପ୍ଳବ ମାଧ୍ୟମରେ ମାଛ ଚାଷକୁ ବ୍ୟାପକ କରି ଅଧିକ ମାଛ ଉତ୍ପାଦନ କରିହେବ କିନ୍ତୁ ମାଛ ଚାଷରେ ବ୍ୟବହୃତ ସାମଗ୍ରୀକୁ ସୀମା ମଧ୍ୟରେ ବ୍ୟବହାର କରି ନିରନ୍ତର ମାଛ ଉତ୍ପାଦନ କରିବା ଉଚିତ୍ ବୋଲି ଚାଷୀଙ୍କୁ ଆହ୍ୱାନ ଦେଇଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ, କେନ୍ଦୁଝର ତନୁଶ୍ରୀ ବେହେରା ସମସ୍ତ ଅତିଥି ବୃନ୍ଦ ଓ ମତ୍ସ୍ୟଚାଷୀଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ମତ୍ସ୍ୟ ଅଧିକାରୀ, ତେଲକୋଇ ବାଲ୍ମିକୀ ପାତ୍ର, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ସସ୍ମିତା ନାୟକ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ଭାଗ୍ୟବାନ ଲେଙ୍କା ସହଯୋଗ କରିଥିଲେ । ଏହି ଅବସରରେ ମତ୍ସ୍ୟ ଚାଷ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପଞ୍ଚାୟତ ପୋଖରୀ ମାଛ ଚାଷରେ ସଦର ବ୍ଲକ ଜନାର୍ଦ୍ଦନପୁର ପଞ୍ଚାୟତର ବ୍ରାହ୍ମଣୀପାଟ ମହିଳା ସ୍ୱୟଂ ସହାୟକ ଗୋଷ୍ଠି, ବାୟୋଫ୍ଲକ୍ ମାଛ ଚାଷ ପାଇଁ ଘସିପୁରା ବ୍ଲକ ଅଭିରାମପୁର ଗ୍ରାମର ମାଛ ଚାଷୀ ରଞ୍ଜନ କୁମାର ସାହୁ, ମତ୍ସ୍ୟ ପୋଖରୀ ଯୋଜନାରେ ତେଲକୋଇ ବ୍ଲକ ପୁରୁଯୋଡା ଗ୍ରାମର ତୀର୍ଥବାସୀ ନାୟକଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ଏବଂ ପୁରସ୍କାର ଦେଇ ସମ୍ମାନିତ କରିଥିଲେ ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ସମିତିସଭ୍ୟ ପକ୍ଷରୁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମାଡକାପଦର ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ସ୍ଥାନୀୟ ଅଞ୍ଚଳର ବିକାଶ, ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା, ପରିବେଶ ଓ ଅସ୍ମିତା ଆଦି ରକ୍ଷା କରିବା ପାଇଁ ମଙ୍ଗଳବାର ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଗୋଟିଏ ଦାବିପତ୍ର ପ୍ରଦାନ କରିଛନ୍ତି । ତତ୍କାଳୀନ ସରକାର ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରଧାନ ଶିକ୍ଷକ ଇନ୍‌ଚାର୍ଜରେ ପୋଷ୍ଟିଂ ଅର୍ଡର ବାହାର କରିଥିଲେ । ଅବସର ଓ ବଦଳି କିମ୍ବା ଅନ୍ୟାନ୍ୟ କାରଣରୁ ଖାଲି ପଡିଥିବା ପ୍ରଧାନଶିକ୍ଷକଙ୍କ ସ୍ଥାନ ପୂରଣ ନିମନ୍ତେ ନିର୍ଦ୍ଦେଶ ଥିଲା । କିନ୍ତୁ ବିଭାଗୀୟ ନିର୍ଦ୍ଦେଶକ ମାଲକାନଗିରି ଜିଲା ଶିକ୍ଷାଧିକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟଭାର, ୫-ଟି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଶିକ୍ଷକଙ୍କୁ ୫-ଟି ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଭୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ ପାଇଁ ଚିଠି ଲେଖିଛନ୍ତି।

# ବିଜେଡ଼ି ପକ୍ଷରୁ ବନ୍ଧୁମିଳନ



ବଡ଼ଚଣା,(ଭାସ୍କର ନ୍ୟୁଜ): ବୁଧବାର ଚଣ୍ଡିଖୋଲ ସ୍ଥିତ ଶାନ୍ତି ମଣ୍ଡପଠାରେ ବରଚଣା ବିଜେଡ଼ି ପକ୍ଷରୁ ଏକ ବନ୍ଧୁମିଳନ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଏହି ବନ୍ଧୁମିଳନ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, ଧୂଳେଶ୍ୱର ସାମଲ, ପୂଜାରିଣୀ ବଳ, ଫନିନ୍ଦ୍ର ପଣ୍ଡା, ପ୍ରବୀର ସାମଲ, ସୁକ୍ରମଣି ପୂର୍ତ୍ତି, ତାପସ ରାୟ, ବିନୋଦିନୀ ସାହୁ, କୈଳାଶ ଚନ୍ଦ୍ର ରାଉତ, ରଞ୍ଜନ ଦାସ ଜଗନ୍ନାଥ ମୁଦୁଲି, ସରସ୍ୱତୀ ସାହୁ, ସ୍ନେହଲତା ମହାପାତ୍ର, ସଂଯୁକ୍ତା ମଲ୍ଲିକ, ନିରଞ୍ଜନ ବିଶ୍ୱାଳ, ଅମର ମହାନ୍ତି, ଦିଲ୍ଲୀପ କୁମାର ନାୟକ, ବିଭୁନି ସୁବୁଦ୍ଧି, କିଶୋର ଚନ୍ଦ୍ର ବେହେରା, ଜୟଶ୍ରୀ ସାମଲ, ଦିପ୍ତିମୟୀ ବେହେରା, ଜ୍ଞାନ ରଞ୍ଜନ ସାହୁ, ସଞ୍ଜୟ ବେହେରା, ମୋମିନ ଅଲ୍ଲି, ଗଣେଶ୍ୱର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାର ଅଂଶଗ୍ରହଣ କରିଥିଲେ । ଶେଷରେ ପବନେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବନ୍ଧୁମିଳନ ଉତ୍ସବରେ ବିଜେଡ଼ି ସମର୍ଥିତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ଜିଲ୍ଲାପରିଷଦ ସଭ୍ୟ ସମେତ ଏକହଜାରରୁ ଊର୍ଦ୍ଧ୍ୱ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ ।

# ସାତଭାୟାରେ କାର୍ତ୍ତିକେଶ୍ୱର ଭସାଣି ଶେଷ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ସାତଭାୟା ପଞ୍ଚାୟତରେ କାର୍ତ୍ତିକେଶ୍ୱର ପୂଜା କମିଟି ତାର ୨୦ବର୍ଷର ପୂର୍ଣ୍ଣାଙ୍ଗ ଶେଷ ହେବା ସହିତ ଭସାଣି ଏବଂ ଛାଡ଼ଖାଇ ଶେଷ କରିଛି । ସଭାପତି ବୃନ୍ଦାବନ ମଇ, କୋଷାଧକ୍ଷ ପ୍ରତାପ ସ୍ୱାଇଁ, ସେକ୍ରେଟାରୀ ସୁଶାନ୍ତ ପରିଡା, ପୂର୍ବତନ ସଭାପତି ଅର୍ଜୁନ ଦାସ, ପୂର୍ବତନ କୋଷାଧକ୍ଷ କିସାନ ମହାନ୍ତି, ପୂର୍ବତନ ସେକ୍ରେଟାରୀ କିଶୋର ବେହେରା, ପୂର୍ବତନ କୋଷାଧକ୍ଷ ବାସୁଦେବ ସ୍ୱାଇଁ ଏବଂ ଗାଁରେ ଥିବା ସଭ୍ୟମାନେ ରୋହିତ କୁମାର ବେହେରା, ଅମର କୁମାର ମହାନ୍ତି, ନିଗମ ଦାସ, ବିନୋଦ ରାଉଳ, ଅମରେନ୍ଦ୍ର ବିଶ୍ୱାଳ, ଜୟ ପ୍ରକାଶ ବେହେରା, ସତ୍ୟବ୍ରତ ମହାନ୍ତି, କଳାକର ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ବଳରାମ ସ୍ୱାଇଁ, ବଳରାମ ଦାସ, ସଞ୍ଜୟ ଦାସ, ରାଜେଶ ଦାସ, ଦିପକ ବେହେରା, ଅରୂପା ସାହାଣୀ,ଦିପକ ବରାଳ, ଦେବେନ୍ଦ୍ର ବେହେରା, ବିଦ୍ଧୂ ଭୂଷଣ ରାଉତ, ବିକ୍ରମ ଦାସ, ତପନ ଜେନା, ସୁରେଶ ସାହାଣୀ,ଅଙ୍ଗଦ ବିଶ୍ୱାଳ, ପିଣ୍ଟୁ ପୃଷ୍ଟି , କାର୍ତ୍ତିକ ମହାନ୍ତି, ବିଦେଶରେ ଥିବା ସଭ୍ୟମାନେ ରାମଚନ୍ଦ୍ର ଦାସ, ମନୋଜ ଦାସ, ରାଜକିଶୋର ଦାସ, ଅଦ୍ୱୈତ ସ୍ୱାଇଁ, ବଳରାମ ମହାନ୍ତି, ବସୁଦେବ ଦାସ, ସଞ୍ଜୟ ସ୍ୱାଇଁ, ଅନନ୍ତ ସାହାଣୀ, ଅମର ଲେଙ୍କା, ଦିଲ୍ଲୀପ ବରାଳ, ସୁବାଷ ଦାସ, ରଜନୀ ସ୍ୱାଇଁ, ନବ ସାହାଣୀ, ରଞ୍ଜନ ମହାନ୍ତି, ସଞ୍ଜୟ ମଳିକ, ଜଗବନ୍ଧୁ ବେହେରା, ସୁକାନ୍ତ ପରିଡା, ନୃସିଂହ ପୃଷ୍ଟି, ନିର୍ମଳ ପୃଷ୍ଟି, ଦୀନବନ୍ଧୁ ପୃଷ୍ଟି, କିଶୋର ପୃଷ୍ଟି, ନିଗମାନନ୍ଦ ଦାସ, ଅଲେଖ ପ୍ରଧାନ, ଅଲେଖ ପୃଷ୍ଟି, ସର୍ବେଶ୍ୱର ସେଠି, ବଶିଷ୍ଠ ଜେନା, ନବୀନ ଦାସ, କୌଶିକ ସ୍ୱାଇଁ, ପ୍ରିୟ ରଞ୍ଜନ ରାଉଳ, ପ୍ରେମାନନ୍ଦ ପ୍ରଧାନ, ଶିଶିର ସ୍ୱାଇଁ, ପଞ୍ଚାନନ ପୃଷ୍ଟି, ଜିତେନ୍ଦ୍ର ସାହାଣୀ, ବିକ୍ରମ ମହାନ୍ତି, ରମାକାନ୍ତ ବେହେରା, ସମସ୍ତ ସଭ୍ୟମାନଙ୍କ ନେତୃତ୍ୱ କ୍ରମେ ଏବଂ ଗ୍ରାମର ସମସ୍ତ ଗୁରୁଜନମାନଙ୍କ ସାହାଯ୍ୟ କ୍ରମେ ଦୀର୍ଘ ୨୦ବର୍ଷର ଅନୁଷ୍ଠାନ ସୁପରିଚାଳନା ହୋଇ ବର୍ତ୍ତମାନ ୨୦ବର୍ଷ ୩ଦିନ ହୋଇ ସାରିଛି ଏବଂ ଆଗାମୀ ବର୍ଷ ପାଇଁ ଠାକୁର ନିମନ୍ତ୍ରଣ, ସଭାପତି ବୃନ୍ଦାବନ ମଇଙ୍କ ନେତୃତ୍ୱ କ୍ରମେ ଗ୍ରାମର ଗୁରୁଜନମାନଙ୍କ ସହଯୋଗ କ୍ରମେ ଆସନ୍ତା ୨୦୨୫ବର୍ଷ ପାଇଁ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଛି ।

# ଜାତୀୟ ଶିକ୍ଷାନୀତି ପାଠଚକ୍ର



କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟସ୍ଥିତ ସ୍ଥାନିୟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଦ୍ୟାଳୟର ଭୂମିକା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦାର ଯୋଗଦେଇ ଏହି ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ କୋରାପୁଟ ଜୋନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା ମିଶ୍ର ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଜାତୀୟ ଶିକ୍ଷା ନୀତିରେ କାର୍ଯ୍ୟକାରିତା ଓ ଶିକ୍ଷକମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଜାତୀୟ ଶିକ୍ଷାନୀତି ଆଦିବାସୀ ଅଞ୍ଚଳରେ ଏକ ଗୁଣାତ୍ମକ ଶିକ୍ଷାର ବୈପ୍ଲବିକ ପରିବର୍ତ୍ତନ ହେବ ବୋଲି ମତପ୍ରକାଶ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ଗୁଣାତ୍ମକ ଶିକ୍ଷାର ବାତାବରଣ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷାବିତ ପ୍ରଫେସର ଡ. ବିମଳ ଚରଣ ସ୍ୱାଇଁ, ଡ. ବୃନ୍ଦାବନ ଚନ୍ଦ୍ର ମିଶ୍ର ପ୍ରମୁଖ ଉଚ୍ଚ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହିତ ନୂତନ ଶିକ୍ଷାନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଶ୍ୱବିଦ୍ୟାଳୟ ସମୂହ ଗବେଷଣା ବିଭାଗର ଉପନିର୍ଦ୍ଦେଶକ ଡ. ଅମରେନ୍ଦ୍ର ପାଣି ଆଭାସୀ ମାଧ୍ୟମରେ ଯୋଗଦେଇ ଏହି ବିଷୟରେ ଆଧାରିତ ପ୍ରବନ୍ଧ ପାଠ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ. ଦେବେନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ତନ୍ତି ପାଠଚକ୍ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ପ୍ରଜ୍ଞା ପରିମିତା ସାମନ୍ତରାୟ ସଭା ସଂଯୋଜନା କରିଥିବାବେଳେ ଶେଷରେ ଡ. ରାକ୍ଷୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ



କେନ୍ଦୁଝର,(ଭାସ୍କର ନ୍ୟୁଜ): ସ୍ଥାନୀୟ ମା' ତାରିଣୀ ପୀଠ ପରିସରରେ ବାଲେଶ୍ୱର ଜିଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୋ ଅନୁଷ୍ଠାନ ସାହିତ୍ୟ ସଂସଦ, ଖଇରାର ସଂପାଦକ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ତରଫରୁ ଅନ୍ଧ, ମୁକ, ବଧିର, ଅକର୍ମଣ୍ୟ, ଅସହାୟ, ବାର୍ଦ୍ଧକ୍ୟ ପୀଡ଼ିତ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ପ୍ରଥମେ ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସଂଯୋଗୀ ସଜଫୁଲର ସଂପାଦକ ବାବୁଲାଲ ପଲେଇଙ୍କୁ ମୁଖ୍ୟ ଅତିଥି ରୂପେ ଏବଂ ମୁଖ୍ୟ ସଂପାଦକ ସନ୍ତୋଷ କୁମାର ପତି, ଘଟଗାଁ ପ୍ରତିନିଧି ଭୀମସେନ ବଳ, ପ୍ରଫୁଲ୍ଲ କୁମାର ରାଉତ, ଢେଙ୍କିକୋଟର ସମୟର ପ୍ରତିନିଧି ସଞ୍ଜୟ କୁମାର ସାହୁଙ୍କୁ ଉପଢୌକନ ଦେଇ ଅତିଥି ରୂପେ ବରଣ କରିସାରିବା ପରେ ଲୋକଙ୍କୁ ଅନୁଷ୍ଠାନର ସପ୍ତମ ପର୍ଯ୍ୟାୟ କମ୍ବଳ ବଣ୍ଟନ କରାଯିବା ସହ ମୋ ଅନୁଷ୍ଠାନ ତରଫରୁ ସଂଯୋଗୀ ସାହିତ୍ୟ ସଂସଦ, କୁଣ୍ଡାପିଠାର ସଂପାଦକ ଶ୍ରୀ ପଲେଇଙ୍କୁ ଆଗାମୀ ବାର୍ଷିକ ଉତ୍ସବକୁ ନିମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟ ଆଲୋକମୟ ପଣ୍ଡା, ସଭ୍ୟା ଶୁଭଶ୍ରୀ ଦାସ, ଅନିତା ପଣ୍ଡା, ଶ୍ରଦ୍ଧାଞ୍ଜଳି ଖମାରୀ ଓ ଗାୟତ୍ରୀ ଖମାରୀ ପ୍ରମୁଖ ସହଯୋଗ କରିଥିଲେ । ମୋ ଅନୁଷ୍ଠାନ ସାହିତ୍ୟ ସଂସଦର ସଂପାଦକ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ଏଭଳି ମହତ୍ କାର୍ଯ୍ୟକ୍ରମକୁ ଅତିଥି ବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ।

## ଜନଆରୋଗ୍ୟ ସମିତି ବୈଠକ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ଜାତୀୟ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ ସମିତି ଅଧକ୍ଷା ତଥା ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତିର୍ମୟୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାକ୍ତନ ଅଧକ୍ଷା ଶ୍ରୀମତୀ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜନଆରୋଗ୍ୟ ସମିତିର ସମ୍ପାଦକ ତଥା ମେଡିକାଲ ଅଫିସର ଡା ପ୍ରଦୀପ କୁମାର ଚମ୍ପତି ବିଗତ ବର୍ଷର ଖର୍ଚ୍ଚ ବିବରଣୀ ପ୍ରଦାନ କରିବା ସହିତ ଚଳିତବର୍ଷ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଅନୁଯାୟୀ ଚିଠା ପ୍ରସ୍ତାବ ଆଗତ କରିଥିଲେ । ଏହି ବୈଠକରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିରାକାର ପରିଡା, ପ୍ରଭାତ ରଞ୍ଜନ ଦାସ, ପ୍ରଶାନ୍ତ କୁମାର ଜେନା, ଶିକ୍ଷକ ନେତା ଅରକ୍ଷିତ ସାହୁ, ଗଙ୍ଗାରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ଶିକ୍ଷାବିତ ବିଜୟ କୁମାର ଜେନା, ହରିହର ସାହୁ ଓ ଅଶୋକ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କୋରାପୁଟ ଗସ୍ତରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍

କୋରାପୁଟ,(ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ତଦାରଖ କରିଛନ୍ତି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ । କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ୮ଜଣିଆ ଅଧିକାରୀସ୍ତରୀୟ ଦଳ ୩ଦିନିଆ କୋରାପୁଟ ଗସ୍ତରେ ଆସି ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ କେନ୍ଦ୍ର, ଟୀକାକରଣ କେନ୍ଦ୍ର ଗସ୍ତ କରି ଟିମ୍ ଯାଞ୍ଚ ଓ ତଦାରଖ କରିଥିଲେ । ଦୁଇଟି ଭାଗରେ ବିଭକ୍ତ ହୋଇ ଟିମ୍ କର୍ତ୍ତୃପକ୍ଷ ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ତଦାରଖ ରିପୋର୍ଟକୁ ଭିତ୍ତିକରି ଓଡ଼ିଶାରେ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ । କମନ ରିଭ୍ୟୁ ମିଶନ(ସିଆର୍ଏମ୍) ଟିମ୍‌ରେ କମିଶନରସ୍ତରୀୟ ୮ଅଧିକାରୀ ରହିଛନ୍ତି । ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ ସମୟରେ ଟିମ୍ ମୁଖ୍ୟ କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପକମିଶନର ଡ.ଜୟା ଅଲ୍ଲି ରିଜଭି, ଉପଦେଷ୍ଟା ଡ.ଶଶାଙ୍କ କୁମାର, କର୍ଣ୍ଣାଟକ ରାଜ୍ୟ ମଧୁସୂଦନ ସାଇ ମେଡିକାଲ କଲେଜ ତଥା ପ୍ରତିଷ୍ଠାନର ପ୍ରଫେସର ଡ. ଦୀପା ଏଲ.ଏନ୍ ଆର୍ଥିକ ବିଶ୍ଳେଷର ବିଶେଷଜ୍ଞ ସତ୍ୟଜିତ ସାହୁ ସାମିଲ ହୋଇଥିଲେ । ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ ଟିମ୍ ଜିଲ୍ଲା ଚିକିତ୍ସାଳୟର ସମସ୍ତ ବିଭାଗ, ଅସ୍ତ୍ରପୋଚରା କକ୍ଷ, ପରିସର ଏବଂ ଅନ୍ୟାନ୍ୟ ଭବନ ପରିଦର୍ଶନ କରିଥିଲେ । ଏହି ଅବସରରେ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ଓ) ଡ. ବରଦା ପ୍ରାସଦ ମିଶ୍ର, ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଡ. ରବିନ୍ଦ୍ର ନାଥ ମିଶ୍ର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ । ଟିମ୍ କର୍ତ୍ତୃପକ୍ଷ ବିଭିନ୍ନ ଓ୍ୱାର୍ଡ ପରିଦର୍ଶନ ସମୟରେ ରୋଗୀ ସେବାର ମାନ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ । ରୋଗୀ କହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ସଂଗ୍ରହ କରିଛି ଟିମ୍ ।

### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୮୮ ମଣ୍ଡିରେ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ



ଢେଙ୍କାନାଳ,(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାରେ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୮, ୨୦୨୫ ତାରିଖରୁ ପର୍ଯ୍ୟାୟକ୍ରମେ ୫୪୬୫୮ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୮୮ ଗୋଟି ମଣ୍ଡି ମାଧ୍ୟମରେ ୧୩୯୫୩୦୮ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟ୍‌ନି ଛଟ୍‌ନିର ଶିକାର ନହେବେ ସେଥିପ୍ରତି ବିଶେଷ ଧାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ୍-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି । ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ଆସିଷ୍ଟାନ୍ସ ମଧ ଦିଆଯିବ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ୍ ଆନାଲାଇଜର) ଏବଂ ସମସ୍ତ ମଣ୍ଡିମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା ସୂଚନା ଦେଇଥିଲେ । ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି ଏଥିପ୍ରତି ଧାନ ଦେବାକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପରାମର୍ଶ ଦେଇଥିଲେ । ଏହାସହ ସେ କହିଥିଲେ ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନକୁ ସୁରକ୍ଷିତ ଭାବେ ରଖିବାକୁ ଆବଶ୍ୟକୀୟ ପଲିଥିନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆରଏମ୍‌ସିର ଅଧକ୍ଷଙ୍କୁ ଗାଁ ଗାଁ ବୁଲି ଚାଷୀଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫ୍ଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହିବର୍ଷ ନୂତନ ଭାବେ ମଣ୍ଡିମାନଙ୍କରେ ନୋଡାଲ ଅଧିକାରୀ, ସୁପରଭାଇଜରମାନେ ରହିବେ । ଯାହାଫଳରେ ଚାଷୀମାନେ ସେମାନଙ୍କ ଅସୁବିଧା ସିଧାସଳଖ ସେମାନଙ୍କୁ ଜଣାଇପାରିବେ । ଏହା ସହିତ ଏ ସମ୍ବନ୍ଧୀୟ ସୂଚନା ପାଇଁ ହେଲ୍ପଲାଇନ- ୧୯୬୭ ଜାରି କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଡ଼ିଆର୍‌ସିଏସ୍ ଶ୍ରୀମତୀ ସରୋଜିନୀ ଜେନା, ମିଲର, କୃଷକ ପ୍ରତିନିଧି ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ

ଛତ୍ରପୁର, (ଭାସ୍କର ନ୍ୟୁଜ): ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ବୁଧବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କର ୨୩୭ଟି, ଉଚ୍ଚ ବିଦ୍ୟାଳୟ ଶିକ୍ଷକମାନଙ୍କର ୨୫୯ଟି ଓ ରାଜସ୍ୱ ଏବଂ ଅନ୍ୟାନ୍ୟ ବିଭାଗର ୨୪୩ ଟି ବିଚାରାଧୀନ ପେନସନ୍ ଓ ପାରିବାରିକ ପେନସନ୍‌ଗୁଡିକର ବିଚାର କରାଯାଇଥିଲା । ସେଗୁଡ଼ିକ ଯେପରି ସହଜରେ ସମାଧାନ ହୋଇପାରିବ ତାହା ସେମାନଙ୍କୁ ବୁଝାଇଥିଲେ ଏବଂ ପେନସନ୍ ମାମଲାଗୁଡିକର ସମାଧାନ ନିମନ୍ତେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶୁଣାଣି କରି ହିତାଧିକାରୀଗଣ ଯେଭଳି ନିଜର ପେନ୍‌ସନ୍ ପାଇବେ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା । ଏହି ପେନ୍‌ସନ୍ ଅଦାଲତରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ସତ୍ୟ ରଞ୍ଜନ ସାହୁ, ଆଡିସିନାଲ କଣ୍ଟ୍ରୋଲର୍ ଅଫ୍ ଆକାଉଣ୍ଟସ୍ ବିଭାଗର ଦିବାରାଣୀ ଦୋରା, ଅତିରିକ୍ତ ନିର୍ଦ୍ଦେଶକ, ବିଦ୍ୟାଳୟ ଓ ଶିକ୍ଷା ବିଭାଗର ସୁରେଖା ତରେଇ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନୁ ସଚିବ ମାନସ କୁମାର ଆଚାର୍ଯ୍ୟ, ଉପସଚିବ ଅସୀତ୍ କୁମାର ପାଣି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର (ଇଲେମେଣ୍ଟାରୀ ଏଜୁକେସନ୍) ଆକାଉଣ୍ଟସ୍ ଅଫିସର ଧୀରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପେନ୍‌ସନ୍‌ର ଶୁଣାଣି କରିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଡେପୁଟି କଲେକ୍ଟର ଆୟୁଷ ପତି ଓ ସଂସ୍ଥାପନା ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ ।



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନ ଇବ୍ ଭ୍ୟାଲି ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଇବ୍ ଭ୍ୟାଲି ଏରିଆ ଖନନ ଅଧିକାରୀ ରାଜେଶ ଶର୍ମା, ଉପାଧ୍ୟକ୍ଷା ପୁନମ ସିହ୍ନା ଓ ଝାରସୁଗୁଡ଼ା ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀମତୀ ଶୀଳବନ୍ତି ଜୋକୋ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ଡିଏଭି ପବ୍ଲିକ ସ୍କୁଲର କେତେକ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହିତ ଅଞ୍ଚଳର ଆଗ୍ରହୀ ବ୍ୟକ୍ତିମାନେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର ଲ୍ୟାବ୍ କର୍ମଚାରୀ ଭାବଗ୍ରାହୀ ବେହେରା, ପ୍ରମୋଦ ସା, ଦିଲ୍ଲୀପ ବଞ୍ଚୋର, ଭବାନୀ ଶଙ୍କର ଶୁନ୍ୟାନିଙ୍କ ସାହାଯ୍ୟରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଶିକ୍ଷକ ଶିକ୍ଷୟିତ୍ରୀ ନିବେଦିତା ରାଉତରାୟ, ମନ୍ମଥ ସ୍ୱାଇଁ, ସୁବ୍ରତ ପୁଝାରୀ, ଦୁର୍ଗେଶ ନନ୍ଦିନୀ, ମମତା ପାତ୍ର, ଭଞ୍ଜ କିଶୋର ନାୟକ, ଦେଓ ପ୍ରକାଶ ଗୁପ୍ତା ପରିଚାଳନା କରିଥିଲେ।

## ରାସ୍ତାକାମ ନିମ୍ନମାନର
# ୫ଲକ୍ଷ ଟଙ୍କାର କାମ ହରିଲୁଟ୍

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଗାଁରୁ ସହର ସଂଯୋଗ କରିବା ନମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଅନେକ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଯୋଜନା ଦାୟିତ୍ୱରେ ଥିବା ଅଧିକାରୀ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଏହାର ତଦାରଖ କରିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାରଙ୍କ ଇଚ୍ଛା ହେଲେ କାମ କରିବେ ନହେଲେ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ରୋଡର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଠାରୁ ଗୋଶାଳ ଛକ ଶଶି ଭୂଷଣ ଉଚ୍ଚ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ। ଏହି ରାସ୍ତାଟି ଠିକ୍ ଥିଲା। କିନ୍ତୁ ଏହି ରାସ୍ତାକୁ କାଟି ପାଣି ପାଇପ୍ ପକାଇବା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ଖରାପ ହେଇଗଲା। ଯାହାଫଳରେ କଲେଜ ପିଲା, ୫ଟି ସ୍କୁଲ ଓ ମେଡିକାଲ ଯିବା ଆସିବା ବିପନ୍ନ ହେଇପଡ଼ିଥିଲା। ଫଳରେ ଅନେକ କଲେଜ, ସ୍କୁଲ ଓ ମେଡିକାଲ ଯାଆସରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି ଠିକାଦାର ରାସ୍ତାରେ କିଛି ପିଚୁ ମେଟାଲ ପକାଇ କାର୍ଯ୍ୟ କରୁଛି। ରାସ୍ତାର କାମ ଏପରି ହୋଇଛି ସାଇକେଲଟି ମଧ୍ୟ ଯିବା ପାଇଁ ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତାରେ ଅନେକ ପରିବା ଦୋକାନୀ, ଶହ ଶହ ରୋଗୀ, ଛାତ୍ରଛାତ୍ରୀ ଯିବାଆସିବାରେ ଆସୁବିଧା ହେବ। ରାସ୍ତା ନିର୍ମାଣ କରୁଥିବା ଠିକାଦାର କିଏ? ନିର୍ମାଣ ରାସ୍ତା କେତେ କିଲୋମିଟର କିମ୍ବା ରାସ୍ତା କେତେ ଇଞ୍ଚର ଉଚ୍ଚା ଓ କଂକ୍ରିଟ କେତେ ମିଟର ଆରମ୍ଭ କେବେ ଏବଂ ଶେଷ କେବେ, ତାରିଖ କେତେ ଇତ୍ୟାଦି ସୂଚନା ଫଳକ କାର୍ଯ୍ୟ ଆରମ୍ଭରୁ ଲଗାଇବା ପାଇଁ ସରକାର ନିୟମ କରିଛନ୍ତି। ତେବେ ବିଭାଗୀୟ ଅଧିକାରୀ ଫଳକ ଲଗାଇବାକୁ ବାଧ କରିବେ। ଉକ୍ତ ରାସ୍ତାଟି ଉପରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଠିକାଦାର ବିନା ସୂଚନା ଫଳକରେ କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇ ଥିଲେ ହେଁ ସେ ଫୋନ ଉଠାଇ ନଥିଲେ। ଏ ରାସ୍ତା ନିର୍ମାଣରେ ବିଭାଗୀୟ ଅଧିକାରୀ ଠିକାଦାର ମିଶି ସରକାରୀ ଅର୍ଥକୁ ବ୍ୟାପକ ହରିଲୁଟ କରିବା ମସୁଧା ଚଳାଇଥିବା ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ, ଛାତ୍ରଛାତ୍ରୀ, ରୋଗୀ ଓ ଗ୍ରାମବାସୀଙ୍କ ଯାତାୟତ ସମସ୍ୟା ଦୂର କରିବା ପାଇଁ ଦାବି ହେଉଛି।



## ନକ୍ସଲଙ୍କ ସ୍ପାଇକ୍ ହୋଲ୍ ଧ୍ୱଂସ କଲେ ଯବାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ଅଭୁଜମାଡ ଜଙ୍ଗଲରେ ତଲାସି ଅଭିଯାନବେଳେ ୧୦ରୁ ଅଧିକ ସ୍ପାଇକ ହୋଲ୍‌କୁ ଠାବ କରି ଧ୍ୱଂସ କରିଛନ୍ତି ଯବାନ। ସୂଚନା ଅନୁଯାୟୀ ଅଭୁଜାମାଡ ଜଙ୍ଗଲରେ ଗତ କିଛିଦିନ ପୂର୍ବେ ସିଆର୍‌ପିଏଫ୍, ଡିଆର୍‌ଜି ଓ ନାରାୟଣପୁର ପୁଲିସ ମିଳିତ ଭାବେ କମ୍ବିଂ ଅପରେସନ କରୁଥିବାବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ୫ ମାଓବାଦଙ୍କ ମୃତ୍ୟୁ ହୋଇଥିବା ବେଳେ ଏହା ପରଠାରୁ ସେହି ଅଞ୍ଚଳରେ ତଲାସି ଅଭିଯାନକୁ ଯବାନଙ୍କ ଦ୍ୱାରା ଆହୁରି ବଢ଼ାଇ ତଲସୀ କରାଯାଇଥିଲା ଓ ଅଭିଯାନ ବେଳେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ପୂର୍ବରୁ ବିଭିନ୍ନ ସ୍ଥାନରେ ଗଭୀର ଗାତ ଖୋଳି ଲୁହା ସ୍ପାଇକ ଖଞ୍ଜିଥିବା ବେଳେ ଯବାନମାନେ ୧୦ରୁ ଅଧିକ ସ୍ପାଇକ୍ ହୋଲ୍‌କୁ ଠାବ କରି ଧ୍ୱଂସ କରିଛନ୍ତି।

# ବେନିୟମ ଭାବେ ଫେବର ରାସ୍ତା ନିର୍ମାଣକୁ ବିରୋଧ



ଆସିକା, (ଭାସ୍କର ନ୍ୟୁଜ୍) : ବେନିୟମ ଫେବର ରାସ୍ତା ନିର୍ମାଣକୁ ବିରୋଧ କରିଛନ୍ତି ଆସିକା କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା। ମାଟି ତଳେ ବର୍ଷା ଜଳ ସଂଗୃହିତ କରିବା ସକାଶେ କେନ୍ଦ୍ର ସରକାରଙ୍କ ନିୟମ ପ୍ରକାରେ ସମସ୍ତ ପୁରୁଣା କଂକ୍ରିଟ ରାସ୍ତାକୁ ଭାଙ୍ଗି ସେଠାରେ ପ୍ରଥମେ ବାଲି ପକାଇ ନୂତନ ଜ୍ଞାନ କୌଶଳରେ ନୂତନ ଫେବର ରାସ୍ତା ନିର୍ମାଣ ପାଇଁ ନିୟମ ଓ ବିଜ୍ଞପ୍ତି ଜାରି ହୋଇଛି। ଏହାକୁ ଭିତ୍ତିକରି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସମସ୍ତ ୧୮ ଗୋଟି ୱାର୍ଡରେ ଫେବର ରାସ୍ତା ନିର୍ମାଣ ପାଇଁ ପ୍ରାୟ ୧୦ କୋଟି ଟଙ୍କା ଟେଣ୍ଡର ହୋଇ କାର୍ଯ୍ୟ ଚାଲୁଥିବା ବେଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନମ୍ବର ୧୧ ହରିହର ନଗର ଛକ ଠାରୁ କୁମ୍ଭାର ସାହି ପର୍ଯ୍ୟନ୍ତ ଥିବା ସମ୍ପୂର୍ଣ୍ଣ ଭଲ କଂକ୍ରିଟ ରାସ୍ତା କେନ୍ଦ୍ର ସରକାରଙ୍କ ନିୟମ ପ୍ରକାରେ ତିଆରି ନକରି ବେନିୟମ ଭାବେ ଫେବର ରୋଡ଼ ନିର୍ମାଣ କରିବା ସହ ହରିହର ନଗରରେ ବହୁ ଗୃହଗୁଡ଼ିକ ରାସ୍ତାଠାରୁ ତଳକୁ ଥିବା ଯୋଗୁଁ କଂକ୍ରିଟ ରାସ୍ତା ଉପରେ ଫେବର ରାସ୍ତା ନିର୍ମାଣ ହେଲେ ବର୍ଷା ଜଳ ଗୃହ ମଧ୍ୟକୁ ପ୍ରବେଶ କରିବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ହରିହର ନଗରରେ ଗୋଟିଏ ପଟେ ଡ୍ରେନେଜ ବ୍ୟବସ୍ଥା ନଥିବା ମଧ୍ୟ ଅଭିଯୋଗ କରିଛନ୍ତି କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବାକନ୍ତ ଏହାକୁ ସମସ୍ତ ୱାର୍ଡବାସୀ ସମର୍ଥନ କରି ରାସ୍ତା ନିର୍ମାଣ ପାଇଁ ଆସିଥିବା ଏକ ଫେବର ବୋଝେଇ ଟ୍ରାକ୍ଟରରୁ ଫେବର ନଓହ୍ଲାଇ ଫେରାଇ ଦେଇଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାପାଳ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ସାଂସଦ ପ୍ରାର୍ଥୀ ଦେବକାନ୍ତ ପ୍ରେରଣ କରିଥିବା କହିଛନ୍ତି। ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସିକା ସହର ସାରା ବିଗତ କିଛି ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ରୋଡ଼ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତା ଗୁଡ଼ିକ ସମ୍ପୂର୍ଣ୍ଣ ଭଲ ଥିଲା ବେଳେ ସହର ସୌନ୍ଦର୍ଯ୍ୟକରଣ ଓ ବର୍ଷା ଜଳ ସଂରକ୍ଷଣ ନାମରେ ସମ୍ପୂର୍ଣ୍ଣ ଭଲ ଥିବା ରାସ୍ତାଗୁଡ଼ିକୁ କେନ୍ଦ୍ର ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରି ବିନିୟମ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଜଣାନ୍ତରେ କିଛି ଠିକାଦାରଙ୍କ ପୋଷିବା ପାଇଁ ସରକାରୀ ଅର୍ଥ ବରବାଦ୍ କରୁଥିବା ସହ ଏହି ଫେବର ରାସ୍ତା ନିର୍ମାଣର କିଛି ମାସ ନବିତୁଣୁ ସହରର ବିଭିନ୍ନ ୱାର୍ଡରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେବା ସହ ଅନେକ ସମୟରେ ଅଞ୍ଚଳବାସୀ ଦୁର୍ଘଟଣାର ସମ୍ମୁଖୀନ ହେବାର ଅଭିଯୋଗ ମଧ୍ୟ ରହିଛି। ଉକ୍ତ ଫେବର ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାଶ କରିବା ଦିଗରେ ରାଜ୍ୟ ସରକାର ଭିଜିଲାନ୍ସ ତଦନ୍ତ କରିବାକୁ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ଦାବି କରିଛନ୍ତି।

# 'କଳାକାର ହିଁ ବୁଝିପାରେ କଳାକାରର ଦୁଃଖ'

## ହରିଭାଇ କମେଡି କ୍ଲବ ଦେବ ଆଜୀବନ ମାସିକ ୧୦୦୦ଟଙ୍କା ପେନ୍‌ସନ୍

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : କଥାରେ ଅଛି ଜଣେ କଳାକାର ହିଁ ଆଉ ଜଣେ କଳାକାରର ଦୁଃଖ ବୁଝିପାରେ...। ଓଡ଼ିଶାର ଖାତ୍ୟାନାମା ଜନପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଆଜି ନିଜେ ଆଉ ଜଣେ କଳାକାରର ଦୁଃଖ ବୁଝିବାକୁ ଆସି ଜଗତସିଂହପୁର ସ୍ଥିତ ଚାରିପୋଲିଆ ମକରପୁରରେ ରହୁଥିବା ଜଣେ ମହିଳା କଳାକାରଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ମହିଳା କଳାକାର ଜଣକ ହେଲେ ସାଗରବାଳା ପଟ୍ଟନାୟକ ଓରଫ ବାସନ୍ତୀ ଅପା। ବିଗତ ଦିନରେ ବାସନ୍ତୀ ଅପା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ହିରୋଇନ ଭୂମିକାରେ ଅଭିନୟ କରୁଥିଲେ। ପରେ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରୁଥିଲେ। ମାତ୍ର ସମୟ ଓ ବୟସ ଅସ୍ତ ହେଲା ପରେ ତାଙ୍କୁ କେହି କାମ ଦେଲେ ନାହିଁ ହିରୋଇନରୁ ସେ ଚା ଦୋକାନୀ ପାଲଟି ଗଲେ। ବହୁତ କଷ୍ଟ କରି ଜୀବିକା ନିର୍ବାହ କରୁଥିଲା ବେଳେ ଓଡ଼ିଶାର ପ୍ରଥିତଯଶା ହାସ୍ୟ ଅଭିନେତା ମିଡିଆରୁ ଖବର ପାଇ ବସାନ୍ତି ଅପାଙ୍କୁ ସହଯୋଗର ହାତ ବଢ଼ାଇବାକୁ ଆଜି ତାଙ୍କ ବାସଭବନକୁ ଆସିଥିଲେ। ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ଚା ଦୋକାନରେ ତଳେ ବସି ଚା' ପିଇଲେ, ଅନେକ ସମୟ ଧରି ତାଙ୍କ ଦୁଃଖ ସୁଖ ବୁଝିଲେ। ଶ୍ରୀଯୁକ୍ତ ମହାପାତ୍ର କହିଲେ ଆଗାମୀ ଡ଼ିସେମ୍ବର ୧୯ରେ ଭୁବନେଶ୍ୱରରେ ହବାକୁ ଥିବା ହରିଭାଇ କମେଡି କ୍ଲବ କାର୍ଯ୍ୟକ୍ରମରେ ଆମେ ବାସନ୍ତୀ ଅପାଙ୍କୁ ପୂଜ୍ୟାପୂଜା ଓ ସମ୍ମାନିତ କରି ଡ଼ିସେମ୍ବରରୁ ସାରା ଜୀବନ ପାଇଁ ମାସିକ ୧୦୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ଦେବୁ। ଏଠାରେ ଉଲ୍ଲେଖଯୋଗ୍ୟ ହରିହର ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ହରିଭାଇ କମେଡି କ୍ଲବ' ବିଗତ ଆଠ ବର୍ଷ ହେଲା ବିଭିନ୍ନ କଳା କ୍ଷେତ୍ରରେ ଯଥା ସିନେମା, ଥିଏଟର, ଲୋକକଳା ଓ ପ୍ରାଚୀନ କଳାରେ ନିଜ ଜୀବନ ବ୍ୟାପି ସାଧନା କରି ଅଭାବ ଭିତରେ ବଞ୍ଚୁଥିବା ୧୪ ଜଣ କଳାକାରଙ୍କୁ ମାସିକ ୧୦୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ଦେଉଛି।



## କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିକୁ 'ଜିଲ୍ଲା ମଡ଼େଲ ସମବାୟ ସମିତି'ର ମାନ୍ୟତା



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକ୍ ଅଧୀନରେ ଥିବା କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିକୁ ଜିଲ୍ଲାର ମଡେଲ୍ କୃଷି ସମବାୟ ସମିତିର ମାନ୍ୟତା ମିଳିଛି। ସମିତିର ସମ୍ପାଦକ ଥିବା ମୃତ୍ୟୁଞ୍ଜୟ ଦାଶଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ସମିତି ଜିଲ୍ଲାର ଏକମାତ୍ର ମଡେଲ୍ ସମବାୟ ସଂସ୍ଥା ଭାବରେ ସ୍ଥାନିତ ହୋଇଥିବା ଆମକୁ ଗୌରବାନ୍ୱିତ କରିଛି ବୋଲି କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଥିବା ନାରାୟଣ ପ୍ରସାଦ ପାତ୍ର କହିଛନ୍ତି। ସମସ୍ତ ଚାଷୀ ଭାଇମାନଙ୍କ ସହଯୋଗ, ବୋର୍ଡରେ ଥିବା ସଭାପତି, ସମସ୍ତ ସଦସ୍ୟ ଓ ସଂସ୍ଥାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ମାନଙ୍କ ସହଯୋଗରୁ ହିଁ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ଆଜି ଜିଲ୍ଲାର ଏକମାତ୍ର ମଡେଲ୍ ସମବାୟ ସମିତିର ମାନ୍ୟତା ପାଇଥିବା ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ ଚାଷୀଭାଇଙ୍କ ରୋଜଗାର କିପରି ଦ୍ୱିଗୁଣିତ ହୋଇପାଇବ ସେ ଦିଗରେ କାର୍ଯ୍ୟ କରିବେ ବୋଲି କହିଥିଲେ। କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି, ଜିଲ୍ଲାର ଏକମାତ୍ର ମଡେଲ୍ ସମବାୟ ସମିତି ହୋଇଥିବାରୁ ବିଭିନ୍ନ ଆଡୁ ଶୁଭେଚ୍ଛାର ଶୁଅ ଛୁଟୁଛି।

# 'ଜିଜ୍ଞାସୁ ହେଲେ ଛାତ୍ରଛାତ୍ରୀ ଆଗକୁ ବଢ଼ିପାରିବେ'

## ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ମେଳା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଛାତ୍ରଛାତ୍ରୀଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଲକ୍ଷ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉକୁଳେଇ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଅଷ୍ଟମ ବାର୍ଷିକ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ପ୍ରତି ଆଗ୍ରହ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନ, ବିଜ୍ଞାନ ଉପରେ କୁନି କୁନି ବୈଜ୍ଞାନିକଙ୍କ ଚିନ୍ତାଧାରାକୁ ଅଭିବୃଦ୍ଧ କରି ବିଜ୍ଞାନ ମେଳାର ଆୟୋଜନ ମୂଳଲକ୍ଷ୍ୟ। ସେଣ୍ଟ ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଶିକ୍ଷାବିତି ପ୍ରମୋଦ କୁମାର ନାୟକ, ବିଚାରକ ମଣ୍ଡଳୀ ରବୀନ୍ଦ୍ର କୁମାର ସାମନ୍ତରାୟ, ଅରୁଣ କୁମାର ମହାନ୍ତି, ସମ୍ପାଦକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଭା ପରିଚାଳନା କରିଥିଲେ ରଶ୍ମିରଞ୍ଜନ ନାଏକ। ବିଜ୍ଞାନର ବିକାଶ ଯୋଗୁଁ ମାନବ ସଭ୍ୟତାର ବିକାଶ ସମ୍ଭବପର ହୋଇପାରିଛି। ଏଣୁ ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି। ଛାତ୍ର ଜୀବନରେ ନିଜକୁ ଅଧିକ ଶୃଙ୍ଖଳିତ ଭାବରେ ଗଢି ତୋଳିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଖାଦ୍ୟ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ, କୃଷି, ବିପର୍ଯ୍ୟୟ ପରିଚାଳନା, ଆଦର୍ଶ ଗଣିତ ପ୍ରଦର୍ଶନ, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା ଆଦି ବିଷୟକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ବିଚାରକ ମଣ୍ଡଳୀ ୩ଟି ପ୍ରକଳ୍ପ ମନୋନୀତ କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ କୃତିଦ୍ୱୀପା ଲେଙ୍କା ଓ ଆଦେଶା ପ୍ରିୟଦର୍ଶନୀ, ଦ୍ୱିତୀୟ ସ୍ଥାନ ଅଙ୍କିତା ସ୍ୱାଇଁ ଓ ତୃତୀୟ ସ୍ଥାନ ଦିବ୍ୟଜ୍ୟୋତି ଓ ଶୁଭ୍ରଜ୍ୟୋତି। ଉପସ୍ଥିତ ଅତିଥି ଓ ବିଦ୍ୟାଳୟ ଗୁରୁଜୀ ଗୁରୁମା'ଙ୍କ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବି

ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ଇପିଏଫ୍ ପେନ୍‌ସନ୍ ସଂଘ ପକ୍ଷରୁ ତା'ର ଦାବି ଦିବସରେ ଆଜି କଟକ ଜିଲ୍ଲାପାଳଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକଦାବି ପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସର୍ବନିମ୍ନ ମାସିକ ୯୦୦୦ ଟଙ୍କା ସହିତ ମହଙ୍ଗାଭତ୍ତା, ନିଶୁଳ୍କ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବର୍ଦ୍ଧିତ ପେନ୍‌ସନ୍ ଦେବା ଇତ୍ୟାଦି ଦାବି କରାଯାଇଛି। କଟକ ଜିଲ୍ଲା ଇପିଏଫ୍ ସଂଘର ସ୍ୱଳ୍ପ ପେନ୍‌ସନ୍ ଭୋଗୀମାନେ କଟକ କଚେରୀଗଡା ଠାରୁ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ସଭାରେ ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସଂପାଦକ ବିନୋଦ ବେହେରା ଦାବିପତ୍ର ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସି ନେତା ଅମରେନ୍ଦୁ ମହାନ୍ତି, ସି.ଟୁ ନେତା ରବିନାରାୟଣ ମଲ୍ଲିକ, ଶ୍ରମିକ ନେତା ବଂଶୀଧର ପରିଡା, ରବିନ୍ଦ୍ରନାଥ ଧଳ, ଇପିଏଫ୍ ପେନ୍‌ସନ୍ ସଂଘ ରାଜ୍ୟ ସଭାପତି ବିଜୟ ଜେନା, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ନଟବର ଆଚାର୍ଯ୍ୟ, ବିକ୍ରମ ଛୋଟରାୟ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଦାବିପୂରଣ ପାଇଁ କେନ୍ଦ୍ରସରକାର ଦୃଢ଼ ଦାବି ଜଣାଇଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ସ୍ୱଳ୍ପ ପେନ୍‌ସନ୍ ଭୋଗୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଧୀରେନ୍ଦ୍ର ପ୍ରତାପ, ଅଲେଖ ରାଉତ, ଦେବେନ୍ଦ୍ର ସାହୁ, ବୁଲେଇ ବେହେରା, ବିଜୟ ସ୍ୱାଇଁ, ଆଦିତ୍ୟ ପଟ୍ଟନାୟକ, ଗୋବିନ୍ଦ ନାୟକ, ରଞ୍ଜନ ଦାସ, ରଘୁନାଥ ବରାଳ, ସୁକାନ୍ତ ସ୍ୱାଇଁ, ବିଜୟ ନାୟକ, ବନମାଳି ବେହେରା, ସୁରେନ୍ଦ୍ରନାଥ ସାହୁ, ଭଜକୃଷ୍ଣ ଲେଙ୍କା, ମନୋରଞ୍ଜନ ପରିଡା, ପ୍ରସନ୍ନ କୁମାର ମିଶ୍ର ଓ ସୁରେଶ ଚନ୍ଦ୍ର ତରାଇ ପ୍ରମୁଖ ଯୋଗଦେଇଥିଲେ।

# ଜୟପୁର ସେବା କାଗଜ କଳ ଶ୍ରମିକଙ୍କ ଧାରଣା




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଜୟପୁର ସେବା କାଗଜ କଳର ଶ୍ରମିକମାନେ ଏଆଇଟିୟୁସି ସହବନ୍ଧିତ ସଂଘ ନେତୃତ୍ୱରେ ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନର ଅଫିସ୍ ସମ୍ମୁଖରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶ୍ରମିକ ସଂଘ ଦାବି କରିଛି ଯେ, ୨୦୨୦ ଫେବୃଆରୀରେ କାରଖାନା ନୂଆ କମ୍ପାନୀ ମଦର ଆର୍ଥ୍‌କୁ ହସ୍ତାନ୍ତର ହେବା ପରେ ଶ୍ରମିକ ମାନଙ୍କ ପିଏଫ୍ ଦେୟ କମ୍ କରିଦେଇଛି, ଯାହାଫଳରେ ଶ୍ରମିକମାନଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି। କାରଖାନା ନୂଆ କମ୍ପାନୀକୁ ବିକ୍ରି ସମୟରେ ଏକ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ବା ବିଟିଏ ହୋଇଥିଲା ଏବଂ ସେଥିରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଶ୍ରମିକମାନଙ୍କ ଦରମା ଏବଂ ଚାକିରି ସର୍ତ୍ତାବଳୀରେ କୌଣସି ପ୍ରକାରେ ନ୍ୟୁନ ହେବନାହିଁ। ସେଥିପାଇଁ ସଂଘ ପକ୍ଷରୁ ଏକ ଅଭିଯୋଗ ୨୦୨୪ ମେ' ୩୦ରେ ପିଏଫ୍ କମିଶନର ଅଫିସ୍‌ରେ ଦାଖଲ ହୋଇଛି। କମିଶନର ପକ୍ଷରୁ ନିଯୁକ୍ତ ଏନ୍‌ଫୋର୍ସମେଣ୍ଟ ଅଫିସର୍ ଶ୍ରମିକ ମାନଙ୍କ ହାଜିରା ଏବଂ ଦରମା ରେଜିଷ୍ଟର ଅନୁସନ୍ଧାନ କରିଛନ୍ତି କିନ୍ତୁ ଶ୍ରମିକ କିମ୍ବା ସଂଘକୁ ବିଶ୍ୱାସରେ ନେଇ ନାହାଁନ୍ତି। ଆନ୍ଦୋଳନରତ ଶ୍ରମିକ ସଂଘକୁ ଆଲୋଚନା ପାଇଁ ପିଏଫ୍ କମିଶନର ଡକେଇବା ପରେ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ସର୍ବଶ୍ରୀ ପ୍ରମୋଦ କୁମାର ତୀୱାରୀ, କେ. ସତ୍ୟନାରାୟଣା ଏବଂ ବସନ୍ତ ବେହେରା ପ୍ରମୁଖ ଆଲୋଚନା କରିଥିଲେ। କମିଶନର ଆଶ୍ୱାସନା ଦେଇଛନ୍ତି ଯେ ଶ୍ରମିକମାନଙ୍କ ସଂଖ୍ୟା, ସେମାନଙ୍କ ହାଜିରା ଓ ଦରମାର ଯାଞ୍ଚ କରିବା ପରେ ଉଭୟ ମ୍ୟାନେଜମେଣ୍ଟ ଓ ସଂଘ ଉପସ୍ଥିତିରେ ଆଲୋଚନା କରାଯିବ। ଶ୍ରମିକମାନଙ୍କୁ ନ୍ୟାୟ ମିଳିବ। ତା'ପରେ ଅପରାହ୍ନ ଘ ୨.୩୦ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜିର ଧାରଣା କାର୍ଯ୍ୟକ୍ରମରେ ଗଞ୍ଜାମ ଏଆଇଟିୟୁସି ନେତା ପ୍ରବୀଣ ଦାସ, କାମଦେବ ନାହାକ, ଶ୍ରମିକ ସଂଘର ସର୍ବଶ୍ରୀ ଅଲେଖ ପାତ୍ର, ସୁଦର୍ଶନ ବିଷୋୟୀ, ପ୍ରହଲ୍ଲାଦ ମଲ୍ଲିକ, ଧ୍ରୁବ ମଲ୍ଲିକ, ସୁବାଷ ବେହେରା, ଭାସ୍କର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବାହିନୀ ମୁତୟନ ହୋଇଥିଲେ।

# ଆଦିବାସୀଙ୍କ ସୁରକ୍ଷା ପାଇଁ ଦାବି କଲା ସଂଘ

ବଲାଙ୍ଗିର, (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧିନସ୍ଥ ଜୁରାବନ୍ଧ ଗାଁର ଆଦିବାସୀ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏବଂ ବିଷ୍ଠା ଖୁଆଇ ନୃଶଂସ କାର୍ଯ୍ୟ ମାନବିକତାର ସବୁ ସୀମା ଟପି ଯାଇଛି ବୋଲି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ କ୍ଷୋଭ ପ୍ରକାଶ କରିଛି। ବଙ୍ଗୋମୁଣ୍ଡା ଥାନା କେସ ନଂ.୨୮୮ ତା ୧୬. ୧୧. ୨୦୨୪ ରିଖରେ ଅଭିଯୋଗ ଅନୁସାରେ ଜୁରାବନ୍ଧ ଗାଁର ଅଭୟ ବାଗ ନାମକ ଅଣ ଆଦିବାସୀ ଯୁବକ ସେହି ଗାଁର ଆଦିବାସୀ ସମାଜର ସ୍ୱର୍ଗତ କେତୁ ମିର୍ଦ୍ଧାଙ୍କ ଝିଅ ସସ୍ମିତା ମିର୍ଦ୍ଧା ଗାଧୋଇ ଘରକୁ ଫେରୁଥିବା ବେଳେ ଅଭୟ ଆଦିବାସୀ ଯୁବତୀର ଛାତିରେ ହାତ ମାରିଥିଲା, ଠେଲାପେଲା କରି ତଳେ କଚାଡି ଦେଇଥିଲା ଏବଂ ଜାତି ଆକ୍ଷେପ କରି ଗାଳିଗୁଲଜ କରିଥିଲା ଓ ବିଷ୍ଠା ମୁହଁରେ ଘଷିଦେଇ ଝିଅକୁ ବିଷ୍ଠା ଖୁଆଇ ଦେଇଥିଲା। ଏହା ଦେଖି ଆଦିବାସୀ ଯୁବତୀଙ୍କ ବଡ଼ ମା' ଚମ୍ପା ମିର୍ଦ୍ଧା ଛଡ଼ାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ଅଭୟ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା। ଏହି ଘଟଣାକୁ ୫ଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ଅପରାଧୀକୁ ଗିରଫ କରିପାରିନାହିଁ। ଦିନକୁ ଦିନ ଆଦିବାସୀମାନଙ୍କ ପ୍ରତି ଅତ୍ୟାଚାର, ନିର୍ଯାତନା, ଶୋଷଣ, ଦମନ, ନୃଶଂସ ଆଚରଣ ବଢୁଥିବାରୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ସାମାଜିକ ବିକାଶ ଦିଗରେ ସରକାର ଉଦାସୀନତା ଅବଲମ୍ବନ କରୁଥିବାରୁ ଏଭଳି ଘଟଣା ଘଟୁଛି ବୋଲି ସଂଘର ବ୍ଲକ ସଭାପତି ମନରଞ୍ଜନ ଭୋଇ, ଆଦିବାସୀ ନେତା ଚକ୍ରଧର ଜାନୀ, ଆର୍ତ୍ତ ଭୋଇ, ନରୋତ୍ତମ ମାଝୀ, ଖେଳନ୍ତି ସମରଥ, ମିଥିଲା ମାଝୀ, ପତ୍ରଙ୍ଗି ମାଝୀ, ଲକ୍ଷ୍ମୀ ମାଝୀ ପ୍ରମୁଖ ସରକାରଙ୍କ ଦୃଢ଼ ନିନ୍ଦା କରି ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

# ରାଶିଫଳ

ଶୁକ୍ରବାର, ୨୨ ନଭେମ୍ବର ୨୦୨୪



**ମେଷ:** ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ କାମରେ ଅଗ୍ରଗତି ଘଟିପାରେ। ଦ୍ୱିଜା ନକ୍ଷତ୍ରର ଆର୍ଥିକ ସଙ୍କଟ ଲାଗି ରହିଲେ ମଧ୍ୟ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ସ୍ଥିର ମନ ନେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ।



**ବୃଷ:** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ଆନୁଷ୍ଠାନିକ କାମରେ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ।



**ମିଥୁନ:** ସ୍ୱାସ୍ଥ୍ୟ ସଚେତନତାର ଅଭାବଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ନଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।



**କର୍କଟ:** ମନ ପ୍ରଫୁଲ୍ଲ ରହିବ ଏବଂ ଯାହା ଆଶା କରୁଛନ୍ତି ପାଇବେ। ଅଶ୍ଳେଷା ନକ୍ଷତ୍ର ବ୍ୟବସାୟରେ ଲାଭବାନ୍ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ଅସୁବିଧା ନହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।



**ସିଂହ:** କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅନ୍ୟମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରଶାସନିକ ସ୍ତରରେ ସହଯୋଗ ଅଭାବରୁ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।



**କନ୍ୟା:** ଆଜି ହଠାତ୍ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବେ ନାହିଁ।



**ତୁଳା:** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ତଥାପି କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।



**ବିଛା:** ଆଜି ସକାଶେ ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। କଳା, କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।



**ଧନୁ :** ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣା ଓଟରା ଲାଗିବ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଶତ୍ରୁଠାରୁ ଦୂରେଇ ରୁହନ୍ତୁ। ଉତ୍ତରାଷାଢ଼ା ନକ୍ଷତ୍ରର ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।



**ମକର:** ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।



**କୁମ୍ଭ:** ଆଜିର କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ହୋଇପାରୁଛି ଆପଣଙ୍କ ପାଇଁ ସେପରି ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତଭିଷା ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।



**ମୀନ:** ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ସ୍ଥଗିତ କାମ ହାସଲ କରିବେ। ଅସୁବିଧା ନହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ପ୍ରକୃତ ଘଟଣା ନବୁଝି ପଡ଼ୋଶୀ କ୍ରୋଧ ପ୍ରକାଶକରି କଟୁ କଥା କହିବାକୁ ପଛାଇବେ ନାହିଁ। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।



ଶ୍ରୀପତି ଶାସ୍ତ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବରଗଡ(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ରାଜ୍ୟସ୍ତରୀୟ 'କୁଇଜ୍‌ଏବଲ୍ସ ଓଡ଼ିଶା' ବୌଦ୍ଧିକ ଭିନ୍ନକ୍ଷମ ପିଲାମାନଙ୍କର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତର୍ଗତ ବୌଦ୍ଧିକ ଅକ୍ଷମତା ବିଦ୍ୟାଳୟର ୧୧ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଜୁନିୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଶୁଭମ ମେହେର, ଭାସ୍କର ରାୟ, ଶଶୀକଳା ବରିହା, ନିଗମ ପ୍ରଧାନ,ରୋହନ ବାଗ ଥିବାବେଳେ ସିନିୟର ଛାତ୍ରମାନଙ୍କ ମଧ୍ୟରେ ଆକାଶ ମେହେର, ଶେଷଦେବ ମେହେର, ମନୋଜ ଗିଙ୍ଗରା, ଜିତେନ୍ ଭୁଏ, ରାକେଶ ମେହେର ଓ ଏକାମ୍ର ବାଗ ଭାଗ ନେଇଥିଲେ।ଗାଇଡ୍ ଶିକ୍ଷକ ସୁଧୀର କୁମାର ଦେବତା, ମୀତା ମହାପାତ୍ର ଏବଂ ବିଶ୍ୱଦତ୍ତ ଦାଶ ରହି ଥିବା ବେଳେ ପ୍ରଧାନ ଶିକ୍ଷକ ମେଘନାଦ ସାହୁ ସମସ୍ତ ଦାୟିତ୍ୱ କୁ ତଦାରଖ କରିଥିଲେ । କମ୍ପୁଟର ସେଣ୍ଟର ମୁଖ୍ୟ ସର୍ବେଶ୍ୱର ତ୍ରିପାଠୀ ଦିବ୍ୟାଙ୍ଗ ପିଲାମାନଙ୍କର ପରୀକ୍ଷା ଦେଖି ପ୍ରଶଂସା କରିଥିଲେ। ଭଲ ଭାବରେ ପିଲାମାନେ ପରୀକ୍ଷା ଦେଇଥିବାରୁ ପ୍ରଧାନ ଶିକ୍ଷକ କମ୍ପୁଟର ସେଣ୍ଟର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଦୃଷ୍ଟିହୀନ ବୃଦ୍ଧ ଭତ୍ତାରୁ ବଞ୍ଚିତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଏକ ବିକଳ ଚିତ୍ର ସାମନା କୁ ଆସିଛି।ଜଣେ ଦୃଷ୍ଟି ହୀନ ବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ଏହି ଘଟଣା ଚମ୍ପି ପଞ୍ଚାୟତ ଅନ୍ତର୍ଗତ ତଳ ବିଲାଙ୍ଗଶିଳ ଗ୍ରାମରେ ଦେଖିବାକୁ ମିଳିଛି।ଗ୍ରାମର ଜଣେ ଦୃଷ୍ଟିହୀନ ନିତ୍ୟା କାଡ୍ରାକା ବୟସ ପାଖ ପାଖି ସତୁରି ହେବ। ତାଙ୍କୁ ଭତ୍ତା ଟଙ୍କା ୫ଶହ ମିଳୁଥିଲା। ହେଲେ ତିନି ବର୍ଷ ହେବ ତାହା ବନ୍ଦ ହୋଇ ଯାଇଥିବା ସିଏ କହିଛନ୍ତି।ଏନେଇ ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭ କରି ବ୍ୟାଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି।ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିଲେ ବ୍ୟାଙ୍କ ଖାତା ଦେଖ ବୋଲି କହୁଥିବା ବେଳେ ବ୍ୟାଙ୍କବାଲା କିନ୍ତୁ କିଛି ଟଙ୍କା ଚଢି ନଥିବା କହୁଛନ୍ତି। ଏହାକୁ ନେଇ ବୃଦ୍ଧ ଜଣକ ଏବେ ଚିନ୍ତାରେ ପଡ଼ିଥିବା ବେଳେ ପ୍ରକୃତ ସତ୍ୟାସତ୍ୟ କଣ ତାହା ବ୍ଲକ ପ୍ରଶାସନ ଉପରେ ଏବେ ନିର୍ଭର କରୁଛି। ଆଗାମୀ ଦିନରେ ବୃଦ୍ଧ ଜଣକ ନିଜର ପ୍ରାପ୍ୟ ପାଇଛନ୍ତି କି ନାହିଁ ତାହା ଏବେ ଦେଖିବାକୁ ବାକି ରହିଲା।

## ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କଲା ପୋଲିସ

ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଅମଳ ହେବା ପୂର୍ବରୁ ତତ୍ପରତା ଦେଖାଇଲା ଓର୍କେଲ ପୋଲିସ। ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିବା ପରେ ଆଜି ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏଏସଆଇ ବିଜୟ କୁମାର ବେନିଆ ଏବଂ ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝିଙ୍କ ସମେତ ଏକ ସ୍ୱତନ୍ତ୍ର ପୋଲିସ ଟିମ କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧିନସ୍ଥ ମଜୁରଲେଣ୍ଡି ପାହାଡ଼ରେ ପହଁଞ୍ଚି ସେଠାରେ ପ୍ରାୟ ୫ ଏକର ଅଞ୍ଚଳରେ ବେଆଇନ ଭାବେ ଚାଷ ହୋଇଥିବା ପ୍ରାୟ ୬୦୦୦ ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛକୁ କାଟି ନଷ୍ଟ କରିଛି। ମାଜିଷ୍ଟ୍ରେଟଙ୍କ କ୍ଷମତାରେ ସେଠାକୁ ଯାଇଥିବା ଖଇରପୁଟ ତହସିଲଦାର ଏମ୍ ପ୍ରମୋଦ କୁମାର ବେହେରାଙ୍କ ଉପସ୍ଥିତିରେ ଏହି ଗଛଗୁଡ଼ିକୁ ନିଆଁ ଲଗାଇ ପୋଡି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆଯାଇଛି। ଏ ନେଇ ଓରକେଲ ପୋଲିସ ପକ୍ଷରୁ ଥାନାରେ କେସ ନଂ-୩୬୫/୨୪ରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



## ନୂତନ ପଞ୍ଚାୟତ ଅଫିସ୍ ପାଇଁ ଭୂମି ପୂଜନ



ଖଇରପୁଟ(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ଗ୍ରାମରେ ବହୁ ବର୍ଷ ପରେ ଆଜି ନୂତନ ପଞ୍ଚାୟତ ଅଫିସ୍ ପାଇଁ ଭୂମି ପୂଜନ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ସରପଞ୍ଚ ଶ୍ରୀନିବାସ ମୁଦୁଲି ଙ୍କ ନେତୃତ୍ୱରେ ଆୟୋଜନ ହୋଇ ଥିବାବେଳେ ସ୍ଥାନୀୟ ବ୍ଲକ ଅଧିକାରୀ ଉମାଶଙ୍କର କୋୟା , ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବେହେରା,ସମସ୍ତ ୱାର୍ଡ ମେମ୍ବର ଓ ପଞ୍ଚାୟତ ଅଧିକାରୀ ସହ ସମାଜସେବୀମାନେ ଯୋଗ ଦେଇଥିଲେ। ପ୍ରକାଶଥାଉକି ବର୍ତ୍ତମାନ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଟି ଏକ ସଂକୀର୍ଣ୍ଣ ଜାଗାରେ ଅଛି ଯାହାଦ୍ୱାରା ପଞ୍ଚାୟତ କାର୍ଯ୍ୟ ରେ ବହୁତ ଅସୁବିଧା ହେଉଛି।ନୂତନ ପଞ୍ଚାୟତ କାର୍ଯ୍ୟାଳୟର ନିର୍ମାଣ କାମ ଆରମ୍ଭ ହେବା ଦେଖି ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ପ୍ରଶଂସା କରିଛନ୍ତି ।

## ଲୋକ ମହୋତ୍ସବ 'ମଣ୍ଡେଇ'ର ଶୁଭାରମ୍ଭ

### ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣୁଛି ମଣ୍ଡେଇ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି/ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): )ନବରଙ୍ଗପୁର ଜିଲ୍ଲାସ୍ତରୀୟ ମଣ୍ଡେଇ ଉତ୍ସବ ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଝାଡେଶ୍ୱର ଶୈବ ପୀଠ ଓ ମା' ଡଙ୍ଗର ଦେଈ ମନ୍ଦିର ଠାରେ ଶୁଭାରମ୍ଭ ହୋଇଛି। ଶୈବପୀଠରୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ସହ ଏହାର ଶୁଭାରମ୍ଭ କରାଯାଇଛି। ପୂଜା ପରେ ମନ୍ଦିର ଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ସ୍ଥାନୀୟ ମଣ୍ଡେଇ ପଡିଆ ପର୍ଯ୍ୟନ୍ତ ବାହାରିଥିଲା ।ଏହି ଶୋଭାଯାତ୍ରାରେ ଶହ ଶହ ଲୋକ ଯୋଗ ଦେଇ ଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡ. ଶୁଭଙ୍କର ମହାପାତ୍ରଙ୍କ ପୌରହିତ୍ୟରେ ପୂଜା ଅର୍ଚ୍ଚନା କରାଯାଇଥିବା ବେଳେ ମୁଖ୍ୟଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମଣ୍ଡେଇ ମଶାଲ ପ୍ରଜ୍ୱଳିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ମଣ୍ଡେଇ ମହୋତ୍ସବଜିଲ୍ଲାର ଆଦିବାସୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ପାରୁଛି ବୋଲି ନିଜ ଅଭିଭାଷଣ ରେ କହିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଡ଼ାବୁଗାଁବିଧାୟକ ମନୋହର ରନ୍ଧାରୀ ଯୋଗଦେଇମଣ୍ଡେଇ ମହୋତ୍ସବ ନବରଙ୍ଗପୁର ଜିଲ୍ଲାକୁ ପରିଚିତ କରିପାରିଛି ବୋଲି କହିଥିଲେ। ଆଦିବାସୀ ମଣ୍ଡେଇ ମାଘ ମାସରୁ ଆରମ୍ଭହୋଇ ଏପ୍ରେଲ ମାସ ଯାଏଁ ଚାଲିଥାଏ। ସରକାରୀ ମଣ୍ଡେଇ ହେବା ଦ୍ୱାରା ଜିଲ୍ଲାର ଲୋକକଳା ଓ ଲୋକ ସଂସ୍କୃତିର ପୁନରୁଦ୍ଧାର ହୋଇପାରୁଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବରେ ଯୋଗଦେଇମଣ୍ଡେଇ ମହୋତ୍ସବ ମାଧ୍ୟମରେ ଆମ ପରମ୍ପରା ଥିଲେ ସଂସ୍କୃତି ବଞ୍ଚି ରହିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତି ରାମ ନାୟକ କହିଛନ୍ତି। ବର୍ତ୍ତମାନର ଯୁବପିଢି ଆଧୁନିକତାର ଛାପରେପୁରୁଣା ସଂସ୍କୃତିକୁ ଭୂଲି ଯାଉଛନ୍ତି ଏବଂ ଏହା ଚିନ୍ତାରକାରଣ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାୟକ। ସେହିପରି ଝରିଗାଁ ବିଧାୟକ ନରସିଂହ ଉତରା ଜିଲ୍ଲାର ଭାଷା ସଂସ୍କୃତି ପରମ୍ପରା ନୃତ୍ୟଗୀତର ସ୍ୱତନ୍ତତା ରହିଛି। ମଣ୍ଡେଇ ମାଧ୍ୟମରେ ଜିଲ୍ଲାର ସଂସ୍କୃତିକୁ ମନେ ପକାଯାଉଛି ବୋଲି କହିଥିଲେ । ଏହି ମଣ୍ଡେଇ ଉତ୍ସବରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରି ଥିବା ବେଳେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ମଣ୍ଡେଇ ଆସନ୍ତା ୬ ତାରିଖ ରୁ ୮ ତାରିଖ ପର୍ଯ୍ୟନ୍ତ ହେବ ଓ ୯,୧୦ ତାରିଖ ଦୁଇ ଦିନ ପଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଆଜିର ଏହି ମଣ୍ଡେଇ ଉଦଘାଟନ କାର୍ଯ୍ୟକ୍ରମରେ ତେନ୍ତୁଲିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରି ନାୟକ, ଉପାଧ ରାଜେନ୍ଦ୍ର ବିଷୋୟୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ନନ୍ଦା ହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ,ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ,ଅରୁଣ ମିଶ୍ର,ଦିବ୍ୟାଦନ ସୁନା, ଜିଲ୍ଲା ପରିଷଦ ସଦସ୍ୟା ପରିଜା ଭତରା, ନବରଙ୍ଗପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ସୁନିଲ କୁମାର ଖରା, କୋଷଗୁମୁଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ଧଣ୍ଡା ପଞ୍ଚାୟତ ସରପଞ୍ଚ ଚଇତି ଜାନି,ନବରଙ୍ଗପୁର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦର୍ ୱାନ, ଆରିକ୍ଷୀ ଅଧିକ୍ଷକ ମିହିର ପଣ୍ଡା,ଅତିରିକ୍ତ ଜିଲ୍ଲା ପାଳ ନବୀନ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ସହ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇ ଥିଲେ।



## ପ୍ରମିସିସ ନାଗଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ

ଉମରକୋଟ(ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବାଟିବେଡ଼ା ଠାରେ ଥିବା ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମିସିସ ନାଗଙ୍କୁ ଜିଲ୍ଲାସ୍ତରୀୟ ସର୍ଗୀଫୁଲ ୨୦୨୪ ଉତ୍ସବରେ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଏଥି ପୂର୍ବରୁ ଶ୍ରୀ ନାଗ କଳାହାଣ୍ଡି ଶିକ୍ଷା ଜୋନ ପୁରସ୍କାର ୨୦୨୪ ରେ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ନାଗଙ୍କୁ ଏହି ସମ୍ମାନରେ ସମ୍ମାନିତ



କରାଯାଇଛି। ଶିକ୍ଷାଦାନ, ଉତ୍ତମ ବ୍ୟବହାର , ସ୍କୁଲର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଓ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ପରିଚିତ ଥିବା ଯୋଗୁ ଶ୍ରୀ ନାଗଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବରେ ମନୋନୀତ କରାଯାଉଛି। ୧୯ ତାରିଖ ଦିନ ସର୍ଗିଫୁଲ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ନବରଙ୍ଗପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାଜୀବ ଲୋଚନ ସାହୁ , ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସୁଶ୍ରୀ ନିବେଦିତା ବିଶ୍ୱାଳ ଓ ସତ୍ୟ ବ୍ରତ ବେହେରା ପ୍ରମୁଖ ଉପସ୍ଥିତିରେ ଶ୍ରୀ ନାଗଙ୍କୁ ସମ୍ମାନିତ କରାଯାଇଥିଲା।

## ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନେଇ ସଚେତନତା କାର୍ଯ୍ୟକ୍ରମ




ମାଲକାନଗିର(ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା ସ୍ତରୀୟ ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ପଡିଆ ବ୍ଲକ ସଦରରେ ଥିବା ପଡିଆ କଲେଜ ଠାରେ + ୨ ଛାତ୍ରୀ ଛାତ୍ର ମାନଙ୍କୁ ନେଇ 'ସାମାଜିକ ଗଣମାଧ୍ୟମର ଉପକାରିତା ଓ ସଦବ୍ୟବହାର' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଲେଜର ଶତାଧିକ ଛାତ୍ରୀ ଛାତ୍ର ମାନେ ନିଜ ନିଜ ପାଖରେ ଥିବା ମୋବାଇଲ ମାଧ୍ୟମରେ କିପରି ନିଜ ନିଜର ଟ୍ୱିଟର, ଇନଷ୍ଟଗ୍ରାମ, ଫେସବୁକ ଆକାଉଣ୍ଟ ଖୋଲି ଫଟୋ ଉତ୍ତଳନ ଓ ଭିଡିଓ ତିଆର କରି ଗ୍ରାମାଞ୍ଚଳ ଓ ଆଖ ପାଖରେ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ଅତିଶୀଘ୍ର କମ ସମୟରେ, ସହଜରେ ଓ ବିନା ଖର୍ଚ୍ଚାନ୍ତରେ ବିଭିନ୍ନ ସରକାରୀ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ପଠାଯାଇ ପାରିବ ଏବଂ ସମସ୍ୟା ତୁରନ୍ତ ସମାଧାନ ହୋଇପାରିବ ସେବିଷୟରେ ସଚେତନ କରଯାଇଥିଲା। ସଂଗଠନ କର୍ମୀ ଜିତେନ୍ଦ୍ର ଖିଲ, ଚିତ୍ତରଞ୍ଜନ ସାହୁ, କଲେଜ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ଅଧ୍ୟାପକ ପବିତ୍ର ମୋହନ ନାୟକ ପିଲାମାନଙ୍କୁ ସଚେତନ କରିବା ସହିତ ମୋବଇଲରେ ଏହି ଆପ କିପରି ଇନଷ୍ଟାଲ କରି ବ୍ୟବହାର କରାଯିବ ତାହାର ଡେମୋ କରି ବୁଝାଇଥିଲେ। ଏହାସହିତ ସାମାଜିକ ଗଣମାଧ୍ୟମକୁ ଆହୁରି ପ୍ରସାରିତ କରବା ପାଇଁ ନିଜ ସାଙ୍ଗସାଥି ମାନଙ୍କୁ ଏଥିରେ ଯୋଡିବା, ଏଥିରେ କଣ କଣ କରିବଓ କଣ କଣ କରିବନାହିଁ ଏବଂ ଫ୍ରଡ଼ରୁ କିପରି ଦୁରେଇ ରହିବ ତାଉପରେ ମଧ୍ୟ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଡିଆ ସଂଗଠନ କର୍ମୀ ଶ୍ରୀନୁ ସେଲବମ, ଅନିତା ପୁନେମ ଓ ସୋମନାଥ ମାଡକାମୀ ପରିଚାଳନା କରିଥିଲେ।

## ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

କଲ୍ୟାଣସିଂପୁର(ଭାସ୍କର ନ୍ୟୁଜ): ରାୟଗଡ ସମବାୟ ବିଭାଜନ ତରଫରୁ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ ରାୟଗଡ଼ ଜିଲ୍ଲାରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଉତ୍ସାହ ସହକାରେ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ହେମନ୍ତକୁମାର ନାୟକ, ସଭାପତି କୋରାପୁଟ ଜିଲ୍ଲା ସମବାୟ ସଂଘ, କୋରାପୁଟ ସଭାପତିତ୍ୱ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଶିବ ପଟନାୟକ, କାଳୀରମ ମାଝୀ , ବସନ୍ତ କୁମାର ଉଲ୍ଲକା , ବନଗଡି ତିରୁପତି,ଜଗନ୍ନାଥ ନୂଣ୍ଡରୁକା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ବବିଲତା ଶଡ଼ଙ୍ଗୀ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ଶ୍ରୀ ସାଇ ମାଧବ ସମ୍ମାନିତ ବକ୍ତା ଭାବର ଯୋଗ ଦେଇଥିଲେ । " ସମବାୟ ସମସ୍ତଙ୍କ ଉତ୍ତମ ଭବିଷ୍ୟତ ଗଠନ କରେ " ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ସମସ୍ତ ଅତିଥି ଓ ବକ୍ତା ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସ୍କୁଲ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଓ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶ୍ରେଷ୍ଠ ଲ୍ୟାମ୍ପସ ଭାବରେ ରମାନଗୁଡା ଲ୍ୟାମ୍ପସ , ଶ୍ରେଷ୍ଠ ମତ୍ସ୍ୟ ସମବାୟ ସମିତି ଭାବରେ ମା' ମଙ୍ଗଳା ମତ୍ସ୍ୟ ସମବାୟ ସମିତି, କେନ୍ଦୁଗୁଡା , ଶ୍ରେଷ୍ଠ RCMS ଭାବରେ ରାୟଗଡା RCMS ଓ ନାଗାବଳୀ କୃଷି ସମବାୟ ସମିତି , ଜେକେପୁର ଙ୍କୁ ଶ୍ରେଷ୍ଠ ଆଗ୍ରୋ ଫରେଷ୍ଟ ସମବାୟ ସମିତି ଭାବରେ ପୁରସ୍କୃତ କରାଯାଇଥିଲା । ସୀତାପତି କରୁଣାକର ମାଝୀ ଉପନିବନ୍ଧକ ସମବାୟ ସମିତି ସମୂହ ରାୟଗଡାଙ୍କ ଆବାହକ ହୋଇଥିବାବେଳେ ଭବାନୀ ଶଙ୍କର ଦାସ ଓ ଶିବ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସମବାୟ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ବିଜେଡିର ଦାବିପତ୍ର



ବରଗଡ଼ (ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାହାକି ନିରୀହ ଜନସାଧାରଣଙ୍କ ପାଇଁ ଚିନ୍ତାର ବିଷୟ ପାଲଟଛି। ବରଗଡ଼ ବିଜୁ ଜନତା ଦଳ ଗଭୀର ଉଦବେଗ ପ୍ରକାଶ କରିଛି । ଏଥିସହିତ ସମଗ୍ର ରାଜ୍ୟରେ ବରଗଡ଼ ଶାନ୍ତି ଓ ଭାଇଚାରାର ସହର ଭାବେ ପରିଚିତ ଥିବାବେଳେ ପୋଲିସର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ବୋଲି ଉଲ୍ଲେଖ କରି ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରି ଗ୍ରାମ ପଞ୍ଚାୟତର ସୋଡା ଗ୍ରାମରେ ଆଦିବାସୀ ଝିଅ ପ୍ରତି ଘଟିଥିବା ଅମାନୁଷିକ କାର୍ଯ୍ୟ ଓ ବରଗଡ଼ ବ୍ଲକ ତୁରୁଙ୍ଗା ଗ୍ରାମର ଜନୈକ ପରିବାର ପ୍ରତି ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ଓ ଦୁର୍ଭାଗ୍ୟ ଜନକ ବୋଲି ଅଭିହିତ କରାଯାଇଛି । ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଚାଲିଥିବା ନିଶା ଯଥା କୋରେକ୍ସ , ବେଆଇନ ମଦ ଗଞ୍ଜେଇ ,ବ୍ରାଉନ ସୁଗର ଓ ଯାତ୍ରା ଆଳରେ ଜୁଆ ଓ ସଟ୍ଟା ଖେଳ ଯୁବ ବର୍ଗ ଙ୍କୁ ବିପଥ ଗାମୀ କରି ଚାଲିଥିବା ବେଳେ ଏହି ସବୁ କାର୍ଯ୍ୟରେ ସମାଜର ତଥା କଥିତ କିଛି କ୍ଷମତାଶାଳୀ ଓ ପ୍ରତିପତ୍ତି ଶାଳୀ ବ୍ୟକ୍ତି ବିଶେଷଙ୍କ ସଂପୃକ୍ତି ଓ ଛତ୍ର ଛାୟା ତଳେ ହେଉଥିବା ବେଳେ ପୋଲିସ ଜାଣି ଶୁଣି ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାର ଅଭିଯୋଗ ହେଉଛି । ଆଗାମୀ ଦିନରେ ଏଭଳି କାର୍ଯ୍ୟ କଳାପକୁ ପ୍ରଶ୍ରୟ ଦେଉଥିବା ବା ସଂପୃକ୍ତ ଥିବା ବ୍ୟକ୍ତି ଙ୍କ ବିରୁଦ୍ଧରେ ବରଗଡ଼ ପୋଲିସ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଏଥିସହିତ ଆଗାମୀ ଦିନରେ ବରଗଡ଼ ରେ ଧନୁଯାତ୍ରା ଓ ଜିଲ୍ଲା ର ବିଭିନ୍ନ ଅଞ୍ଚଳରେ ପର୍ବ ପର୍ବାଣୀ ଓ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଏ ଦିଗରେ ଜିଲ୍ଲା ପୋଲିସ ଅପରାଧିକ କାର୍ଯ୍ୟକଳାପ ଓ ଅପରାଧିକ କାର୍ଯ୍ୟ କଳାପରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ଉପରେ କଠୋର ମନୋଭାବ ପୋଷଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ଅନ୍ୟଥା ବିଜୁ ଜନତା ଦଳ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛି ।

## ସରକାରୀ ଜାଗାକୁ ନିଜର ଷ୍ଟକ୍‌ୟାର୍ଡ କରିଛନ୍ତି ଇଟାଭାଟି ଦଲାଲ

### ମାସ ମାସ ଧରି ଇଟା ପୋଡ଼ା ପାଇଁ ରାସ୍ତାକଡ଼ରେ ଗଦା ହେଉଛି ଚଷୁ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବେଆଇନ ଇଟା ଭାଟି ଗୁଡ଼ିକ ଗଢି ଉଠିଥିବା ଦେଖିବାକୁ ମିଳିଥିବାବେଳେ କୋରୁକୋଣ୍ଡା ବ୍ଲକ୍‌ର ଜନ ସଂଖ୍ୟା କୁ ତାଳଦେଇ ଗୃହ ନିର୍ମାଣ ମଧ୍ୟ ବଢ଼ିବାକୁ ଲାଗିଛି, ଫଳରେ ଦୈନିକ ପ୍ରାୟ ପଚାଶ ହଜାର(୫୦୦୦୦)ରୁ ଉର୍ଦ୍ଧ୍ୱ ଇଟା ଆବଶ୍ୟକ ପଡୁଛି, ଯାହାର ଫାଇଦା ନେଉଛନ୍ତି ବେଆଇନ ଇଟା ପ୍ରସ୍ତୁତକାରୀ। କୋରୁକୋଣ୍ଡା ଓ ବାଲିମେଳା ପାର୍ଶ୍ୱରେ ଏକାଧିକ ବେଆଇନ୍ ଇଟା ଭାଟି ଚାଲୁଥିବା ବେଳେ ପ୍ରତିଦିନ ହଜାର ହଜାର ଇଟା ପୋଡ଼ା ଯାଇ ବିକ୍ରି କରାଯାଏ। କୋରୁକୋଣ୍ଡା ଗ୍ରାମର କେନାଲ ପାର୍ଶ୍ୱରେ ଥିବା ସରକାରୀ ସ୍ଥାନକୁ ବେଆଇନ୍ ଭାବେ ନିଜ ଅକ୍ତିଆର କୁ ନେଇ ଚାଷୀଙ୍କ ନିମନ୍ତେ ଛଡ଼ା ଯାଇଥିବା କେନାଲ ପାଣିକୁ ବ୍ୟବହାର କରି ଇଟା ପ୍ରସ୍ତୁତ କରାଯାଉଅଛି। ସେହିପରି ଭାବେ ବାଲିମେଳା ଏନ୍.ଏ.ସିର ପାର୍ଶ୍ୱବର୍ତ୍ତୀ ଗ୍ରାମ ଚିତାପାରି, ପୁରୁଣା ଓର୍କେଲ, ପୁରୁଣା ବାଲିମେଳା, ସଦାଶିବପୁର, ନୂଆଗୁଡ଼ା, ଆଦି ଅଞ୍ଚଳରେ ଏହି ବେଆଇନ୍ ଇଟା ଭାଟି ଗୁଡିକ ରହିଥିବାବେଳେ ନଦୀ କୂଳରେ ଥିବା ପଟୁ ମାଟି ଖୋଳାଯାଇ ଇଟା ତିଆରି କରାଯାଉଛି। ଏହାକୁ ଚଷୁ ସାହାଯ୍ୟରେ ଭାଟିରେ ପୋଡ଼ିବା ଯୋଗୁଁ ପରିବେଶ କ୍ଷତି ଗ୍ରସ୍ତ ହେବା ସହ ବାୟୁ ମଣ୍ଡଳ ପ୍ରଦୂଷଣ ହେଉଛି। ତେବେ ବେଆଇନ୍ ଇଟା କାରବାର କରି ଭାଟି ମାଲିକ ମାଲା ମାଲ୍ ହେଉଥିବା ବେଳେ ରାଜସ୍ୱ ହରାଉଛନ୍ତି ସରକାର। ଦୀର୍ଘ ବର୍ଷ ଧରି ଅଞ୍ଚଳରେ ବେଆଇନ୍ ଇଟା ପୋଡ଼ା ଚାଲିଥିବା ବେଳେ ଏଥିପ୍ରତି ପ୍ରଶାସନର ନଜର ନ ପଡ଼ିବା ପରିତାପର ବିଷୟ ହୋଇଛି । ପରିବେଶ ସୁରକ୍ଷା ପାଇଁ ମାଟି ତିଆରି ଇଟାର ବ୍ୟବହାର ଉପରେ ସରକାର ଜାରି କରିଥିବା କଟକଣା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଥିବା ବେଳେ , ଅଞ୍ଚଳରେ ଚାଲୁଥିବା ବେଆଇନ୍ ଇଟା ଭାଟି ଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଏହାକୁ ବନ୍ଦ କରିବା ନିମନ୍ତେ ପରିବେଶପ୍ରେମୀ ଓ ଜନସାଧାରଣ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ୍ ଇଟା ଭାଟିକୁ ବନ୍ଦ କରିବା ପରିବର୍ତ୍ତେ କେବଳ ନୋଟିସ୍ ଓ ଜରିମାନାରେ ସୀମିତ ରହିଅଛି। ରାଜସ୍ୱ ବିଭାଗର ଏପରି ବେଆଇନ୍ ଇଟା ଭାଟି ମାଲିକ ପୋଷଣ ନୀତିକୁ ନିନ୍ଦା କରିଛନ୍ତି ଅଂଚଳବାସୀ। ଅଞ୍ଚଳର ସମସ୍ତ ଇଟାଭାଟିକୁ ବନ୍ଦ୍ କରିବାକୁ ଦାବି କରିଛନ୍ତି ଅଂଚଳ ବାସୀ। ବର୍ତ୍ତମାନ୍ ବର୍ଷା ଋତୁ ସରିଛି, ସେନେଇ ଇଟା ଭାଟି ମାଲିକ ମାନେ ଇଟା ପଡ଼ିବା ନିମନ୍ତେ ପ୍ରସ୍ତୁତ ହୋଇସାରିଲେଣି। ଇଟା ପୋଡ଼ିବା ନିମନ୍ତେ ବ୍ୟବହୃତ ଚଷୁକୁ ଆଖପାଖ ଅଞ୍ଚଳରେ ଥିବା ରାଇସ୍ ମିଲ୍‌ରୁ ଟନ୍ ଟନ୍ ଆଣି ସରକାରୀ ଜାଗାକୁ ନିଜର ଷ୍ଟକ୍‌ୟାର୍ଡ କରିଛନ୍ତି ଇଟା ଭଟି ଦଲାଲ। ମାସ ମାସ ଧରି ଚଷୁ ଗଦା ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧ ହେବା ସହ ଆଖପାଖ ଚାଷ ଜମି ଫସଲ ନଷ୍ଟ ହେଉଥିବା ଅଭିଯୋଗ କରିଆସୁଛନ୍ତି ସ୍ଥାନୀୟ ବାସୀ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କୋରୁକୋଣ୍ଡା ସ୍ଥିତ ଟେକଗୁଡା ଛକ ଠାରୁ ଏମ.ଭି-୩୧ ଗ୍ରାମ ଯିବା ରାସ୍ତା ପାର୍ଶ୍ୱରେ। ଉକ୍ତ ରାସ୍ତା ପାର୍ଶ୍ୱରେ ଟନ୍ ଟନ୍ ଚଷୁ ଗଦା ହୋଇଥିବା ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ ସୁଖିଯାଇଥିବା ଦେଖିବାକୁ ମିଳିଛି।ଚଷୁ ଗରମ ହେବାରୁ ଏହା ସଂସ୍ପର୍ଶରେ ଆସି ଆଖପାଖ ଗଛ ଶୁଖିଯାଇଥିବା ପରିବେଶବିତ୍ ମତ ଦେଇଛନ୍ତି। ଏହାକୁ ଲୁଚାଇବା ନିମନ୍ତେ ଚଷୁ ଗଦା କରିଥିବା ବ୍ୟକ୍ତି କିଛି ଗଛକୁ କାଟିଦେଇଥିବା ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲି ଆସୁଥିଲେ ମଧ୍ୟ ବନ ବିଭାଗ ଓ ରାଜସ୍ୱ ବିଭାଗର ଇଟା ଭାଟି ପୋଷଣ ନୀତିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଅଛି। ଏନେଇ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାଣୀଶ୍ରୀ ମନସ୍ୱିନୀ ଦେବୀଙ୍କୁ ପଚାରିବାରୁ ସେ କହିଲେ କି ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ହେଲେ ଏନେଇ ତଦନ୍ତ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି। ୧୦ରୁ ଉର୍ଦ୍ଧ୍ୱ ଗଛ ନଷ୍ଟ ହେଇଥିଲେ ମଧ୍ୟ ଲିଖିତ ଅଭିଯୋଗ ଅପେକ୍ଷାରେ ବନ ବିଭାଗ। ଏନେଇ ଅତିରିକ୍ତ ତହସିଲଦାରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ସମ୍ଭବ ହୋଇ ପାରି ନଥିଲା। ତେବେ ଆଗକୁ ଦେଖିବାକୁ ବାକି ରହିଲା ଯେ ଖବର ପ୍ରକାଶ ହେବା ପରେ ପରିବେଶ ପ୍ରତି କିଭଳି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।



## ଶାଶ୍ୱତ ପଟ୍ଟନାୟକ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରତିଯୋଗିତାରେ ପ୍ରଥମ



ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଶାଶ୍ୱତ କୁମାର ପଟ୍ଟନାୟକ ପୁଣି ନିଜ ଜଲୱା ଦେଖାଇବାରେ ସଫଳ ହେଇଛନ୍ତି। ଗତ ବର୍ଷ କୌନ ବନେଗା କରୋଡ଼ପତିର ଜୁନିୟର ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ସମଗ୍ର ଓଡ଼ିଶାରେ ଚର୍ଚ୍ଚା କୁ ଆସିବା ବେଳେ ଆଜି ରାଜ୍ୟ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଉମରକୋଟ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ର ଛାତ୍ର ଶାଶ୍ୱତ ପଟ୍ଟନାୟକ ଆଜି ଭୁବନେଶ୍ୱର ର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ଅନ୍ୟ ଜିଲ୍ଲାର ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ସେ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷା ଓ ଶିଖା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଓ ପ୍ରୋଗ୍ରାମ ମ୍ୟାନେଜର କପିଳ ଜୈନ ଓ ବରିଷ୍ଠ ଅଧିକାରୀ ହିମାଂଶୁ ଶେଖର ଶତପଥୀ ପ୍ରମୁଖ ଉପସ୍ଥିତିରେ ଶାଶ୍ୱତକୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ତାଙ୍କର ଏହି ସଫଳତା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ ଲାଲ୍ ନାୟକ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଶାଶ୍ୱତ ବକୋଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ଝରିଗାଁ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପିକା ତୃଷାରି କୁମାରୀ ପଟ୍ଟନାୟକଙ୍କ ପୁତ୍ର ଅଟନ୍ତି ଓ ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ ଙ୍କ ପୁତୁରା ଅଟନ୍ତି। ଶାଶ୍ୱତଙ୍କ ଏହି ସଫଳତା ହାସଲ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

## କବି ବଳରାମ ପୂଜାରୀଙ୍କ କୁଟୀରରେ ବୈଶାଖୀ ପରିବାର

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ 'ଈଶ୍ୱରଙ୍କ ଭାଡ଼ି' ପରିଦର୍ଶନ କରିଛନ୍ତି ବୈଶାଖୀ ପରିବାର ସଦସ୍ୟ। କୁଲାବିର, ନନ୍ଦପୁର, ପାଡୁଆ ଠାରେ ଥିବା 'ବୈଶାଖୀ ପରିବାର'ର ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି ଏବଂ ପରିବାର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। କବିଙ୍କ ପରିବାର ଏବଂ କୁଡୁମୁଲୁଗୁମ୍ମା ଗ୍ରାମବାସୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ କବିଙ୍କ ସ୍ମୃତିଚାରଣ ସହ ଈଶ୍ୱରଙ୍କ ଭାଡ଼ିରେ କିଛି ସମୟ କଟାଇଥିଲେ । କବି ବଳରାମ ପୂଜାରୀଙ୍କୁ ଏ ମାଟି, ଅଞ୍ଚଳବାସୀ, ଆଗାମୀ ଯୁବପିଢ଼ି କିପରି ମନେ ରଖିବେ ସେଥିପାଇଁ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ବୈଶାଖୀ ପରିବାର ସମ୍ପାଦକ ଶ୍ରୀ ପଣ୍ଡା କହିଛନ୍ତି କ୍ଷ କବିଙ୍କ ସୃଷ୍ଟି ଏବଂ କୃତିଗୁଡ଼ିକୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି କହିଛନ୍ତି ଯୁଗ୍ମ ସମ୍ପାଦକ ଶ୍ରୀ ମହାନ୍ତି। ପରିବାର ପକ୍ଷରୁ କବିଙ୍କ ପତ୍ନୀ ପୁଷ୍ପାଞ୍ଜଳି ରଣା ଏବଂ କବିଙ୍କ ପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କବିଙ୍କ ପରିବାର ପକ୍ଷରୁ ବୈଶାଖୀ ପରିବାର କର୍ମକର୍ତ୍ତାଙ୍କୁ କବିଙ୍କ ଶେଷ ସୃଷ୍ଟି 'କୋଣ୍ଡା କାମେରୁଝାଡ଼' ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। କୁଡୁମୁଲୁଗୁମ୍ମା ବାସୀଙ୍କ ପକ୍ଷରୁ ବିରୁପାକ୍ଷ ସ୍ୱାଇଁ, ଉମାଶଙ୍କର ଦାଶ, ଗଣେଶ ପ୍ରସାଦ ଦାଶ, ଭଗବାନ ସାହୁ ଉପସ୍ଥିତ ରହି ବୈଶାଖୀ ପରିବାର କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



ବୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ତହସିଲ ଅଧୀନ ଗୋପବନ୍ଧୁ ବିହାର ରେ ଥିବା ଏକ ସରକାରୀ ଜାଗା ଜବର ଦଖଲ ନେଇ ଉତ୍ତେଜନା ଲାଗି ରହିଥିଲା।ଏହି ଜାଗାଟି ସ୍ଥାନୀୟ ମହାବୀର ମନ୍ଦିର ନିକଟରେ ଥିବା ବେଳେ ଏହା ନିକଟରେ ବାସ କରୁଥିବା ଜନୈକ ପ୍ରାକ୍ତନ ଶିକ୍ଷକ ନିଜ ଆକ୍ତିୟରରେ ରଖିଥିଲେ।ତେବେ ମନ୍ଦିରରେ ପୂଜା ପାଉଥିବା ମହାବୀର ଏବଂ ମାତା ବୈଷ୍ଣିଦେବୀଙ୍କ ବର୍ଷତମାମ ବିଭିନ୍ନ ପୂଜା ଅନୁଷ୍ଠାନ ନିମନ୍ତେ ଭଣ୍ଡାର ଘର ଓ ରୋଷଶଳା ପାଇଁ ସ୍ଥାନଭାବ ହେତୁ ବୋଲଗଡ଼ ପଞ୍ଚାୟତ ୧୬ ନମ୍ବର ୱାର୍ଡ ଗୋପବନ୍ଧୁବିହାର ବାସିନ୍ଦା ମାନେ ଦୀର୍ଘଦିନ ଧରି ଏହି ସରକାରୀ ଜାଗାଟିକୁ ହାସଲ କରିବାପାଇଁ ପ୍ରଚେଷ୍ଟା ଚଳାଇଥିଲେ।ଏଥିନେଇ ଉଭୟପକ୍ଷ ମଧ୍ୟରେ ଅନେକବାର ଗଣ୍ଡଗୋଳ ଘଟି ଥାନାରେ ଆରୋପ ପ୍ରତ୍ୟାରୋପ ଜାରି ରହିଥିଲା।ତେବେ ଏହି ଜାଗା ର ପ୍ରକୃତ ମାଲିକାନାସ୍ୱତ୍ୱ ଯାଞ୍ଚ କରି ମାପ ଚିହ୍ନଟ କରିବା ପାଇଁ ତହସିଲଦାର ଙ୍କୁ ନିବେଦନ କରିବା ପରେ ତହସିଲଦାର ନିବେଦିତା ପରିଡ଼ା ବିଜ୍ଞପ୍ତି ଜାରି କରି ମଙ୍ଗଳବାର ଉପସ୍ଥିତ ରହି କର୍ମଚାର ଙ୍କ ଦ୍ୱାର ମାପ କରିଛନ୍ତି।ଏଥିରେ ସଂପୃକ୍ତ ଜାଗାଟି ସରକାରୀ ଖାତାରେ ଥିବା ଦେଖି ଚିହ୍ନଟ କରି ଗୋପବନ୍ଧୁବିହାର ବାସିନ୍ଦା ମାନେ ଏହାକୁ ସାର୍ବଜନୀନ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ଦେବା ସହ ସମ୍ପୃକ୍ତ ବ୍ୟକ୍ତିକୁ ଏଥିରେ କୌଣସି ବାଧା ନଉପୁଜାଇବାକୁ କହିଛନ୍ତି। ଏଥିନେଇ ଗୋପବନ୍ଧୁ ବିହାର ବାସିନ୍ଦାମାନେ ଖୁସି ପ୍ରକଟ କରିବା ସହ ତହସିଲଦାରଙ୍କ ଏଥିନେଇ ତତ୍ପରତା ପ୍ରକାଶ କରି କାର୍ଯ୍ୟ କରୁଥିବାରୁ କୃତଜ୍ଞତା ଜଣାଇଛନ୍ତି।ଅପର ପକ୍ଷରେ ବୁଧବାର ଦିନ ସମ୍ପୃକ୍ତ ସାହି ବାସିନ୍ଦାମାନେ ପାଚେରୀ ଆବଦ୍ଧ ଥିବା ଜାଗା ରୁ ପାଚେରୀ ହଟାଇ ପରିଷ୍କାର ପରିଚ୍ଛନ୍ନ କାର୍ଯ୍ୟ ଜାରି ରଖିଛନ୍ତି।ଏହି ସ୍ଥାନଟିରେ ମନ୍ଦିରପାଇଁ ଆବଶ୍ୟକ ଗୃହନିର୍ମାଣ ହେବ ବୋଲି ଗୋପବନ୍ଧୁ ବିକାଶ ପରିଷଦ ସମ୍ପାଦକ ତପନ ଜେନା ସୂଚନା ଦେଇଛନ୍ତି।



# ୟୁକ୍ରେନ ଉପରେ ରୁଷର ଆଇସିବିଏମ୍ ମିସାଇଲ ମାଡ଼



ନୂଆଦିଲ୍ଲୀ: ରୁଷ-ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧକୁ ଇତିମଧ୍ୟରେ ହଜାରେ ଦିନ ବିତିଯାଇଛି। ତେବେ ଯୁଦ୍ଧ ଥମିବାର କୌଣସି ସୂଚନା ମିଳିପାରୁ ନାହିଁ। ଅନ୍ୟପକ୍ଷରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପରମାଣୁ ଅସ୍ତ୍ରଶସ୍ତ୍ର ବ୍ୟବହାର ନୀତିରେ ପରିବର୍ତ୍ତନ ଆଣିବାର ଦିନକ ପରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଛି। ରୁଷ ପକ୍ଷରୁ ଆଇସିବିଏମ୍ ମିସାଇଲ ମାଡ଼ କରାଯାଇଥିବା ୟୁକ୍ରେନର ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ୟୁକ୍ରେନ ବାୟୁସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ୟୁକ୍ରେନ ଉପରେ ରୁଷ ଇଣ୍ଟର କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ ମାଡ଼ କରିଛି। ଆଇସିବିଏମ୍ ହେଉଛି ରୁଷ ଆଣବିକ ଅସ୍ତ୍ରଶସ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ ଯେ ଆମେରିକା ଦେଇଥିବା ବଡ଼ ବଡ଼ ମିସାଇଲକୁ ୟୁକ୍ରେନ ରୁଷ ବିରୁଦ୍ଧରେ ବ୍ୟବହାର କରିବ। ଏହାପରେ ରୁଷ ରାଷ୍ଟ୍ରପତି ପୁଟିନ ଆଣବିକ ନୀତିରେ ତୁରନ୍ତ ପରିବର୍ତ୍ତନ ଆଣି ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲେ। ଯଦି ଗୋଟିଏ ଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ର ଅଣଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ରକୁ ସମର୍ଥନ କରିବ ତେବେ ସ୍ଥିତି ଭୟଙ୍କର ହେବ ବୋଲି ପୁଟିନ ଚେତାବନୀ ଦେଇଥିଲେ। ଅଣଆଣବିକ କ୍ଷମତା ନଥିବା ରାଷ୍ଟ୍ର ଉପରେ ମଧ୍ୟ ରୁଷ ପରମାଣୁ ଯୁଦ୍ଧାସ୍ତ୍ର ଦ୍ୱାରା ଆକ୍ରମଣ କରିପାରିବ ବୋଲି ପୁଟିନ ତାଙ୍କ ସଂଶୋଧିତ ନିର୍ଦ୍ଦେଶନାମାରେ କହିଥିଲେ। ତେବେ ଏହାର ଦିନକ ପରେ ୟୁକ୍ରେନ ଉପରେ ଆକ୍ରମଣ କରାଯାଇଛି। ତେବେ ରୁଷ ବ୍ୟବହାର କରିଥିବା ମିସାଇଲ ପରମାଣୁ ଅସ୍ତ୍ର କି ନାହିଁ ସେ ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

# ପୁରୀରେ ଡିସେମ୍ବର ୪ରେ ପାଳିତ ହେବ ନୌସେନା ଦିବସ

ପୁରୀ (ଭାସ୍କର ନ୍ୟୁଜ) : ଡିସେମ୍ବର ୪ ତାରିଖରେ ପୁରୀ ରାଜଭବନ ନିକଟସ୍ଥ ବ୍ଲୁ ଫ୍ଲାଗବିଚ ବେଳାଭୂମି ଠାରେ ନୌସେନା ଦିବସ ବା ନାଭି ଡେ ପାଳିତ ହେବ।ଏଥିରେ ନୌସେନା ର ବିବିଧ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଚିତ୍ତାକର୍ଷକ ଏୟାର ସୋ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଜଳ ଜାହାଜ ମାଧ୍ୟମରେ ଓ ଆକାଶ ମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ସୋ ଅନୁଷ୍ଠିତ ହେଉଥିବା ସମୟରେ ସଂପୃକ୍ତ ଅଂଚଳରେ ପକ୍ଷୀ ମାନେ ଉଡିବା ଦ୍ୱାରା ବିମାନଗୁଡିକ ପାଇଁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ। ଏ କ୍ଷେତ୍ରରେ ସାଧାରଣ ବ୍ୟକ୍ତି,ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏଣୁ ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ, ବ୍ୟବସାୟୀ ଅନୁରୋଧ କରାଯାଉଛି ଯେପରି ସେମାନେ କୌଣସି ଖାଦ୍ୟ ପଦାର୍ଥ କିମ୍ବା ବର୍ଜ୍ୟବସ୍ତୁ ସେମାନଙ୍କ ର ଛାତ ଉପରେ କିମ୍ବା ଗଳିକନ୍ଦିରେ ନଭେମ୍ବର ୨୮ ତାରିଖ ଠାରୁ ଏୟାର ସୋ କାର୍ଯ୍ୟକ୍ରମ ଶେଷ ଅର୍ଥାତ ଡିସେମ୍ବର ୪ ତାରିଖ ସଂଧ୍ୟା ପର୍ଯ୍ୟନ୍ତ ପକାଇବେ ନାହିଁ।ସେହିପରି ପ୍ରଶାସନ ପକ୍ଷରୁ ନଭେମ୍ବର ୨୮ ତାରିଖ ଠାରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଡ୍ରୋନ ଉଡାଇବା ଉପରେ କଟକଣା ଲାଗୁ କରାଯାଇଛି।ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମ କୁ ପେଣ୍ଟକଟା ସମୁଦ୍ର କୂଳ ଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଉପସ୍ଥିତ ରହି ଉପଭୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଙ୍ଗନୱାଡ଼ି କର୍ମୀଙ୍କୁ...

ଉପୁଜୁଛି। ଜଣେ ବି ଜଣେ ହିତାଧିକାରୀ ଯେପରି ଏହି ଯୋଜନାରୁ ବଞ୍ଚିତ ନ ରୁହନ୍ତି ସେ ନେଇ ସରକାର ନଜର ରଖିଛନ୍ତି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ପାଇଁ ସରକାର ଟାର୍ଗେଟ ରଖିଛନ୍ତି।

### ମହତାବ ଥିଲେ...

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ, ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପୁସ୍ତକାଳୟର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର, ଗୃହ ସଚିବ ଗୋବିନ୍ଦ ମୋହନ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଯାଜୁ, ପିଏମ୍ଓର ଆର୍ଥିକ ପରାମର୍ଶ ପରିଷଦ ସଦସ୍ୟ ସଞ୍ଜୀବ ସାନୟାଲ ସଦସ୍ୟ ରହିଛନ୍ତି।

### ୫୦ ମୃତ...

ଅଧିକାରୀ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି ଯେ ଦୁଇଟି ଯାତ୍ରୀବାହୀ ଭ୍ୟାନ୍ ବିପରୀତ ଦିଗରୁ ଆସୁଥିଲା। ଗୋଟିଏ ପେଶୱାରରୁ ପାରଚିନାର ଯାଉଥିବାବେଳେ ପାରଚିନାରରୁ ପେଶୱାର ଆସୁଥିଲା। ତେବେ ଆତଙ୍କବାଦୀମାନେ ଉଭୟ ଭ୍ୟାନ୍‌କୁ ଗୁଳିମାଡ଼ କରିଥିଲେ। ଏହି ଘଟଣାକୁ ପାକିସ୍ତାନ ରାଷ୍ଟ୍ରପତି ଅସିଫ ଅଲ୍ଲୀ ଜର୍ଦ୍ଦାରୀ ଦୃଢ ନିନ୍ଦା କରିବା ସହ ନିରୀହ ଲୋକଙ୍କ ଉପରେ ଏହି ଆକ୍ରମଣ ଅମାନବୀୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ପାକିସ୍ତାନ ହେଉଛି ଆତଙ୍କବାଦର ଜନକ। ଆତଙ୍କବାଦୀମାନେ ସେଠାରୁ ତାଲିମ ନେଇ ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ହିଂସାକାଣ୍ଡ ଭିଆଉଛନ୍ତି। ତେଣୁ ପାକିସ୍ତାନ ଏବେ ନିଜେ ସୃଷ୍ଟି କରିଥିବା ଆତଙ୍କବାଦୀଙ୍କ କବଳରେ ପଡ଼ିଯାଇଥିବା କୁହାଯାଉଛି।

### ଗୁୟାନାର...

ନରେନ୍ଦ୍ର ମୋଦୀ ଏହି ପୁରସ୍କାର ଗ୍ରହଣ କରିଥିବାବେଳେ ଏହି ସମ୍ମାନ ଭାରତର ଲୋକ ତଥା ଦୁଇଦେଶର ଲୋକଙ୍କ ମଧ୍ୟରେ ଥିବା ଗଭୀର ଐତିହାସିକ ସଂପର୍କକୁ ଉତ୍ସର୍ଗ କରିଥିଲେ। ସେ କହିଥିଲେ, ତାଙ୍କ ଗସ୍ତ ଭାରତ-ଗୁୟାନାର ବନ୍ଧୁତାକୁ ଗଭୀର କରିବା ଦିଗରେ ଭାରତର ନିରନ୍ତର ପ୍ରତିବଦ୍ଧତାର ପ୍ରମାଣ। ସୂଚନାଯୋଗ୍ୟ ଯେ ଗୁୟାନାର ସର୍ବୋଚ୍ଚ ଜାତୀୟ ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚତୁର୍ଥ ବିଦେଶୀ ନେତା।

### ଜେଲ୍ ଗଲେ...

ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ ବୁଧବାର ସନ୍ଧ୍ୟାରେ ବିଧାୟକ ଶ୍ରୀ ସାହୁ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏକ ବୈଠକରେ ଯୋଗ ଦେବାକୁ ଯାଉଥିଲେ। ତେବେ ବୁଢାପୋଲ ନିକଟରେ ବିରଜା ମାର୍କେଟ ହାଟ ବନ୍ଦ ପ୍ରତିବାଦରେ ବିଜେଡି କର୍ମୀମାନେ ରାସ୍ତାରୋକ କରିଥିଲେ। ଫଳରେ ବିଧାୟକଙ୍କ ଗାଡ଼ି ଦୀର୍ଘ ସମୟଧରି ଅଟକି ରହିଥିଲା। ଠିକ୍ ଏତିକିବେଳେ ୧୦ରୁ ୧୫ଜଣ ଯୁବକ ବିଧାୟକଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ପିଏସ୍ଓ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିଲେ। ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଶ୍ରୀ ସାହୁ ଓ ତାଙ୍କ ସମର୍ଥକମାନେ ଧାରଣାରେ ବସିଥିଲେ। ପରେ ଯାଜପୁର ଏସ୍‌ପି ସେମାନଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଯେ ବୁଧବାର ବିଧାୟକ ଶ୍ରୀ ସାହୁଙ୍କୁ ବୁଢାପୋଲ ନିକଟରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଥିବା ବିଧାୟକ ନିଜେ ଅଭିଯୋଗ କରିଥିଲେ।

# ଡ଼ଃ ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ସ୍ମରଣୋତ୍ସବ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ସଂଗ୍ରାମମୟ ବୈପ୍ଳବିକ ଭୂମିକା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଭାବରେ ନୁହେଁ ବରଂ ଜଣେ ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷପ୍ରଶାସକ ଓ ସଂସ୍କୃତି ସଂମ୍ପନ୍ନ ବ୍ୟକ୍ତି ଭାବରେ ସେ ସର୍ବଭାରତୀୟ ସ୍ତରରେ ସୁପରିଚିତ। ଜାତୀୟତାବାଦ ଓ ସ୍ୱାଧୀନତା ସଂଗ୍ରାମ ଇତିହାସର କଷଟି ପରୀକ୍ଷାରେ ପରିକ୍ଷିତ ଐତିହାସିକ ପ୍ରବାଦ ପୁରୁଷ ଡ଼ଃ ହରେକୃଷ୍ଣ ମହତାବ ଥିଲେ ଜଣେ ସ୍ଥିତପ୍ରଜ୍ଞ ଓ ଅମ୍ଳାନ ବ୍ୟକ୍ତିତ୍ୱର ଅଧିକାରୀ। ଆଜି ସେହି ମହାପୁରୁଷଙ୍କ ୧୨୫ତମ ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଲକ୍ଷ୍ୟରେ ଆଜି ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବ ପାଳିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ତ୍ତ, ଅବକାରୀ ଓ ଆଇନ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂ, ବିଶିଷ୍ଟ ଲେଖିକା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ, ବିଶିଷ୍ଟ ରାଜନୀତିଜ୍ଞ ତଥା ଆଇନଜୀବୀ ଶିବାନନ୍ଦ ରାୟ ଆଦି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରବୀନ୍ଦ୍ର ମଣ୍ଡପ ଠାରେ ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଜୀବନୀକୁ ଆଧାର କରି କରାଯାଇଥିବା ପୁସ୍ତକ, ଫଟୋଚିତ୍ର ଓ ତୈଳଚିତ୍ର ପ୍ରଦର୍ଶନୀର ଉଦଘାଟନ କରିଥିଲେ। ଏହାପରେ ଅତିଥିମାନେ ଡ଼ଃ ମହତାବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍କଳ କେଶରୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିଜର ଅଭିଭାଷଣରେ ମୁଖ୍ୟ ଅତିଥି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଆବିର୍ଭାବକୁ ଓଡ଼ିଆ ସମାଜରେ ଏକ ନୂତନ ସୂର୍ଯ୍ୟୋଦୟ ସହ ପରିକଳ୍ପନା କରାଯାଇପାରେ। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା। ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା ଠାରୁ ନେଇ ହୀରାକୁଦ ନଦୀ ବନ୍ଧ ନିର୍ମାଣ ପର୍ଯ୍ୟନ୍ତ ଆଦି କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଇଥିଲା। ମହତାବଙ୍କ ଜୀବନ ଆଦର୍ଶରେ ଆମ ଯୁବପିଢ଼ି ଅନୁପ୍ରାଣିତ ହୋଇ ଆଗକୁ ବଢ଼ନ୍ତୁ ଏହାହିଁ ମୁଁ ଆଶା କରୁଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ଅଭିଭାଷଣରେ କହିଥିଲେ ଯେ, ଦେଶ ଓ ଓଡ଼ିଆ ଜାତିର ବିକାଶ ପାଇଁ ଡ଼ଃ ହରେକୃଷ୍ଣ ମହତାବ ନିଜର ଜୀବନ ଉତ୍ସର୍ଗ କରିଥିଲେ। ସେ ହେଉଛନ୍ତି ଆମ ପାଇଁ ଚିରନମସ୍ୟ। ଦେଶର ସ୍ୱାଧୀନତା, ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢି ତୋଳିବା ତଥା ଗଡ଼ଜାତ ରାଜ୍ୟ ଗୁଡ଼ିକର ମିଶ୍ରଣ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜଣେ ଦକ୍ଷ ରାଜନେତା ହେବା ସହିତ ସେ ଜଣେ ସୁସାହିତ୍ୟିକ ଥିଲେ। ତାଙ୍କର ସାହିତ୍ୟ ସର୍ଜନାରେ ଓଡ଼ିଆ ଅସ୍ମିତା ପ୍ରତିଫଳିତ ହେଉଥିଲା। ସେହି ମହାପୁରୁଷଙ୍କ ଜନ୍ମ ଜୟନ୍ତୀରେ ଆମେ ସମସ୍ତେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣରେ ମହତାବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମହତାବଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଜନାଭିମୁଖୀ କାର୍ଯ୍ୟ ତାଙ୍କର ବଳିଷ୍ଠ ନେତୃତ୍ୱ, ଜନସେବା ଓ ଏକତା ମନୋଭାବର ପରିଚୟ ପ୍ରଦାନ କରିଥାଏ।

DEBTS RECOVERY TRIBUNAL CUTTACK
C-71, Sector-7, CDA, Cuttack-753014, Odisha
Form No.4 See Regulation-15(1)(b)
NOTICE UNDER SECTION 17 OF SECURITIZATION ACT R/W PROVISIONS OF THE DEBTS RECOVERY TRIBUNAL ACT AND THE DEBTS RECOVERY TRIBUNAL (PROCEDURE) RULES, 1993 AS AMENED FROM TIME TO TIME.
Dairy No: 743/2023 Exh. No: 1364
MD SHAH FAISAL ANSARI
VS
UCO BANK
To,
1. Kirtisundar Mohanty, S/o- Kabi Chandra Mohanty, MIG-1/226, Satyasai Enclave, Aaigania, Khandagiri, Bhubaneswar, Khordha, Odisha-751006
2. Er Ranjan Kumar Sahoo, S/o- Jogendra Sahoo, MIG- 1/226, Satyasai Enclave, Aaigania, Khandagiri, Bhubaneswar, Khordha, Odisha-751006
An application under Section 17 (1) of the Securitization & Reconstruction of Financial Assets & Enforcement of Security Interest Act, 2002 has been field before this Tribunal on 12/11/2024 in the court of Presiding Officer/ Registrar. (A Copy of application is enclosed)
Show cause as to why the relief prayed for should not be granted. You are required to file reply, if any, in your defence in the paper book form in two complete sets and produce all the documents and affidavit in your support in the Tribunal personally or through your duly authorized agent or legal practitioner and appear before this Tribunal on 20/12/2024 at 10.30 A.M failing which the application shall be heard and decided in your absence. You are further directed to supply advance copy of the reply to the SA to the Counsel for the Applicant.
Given under my hand and the seal of this Tribunal on this date: 12/11/2024.
By Order of Tribunal
Signature of the Officer Authorised Person.

OFFICE OF THE PRINCIPAL,
S.C.S. AUTONOMOUS COLLEGE, PURI
NO. 3180 / DATE. 20.11.2024
QUOTATION CALL NOTICE
Sealed Quotations are invited from interested reputed registered firms/ authorized suppliers having valid PAN, up-to-date GST/ IT Clearance Certificate alongwith Dealership Certificate for supply of articles/ equipment's of reputed make, so as to reach the undersigned on or before 28.11.2024 by 4.00 P.M. by Regd./ Speed Post.
For details, visit the college website: www.scscollege.nic.in.
Sd/-
Principal,
S.C.S. (A) College, Puri
OIPR 11021/11/0006/2425
CAD-1669

# ମାଲ୍ୟବନ୍ତ ମହୋତ୍ସବକୁ ନେଇ ସବ୍ କମିଟିସ୍ତରୀୟ ବୈଠକ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲ୍ୟବନ୍ତ ମହୋତ୍ସବକୁ ନେଇ ସ୍ଥାନୀୟ ଆରଏମସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଂସ୍କୃତିକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ। ନଭେମ୍ବର ୨୯ ରେ କୋରକୁଣ୍ଡା ବ୍ଲକ ସ୍ଥିତ ଜଳେଶ୍ୱର ଶୈବ ପୀଠ ରୁ ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ ହେବ। କୋରକୁଣ୍ଡାରୁ ଜଳ ସଂଗ୍ରହ ପରେ ଅପରାହ୍ନ ୩ ଟାରେ କଳସ ଯାତ୍ରା ଭୈରବ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆୟୋଜନ ହେବ।ଡିସେମ୍ବର ୬ ଓ ୭ ରେ ଦୁଇ ଦିନ ଧରି ସଂସ୍କୃତି ଭବନ ଠାରେ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗୀତା ଆୟୋଜନ ହେବ । ସେହିପରି ଡିସେମ୍ବର ୧୦ ରେ ମିନି ମାରାଥନ ଓ ୧୧ ରେ ପଥ ଉତ୍ସବ ଓ ନୌକା ଚାଳନା ପ୍ରତିଯୋଗିତା ଆୟୋଜନ କରାଯିବ। ବାଲିମେଳା ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ସକାଳ ୭ ରୁ ୧୦ ଟା ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହେବ। ଏଥି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆଗୁଆ ଭାବେ ପଞ୍ଜୀକରଣ କରିବାକୁ ହେବ। ନୌକା ଚାଳନା ପ୍ରତିଯୋଗୀତା ଜିଲ୍ଲା କ୍ରୀଡା ବିଭାଗ, ବନ ବିଭାଗ ଓ ମତ୍ସ୍ୟ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ସତୀଗୁଡା ଡ୍ୟାମ୍ ଠାରେ ଅପରାହ୍ନରେ ଆୟୋଜନ କରାଯିବ। ଅନୁରୂପ ଭାବେ ବ୍ଲକ ସ୍ତରରେ ମଧ ମହୋତ୍ସବ ଆୟୋଜନ କରାଯିବ। ସେଠାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଙ୍କୁ ଜିଲ୍ଲା ସ୍ତରୀୟ ଉତ୍ସବ ମୁଖ୍ୟ ମଞ୍ଚରେ ପରିବେଷଣ କରାଯିବାର ସୁଯୋଗ ଦିଆଯିବ। ଜିଲ୍ଲା ସ୍ତରୀୟ ଉତ୍ସବରେ ବିଭିନ୍ନ ରାଜ୍ୟର ପାରମ୍ପରିକ ଲୋକ ନୃତ୍ୟ ସହ ଆମ ରାଜ୍ୟର ପ୍ରସିଦ୍ଧ ଲୋକ ନୃତ୍ୟକୁ ସାମିଲ କରାଯିବ।

# କାଠ ଚୋରା ଚାଲାଣ ଗାଡି ସହ କାଠ ଜବତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁଣି ସକ୍ରିୟ ଚୋରା କାଠ ବେପାରୀ। ବେଆଇନି କାଠ ଚୋରା ଚାଲାଣ ବେଳେ ଏକ ଆଇଚର ଗାଡି ସହିତ କାଠ ଜବତ ହୋଇଥିବା ଜଣାପଡିଛି। ଏପରି ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧିନ ଅସ୍ତରଙ୍ଗରୁ ଚାରିଛକ ମୁଖ୍ୟରାସ୍ତା ତୁଳସୀପୁର ନିକଟରେ ଆଇଚର ଗାଡି (ଓଡି ୦୨ଏଭି ୬୩୬୫)ଜବତ କରିବା ସହ ଚାଲାଣ ହେଉଥିବା କୁରୁମ ଓ ହଳଦୁ ମୂଲ୍ୟବାନ କାଠ ଜବତ କରିଛି ଅସ୍ତରଙ୍ଗ ବନବିଭାଗ। ସୂଚନା ଅନୁଯାୟୀ ଅସ୍ତରଙ୍ଗ ପଟୁ ଏକ ଆଇଚର ଗାଡ଼ିରେ ଚୌକାଠ ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଓ ବନପାଳ ବବୁଲ ମଲ୍ଲିକ ଙ୍କ ସହ ବନକର୍ମଚାରୀ ଗାଡିକୁ ତୁଳସୀପୁର ନିକଟରେ ଧରିଥିଲେ। ଉକ୍ତ ଜବତ ଗାଡିଟି ବନବିଭାଗ କାର୍ଯ୍ୟାଳୟ ରେ ରହିଛି ବୋଲି ସୂଚନା ମିଳିଛି।

# ବୋଲଗଡ଼ରେ ନୂତନ କୃଷି ଅଧିକାରୀଙ୍କ ଯୋଗଦାନ

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକର କୃଷି ଅଧିକାରୀ ଭାବରେ ସନ୍ତୋଷ କୁମାର ପରିଡା ଯୋଗଦେଇଛନ୍ତି। ପୂର୍ବତନ କୃଷି ଅଧିକାରିଣୀ ସୀତା ରତ୍ନମାଳା ଦାସଙ୍କର ଅନ୍ୟତ୍ର ବଦଳି ହୋଇଛି। ବୋଲଗଡ଼ ର ନୂତନ କୃଷି ବିଭାଗ ଅଧିକାରୀ ଶ୍ରୀ ପରିଡା ନୟାଗଡ ଜିଲ୍ଲା ବିହନ ନିଗମରେ କାର୍ଯ୍ୟ କରୁଥିଲେ। ବୋଲଗଡ ବ୍ଲକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ କୃଷି ଅଧିକରୀ ପ୍ରମୁଖ ଗୁରୁତ୍ୱ ରହିଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିଟି ଯୋଜନାକୁ କୃଷକଙ୍କ ନିକଟରେ ପହଞ୍ଚାଇବେ ବୋଲି ଆଶା ପୋଷଣ କରିଛନ୍ତି ।ଚାଷୀଙ୍କ ସମସ୍ତ ସମସ୍ୟା ସମାଧାନ କରିବାକୁ ସତତ ଉଦ୍ୟମ କରିବେ ବୋଲି ଜଣାଇବା ସହ ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

Government of Odisha "e" Procurement Notice B-652
WORKS DEPARTMENT
Bid Identification No. CCEKC - 28 / 2024-25
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 5436 dt. 18.11.2024.

| | | |
|---|---|---|
| 1. | No. of the work: | :- 4 number Building Works and 1 number Compound Wall & Approach Road |
| 2. | Estimated cost | :- Rs. 108.91 Lakhs to Rs. 386.12 Lakhs |
| 3. | Class of Contractor | :- "B" Class & "A" Class |
| 4. | Period of completion | :- 4 (Four) Calendar Months to 9 (Nine) Calendar Months |
| 5. | Date and Time of availability of Bid document in the portal | :- From 11.00 Hours of 29.11.2024 to 16.00 Hours of 13.12.2024 |
| 6. | Last date / Time for receipt of bids in the portal | :- 16.00 Hours of 13.12.2024 |
| 7. | Date of opening of Bid from Portal | :- 11.30 Hours on 16.12.2024 |
| 8. | Name and address of the officer inviting Bid | :- Chief Construction Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal "http://tendersodisha.gov.in"
Sd/-Chief Construction Engineer
Keonjhar (R&B) Circle, Keonjhar
OIPR 34033/11/0059/2425

OFFICE OF THE
NOTIFIED AREA COUNCIL, BALLIGUDA,
KANDHAMAL C-
Email ID-eonacballiguda@yahoo.in
No. 1549 //Date. 20.11.2024
CORREGENDUM
In partial modification of this office Tender Call Notice No. 1526 dated 14.11.2024 , the Sl No.4 i.e Name of the Work-"**Extension of Administration Building,Sale Counter and Co-Compost Shed for Balliguda NAC**" , Class of Contractor **'B' & Equivalent Class** instead of 'C' & 'B'.
Sd/- Executive Officer,
NAC, Balliguda
OIPR 13097/11/0005/2425

# ୭ ଜଣଙ୍କ ନାମରେ ଜାଗାଜମି ଜାଲିଆତି ମାମଲା ରୁଜୁ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ବାସେଳୀ ସାହି ଥାନା ଅନ୍ତର୍ଗତ ମାଟିତୋଟା ମୌଜାରେ ଜମି ଜାଲିଆତି ଘଟଣାରେ ଜମିର ମାଲିକାନା କିମ୍ବା ରେକର୍ଡ଼ରେ କୌଣସି ପରିବର୍ତ୍ତନ ହେବ ନାହିଁ।ତହସିଲ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି। ଆସନ୍ତା ୩- ୪ ଦିନ ଭିତରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଘରୋଇ ପ୍ଲଟକୁ ବାଦ ଦେଇ ଜବରଦଖଲ ଓ ବିକ୍ରୀ ହୋଇଥିବା ପ୍ଲଟ ଉଚ୍ଛେଦ ହେବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ମାଟିତୋଟା ମୌଜାରେ ମହାପ୍ରଭୁଙ୍କ ଜମି ଜାଲିଆତି ଘଟଣାରେ ବାସେଳୀସାହି ଥାନା ପୋଲିସ ମାମଲା ରୁଜୁ କରିଛି। ୭ ଜଣଙ୍କ ନାମରେ ଜାଗା ଜମି ଜାଲିଆତି କରିବା ନେଇ ମାମଲା ରୁଜୁ ହୋଇଛି। ତେବେ ମହାପ୍ରଭୁଙ୍କ ଜମି ଜାଲିଆତି ପ୍ରସଙ୍ଗରେ ଆଇନମନ୍ତ୍ରୀ କଡା ପ୍ରତିକ୍ରିୟା ରଖିବା ସହ ଉଭୟ କ୍ରେତା ଓ ବିକ୍ରେତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ମଧ ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ଏସପିଙ୍କୁ ଅନୁରୋଧ କରିଥିଲେ।

ଦ.ପୂ. ରେଳପଥ-ଟେଣ୍ଡର
**ଇ-ଟେଣ୍ଡର ନୋଟିସ ନଂ ଆରଏସ୍ଓ-ସିକେପି-ଆରଆର-ଏନଓଏମଡି-୨୪-୨୭-୧୭,** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ) ଚକ୍ରଧରପୁର, ଦକ୍ଷିଣ-ପୂର୍ବ ରେଳପଥ ଦୁଇ ପ୍ୟାକେଟ୍ ସିଷ୍ଟମ (ପ୍ୟାକେଟ୍-୧: ଟେକ୍ନିକାଲ ବିଡ୍, ଏବଂ ପ୍ୟାକେଟ୍-୨: ଫାଇନାନ୍ସିଆଲ ବିଡ୍) ପାଇଁ ଇ-ଟେଣ୍ଡର ନିମ୍ନଲିଖିତ କାର୍ଯ୍ୟପାଇଁ ଆହ୍ୱାନ କରୁଛନ୍ତି। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଯଦି ବି ଆସେ, ତେବେ ଏହାକୁ ଅଗ୍ରାହ୍ୟ କରି ଦିଆଯିବ। କାର୍ଯ୍ୟର ନାମ: ୧୦୯୫ ଦିନ ପାଇଁ ଏନଓଡିଏମ୍‌ଠାରେ ଥିବା ରନିଂ ରୁମ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ. ୧,୪୫,୩୩,୭୨୫.୭୬/-, ଅମାନତ ଜମା: ଟ. ୨,୨୨,୭୦୦/-। ଟେଣ୍ଡର ପେପର ମୂଲ୍ୟ: ଟ. ୫୦୦୦/-। ଇ-ଟେଣ୍ଡର ଖୋଲିବା ସ୍ଥାନ: ସିନିୟର ଡିଇଇ (ଓପି)/ ସିକେପି ଦକ୍ଷିଣପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୦୬.୧୨.୨୦୨୪ ଅପରାହ୍ନ ୩.୩୦। ଆଗ୍ରହୀ ଟେଣ୍ଡରରମାନେ ସଂପୂର୍ଣ୍ଣ ବିବରଣୀ, କାର୍ଯ୍ୟର ବିବରଣୀ ନିମନ୍ତେ ୱେବସାଇଟ୍: **www.ireps.gov.in** ରେ ଦେଖିପାରିବେ। ଟେଣ୍ଡରର/ବିଡରମାନେ କ୍ଲାସ୍-୩ ଡିଜିଟାଲ ସାର୍ଟିଫିକେଟ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ନିଶ୍ଚିତ ଭାବେ ରେଜିଷ୍ଟ୍ରଭୁକ୍ତ ହୋଇଥିବେ। କେବଳ ରେଜିଷ୍ଟ୍ରର ଟେଣ୍ଡରର/ବିଡର କେବଳ ଇ-ଟେଣ୍ଡରରେ ଭାଗ ନେଇପାରିବେ। ଅନ୍ୟ ସମସ୍ତ ଆବଶ୍ୟକ କାଗଜପତ୍ର ଇ-ଟେଣ୍ଡରରେ ଅଂଶଗ୍ରହଣବେଳେ ଅପଲୋଡ଼ କରାଯିବ।
**(PR-810)**

OFFICE OF THE NOTIFIED AREA COUNCIL, G. UDAYAGIRI
KANDHAMAL
Email id-orissagudnac@gmail.com
No. 2526 Date: 20.11.2024 C-
Corrigendum
The Opening for the Tender Call Notice No. 2403/05.11.2024 will held on dated 26.11.2024 at 3PM instead of 21.11.2024 at 11AM due to some unavoidable circumstance. Other term and condition remain unchanged.
Sd/-Executive Officer,
NAC, G. Udayagiri
OIPR 13072/11/0007/2425

B-628
o-mail ID - sepwd_rgda@yahoo.com
Phone/Fax No –06856 - 223049
OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-Procurement Notice
Bid Identification No. C.C.E (RANDB) RGDA- 07/ 2024-25 (Online) Dt. 16.11.2024.
No. 1058 Date. 16.11.2024.
INVITATION FOR BIDS

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2. | Nature of work | : | Road Work |
| 3. | No. of works | : | 01 (One) No work |
| 4. | Estimated Cost. (Approximately) | : | Rs. 941.91 Lakhs |
| 5. | Bid Cost (Online) | : | Rs. 10,000/- |
| 6. | EMD/ Bid Security Amount (Online) | : | One Percentage of the Estimated Cost. |
| 7. | Class of Contractor | : | "A & Special" Class as per Financial Eligibility. |
| 8. | Availability of Bid Documents in the website | : | 11.00 Hrs of Dt. 25.11.2024 to 17.00 Hrs of Dt. 10.12.2024 |
| 9. | Date of opening of Bid | : | 11.00 Hrs of Dt. 11.12.2024 |
| 10. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/-Chief Construction Engineer,
Rayagada (R&B) Circle, Rayagada
OIPR 34154/11/0008/2425

# ଜାତୀୟ ଓ ଅନ୍ତର୍ଜାତୀୟ





ନୂଆଦିଲ୍ଲୀ: ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ଆମ୍ ଆଦମୀ ପାର୍ଟି ସରକାର ୫୦ ପ୍ରତିଶତ କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଚିବାଳୟରେ ଅଧିକାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ବୁଧବାର ସକାଳେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୪୨୨ରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ବଢୁଥିବା ବେଳେ ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକ୍ସେନା ମଙ୍ଗଳବାର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଭିନ୍ନଭିନ୍ନ ଅଫିସ ସମୟ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଯାତାୟାତ ସମୟରେ ରାସ୍ତାରେ ଭିଡ଼ ଉପୁଜିବ ନାହିଁ। ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନ୍ (ଏମ୍‌ସିଡି) ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ସଂଶୋଧିତ କାର୍ଯ୍ୟସୂଚୀ ଅନୁସରଣ କରିବେ। ଏମ୍‌ସିଡି କାର୍ଯ୍ୟାଳୟ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଦିଲ୍ଲୀ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ଆଦେଶ ୨୦୨୫ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିପଜ୍ଜନକ ପ୍ରଦୂଷଣର ମୁକାବିଲା ପାଇଁ ସବୁଠାରୁ କଠୋର ପଦକ୍ଷେପ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନର ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଛି।

## ମହତାବଙ୍କ ଲିଖିତ ଇତିହାସ ଭବିଷ୍ୟତର ଆଇନା: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ଗର୍ବ ଗୌରବ । ସେ କେବଳ ସ୍ୱତନ୍ତ୍ରତା ସଂଗ୍ରାମୀ ନ ଥିଲେ ବରଂ ଜଣେ ମହାନ ସମାଜ ସୁଧାରକ, ପ୍ରଖ୍ୟାତ ରାଜନେତା, ବକ୍ତା, କବି, ଔପନ୍ୟାସିକ, ପ୍ରସିଦ୍ଧ ଇତିହାସକାର ଏବଂ ପତ୍ରକାର ମଧ ଥିଲେ । ସେ ହେଉଛନ୍ତି ଓଡ଼ିଆ ଅସ୍ମିତାର ଜୀବନ୍ତ ଷ୍ଟେଟ୍ସମ୍ୟାନ । ଓଡ଼ିଶାକୁ ନେଇ ତାଙ୍କ ଦ୍ୱାରା ଲିଖିତ ଇତିହାସ ଭବିଷ୍ୟତର ଆଇନା ଭାବେ କାମ କରୁଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ନୂଆଦିଲ୍ଲୀରେ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହର ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ସୁପୁତ୍ର ଉତ୍କଳ କେଶରୀ ଡ଼. ମହତାବ ଦେଶର ଅନନ୍ୟ ପ୍ରତିଭା । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ କହିଥିଲେ ଯଦି ଆପଣ ଚାହୁଁଛନ୍ତି, ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କ ନାମ ସ୍ମରଣ କରାଯାଉ ତେବେ ଲେଖିବା ଭଳି କିଛି କାମ କରନ୍ତୁ ନଚେତ୍ ପଢ଼ିବା ଭଳି କିଛି ଲେଖନ୍ତୁ । ମହତାବ ଏଭଳି କିଛି କାମ କରିଛନ୍ତି ଯାହାଙ୍କ ନାମରେ ଇତିହାସ ଲେଖାଯାଇଛି । ମହତାବ ଏପରି କିଛି ଲେଖିଛନ୍ତି, ଯାହା ଆମେ ଇତିହାସ ନାମରେ ଆମେ ପଢୁଛୁ, ଯେଉଁ ଇତିହାସ ଭବିଷ୍ୟତର ଆଇନା ଭାବେ କାମ କରୁଛି ବୋଲି ସେ କହିଛନ୍ତି । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ମାନ୍ୟତା ପାଇଥିଲା । ସମାଜ ଜୀବନରେ ମହତାବ ଅନ୍ତିମ ସମୟରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଯାଇ ଲୋକକଳାକୁ ଉଜାଗର କରିଥିଲେ । ଡଃ ମହତାବଙ୍କ ଦ୍ୱାରା ଲିଖିତ ଗାଁ ମଜଲିସରେ ଦେଶ ସମାଜର ସ୍ଥିତି, ସୁଧାର, ସମାଜ ନିର୍ମାଣର ନିଚ୍ଛକ ଚିତ୍ର ଥିଲା । ମହତାବ ଜଣେ ବ୍ୟକ୍ତି ନ ଥିଲେ, ଥିଲେ ଜଣେ ଚରିତ୍ର, ବିଚାରଧାରା, ସଂସ୍କୃତି ଓ ଆଇଡିଆ । ତାଙ୍କ ଦ୍ୱାରା ଲିଖିତ ଗାଁ ମଜିଲିସ ପଢ଼ିବା ପାଇଁ ଓଡ଼ିଆ ନୂଆପିଢ଼ିକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଓଡ଼ିଶା ମାତ୍ର ୧୨ ବର୍ଷ ପରେ ୧୯୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ଡଃ ମହତାବଙ୍କ ବିଚାରରେ ଆଗକୁ ବଢ଼ିବା ପାଇଁ ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଡଃ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ବର୍ଷାଢ୍ୟ ସମାରୋହର ଆୟୋଜନ କରି ଜାତୀୟ ସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବଢାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଉଛି । ସେହିପରି ଓଡ଼ିଶାରେ ଶୀର୍ଷ କିମିଟି ଗଠନ କରି ଡ.ମହତାବଙ୍କ ସ୍ମରଣାର୍ଥେ ଏକବର୍ଷ ବ୍ୟାପୀ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଯୋଜନା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି କାର୍ଯ୍ୟକ୍ରମରେ ଡଃ ମହତାବଙ୍କ ଉପରେ ଏକ ସ୍ମାରକୀ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ ସହ ଓଡ଼ିଆରେ ମୋନୋଗ୍ରାଫ୍, 'ଗାଁ ମଜଲିସ'ର ଇଂରାଜୀ ଓ ହିନ୍ଦୀ ଅନୁବାଦ ମଧ ଉନ୍ମୋଚନ କରାଯାଇଥିଲା । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ଶିଖାୱତ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କଟକ ଲୋକସଭା ସଂସଦ ଶ୍ରୀ ଭର୍ତ୍ତୃହରି ମହତାବ ପ୍ରମୁଖ ଏହି ସାମରୋହରେ ଉପସ୍ଥିତ ଥିଲେ ।



ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ରାଷ୍ଟ୍ରପତି ଭବନ ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସମାରୋହରେ କେ. ସଞ୍ଜୟ ମୂର୍ତ୍ତି ଦେଶର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ ରୂପେ ଶପଥ ଗ୍ରହଣ କରିଛନ୍ତି । ସେ ରାଷ୍ଟ୍ରପତିଙ୍କ ନିକଟରେ ପଦବୀର ଶପଥ ନେଇଥିଲେ ଏବଂ ସେଥିରେ ଦସ୍ତଖତ କରିଥିଲେ।

### ଏନ୍‌ସିଆଇ ଘୋଷଣା କଲା ୫୫୨ ଆୟୁର୍ବେଦିକ କଲେଜର ଜାତୀୟ ରେଟିଂ

## ୨୦ତମ ସ୍ଥାନରେ ପତଞ୍ଜଳି ଆୟୁର୍ବେଦ କଲେଜ



PATANJALI

ହରିଦ୍ୱାର: ପତଞ୍ଜଳି ଯୋଗପୀଠ ଯାହାକି ଯୋଗ ଏବଂ ଆୟୁର୍ବେଦ ପାଇଁ ପ୍ରସିଦ୍ଧ । ଏହି ଅନୁଷ୍ଠାନ ଆୟୁଷ କ୍ଷେତ୍ରରେ ଶିକ୍ଷାଦାନ କରିଥାଏ । ନ୍ୟାସନାଲ କମିଶନ୍ ଫର ଇଣ୍ଡିଆନ୍ ସିଷ୍ଟମ୍ ଅଫ ମେଡିସିନ୍(ଏନ୍‌ସିଆଇଏସ୍‌ଏମ୍) ଆୟୁର୍ବେଦ କଲେଜଗୁଡ଼ିକୁ ନେଇ ତାର ଜାତୀୟ ରେଟିଂ ଘୋଷଣା କରିଛି । ସେଥିମଧ୍ୟରେ ପତଞ୍ଜଳି ଭାରତୀୟ ଆୟୁର୍ବିଜ୍ଞାନ ଏଭମ୍ ଅନୁସନ୍ଧାନ ସଂସ୍ଥାନ(ପତଞ୍ଜଳି ଆୟୁର୍ବେଦ କଲେଜ ହରିଦ୍ୱାର) ଘୋଷିତ ୫୫୨ କଲେଜ ମଧ୍ୟରେ ୨୦ ସ୍ଥାନ ହାସଲ କରିଛି । ଏହି ଅବସରରେ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣ ଗଣମାଧ୍ୟମକୁ କହିଛନ୍ତି ଯେ, ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଉଛି ଏ+ଗ୍ରେଡ୍ ଆକ୍ରିଡିକେଟେଡ୍ ଅନୁଷ୍ଠାନ । ୫୫୨ ଆୟର୍ବେଦ କଲେଜ ମଧ୍ୟରେ ଆମ କଲେଜ ୨୦ତମ ସ୍ଥାନ ହାସଲ କରିବା ଆମ ପାଇଁ ଏକ ବଡ଼ଧରଣର ଗୌରବର ବିଷୟ ବୋଲି ସେ କହିଛନ୍ତି । ସେ କହିଛନ୍ତି ଦେଶରେ ପତଞ୍ଜଳି ଆୟୁର୍ବେଦ କଲେଜର ଏକ ଖ୍ୟାତି ରହିଛି । ଏହି କଲେଜର କର୍ମଚାରୀ ଏବଂ ଅଧିକାରୀମାନଙ୍କ ନିଷ୍ଠା ଯୋଗୁ ଆଜି କଲେଜ ଏହି ମାନ୍ୟତା ପାଇବାରେ ସଫଳତା ହାସଲ କରିଛି । ଉତ୍ତରାଖଣ୍ଡର ୨୦ଟି ଆୟୁର୍ବେଦ କଲେଜ ମଧ୍ୟରେ ପତଞ୍ଜଳି ହେଉଛି ଏକମାତ୍ର କଲେଜ ଯାହାର ରେଟିଂ ଏ ଗ୍ରେଡ୍ ରହିଛି । ଅନ୍ୟ ସବୁ ଅନୁଷ୍ଠାନ ବି ଗ୍ରେଡ୍‌ରେ ଥିଲାବେଳେ ଅନ୍ୟ ୬ଟି କଲେଜ ସି ଗ୍ରେଡ୍ ହାସଲ କରିଛନ୍ତି ବୋଲି ସେ କହିଥିଲେ ।

## ସୁରକ୍ଷା ବଳରେ ଅଧିକ ଯୁବପିଢ଼ି ଯୋଗଦେବାକୁ ବିଷ୍ଣୁଦେବଙ୍କ ଆହ୍ୱାନ





ରାୟପୁର: ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ସୁରକ୍ଷା ବଳ ଏକ ବଡ଼ଧରଣର ସଫଳତା ହାସଲ କରିଛନ୍ତି । ଯାହାକି ଆମ ପାଇଁ ଗର୍ବ ଓ ଗୌରବ ବୋଲି କୁହାଯାଇପାରେ । ତେଣୁ ମାଓପ୍ରବଣ ବସ୍ତର ଜିଲ୍ଲାର ଅଧିକରୁ ଅଧିକ ଯୁବପିଢ଼ି ସୁରକ୍ଷା ବଳରେ ଯୋଗଦାନ ଦେଇ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ନକ୍ସଲ ଦମନ ଅଭିଯାନରେ ସୁରକ୍ଷା ବଳର ଏକ ପ୍ରମୁଖ ଭୂମିକା ରହିଛି । ବସ୍ତର ବାଟାଲିୟନ୍‌ରେ ମହିଳା କନଷ୍ଟେବଳମାନେ ସେବା ଯୋଗାଉଥିବା ଦେଖି ବିଷ୍ଣୁଦେବ ଖୁସି ପ୍ରକଟ କରିଥିଲେ । ସେ କହିଥିଲେ ମହିଳା କନଷ୍ଟେବଳମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରୁଛନ୍ତି । ସେମାନେ ଆମ ପାଇଁ ଏକ ବଡ଼ଧରଣର ଶକ୍ତି ବୋଲି କୁହାଯାଇପାରେ । ଅନେକ ଯୁବତୀ ସଫଳତା ପୂର୍ବକ ସୁରକ୍ଷା ବଳରେ କାର୍ଯ୍ୟ କରୁଛନ୍ତି । ବସ୍ତରରେ ନକ୍ସଲ ଦମନ ଅଭିଯାନରେ ସେମାନଙ୍କ ପରାକ୍ରମ କିଛି କମ୍ ନୁହେଁ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ସିଆରପିଏଫ୍‌ର କୋବ୍ରା ବାଟାଲିୟନ୍‌ରେ ମହିଳାମାନଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦିଆଯାଉଛି । ସେମାନେ ଜଙ୍ଗଲରେ ନକ୍ସଲ ଦମନରେ ସହାୟକ ହେଉଛନ୍ତି । ଟେକଲଗୁଡ଼ାରେ ସିଆରପିଏଫ୍‌ର ଏକ କ୍ୟାମ୍ପ ସ୍ଥାପନ କରାଯାଇଛି । ଯାହାଫଳରେ ନକ୍ସଲ ମୁକାବିଲାରେ ସଫଳ ହାସଲ ହୋଇପାରୁଛି ।

### ଆକ୍ସନ୍ ମୁଡ୍‌ରେ କେନ୍ଦ୍ର ସରକାର

## ୧୭ ହଜାର ହ୍ୱାଟସ୍‌ଆପ୍ ଆକାଉଣ୍ଟ ବ୍ଲକ୍

ଦିନକୁ ଦିନ ଦେଶରେ ବଢ଼ି ଚାଲିଛି ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା। ଲୋକଙ୍କୁ ଫସାଇ ପୁଳା ପୁଳା ଟଙ୍କା ଲୁଟି ନେଉଛନ୍ତି ଦୁର୍ବୃତ୍ତ। ଖାଲି କରିଦେଉଛନ୍ତି ଆକାଉଣ୍ଟ। ତେବେ ଏହା ଉପରେ ଏବେ ଲାଗିବ ବ୍ରେକ୍। ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲାରେ ବଡ଼ ଆକ୍ସନ ନେଇଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ୧୭ ହଜାର ହ୍ୱାଟସ୍‌ଆପ୍ ଆକାଉଣ୍ଟକୁ ବ୍ଲକ୍ କରିଦେଇଛି। ଏହି ସନ୍ଦିଗ୍ଧ ଆକାଉଣ୍ଟର ଲିଙ୍କ୍ ଡିଜିଟାଲ୍ ଆରେଷ୍ଟ ଏବଂ ସାଇବର ଠକେଇ ମାମଲା ସହ ଜଡ଼ିତ ଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଥିସହ ଗୃହ ମନ୍ତ୍ରଣାଳୟର ଆଭ୍ୟନ୍ତରୀଣ ସୁରକ୍ଷା ସଚିବ ଏହି କମିଟି ଉପରେ ନଜର ରଖିଛନ୍ତି। ଗୃହ ମନ୍ତ୍ରଣାଳୟର ସାଇବର ୱିଙ୍ଗ ୭୦୯ଟି ମୋବାଇଲ ଆପ୍‌କୁ ମଧ ବ୍ଲକ୍ କରିଦେଇଛି। ସୂଚନା ମୁତାବକ ଚଳିତ ବର୍ଷ ୬ ହଜାରରୁ ଅଧିକ ଡିଜିଟାଲ ଆରେଷ୍ଟ ମାମଲା ରୁଜୁ ହୋଇଛି। ସାଇବର ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଘଟଣାରେ ୬ ଲକ୍ଷ ମୋବାଇଲ୍ ଫୋନ୍ ଜଡ଼ିତ ଥିବା ଜଣାପଡ଼ିଛି। ଏପରି ଅପରାଧକୁ ରୋକିବା ପାଇଁ ଗୃହ ମନ୍ତ୍ରଣାଳୟ ଆଗାମୀ ଦିନରେ ଅଧିକ କଠୋର ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି ।



### ରଦ୍ଦ ହେଲା ୫.୮ କୋଟି ରାସନ କାର୍ଡ

ନୂଆଦିଲ୍ଲୀ: ଭାରତରେ ଗରିବ ଅଭାବୀ ଲୋକଙ୍କୁ ସରକାର ରାଶନ କାର୍ଡ ପ୍ରଦାନ କରୁଛନ୍ତି। ଭାରତରେ କୋଟି କୋଟି ରାଶନ କାର୍ଡଧାରୀ ଅଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ସରକାର କମ୍ ମୂଲ୍ୟରେ ଲୋକଙ୍କୁ ରାଶନ କାର୍ଡ ମାଧ୍ୟମରେ ରାସନ ପ୍ରଦାନ କରୁଛନ୍ତି। କିନ୍ତୁ ନିକଟରେ ରାସନ କାର୍ଡଧାରୀଙ୍କ ପାଇଁ ଏକ ବହୁତ ବଡ ଖବର ଆସିଛି । ଭାରତ ସରକାର ପ୍ରାୟ ୫.୮ କୋଟିର ରାଶନ କାର୍ଡ ରଦ୍ଦ କରିଛନ୍ତି। କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ଦ୍ୱାରା ସମସ୍ତ ରାଶନ କାର୍ଡଧାରୀଙ୍କୁ ଏହି ସୂଚନା ପ୍ରଦାନ କରିସାରିଛନ୍ତି ଯେ, ଇ-କେୱାଇସି କାର୍ଯ୍ୟ କରିବା ସମସ୍ତଙ୍କ ପାଇଁ ଆବଶ୍ୟକ ଅଟେ। ଏଥିପାଇଁ ସମୟସୀମା ମଧ୍ୟ ସ୍ଥିର କରାଯାଇଥିଲା।

# ବାଣିଜ୍ୟ

amazon

ନୂଆଦିଲ୍ଲୀ: ଆମାଜନ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହାର ଆମାଜନ ଗ୍ଲୋବାଲ୍ ସେଲିଂ କାର୍ଯ୍ୟକ୍ରମ ଅଧୀନରେ ଥିବା ଭାରତୀୟ ରପ୍ତାନିକାରୀମାନେ ବାର୍ଷିକ ବ୍ଲାକ୍ ଫ୍ରାଇଡେ ଓ ସାଇବର୍ ମଣ୍ଡେ (ବିଏଫ୍‌ସିଏମ୍) ସେଲ୍ ସମୟରେ ସାରାର ବିଶ୍ୱର ଗ୍ରାହକଙ୍କୁ ସେମାନଙ୍କ ମେଡ୍ ଇନ୍ ଇଣ୍ଡିଆନ୍ତ ଉତ୍ପାଦ ପ୍ରଦର୍ଶନ କରିପାରିବେ। ଚଳିତ ବର୍ଷ ଗ୍ରାହକମାନେ ଗତବର୍ଷ ତୁଳନାରେ ସପିଙ୍ଗ ପାଇଁ ଅଧିକ ସମୟ ପାଇପାରିବେ। ଏହି ସେଲ୍ ନଭେମ୍ବର ୨୧ରୁ ଆରମ୍ଭ ହୋଇ ଡିସେମ୍ବର ୨ରେ ଶେଷ ହେବ।ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ଗ୍ଲୋବାଲ୍ ଟ୍ରେଡ୍ ଡାଇରେକ୍ଟର ଭୁପେନ୍ ୱାକାଙ୍କର କହିଛନ୍ତି ଯେ, ବ‌ିଏଫ୍‌ସିଏମ୍ ସହ ଆରମ୍ଭ ହେଉଥିବା ଆଗାମୀ ବିଶ୍ୱ ଛୁଟିଦିନ ଋତୁ ଆମାଜନ ଗ୍ଲୋବାଲ୍ ସେଲିଂ କାର୍ଯ୍ୟକ୍ରମରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଅଭିବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ହଜାର ହଜାର ରପ୍ତାନିକାରୀ ବ୍ୟାପକ ମେଡ୍ ଇନ୍ ଇଣ୍ଡିଆ ଉତ୍ପାଦ ବିଶ୍ୱର ଗ୍ରାହକଙ୍କୁ ପ୍ରଦର୍ଶନ କରୁଥିବା ବେଳେ ଆମେ ଆଶା କରୁଛୁ ଯେ ୨୦୨୪ ବିଏଫ୍‌ସିଏମ୍ ଓ ଛୁଟିଦିନ ସପିଂ ଋତୁ ଆମ ବିକ୍ରେତାମାନଙ୍କ ପାଇଁ ସଫଳ ହେବ। ହିମାଳୟାର ଇଡି ଇ-କମର୍ସର ବରିଷ୍ଠ ନିର୍ଦ୍ଦେଶକ ଅଦ୍ୱୈତ ରମେଶ କହିଛନ୍ତି ଯେ, ବିକ୍ରି ଓ ବ୍ରାଣ୍ଡ୍ ସଚେତନତା ବଢ଼ାଇବା ଲାଗି ହିମାଳୟା ନିରନ୍ତର ଭାବେ ପ୍ରାଇମ୍ ବିଗ୍ ଡେଜ୍ ସେଲ୍ ଭଳି ଆମାଜନର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟବହାର କରୁଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ବିକ୍ରି ବଢ଼ାଇବା ସହିତ ଗ୍ରାହକ ସଂଖ୍ୟା ବଢ଼ାଇବା ଏବଂ ଗ୍ରାହକଙ୍କ ସହ ଦୀର୍ଘସ୍ଥାୟୀ ସମ୍ପର୍କ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରୁଛି। ତତ୍କାଳ ବିକ୍ରି ବଢ଼ାଇବାଲାଗି ଏହା ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରୁଛି ।

## ଜାତିସଂଘ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଜାତିସଂଘ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଜୀ ଜୀ ଶୁଭାରମ୍ଭ କରିବେ ବୋଲି ଏଠାରେ ଇଫକୋ ଲିମିଟେଡ, ସହକାରିତା ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଇଣ୍ଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସ ପକ୍ଷରୁ ମିଳିତ ଭାବରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଡ.ଆଶିଷ କୁମାର ଭୁଟାନି, ସଚିବ, ସହକାରିତା ମନ୍ତ୍ରଣାଳୟ, ଭାରତ ସରକାର କହିଛନ୍ତି ଯେ, ଅମିତ ଶାହ, ସମ୍ମାନନୀୟ ସହକାରିତା ମନ୍ତ୍ରୀ, ଭାରତ ସରକାର ଏହି କାର୍ଯ୍ୟକ୍ରମରେ ୨୦୨୪ ନଭେମ୍ବର ୨୫ ତାରିଖ ଅପରାହ୍ନ ୩ଟାରେ ଉପସ୍ଥିତ ରହିବେ। ସେ ଗ୍ଲୋବାଲ କୋଅପରେଟିଭ କନ୍‌ଫରେନ୍ସର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷତା କରିବେ। ଏହି ଅବସରରେ ଆନ୍ତର୍ଜାତିକ ସମବାୟ ବର୍ଷ- ୨୦୨୫ ଉପରେ ଏକ ସ୍ମାରକୀ ଡାକଟିକଟ ଉନ୍ମୋଚିତ ହେବ। ଡ.ୟୁ ଏସ ଅୱସ୍ଥି, ମ୍ୟାନେଜିଂ ଡାଇରେକ୍ଟର, ଇଫକୋ ଲିମିଟେଡ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଭୁଟାନର ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଡାଶୋ ଶେରିଂ ତୋବଗେ ଜୀ ଏବଂ ଫିଜିର ସମ୍ମାନନୀୟ ଉପ ପ୍ରଧାନମନ୍ତ୍ରୀ ମାନୋଆ କାମିକାମିକା ମଧ୍ୟ ବିଶିଷ୍ଟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେବେ। ଡ.ୟୁ ଏସ ଅୱସ୍ଥି, ଏମ୍‌ଡି, ଇଫ୍‌କୋ ଲିମିଟେଡ କହିଥିଲେ, ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସମବାୟ ସମସ୍ତଙ୍କ ସମୃଦ୍ଧି ନିର୍ମାଣ କରୁଛି' ରଖାଯାଇଛି। ଏକ ସମୃଦ୍ଧ ଏବଂ ସୁରକ୍ଷିତ ସମବାୟ ଆନ୍ଦୋଳନ ଗଢିତୋଳିବାକୁ ଆମର ଦୀର୍ଘକାଳରୁ ଲକ୍ଷ୍ୟ ରହିଛି। ଆମ ନିଜ ଦେଶରେ ଏକ ନିୟୋଜନକାରୀ ଚିନ୍ତାଧାରା ବିନିମୟ ନମନ୍ତେ ଆନ୍ତର୍ଜାତିକ ପ୍ରତିନିଧିଙ୍କୁ ପାଇବା ନେଇ ଆମେ ନିଜକୁ ଗୌରବାନ୍ୱିତ ମନେକରୁଛୁ। ଇଫ୍‌କୋ ସର୍ବଦା ଭାରତୀୟ କୃଷକଙ୍କର ସ୍ୱାର୍ଥକୁ ଏହାର ହୃଦୟରେ ସ୍ଥାନ ଦେଇଛି ଯେଉଁଥିପାଇଁ ଏହି ସମ୍ମିଳନୀରେ ଭାରତୀୟ ସମବାୟଗୁଡ଼ିକ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଓ ସେବାଗୁଡ଼ିକ ଭାରତୀୟ ଗ୍ରାମ ଚିନ୍ତାଧାରାରେ ସ୍ଥାପିତ 'ହାଟ'ରେ ପ୍ରଦର୍ଶିତ କରାଯିବ।

## ଟାଟା ଷ୍ଟିଲ୍ ପକ୍ଷରୁ କାର୍ବନ ନିର୍ଗମନ ହ୍ରାସ ପାଇଁ ବାୟୋଚାର୍‌ର ଶୁଭାରମ୍ଭ

ଜାମସେଦପୁର: ଟାଟା ଷ୍ଟିଲ୍ ପକ୍ଷରୁ ସଫଳତାର ସହ ଜାମସେଦପୁର କାରଖାନାରେ ବାୟୋଚାର୍‌କୁ ବ୍ୟବହାର କରାଯାଇଛି। ବାୟୋଚାର୍ ହେଉଛି ଏକ ବାୟୋମାସ୍ ଭିତ୍ତିକ ଚାରକୋଲ୍ । ଦୀର୍ଘସ୍ଥାୟିତ୍ୱ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଏହା ଦୋହରାଉଥିବା ବେଳେ ୨୦୪୫ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ପ୍ରତି ଏହା କମ୍ପାନିକୁ ନିକଟତର କରାଇଛି। ଟାଟା ଷ୍ଟିଲ୍‌ର ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ଉପସଭାପତି ରାଜୀବ ମଙ୍ଗଲ କହିଛନ୍ତି ଯେ, କୋଇଲା ଭଳି କାର୍ବନ ସମ୍ବେଦନଶୀଳ ଜୀବାଶ୍ମର ପ୍ରତିବଦଳେର ବାୟୋଚାର୍ ଇନ୍ଧନର ବ୍ୟବହାରର ଶୁଭାରମ୍ଭ କେବଳ ଟାଟା ଷ୍ଟିଲ୍ ନୁହେଁ ସମଗ୍ର ଭାରତୀୟ ଇସ୍ପାତ ଶିଳ୍ପ ପାଇଁ ଏକ ବଡ଼ ପଦେକ୍ଷପ। ଇସ୍ପାତ ପ୍ରସ୍ତୁତି ପ୍ରକ୍ରିୟାରେ ବିକଳ୍ପ ଇନ୍ଧନର ନିର୍ଭରଶୀଳତାକୁ ଏହା ବୃଦ୍ଧି କରିବା ସହିତ ସବୁଠୁ ଦାୟିତ୍ୱବାନ ଉପାୟରେ ଇସ୍ପାତ ଉତ୍ପାଦନ ପ୍ରତି ଟାଟା ଷ୍ଟିଲ୍ ପ୍ରତିବଦ୍ଧତାକୁ ଏହା ଦୋହରାଇଛି। ଏହି ସଫଳତା ଏକ ଦୀର୍ଘସ୍ଥାୟୀ ଇସ୍ପାତ କ୍ଷେତ୍ର ଗଠନ କରିବା ଲାଗି ଆମକୁ ଆତ୍ମବିଶ୍ୱାସ ପ୍ରଦାନ କରିଛି ଯାହା ଭାରତରେ ଇସ୍ପାତ ଉତ୍ପାଦନରେ ଏକ ମାନଦଣ୍ଡ ଭାବେ କାର୍ଯ୍ୟ କରିବ। ପ୍ରଥମ ଭାରତୀୟ ଇସ୍ପାତ କମ୍ପାନି ଭାବେ ଟାଟା ଷ୍ଟିଲ୍ ପକ୍ଷରୁ ବି୨୪ ବାୟୋଫୁଏଲ୍ ମିଶ୍ରଣ ସହିତ ଭିଏଲ୍‌ଏସ୍‌ଏଫ୍‌ଓ ବ୍ୟବହାର କରି ଅଷ୍ଟ୍ରେଲିଆ ପୂର୍ବତଟରୁ ଭାରତ ପର୍ଯ୍ୟନ୍ତ ଜାହାଜ ପରିବହନ କରାଯାଇଥିଲା। ଦୀର୍ଘସ୍ଥାୟୀ ବିକାଶ ଏବଂ ବିଶ୍ୱସ୍ତରୀୟ ମାନକକୁ ପାଳନ କରିବା ଲାଗି ଟାଟା ଷ୍ଟିଲ୍‌କୁ ଲଗାତାର ସପ୍ତମ ବର୍ଷ ପାଇଁ ୱାର୍ଲଡ଼ଷ୍ଟିଲ୍ ପକ୍ଷରୁ ଷ୍ଟିଲ୍ ସେଷ୍ଟେନବିଲିଟି ଚମ୍ପିଆନ୍ ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନିର ଜାମସେଦପୁର କାରଖାନା ପ୍ରଥମ ଇସ୍ପାତ କାରଖାନା ଭାବେ ରେସପନସିବଲ୍ ଷ୍ଟିଲ୍ ସାର୍ଟିଫିକେସନ୍ ହାସଲ କରିଛି। ଏହା ପରେ ଯଥାକ୍ରମେ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନା ସେହି ସାର୍ଟିଫିକେସନ ହାସଲ କରିଥିଲେ। ଭାରତରେ ଟାଟା ଷ୍ଟିଲ୍‌ର ୯୦ ପ୍ରତିଶତ କାର୍ଯ୍ୟକ୍ଷେତ୍ରକୁ ରେସପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ୍ ମିଳିଛି।

## ବେଦାନ୍ତ ଆଲୁମିନିୟମ୍ ଓ ଆୟୁଷ ମନ୍ତ୍ରଣାଳୟର 'ସ୍ୱର୍ଣ୍ଣ ପ୍ରାସନ୍' ଅଭିଯାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୫ଟି ସରକାରୀ ବିଦ୍ୟାଳୟର ୬୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ନ୍ତସ୍ୱର୍ଣ୍ଣ ପ୍ରାସନ୍' ଅଭିଯାନକୁ ବିସ୍ତାର କରିଛି । ରାୟଗଡ଼ା ଜିସିଡି ଜିଲ୍ଲା ଉଚ୍ଚ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଡିଇଓ ଭଜନ ଲାଲ ମାଝୀ, ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଆୟୁର୍ବେଦିକ ଡାକ୍ତର ଭିଜେପି ରାଓ, ଅଟଳ ବିହାରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ, ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଆମେ ସମୟ ପରୀକ୍ଷିତ ପାରମ୍ପରିକ ଅଭ୍ୟାସକୁ ଉପଯୋଗ କରି ଅନୁନ୍ନତ ଅଞ୍ଚଳର ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ । କଳାହାଣ୍ଡି ଓ ରାୟଗଡ଼ାରେ ଏହି କାର୍ଯ୍ୟକ୍ରମର ସକାରାତ୍ମକ ପ୍ରଭାବ ଦେଖି ଆମେ ଉତ୍ସାହିତ । ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ସ୍ୱର୍ଣ୍ଣ ପ୍ରାସନ୍ନ କାର୍ଯ୍ୟକ୍ରମକୁ ସମସ୍ତେ ଉତ୍ସାହର ସହ ଗ୍ରହଣ କରିଛି, ଯାହା ଦ୍ୱାରା ୨୫ଟି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ଡିଇଓ ବସନ୍ତ କୁମାର ନାୟକ କହିଲେ, ସ୍ୱର୍ଣ୍ଣ ପ୍ରାସନ୍ନ ଏକ ସମୟାନୁକ୍ରମିକ ଆୟୁର୍ବେଦିକ ଅଭ୍ୟାସ ଯାହା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଏବଂ ଜ୍ଞାନ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । ଦୁର୍ଗମ ଅଞ୍ଚଳରେ ବେଦାନ୍ତ ଆଲୁମିନିୟମର ଏଭଳି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରଙ୍କ ସହ ଘନିଷ୍ଠ ସହଯୋଗ କରି କମ୍ପାନୀ ସୁନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ସାମାଜିକ-ଅର୍ଥନୈତିକ ପ୍ରଗତିଦିଗରେ ଅଗ୍ରସର ହୁଏ ।

## ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ରାଇଡର୍‌ଙ୍କୁ ଆମନ୍ତ୍ରଣ



ନୂଆଦିଲ୍ଲୀ: ବିଶ୍ୱସ୍ତରୀୟ ଅଗ୍ରଣୀ ଅଟୋମୋବାଇଲ୍ କମ୍ପାନି ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ମୋଟରସାଇକଲ୍ ପ୍ରେମୀଙ୍କୁ ଫ୍ଲାଟ୍‌ଟ୍ରାକ୍ ରେସିଂର ଅନୁଭୂତି ପ୍ରଦାନ ଲାଗି ଟିଭିଏସ୍ ରୋନିନ୍ ଡ୍ରିଫ୍ଟ ଆର୍ ସ୍କୁଲ୍‌ରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଛି। କମ୍ପାନିର ଅନସ୍କ୍ରିପ୍ଟେଡ୍ ମୂଲ୍ୟବୋଧ ଆଧାରରେ ଟିଭିଏସ୍ ରୋନିନ୍ ଦର୍ଶନ ଅନୁସାରେ ସ୍ୱତନ୍ତ୍ର ଗାଡ଼ିଚାଳନା ଅନୁଭୂତି ପ୍ରଦାନ କରିବା ସହ ଏହା ସମନ୍ୱିତ ରହିଛି। ପ୍ରତିଯୋଗୀମାନେ ଟିଭିଏସ୍ ଆଥଲେଟ୍ ଐଶ୍ୱର୍ଯ୍ୟା ପିସା ଏବଂ ନୀଲେଶ ଧୁମାଲଙ୍କ ଭଳି ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ୍ ରୋନିନ୍ ଫ୍ଲାଟ୍‌ଟ୍ରାକ ରେସ୍ଲାଇଡିଂ ଏବଂ କର୍ଣ୍ଣରିଂ ଭଳି ପ୍ରମୁଖ ଫ୍ଲାଟ୍‌ଟ୍ରାକ୍ କୌଶଳ ଶିଖିବେ। ଏହି କାର୍ଯ୍ୟକ୍ରମ ଏକ ନିରାପଦ ଏବଂ ନିୟନ୍ତ୍ରିତ ପରିବେଶରେ ଟ୍ରାକ୍‌ରେ ରାଇଡରଙ୍କ ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଦକ୍ଷତାରେ ଉନ୍ନତି ଆଣିବ। ରୋନିନ ଡ୍ରିଫ୍ଟ ଆର ସ୍କୁଲ ମୋଟରସାଇକେଲ ଚାଳନା ଏବଂ ଦୁଃସାହସିକତା ପ୍ରତି ଆଗ୍ରହ ରଖୁଥିବା ରାଇଡରଙ୍କୁ ଏକାଠି କରି ଏକ ଗୋଷ୍ଠୀଗତ ଭାବନାକୁ ପ୍ରୋତ୍ସାହିତ କରିବ। ଟିଭିଏସ୍ ମୋଟର କମ୍ପାନିର ମୁଖ୍ୟ ବ୍ୟବସାୟ (ପ୍ରିମିୟମ୍) ବିମଳ ସୁମ୍ବଲି କହିଛନ୍ତି ଯେ, ଟିଭିଏସ୍ ରୋନିନ୍ ଡ୍ରିଫ୍ଟ ଆର୍ ସ୍କୁଲ ରାଇଡରଙ୍କ ପାଇଁ ସିଗ୍ନେଚର ରୋନିନ୍ ଟ୍ୱିଷ୍ଟ ସହିତ ଫ୍ଲାଟ୍‌ଟ୍ରାକ୍ ରେସିଂ ଅନୁଭୂତି ପ୍ରଦାନ କରିବାର ଏକ ଆକର୍ଷଣୀୟ ସୁଯୋଗ। ଏହି ପଦକ୍ଷେପ ରାଇଡିଂ କୌଶଳ ଶିଖାଇବାଠାରୁ ଅଧିକ। ଏହା ଏପରି ଏକ ସ୍ଥାନ ସୃଷ୍ଟି କରିବ ଯେଉଁଠାରେ ରାଇଡରମାନେ ସେମାନଙ୍କର ଉତ୍ସାହକୁ ଆବିଷ୍କାର କରିପାରିବେ, ସେମାନଙ୍କର ଦକ୍ଷତା ବୃଦ୍ଧି କରିପାରିବେ ଏବଂ ଏକ ଗୋଷ୍ଠୀର ଅଂଶ ହୋଇପାରିବେ ଯାହା କ୍ରୀଡ଼ା ପ୍ରତି ଭଲ ପାଇବା ବାଣ୍ଟିବ। ରୋନିନ୍ ଡ୍ରିଫ୍ଟ ଆର ସ୍କୁଲ ଟିଭିଏସ୍ ରୋନିନ୍‌ର ଆଦର୍ଶରେ ଏକ ନୂତନ ଦିଗ ଯୋଡ଼ିଛି। ଏହାଦ୍ୱାରା ରାଇଡରମାନେ ଫ୍ଲାଟ୍‌ଟ୍ରାକ୍ ରେସିଂ ଏବଂ ନୂତନ ଯୁଗର ରାଇଡର ସମୁଦାୟ ସହ ଯୋଡ଼ି ହୋଇପାରିବେ। ଆଧୁନିକ ଜ୍ଞାନକୌଶଳ ଏବଂ ରେଟ୍ରୋ ସୌନ୍ଦର୍ଯ୍ୟର ସ୍ୱତନ୍ତ୍ର ମିଶ୍ରଣ ପାଇଁ ଜଣାଶୁଣା ଟିଭିଏସ୍ ରୋନିନ କେବଳ ଏକ ମୋଟରସାଇକେଲ ନୁହେଁ। ଏହା ବହୁମୁଖୀ ମୋଟରସାଇକେଲିଂ ଅନୁଭୂତିକୁ ଗ୍ରହଣ କରିବ ଯାହା ଜଣଙ୍କୁ ସ୍ୱତଃସ୍ଫୂର୍ତ୍ତ ହେବା ପାଇଁ ଏବଂ ନିଜ ଅନସ୍କ୍ରିପ୍ଟେଡ୍ ମାର୍ଗ ଅନୁସରଣ କରିବା ପାଇଁ ଅନୁମତି ଦିଏ।

## ଓଡ଼ିଶାର କୃଷି ଓ ଜଳସମ୍ପଦ ଯୋଜନାରେ ପରିବର୍ତ୍ତନ ଆଣିଛି ଜିଆଇଏସ୍ ଟେକ୍ନୋଲୋଜି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତରେ ଜିଆଇଏସ୍ ପରିଦୃଶ୍ୟ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏକ ପରିବର୍ତ୍ତନମୂଳକ ପରିବର୍ତ୍ତନ ଦେଇ ଗତି କରିଛି ଏବଂ ଆଜି ନୂତନ ଯୁଗର ଟେକ୍ନୋଲୋଜିର ଆବିର୍ଭାବ ସହିତ ଏହା ବିଭିନ୍ନ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ସୃଷ୍ଟି କରିଛି । ୨୦୨୫ ସୁଦ୍ଧା ଭାରତର ଭୂ-ଆଂଚଳିକ ଅର୍ଥନୀତି ୧୨.୮% ଅଭିବୃଦ୍ଧି ହାରରେ ୬୩,୦୦୦ କୋଟି ଟଙ୍କା ଅତିକ୍ରମ କରିବ ଏବଂ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିବାର ସମ୍ଭାବନା ରହିଛି। ଆଜି ଆମେ ସମଗ୍ର ଭାରତରେ ଜିଆଇଏସ୍ ଦିବସ ପାଳନ କରୁଥିବା ବେଳେ ବିପର୍ଯ୍ୟୟ ପରିଚାଳନା, ନଗର ଯୋଜନା, କୃଷି, ଭିତିଭୂମି ବିକାଶ, ଜଳ ସମ୍ପଦ ପରିଚାଳନା, ସଂରକ୍ଷଣ ପଦକ୍ଷେପ, ଜଳବାୟୁ ପରିବର୍ତ୍ତନ ମ୍ୟାପିଂ, ଶିକ୍ଷା, ୟୁଟିଲିଟି, ଟେଲିକମ୍ ଏବଂ ଅନ୍ୟାନ୍ୟ ବିବିଧ କ୍ଷେତ୍ର ରେ ଏହାର ପ୍ରଭାବ ଏବଂ ପରିବର୍ତ୍ତନକାରୀ ସମ୍ଭାବନା ଅନୁଭବ କରାଯାଇପାରିବ । ଜାତୀୟ ବିକାଶ, ଅର୍ଥନୈତିକ ସମୃଦ୍ଧି ଏବଂ ସମୃଦ୍ଧ ସୂଚନା ଅର୍ଥନୀତିକୁ ସମର୍ଥନ କରିବା ପାଇଁ ଜିଓସ୍ପେଟିକାଲ କ୍ଷେତ୍ରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ନାଗରିକ-କେନ୍ଦ୍ରୀତ ନୀତି ଗଠନ କରିବା ଉଦ୍ଦେଶ୍ୟରେ ଜାତୀୟ ଜିଓସ୍ପେଟିକାଲ ପଲିସି ୨୦୨୨ (ଏନଜିପି) ପ୍ରସ୍ତୁତ କରାଯାଇଥିଲା । କ୍ରମଶଃ ଭାରତୀୟ ରାଜ୍ୟମାନେ ଭିତିଭୂମି ବିକାଶ ପାଇଁ ଜିଆଇଏସ୍ ଉପକରଣ ଏବଂ ସମାଧାନର ବିଭିନ୍ନ ଦିଗକୁ ଗ୍ରହଣ କରୁଛନ୍ତି ଏବଂ ନାଗରିକ ସେବା, କ୍ଷେତ୍ରୀୟ ଏବଂ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ଏକ ସମ୍ଭାବ୍ୟ ଉପକରଣ ଭାବରେ ଗ୍ରହଣ କରୁଛନ୍ତି । ଏସ୍ରିର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଗେନ୍ଦ୍ର କୁମାର କହିଛନ୍ତି, ଜିଆଇଏସ୍ ଦିବସ ହେଉଛି ସ୍ଥାନୀୟ ଅନୁସନ୍ଧାନର ଏକ ଜୀବନ୍ତ ଉତ୍ସବ, ଯେଉଁଠାରେ ତଥ୍ୟ ଆକର୍ଷଣୀୟ କାହାଣୀ କହିଥାଏ ଏବଂ ଏସ୍ରି ଇଣ୍ଡିଆ ସର୍ବଦା ଦେଶରେ ଜିଆଇଏସ୍ ଦିବସ ପାଳନରେ ଅଗ୍ରଣୀ ରହିଆସିଛି । ଜିଆଇଏସ୍ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଅବଗତ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ଜିଓସ୍ପେସିଆଲ୍ ଡାଟା ଷ୍ଟୋର, ପରିଚାଳନା ଏବଂ ବିଶ୍ଳେଷଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ । ଭିତିଭୂମି ର ବିକାଶ ହେଉ କିମ୍ବା ୟୁଟିଲିଟିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର କୁ ସୁନିଶ୍ଚିତ କରିବା ହେଉ, ଏକ ଭୌଗୋଳିକ ଦୃଷ୍ଟିକୋଣ ମାଧ୍ୟମରେ ସମ୍ପ୍ରଦାୟ ପରିବର୍ତ୍ତନ ହେଉଛି ।

## ସୁପରଏଫ୍‌ଡିର ଶୁଭାରମ୍ଭ

super.money

ନୂଆଦିଲ୍ଲୀ: ସୁପର୍ ଡଟ ମନି ପକ୍ଷରୁ ସୁପର୍‌ଏଫ୍‌ଡିର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ହେଉଛି ଏକ ସମ୍ପୂର୍ଣ୍ଣ ଡିଜିଟାଲ ସଂଚୟ ଉତ୍ପାଦ ଯାହା ଫିକ୍ସ ଡିପୋଜିଟ୍‌କୁ ୟୁପିଆଇର ସୁଗମତା ଆଣିଛି। କମ୍ପାନୀ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲ ଓ ସହଜ କରି ଏଫ୍‌ଡିଗୁଡ଼ିକୁ ପୁନଃବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖିଛି। ସୁପର୍ ଡଟ୍ ମନିରେ ଉପଭୋକ୍ତା ବର୍ତ୍ତମାନ ୫ଟି ବ୍ୟାଙ୍କ ମଧ୍ୟରୁ ଚୟନ କରିପାରିବେ ଯାହା ଆର୍‌ବିଆଇ ଦ୍ୱାରା ଅନୁମୋଦିତ ଅଟେ। ସୁପର୍ ଡଟ୍ ମନିରେ ସମସ୍ତ ଏଫ୍‌ଡିଗୁଡିକ ଡିଆଇସିଜିସି ଦ୍ୱାରା ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ ରହିବ। ଶିଳ୍ପ ପ୍ରଥମ ପଦକ୍ଷେପ ଭାବେ ସୁପର୍‌ଏଫ୍‌ଡି ହେଉଛି ଏକ ଉତ୍ପାଦ ଯାହା ଯୁବ ଭାରତୀୟଙ୍କ ମଧ୍ୟରେ ସଂଚୟକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସୁପର୍‌ଏଫ୍‌ଡି ସହିତ ଉପଭୋକ୍ତା ସର୍ବନିମ୍ନ ୧୦୦୦ ଟଙ୍କାରୁ ଏଫଡି ବୁକ କରିପାରିବେ ଏବଂ ୯.୫% ପର୍ଯ୍ୟନ୍ତ ସୁଧ ଆୟ କରିପାରିବେ। ସୁପର୍ ଡଟ୍ ମନିର ପ୍ରତିଷ୍ଠାତା ଓ ସିଇଓ ପ୍ରକାଶ ସିକାରିଆ କହିଛନ୍ତି, ଆମେ ୟୁପିଆଇରେ ପ୍ରଥମ ଏଫ୍‌ଡିର ଶୁଭାରମ୍ଭ କରି ଉତ୍ସାହିତ ଅଛୁ। ଆକର୍ଷଣୀୟ ସୁଧ ହାର, ନମନୀୟତା ଓ ବାଧାମୁକ୍ତ ପହଞ୍ଚ ପ୍ରଦାନ କରି ସୁପରଏଫ୍‌ଡି ଲୋକଙ୍କ ପାଇଁ କମ୍ ବିପଦ ଓ ଉଚ୍ଚ ରିଟର୍ଣ୍ଣ ଉତ୍ପାଦରେ ନିବେଶ କରିବା ପାଇଁ ଏହାକୁ ସହଜ କରୁଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କର ଡିପୋଜିଟ୍‌କୁ ନୂତନ ଯୁଗର ନିବେଶକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟ ସହ ଜଡିତ ରହିଛି। କେନ୍ଦ୍ର ପରିସଂଖ୍ୟାନ ଓ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୦ରୁ ୨୦୨୧ ଓ ୨୦୨୨-୨୩ ମଧ୍ୟରେ ପରିବାରର ଶୁଦ୍ଧ ଆର୍ଥିକ ସଂଚୟ କ୍ଷେତ୍ରରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ହ୍ରାସ ଘଟିଛି। ସୁପର୍‌ଏଫ୍‌ଡି ଏକ କମ୍ ବିପଦ ଥିବା ସଂଚୟ ମାଧ୍ୟମ ପ୍ରଦାନ କରି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଋଣ ଓ ଜମା ଅଭିବୃଦ୍ଧି ମଧ୍ୟରେ ଅନ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ବର୍ତ୍ତମାନ ଲୋକେ ବ୍ୟସ୍ତ ବହୁଳ ଜୀବନ ଅତିବାହିତ କରୁଛନ୍ତି । ଏମାନଙ୍କ ଜୀବନ କାମରେ ଆରମ୍ଭ ହୋଇ କାମରେ ଶେଷ ହୋଇଯାଉଛି । ଅଧିକାଂଶ ଲୋକେ ସକାଳୁ ଲ୍ୟାପଟପକୁ ନେଇ ସଂଧ୍ୟା ଯାଏଁ ବସୁଛନ୍ତି । ଲ୍ୟାପଟପରୁ ଫ୍ରି ହେବା ପରେ ଫୋନରେ ଚିପକି ଯାଉଛନ୍ତି । ଅନେକ ଲୋକେ ନିଜ ଲାଇଫଷ୍ଟାଇଲ ପାଇଁ ଏହି ସମସ୍ୟା ଭୋଗୁଛନ୍ତି । ତେବେ ଆସନ୍ତୁ ଏହି ବିଷୟରେ ଜାଣିବା... । ଆପଣ ଜାଣିଛନ୍ତି କି ବ୍ୟସ୍ତ ବହୁଳ ସମୟ ବ୍ୟତୀତ ମୁଣ୍ଡ ବିନ୍ଧା ପାଇଁ ଅନ୍ୟାନ୍ୟ କାରଣ ମଧ୍ୟ ରହିଛି । ଶରୀରରେ ଭିଟାମିନ ଅଭାବ କାରଣରୁ ମଧ୍ୟ ବୁଣ୍ଡ ବିନ୍ଧା ହୋଇଥାଏ । ଯଦି ଆପଣଙ୍କର ଭିଟାମିନ ଅଭାବ ଅଛି ତେବେ ଆପଣଙ୍କର ମୁଣ୍ଡ ବାରମ୍ବାର ବିନ୍ଧା ହେବ । ଭିଟାମିନ ଡି, ବ୍ରେନ ଆକ୍ଟିଭିଟୀ ଏବଂ ନ୍ୟୁରଲ ଫଙ୍ଗସନକୁ ପ୍ରଭାବିତ କରିଥାଏ । ଏହା ଯଦି ଆପଣଙ୍କ ଶରୀରରେ କମ ଅଛି ତେବେ ଆପଣଙ୍କ ମୁଣ୍ଡ ବାରମ୍ବାର ବିନ୍ଧା ହେବ । ବେଳେ ବେଳେ ଏପରି ଅବସ୍ଥା ବିଗିଡିଯାଏ, ମାଇଗ୍ରେନର ସମସ୍ୟା ହୋଇଥାଏ । ଏହି ଭିଟାମିନ ଡି ସୂର୍ଯ୍ୟ କିରଣରେ ପ୍ରଚୁର ମାତ୍ରାରେ ଥାଏ । ସୂର୍ଯ୍ୟ କିରଣରେ ଠିଆ ହେବା ସହ ନିଜ ଡାଏଟରେ ମଧ୍ୟ ଅଳ୍ପ ପରିବର୍ତ୍ତନ କରି ମୁଣ୍ଡବିନ୍ଧାକୁ କମାଇପାରିବେ । ଭିଟାମିନ 'ଡି'ର ହ୍ରାସ ପୂରଣ କରିବା ଲାଗି ଆପଣ କ୍ଷୀର, ଦହି, ପନୀର, କମଳା, କଦଳୀ, କୋବି ଏବଂ ଭଣ୍ଡା ଆପଣଙ୍କ ଡାଏଟରେ ସାମିଲ କରନ୍ତୁ । ଏଥିସହ ମାଛ ଏବଂ ମଶରୁମରେ ମଧ୍ୟ ଭିଟାମିନ ଡି ପ୍ରଚୁର ମାତ୍ରାରେ ଥାଏ ।



# ଉତ୍ତର ଦିଗରେ ଶୋଇଲେ ଆସେ ଦୁଃସ୍ୱପ୍ନ



***ଶରୀରକୁ ସୁସ୍ଥ ରଖିବା ପାଇଁ ଯେତିକି ଶାରୀରିକ ରୂପେ ସକ୍ରିୟ ରହିବା ଜରୁରୀ, ସେତିକି ଶୋଇବା ମଧ୍ୟ ଆବଶ୍ୟକ । ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଦ୍ୱାରା ମଣିଷ ଫୂର୍ତ୍ତି ଅନୁଭବ କରିଥାଏ । କିନ୍ତୁ ଆପଣ ଯଦି ସଠିକ୍ ମାତ୍ରାରେ ଶୁଅନ୍ତି ନାହିଁ ତେବେ କାମରେ ମଧ୍ୟ ମନ ଲାଗେ ନାହିଁ । ଅନେକ ଥର ଖରାପ ସ୍ୱପ୍ନ ଦେଖି ଆମେ ହଠାତ୍ ନିଦରୁ ଉଠିପଡୁ ଏବଂ ବିଚଳିତ ଅନୁଭବ କରନ୍ତୁ ।***

ବାସ୍ତୁଶାସ୍ତ୍ରରେ ଦିଗର ବିଶେଷ ମହତ୍ତ୍ୱ ରହିଥାଏ । ଶୋଇବାବେଳେ ମୁଣ୍ଡ ଏବଂ ଗୋଡ଼ ଉଚିତ ଦିଗରେ ରହିବା ଆବଶ୍ୟକ । ଯେଉଁଭଳି ଭାବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଆହାର ନିଆଯାଇଥାଏ ସେହିଭଳି ନିୟମିତ ଦିନଚର୍ଯ୍ୟା ପାଇଁ ଠିକ ଭାବେ ଶୋଇବା ମଧ୍ୟ ଜରୁରୀ ହୋଇଥାଏ ଅନେକ ଲୋକ ଯେକୌଣସି ଦିଗରେ ଗୋଡ଼ ଏବଂ ମୁଣ୍ଡ କରି ଶୋଇ ଯାଆନ୍ତି ଏପରି କ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ଏବଂ ଅନ୍ୟାନ୍ୟ ସମସ୍ୟା ହୋଇପାରେ । ବାସ୍ତୁ ଅନୁସାରେ ଭୁଲ୍ ଦିଗରେ ଶୋବା ଦ୍ୱାରା ବ୍ୟକ୍ତିର ନିଜ ଉପରେ ଖରାପ ପ୍ରଭାବ ପଡିଥାଏ । କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପଡେ । ଜୀବନରେ ନକାରାତ୍ମକତା ଭରିଯାଏ । ତେବେ ବାସ୍ତୁ ଅନୁସାରେ କେଉଁ ଦିଗରେ ଶୋଇବା ଉଚିତ, ତାହା ନିଶ୍ଚିତ ଜାଣନ୍ତୁ

■ ବାସ୍ତୁ ଅନୁସାରେ ଉତ୍ତର ଦିଗରେ ମୁଣ୍ଡ ଏବଂ ଦକ୍ଷିଣ ଦିଗକୁ ଗୋଡ କରି ଶୋଇବା ଦ୍ୱାରା ଖରାପ ସ୍ୱପ୍ନ ଆସିଥାଏ । ଯାହାଦ୍ୱାରା ମଣିଷର ମନ ବିଚଳିତ ରହିଥାଏ । ଏହା ଯମଲୋକର ଦିଗ ବୋଲି କୁହାଯାଏ । ସେହିପରି ଏହି ଦିଗରେ ଶୋଉଥିବା ବ୍ୟକ୍ତି ଉଚ୍ଚ ରକ୍ତଚାପ ସମସ୍ୟାର ସମ୍ମୁଖୀନ ହୋଇଥାଏ ।

■ କେବେ ବି ପଶ୍ଚିମ ଦିଗକୁ ମୁଣ୍ଡ ଏବଂ ପୂର୍ବ ଦିଗକୁ ଗୋଡ କରିବା ଶୋଇବା ଉଚିତ ନୁହେଁ । ପୂର୍ବ ଦିଗରେ ଦେବୀ ଦେବତାଙ୍କ ଦିଗ ବୋଲି କୁହାଯାଏ । ବାସ୍ତୁ ଅନୁସାରେ ଏହି ଦିଗରେ ଶୋଇଲେ ଜୀବନର ସମସ୍ୟା ଲାଗି ରହିଥାଏ ।

■ ବାସ୍ତୁ ଅନୁସାରେ ଘରର କବାଟ ସାମ୍ନାରେ ଶୋଇବା ମଧ୍ୟ ଭଲ ନୁହେଁ । କୁହାଯାଏ ମୃତ୍ୟୁ ପରେ ବ୍ୟକ୍ତିର ଶବକୁ କବାଟ ପାଖରେ ରଖାଯାଏ । ତେଣୁ ଏହାରେ ଶୋଇବା ଉଚିତ ନୁହେଁ ।

■ ଶୋଇବାର ସବୁଠାରୁ ଭଲ ଦିଗ ହେଉଛି ପୂର୍ବ ଏବଂ ଦକ୍ଷିଣ । ବାସ୍ତୁ ହିସାବରେ ପୂର୍ବ କିମ୍ବା ଦକ୍ଷିଣ ଦିଗରେ ଶୋଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ମିଳିଥାଏ ।

■ ବାସ୍ତୁ ଅନୁସାରେ ଅବିବାହିତା କନ୍ୟାଙ୍କୁ ଉତ୍ତର-ପଶ୍ଚିମ ଦିଗରେ ଶୋଇବା ଉଚିତ୍ । ଏହା ଦ୍ୱାରା ବିବାହ ଯୋଗ ମଜବୁତ ହୋଇଥାଏ ।

■ ଘର ଭିତରେ ଶୋଇବା ସ୍ଥାନରେ ପ୍ଲାଷ୍ଟିକ୍ ଫୁଲ ଏବଂ ଗଛ ରଖନ୍ତୁ ନାହିଁ ଏହା ଦ୍ୱାରା ଦାରିଦ୍ର୍ୟ ଆସିଥାଏ ।

■ ଅବିବାହିତ ଯୁବତୀ ଶୋଇବା ପାଇଁ ଉତ୍ତର-ପଶ୍ଚିମ ଦିଗ ବାଛିବା ଉଚିତ୍ । ସେମାନଙ୍କୁ ଭୁଲରେ ମଧ୍ୟ ଦକ୍ଷିଣ-ପଶ୍ଚିମ ଦିଗରେ ଶୋଇବା ଅନୁଚିତ୍ । ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ ପାଇଁ ଉତ୍ତର ଦିଗ ଆଡ଼କୁ ଗୋଡ଼ କରି ଶୋଇବା ଠିକ୍ ହୋଇଥାଏ ।





# ବାଦାମ ଚିକ୍କି

**ଆବଶ୍ୟକ ସାମଗ୍ରୀ:** ଚିନାବାଦମ୍, ଗୁଡ଼, ଘିଅ, ପାଣି

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲିରେ କଡେଇ ବସେଇ ବାଦାମକୁ ଭଲ ଭାବେ ଭାଜି ଦିଅନ୍ତୁ । ଏହାପରେ ବାଦାମକୁ ଭାଜି ଏକ ପାତ୍ରରେ ରଖନ୍ତୁ । ଏହାପରେ କଡେଇରେ ଅଳ୍ପ ଘିଅ ପକାନ୍ତୁ । ଘିଅ ଗରମ ହୋଇଗଲେ ସେଥିରେ ଗୁଡ଼ ପକାନ୍ତୁ । ଏହାପରେ ସେଥିରେ ଗୁଡ ଏବଂ ପାଣି ପକାଇ ଏକ ମିଶ୍ରଣ ତିଆରି କରନ୍ତୁ । ଏହାପରେ ସେଥିରେ ଭଜା ଚିନାବାଦାମ ପକାଇ ମିଶାନ୍ତୁ । ଏହାପରେ ବାଦାମ ଓ ଗୁଡ଼ ଭଲଭାବେ ମିଶିଗଲେ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ଏହାପରେ ଏକ ଥାଳିରେ ସବୁଆଡେ ଘିଅ ଲଗାଇ ଦିଅନ୍ତୁ । ଗୁଡ ଏବଂ ଚିନା ବାଦାମର ମିଶ୍ରଣକୁ ଥାଳିକୁ ବାହାର କରି ଆଣନ୍ତୁ । ଏହାକୁ ଥଣ୍ଡା କରିବାକୁ କିଛି ସମୟ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ଏହା ଥଣ୍ଡା ହୋଇଗଲେ ଆପଣ ଯେଉଁ ଆକାରରେ ଖାଇବାକୁ ଚାହିଁବେ ସେହି ଆକାରରେ ଗଢ଼ନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ସୁଆଦିଆ 'ବାଦାମ ଚିକ୍କି' । ଆଜି ଘରେ ଏହାକୁ ବନାନ୍ତୁ । ନିଜେ ଖାଆନ୍ତୁ ଓ ଘର ପରିବାର ଲୋକଙ୍କୁ ପରଷନ୍ତୁ ।



# ବିବାହରେ ସୁନାର ଶାଢୀ ପିନ୍ଧିବେ ଶୋଭିତା



ଶୋଭିତା ଧୁଳିପାଲା ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ସେ ନାଗାର୍ଜୁନଙ୍କ ପୁଅ ତଥା ତେଲୁଗୁ ତାରକା ନାଗା ଚୈତନ୍ୟଙ୍କୁ ବିବାହ କରୁଛନ୍ତି । ଉଭୟ ଡିସେମ୍ବର ୪ ରେ ସାତଫେରା ନେବେ । ଶୋଭିତା ତାଙ୍କ ବିବାହକୁ ବହୁତ ସାଂସ୍କୃତିକ ଏବଂ ଐତିହ୍ୟରେ ଭରିବାକୁ ଚାହୁଁଛନ୍ତି । ଏନେଇ ନିଜ ବିବାହ ପୋଷାକର ମଧ୍ୟ ଖୁବ୍ ଧ୍ୟାନ ନେଉଛନ୍ତି । କୁହାଯାଉଛି ଯେ ଶୋଭିତା ତାଙ୍କ ବିବାହରେ ସୁନାର ଶାଢୀ ପିନ୍ଧିବାକୁ ଯାଉଛନ୍ତି । ଅଭିନେତ୍ରୀଙ୍କ ନିକଟ ସୂତ୍ରରୁ ପ୍ରକାଶ ଯେ, 'ଶୋଭିତା ତାଙ୍କ ମା ସହିତ ସପିଂ କରିବା ସମୟରେ ସୁନାର ବ୍ରୋକେଡ୍ ସହିତ ଏକ ସୁନ୍ଦର କଞ୍ଜୀବରାମ ରେଶମ ଶାଢୀ ବାଛିଥିଲେ । ତାଙ୍କୁ ତାଙ୍କ ବିବାହରେ ପରମ୍ପରାକୁ ଫଲୋ କରୁଥିବା ଦେଖିବାକୁ ମିଳିବ । ତାଙ୍କ ଶାଢୀ ଚୈତନ୍ୟଙ୍କ ଡ୍ରେସ ସହ ମ୍ୟାଚିଂ ମଧ୍ୟ ହେବ । ଏହି ଦୁଇଟି ପୋଷାକ ଆନ୍ଧ୍ରପ୍ରଦେଶର ପଣ୍ଡୁରୁରେ ବୁଣା ହୋଇଛି । ଏହା ବ୍ୟତୀତ ଶୋଭିତା ଏକ ସରଳ ଧଳାର ଖଦି ଶାଢୀ ମଧ୍ୟ କିଣିଛନ୍ତି । ସେ ତାଙ୍କ ବିବାହ ପାଇଁ ପ୍ରତ୍ୟେକ ପ୍ରସ୍ତୁତିର ଯତ୍ନ ନେଉଛନ୍ତି । ତାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନରେ କୌଣସି ତ୍ରୁଟି ଚାହୁଁ ନାହାନ୍ତି । ଆସନ୍ତୁ କହିବାକୁ ଗଲେ ଶୋଭିତା ତେଲୁଗୁ ଐତିହ୍ୟର ଛାପ ତାଙ୍କ ବିବାହରେ ଦୃଶ୍ୟମାନ ହେବ । ତାଙ୍କୁ ସବୁବେଳେ ପାରମ୍ପାରିକ ପୋଷାକରେ ନଜର ଆସନ୍ତି । ନାଗା ଏବଂଶୋଭିତାଙ୍କ ବିବାହରେ କେବଳ ସେମାନଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟ ଉପସ୍ଥିତ ରହିବେ ।



# ନିଜ ରିଲେସନସିପକୁ ନେଇ ମୁହଁ ଖୋଲିଲେ ବିଜୟ

ଦକ୍ଷିଣ ହିରୋ ବିଜୟ ଦେବରାକୋଣ୍ଡାଙ୍କ ନାମ ଦୀର୍ଘ ଦିନ ଧରି ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ଚର୍ଚ୍ଚାରେ ରହିଆସୁଛି । ଦୁହେଁ ଅନେକ ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି ଏବଂ ପ୍ରଶଂସକ ସେମାନଙ୍କର ଯୋଡିକୁ ବହୁତ ପସନ୍ଦ ମଧ୍ୟ କରନ୍ତି । ରଶ୍ମିକାଙ୍କ ସହ ସମ୍ପର୍କ ଥିବା ନେଇ ଚର୍ଚ୍ଚା ପରେ ବିଜୟ ଦେବରାକୋଣ୍ଡା ବର୍ତ୍ତମାନ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି । ସେ ନିଶ୍ଚିତ କରିଛନ୍ତି ଯେ ସେ କାହା ସହ ଡେଟ୍ କରୁଛନ୍ତି । ସେ କହିଛନ୍ତି ଯେ ତାଙ୍କୁ ୩୫ ବର୍ଷ ବୟସ ଏବଂ ସେ ଏକ ସମ୍ପର୍କରେ ଅଛନ୍ତି । ଏକ ଗଣାମାଧ୍ୟମ ସହ କଥାହେବା ସମୟରେ ବିଜୟ ଦେବରାକୋଣ୍ଡା ପ୍ରେମ ବିଷୟରେ କହିଥିଲେ ଏବଂ ସେ ଏଥିପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱୀକାର କରିଥିଲେ । ସେ କହିଛନ୍ତି- 'ମୁଁ ଜାଣେ ପ୍ରେମକୁ କିପରି ଅନୁଭବ କରେ ଏବଂ ଭଲ ପାଇବା ଏହାର ଅର୍ଥ ମୁଁ ଜାଣେ । ମୁଁ ସର୍ତ୍ତମୂଳକ ପ୍ରେମ ଜାଣେ ନାହିଁ କାରଣ ମୋର ପ୍ରେମ ଆଶା ସହିତ ଆସେ, ତେଣୁ ସ୍ପଷ୍ଟ ଭାବରେ ମୋ ପ୍ରେମ ସର୍ତ୍ତମୂଳକ ନୁହେଁ । ଡିଅର କମରେଡ ଅଭିନେତା ଆହୁରି କହିଛନ୍ତି- 'ମୁଁ ଭାବୁଛି ସବୁକିଛି ଅତ୍ୟଧିକ ରୋମାଣ୍ଟିକ୍ ହୋଇଯାଇଛି । ସର୍ତ୍ତମୂଳକ ପ୍ରେମ ଆଶା କରିବା ଠିକ୍ କି ନୁହେଁ ମୁଁ ଜାଣେ ନାହିଁ । ବିଜୟ ପ୍ରକାଶ କରିଛନ୍ତି ଯେ ସେ ତାଙ୍କର ଜଣେ ସହ-ଅଭିନେତ୍ରୀଙ୍କୁ ଡେଟ କରୁଛନ୍ତି । ସେ କହିଥିଲେ- 'ମୁଁ ଡେଟରେ ବାହାରକୁ ଯାଏ ନାହିଁ । ଦୀର୍ଘ ସମୟ ଧରି କାହାକୁ ଜାଣିବା ଏବଂ ବନ୍ଧୁତା ସୃଷ୍ଟି କରିବା ପରେ ମୁଁ ବାହାରକୁ ଯାଏ । ମୋର ବୟସ ୩୫ ବର୍ଷ, ତୁମେ ଭାବୁଛ ମୁଁ ସିଙ୍ଗଲ ରହିଥିବି ? ' ବିବାହ ବିଷୟରେ ଅଭିନେତା କହିଛନ୍ତି ଯେ, 'ମହିଳାମାନଙ୍କ ପାଇଁ ବିବାହ ଏକ ଚ୍ୟାଲେଞ୍ଜ ଅଟେ । ବିବାହ କାହାର କ୍ୟାରିୟର ପଥରେ ଆସିବା ଉଚିତ୍ ନୁହେଁ । ମହିଳାମାନଙ୍କ ପାଇଁ ବିବାହ କଷ୍ଟକର । ଆପଣ କେଉଁ ବୃତ୍ତିରେ ଅଛନ୍ତି ତାହା ଉପରେ ମଧ୍ୟ ଏହା ନିର୍ଭର କରେ ।



# ରାଜନୀତିରେ ଏଣ୍ଟ୍ରି ନକରିବାର କାରଣ କହିଲେ ରବୀନା

ସୁନ୍ଦର ତଥା ସଫଳ ଅଭିନେତ୍ରୀ ରବିନା ଟଣ୍ଡନ୍ । ନିଜର ବକ୍ତବ୍ୟ ପାଇଁ ସେ ବେଶ୍ ଜଣାଶୁଣା । ଅଭିନେତ୍ରୀଙ୍କ ଏକ ପୁରୁଣା ଭିଡିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ କାହିଁକି ରାଜନୀତି ଦୁନିଆରେ ପ୍ରବେଶ କରିପାରିବେ ନାହିଁ ବୋଲି କହୁଛନ୍ତି । ରବିନା ଭିଡିଓରେ କହିଛନ୍ତି ଯେ ତାଙ୍କର ସଚ୍ଚୋଟତା ଅଭ୍ୟାସ ଏବଂ ଭୁଲକୁ ସହ୍ୟ କରିପାରୁ ନଥିବାରୁ ରାଜନୀତିରେ ରହିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥାନ୍ତା ।ଏହି କାରଣରୁ ଏଣ୍ଟ୍ରି କରିପାରିବି ନାହିଁ ତାଙ୍କ କଥାକୁ ସ୍ପଷ୍ଟ କରି ସେ କହିଛନ୍ତି, "ମୁଁ ସତ୍ୟକୁ ମିଥ୍ୟାରେ ପରିବର୍ତ୍ତନ କରିପାରିବି ନାହିଁ । ଏହା ମୋ ପାଇଁ କଷ୍ଟସାଧ୍ୟ ହୋଇଯାଏ କାରଣ ଯାହାକୁ ମୁଁ ନାପସନ୍ଦ କରେ ତାହା ମୋ ମୁହଁରେ ପ୍ରତିଫଳିତ ହୁଏ ଏବଂ ତା'ପରେ ମୁଁ ଏହା ପାଇଁ ଝଗଡା ଆରମ୍ଭ କରେ । ଆଜିର ଦୁନିଆରେ ସଚ୍ଚୋଟତା ବୋଧହୁଏ ସର୍ବୋତ୍ତମ ନୀତି ନୁହେଁ । ଯେଉଁ ଦିନ ମୁଁ ରାଜନୀତିରେ ପ୍ରବେଶ କରିବି, ମୋର ବ୍ୟବହାର ପାଇଁ କେହି ଜଣେ ମୋତେ ଗୁଳି କରି ଦେବ । ଏହି ଭିଡିଓଟି ୨୦୨୨ ମସିହାର ଅଟେ । ଏଥିରେ ୟୁଜର୍ସମାନେ ତାଙ୍କୁ ରାଜନୀତିରେ ପ୍ରବେଶ କରିପାରିବେ କି ବୋଲି ପଚାରିଥିଲେ । ଏହାର ଉତ୍ତରରେ ସେ ଏହା କହିଛନ୍ତି ଏପରି ଏକ ସମୟ ଥିଲା ଯେତେବେଳେ ସେ ରାଜନୀତିରେ ପ୍ରବେଶ କରିବାକୁ ଗମ୍ଭୀର ଭାବରେ ଚିନ୍ତା କରୁଥିଲେ । 'ମୋହରା' ଅଭିନେତ୍ରୀ ପ୍ରକାଶ କରିଛନ୍ତି ଯେ ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ମୁମ୍ବାଇ ସମେତ ଦେଶର ଅନେକ ଅଞ୍ଚଳରେ ତାଙ୍କୁ ରାଜନୈତିକ ଆସନ ପାଇଁ ଅଫର ମିଳିଛି । ତେବେ ସେ ସେହି ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ । ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ ୧୯୯୧ରେ ହିଟ୍ ଫିଲ୍ମ 'ପଥର୍ କେ ଫୁଲ' ସହିତ ଡେବ୍ୟୁ କରିଥିବା ଅଭିନେତ୍ରୀ 'ମୋହରା', 'ଦିଲୱାଲେ', 'ଆତିଶ୍' ଭଳି ଇଣ୍ଡଷ୍ଟ୍ରିକୁ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ତାଙ୍କୁ ଶେଷ ଥର ପାଇଁ 'ପଟନା ଶୁକ୍ଳା'ରେ ଓକିଲ ଭୂମିକାରେ ଦେଖିବାକୁ ମିଳିଥିଲା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କୁ ମିଳିଛି ପଦୋନ୍ନତି। ସେ କଟକ ଜିଲ୍ଲା ଏଏସ୍‌ପି ଭାବେ ନିଯୁକ୍ତି ପାଇଥିବା ବେଳେ ମାତ୍ର ୯ ମାସର କାର୍ଯ୍ୟକାଳ ମଧ୍ୟରେ ଆସିକା ଅଞ୍ଚଳବାସୀଙ୍କୁ ଦେଇଥିବା ଭଲପାଇବା ଓ ସହଯୋଗକୁ ମନେପକାଇ ଆଜି ଆସିକା ଥାନା ନିକଟରେ ଆୟୋଜିତ ହୋଇଯାଇଛି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା। ଏହି ସମ୍ବର୍ଦ୍ଧନା ସଭାରେ ଆସିକା ସାମ୍ବାଦିକ ସଂଘ ସଭାପତି ଅନିଲ କୁମାର ପାଣିଗ୍ରାହୀ, ଓକିଲ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ଆସିକା ଏସ୍‌ଡିପିଓ ଇନ୍‌ଚାର୍ଜ ଗିରିଜା ପଟ୍ଟନାୟକ, ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଟିନାଡ଼ା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ବଡ଼ଗଡ଼ ଥାନା ଅଧିକାରୀ ସନ୍ଧ୍ୟା ସିଂ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ସୋରଡ଼ା ଥାନାଧିକାରୀ ଅନିଲ କୁମାର ପରିଡା ଏବଂ ଭଞ୍ଜନଗର ଏସ୍‌ଡିପିଓ ସୁଜିତ ନାୟକ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସମେତ ଆସିକା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।



## ନାବାଳକର ଆତ୍ମହତ୍ୟା

କେନ୍ଦୁଝର (ଭାସ୍କର ନ୍ୟୁଜ୍): ପାଟଣା ଥାନା ଅନ୍ତର୍ଗତ ପିଙ୍ଗୁ ପାଟଣା ଗ୍ରାମରେ ଏକ ଦୁଃଖଦାୟକ ଘଟଣା ଘଟିଯାଇଛି। ଏକ ନାବାଳକ ଯାହାର ବୟସ ମାତ୍ର ୧୪ ବର୍ଷ ହେବ ସେ ଏକ ପୋଖରୀ ହୁଡାରେ ବରଗଛର ଝୁଲି ପଡ଼ି ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଛି। ଏହି ପିଲା ପିଉ ମୁର୍ମୁଙ୍କ ପୁଅ ବିକାଶ ବୋଲି ଜଣାଯାଇଛି। ଶୁଣିବାକୁ ମିଳୁଛି କି ସ୍କୁଲ ପାଠ ପଢ଼ିବାକୁ ଘରେ ଟିକେ ତାଗିଦ୍ କରିଥିଲେ ହେଲେ ପିଲା ବୁଝିବା ବଦଳରେ କୁଆଡେ ଚାଲିଯାଇଥିଲା। ଅପରାହ୍ନରେ ଗିଧିବାସ ପୋଖରୀ ହୁଡ଼ାରେ ବରଗଛର ଝୁଲୁଥିବା ଦେଖାଯାଇଥିଲା। ଏହି ନାବାଳକ ଛାତ୍ରର ମୃତ୍ୟୁ ସ୍ଥାନୀୟ ଲୋକଙ୍କ ଭିତରେ ଦୁଃଖ ଖେଳାଇ ଦେଇଛି। କିପରି କୋମଳମତି ପିଲାମାନେ ଏପରି ଚିନ୍ତାଜନକ ନିଷ୍ପତ୍ତି ନେଉଛନ୍ତି ସମସ୍ତଙ୍କୁ ତାଜୁବ୍ କରିଛି। ସେଥିଲାଗି ସ୍କୁଲ ପିଲା ଅଯଥାରେ ଘଣ୍ଟା ଘଣ୍ଟା ମୋବାଇଲ ନଦେଖିବାକୁ ଜାଣିବା ଶୁଣିବା ଲୋକେ କହୁଛନ୍ତି। ତେବେ ପାଟଣା ଥାନା ପୋଲିସ ଆସି ଶବ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ଲାଗି ନେଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ବାହାବଳପୁର ପଞ୍ଚାୟତ ଅଧୀନ ଏକଡାଳ ଗ୍ରାମର ଧର୍ମପରାୟଣା ମହିଳା ସୂର୍ଯ୍ୟମଣି ଦାସ (୭୦)ଙ୍କର ପରଲୋକ ହୋଇଯାଇଛି। ସେ ହଠାତ୍ ପଡ଼ିଯାଇ ମସ୍ତିଷ୍କ ଆଘାତ ପାଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତା ସୂର୍ଯ୍ୟମଣି ଜଣେ ଧର୍ମପରାୟଣା, ଶାନ୍ତ, ସରଳ, ଅମାୟିକ ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତୁରା କବି ବସନ୍ତ ଦାସ, ବେଣୁଧର ଦାସ, ପୁଅ ଅମୂଲ୍ୟ ଦାସ, ବଂଶୀଧର ଦାସ, ମାୟାଧର ଦାସ, ଗୟାଧର ଦାସ, ସୁଶାନ୍ତ ଦାସ, ଝିଅ ମିନା ଦାସ, ଗେହ୍ଲେଇ ଦାସ, ଝିଆରୀ କନକ ଦାସ, ଜ୍ୱାଇଁ ଆଇନଜୀବୀ କ୍ଷୀରୋଦ ଦାସ, ବସନ୍ତ କୁମାର ମହାନ୍ତିଙ୍କ ସମେତ ନାତି ନାତୁଣୀ, ବୋହୂ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁଅ ମାୟାଧର ମୁଖାଗ୍ନି ଦେଇଥିଲେ।

## ଧରଣୀଧର ବିଶ୍ୱବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ତରଫରୁ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଦର୍ଶନ ଦିବସ ପାଳିତ ହୋଇଯାଇଛି। ଦର୍ଶନ ବିଭାଗର ମୁଖ୍ୟ ଡଃ ମମତା ମଞ୍ଜରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସାମାଜିକ ବ୍ୟବଧାନ ହ୍ରାସ କରିବାରେ ଦର୍ଶନର ଭୂମିକା ସେତୁ ପରି ବୋଲି ମତ ପ୍ରକାଶ ପାଇଥିବା ବେଳେ ଦର୍ଶନ ବିଭାଗ ପ୍ରଫେସର ଗୟାଧର ଦାଶ ଉଦାହରଣ ମାଧ୍ୟମରେ ଦର୍ଶନର ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ ନଳିନୀ ଦେବୀ ଓ ଅଧ୍ୟାପକ ନରେଶ ବେହେରା ଆଜିର ସମାଜରେ ଦର୍ଶନର ଆବଶ୍ୟକତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଦିକ ଦର୍ଶନ ସମ୍ବଳିତ ମନ୍ତ୍ର ପାଠ ପୂର୍ବକ ସମଗ୍ର ବିଶ୍ୱର କଲ୍ୟାଣ କାମନା କରିଥିଲେ। ଅଧ୍ୟାପିକା ଅନୀତା ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରେ ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ

ବାରିପଦା (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ)ଙ୍କ ଦ୍ୱାରା ଆସନ୍ତା ୨୫ ତାରିଖ ସୋମବାର ଦିନ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ସୂଚନାନୁସାରେ, ଏହି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ତାରିଖରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ସକାଳ ୧୦ଟା ବେଳେ ଅନୁଷ୍ଠିତ ହେବାକୁ ଯାଉଛି। ସରକାରଙ୍କ ବିଭିନ୍ନ ବିଭାଗର ପେନସନ ମଞ୍ଜୁରକର୍ତ୍ତାମାନେ ଠିକ୍ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ପେନ୍‌ସନ୍ କାଗଜ ଠିକ୍ ସମୟରେ ଏ.ଜି କାର୍ଯ୍ୟାଳୟକୁ ପେନ୍‌ସନ୍ ମଞ୍ଜୁରୀ ନିମନ୍ତେ ପଠାଇବା, ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଅବସରକାଳୀନ ଦେୟ କାଗଜପତ୍ର ଓ ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇବା ନିମିତ୍ତ ତଥ୍ୟ ଏହି ପେନ୍‌ସନ୍ ଅଦାଲତରେ ପ୍ରଦାନ କରାଯିବ। ଏଜି କାର୍ଯ୍ୟାଳୟ ପକ୍ଷରୁ ପେନ୍‌ସନର୍ ମାନଙ୍କ ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଦ୍ୱାରା ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି।

### ଟ୍ରଲିରେ ବୁହାହେଲେ ରୋଗୀ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଓଡିଶାର ପାହାଡି ଦୁର୍ଗମ ଅଞ୍ଚଳର ରୋଗୀ ଟ୍ରଲିରେ, କାନ୍ଧରେ ବୁହାହେବା ଘଟଣାର ଅନେକ ନଜିର ରହିଛି। ହେଲେ ଉପକୂଳ ଓଡିଶାର ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଜିଲ୍ଲା ହୋଇଥିଲେ ବି ଏଠାରେ ରୋଗୀ ଟ୍ରଲିରେ ବୁହାହେବା ଘଟଣା ସମଗ୍ର ଜିଲ୍ଲାବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଥିରୁ ସ୍ପଷ୍ଟ ଅନୁମେୟ, ଏକବିଂଶ ଶତାବ୍ଦୀରେ ଆମ ସ୍ୱାସ୍ଥ୍ୟସେବା କେଉଁ ସ୍ତରରେ ପହଞ୍ଚିଛି। ଏହା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତର ସୁଧାଭୂମି ଗ୍ରାମର ଜଣେ ରୋଗୀକୁ ଟ୍ରଲିରେ ବୁହାହେବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଘଟଣାରୁ ପ୍ରକାଶ, କିଛିଦିନ ତଳେ ଏହି ଗ୍ରାମର ବାବାଜୀ ଦାସଙ୍କ ଦେହ ଖରାପ ହୋଇଥିଲା। ତାଙ୍କ ପରିବାର ଗତ ୯ ତାରିଖରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଔଷଧ ଦେଇ ଘରକୁ ପଠାଇ ଦେଇଥିଲେ। ହେଲେ ସେଥିରେ ତାଙ୍କ ଦେହ ସୁସ୍ଥ ହେବା ପରିବର୍ତ୍ତେ ଆହୁରି ବିଗିଡି

### ସରକାରଙ୍କ ୧୦୮ ଆମ୍ବୁଲାନ୍ସ କାହାପାଇଁ ?



ଯାଇଥିଲା। ଗତ ୨୦ତାରିଖରେ ବାବାଜୀଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବରେ ହେବାରୁ ଅଟୋ ଭଡା ଦେବା ପାଇଁ ବାବାଜୀଙ୍କ ପରିବାର ପାଖରେ ଟଙ୍କା ନଥିବାରୁ ନିଜ ଭିଣୋଇ ଚନ୍ଦ୍ରମଣିଙ୍କ ଟ୍ରଲିରେ ରଘୁନାଥପୁର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘୋଷଣା କରିଥିଲେ। ରଘୁନାଥପୁର ମେଡିକାଲରୁ ମାତ୍ର ୧କିମି ଦୂରତାରେ ବାବାଜୀଙ୍କ ଘର ହୋଇଥିଲେ ବି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବହେଳିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଅକାଳରେ ତାଙ୍କର ମୃତ୍ୟୁ ଘଟିଲା ବୋଲି ପଞ୍ଚାୟତବାସୀ ଅଭିଯୋଗ କରିବା ସହ ୧୦୮ ଆମ୍ବୁଲାନ୍ସ କାହାପାଇଁ ବୋଲି ପ୍ରଶ୍ନ କରିଛନ୍ତି। ଯଦି ଆମ୍ବୁଲାନ୍ସ ଠିକ୍ ସମୟରେ ଆସିଥାନ୍ତା, ତାହାଲେ ହୁଏତ ବାବାଜୀଙ୍କ ଜୀବନ ବଞ୍ଚିଯାଇ ପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ବାବାଜୀ ୬୫ବର୍ଷ ବୟସରେ ଦିନମଜୁରିଆ ଭାବେ କାର୍ଯ୍ୟକରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ୨ ଝିଅ ବିବାହିତ ହୋଇଥିବାବେଳେ ଗୋଟିଏ ପୁଅ ଦିନମଜୁରିଆ, ସାନପୁଅ ୧୩ବର୍ଷର ଓ ୬୦ ବର୍ଷର ବିଧବା ପତ୍ନୀ ରହିଛନ୍ତି। ଏବେ ସ୍ୱର୍ଗତ ବାବାଜୀଙ୍କ ପରିବାର ବେସାହାରା ହୋଇ ସରକାରୀ ସାହାଯ୍ୟ ଅପେକ୍ଷାରେ। ଅନ୍ୟପକ୍ଷରେ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ନିଜେ ଜଗତସିଂହପୁର ଠାରେ କ୍ଲିନିକ୍ କରି ପ୍ରତିଦିନ ୧୧ଟାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ସହିତ ଅନ୍ୟ ଡାକ୍ତର ଓ କର୍ମଚାରୀ ଉପରେ ନିୟନ୍ତ୍ରଣ ରଖୁନଥିବାରୁ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଘଟିଛି ବୋଲି ଅଞ୍ଚଳବାସୀ ଅଭିଯୋଗ ଉଠାଇଛନ୍ତି। ତେବେ ରାଜ୍ୟ ସରକାର ତୁରନ୍ତ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନଜର ଦେବାପାଇଁ ସାଧାରଣରେ ଦାବି ହେଉଛି।

### ଦକ୍ଷିଣାଞ୍ଚଳ ଏସ୍‌ପିଙ୍କୁ ନେଇ ଡିଆଇଜିଙ୍କ ସମୀକ୍ଷା

# ଥାନାକୁ ଆସୁଥିବା ଲୋକଙ୍କୁ ଠିକ୍ ବ୍ୟବହାର କର: ଦକ୍ଷିଣାଞ୍ଚଳ ଡିଆଇଜି

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ବରିଷ୍ଠ ଆଇପିଏସ୍ ଅଫିସର ଡ଼ା. ସାର୍ଥକ ଷଡ଼ଙ୍ଗୀ ଦକ୍ଷିଣାଞ୍ଚଳ ଡ଼ିଆଇଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦକ୍ଷିଣାଞ୍ଚଳ ରେଞ୍ଜକୁ ନକ୍ସଲମୁକ୍ତ, ଗଞ୍ଜେଇ ଚାଷର ମୂଳ ଉତ୍ପାଟନ କରିବା ସହ ଅପରାଧ, ସାଇବର ଅପରାଧ, ଟ୍ରାଫିକ୍ ସମସ୍ୟାର ସମାଧାନ ସହ ପୁଲିସ ଲୋକଙ୍କ ପାଇଁ କିଭଳି ବନ୍ଧୁତ୍ୱପୂର୍ଣ୍ଣ ଭାବେ କାମ କରିବ ସେ ନେଇ ୫ଟି ଜିଲ୍ଲାର ଏସ୍‌ପିଙ୍କ ସହ ଆଲୋଚନା କରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ବ୍ରହ୍ମପୁର ଏସ୍‌ପି ଭାବେ ଡ଼ା ସର୍ବଣା ବିବେକ ଏମ୍, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଗଜପତି ଏସ୍‌ପି ଜିତେନ୍ଦ୍ର ପଣ୍ଡା, କନ୍ଧମାଳ ଏସପି ହରିଶ୍ ବିଶି ଓ ବୌଦ୍ଧ ଏସ୍‌ପି ଏନ ଦେବାର କୋଣ୍ଡା ଏମ୍ ଆଦି ୫ଟି ଜିଲ୍ଲାର ଏସ୍‌ପିଙ୍କୁ ନେଇ ଡିଆଇଜି ପ୍ରଥମଥର ପାଇଁ ଅପରାଧ ସମୀକ୍ଷା ବୈଠକ କରିଛନ୍ତି। ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ ଓ ବୌଦ୍ଧ ଗଜପତି, କନ୍ଧମାଳ ଓ ବୌଦ୍ଧ ଆଦି ୫ଟି ପୁଲିସ ଓ ବୌଦ୍ଧ ଆଦି ଜିଲ୍ଲାରେ ବର୍ତ୍ତମାନ ଅପରାଧ ସ୍ଥିତି କ'ଣ ରହିଛି ଏବଂ ଆଇନ ଶୃଙ୍ଖଳା ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି ଡିଆଇଜି। ତାହା ସହ ମାଓ ଅଞ୍ଚଳରେ ସ୍ଥିତି ଏବଂ ମାଓ ଦମନ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜିଲ୍ଲାଗୁଡ଼ିକରେ କେଉଁଠି ଅପରାଧ ବଢ଼ିଛି ଏବଂ କେଉଁଠି ଅପରାଧ କମିଛି। କେସ୍ କିଭଳି ଭାବେ ପଞ୍ଜୀକରଣ କରୁଛନ୍ତି ଓ ଥାନାକୁ ଆସୁଥିବା ଲୋକଙ୍କୁ କିଭଳି ବ୍ୟବହାର ହେଉଛି ସେ ସମ୍ପର୍କରେ ଡିଆଇଜି ପଚାରିଥିଲେ। ଜିଲ୍ଲାରେ ଲୋକଙ୍କ ଅପରାଧ ଜନିତ ଅଭିଯୋଗର ତଦନ୍ତ କରିବା ସହ ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅସାମାଜିକ ବ୍ୟକ୍ତି ବିଶେଷ ପତିଆରା ଜାହିର କରିବାକୁ ଉଦ୍ୟମ କରୁଥିବେ କିନ୍ତୁ ସାଧାରଣ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଥିବେ ସେମାନଙ୍କ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଆଇଜି। ପୁଲିସ ଓ ସାଧାରଣ ଲୋକଙ୍କ ଭିତରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହୁ। ଲୋକଟିଏ ଯେପରି ଥାନାରୁ ନିରାଶ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସବୁ ଉପରୋକ୍ତ ୫ଟି ଜିଲ୍ଲାର ଏସ୍‌ପିଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏସ୍‌ପିମାନେ ନିଜ ଅଞ୍ଚଳର ଅପରାଧ ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ।

### ଅଯୋଗ୍ୟ ହିତାଧିକାରୀ ପାଉଛନ୍ତି ଭତ୍ତା ଓ ରାସନ୍ ସାମଗ୍ରୀ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ପଞ୍ଚାୟତବାସୀ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବିଲଣା ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀମାନେ ଭତ୍ତା ଓ ରାସନ ସାମଗ୍ରୀ ପାଉଛନ୍ତି। ଏହି ପଞ୍ଚାୟତରେ କେତେକ ଅଯୋଗ୍ୟ ହିତାଧିକାରୀ ରାସନ କାର୍ଡ଼ ଓ ଅନ୍ତୋଦୟ ଯୋଜନା କାର୍ଡ଼ ମଧ୍ୟ ହାତେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ତଦନ୍ତ କରିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ କରି ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ଦାବି ଜଣାଇଛନ୍ତି। ପଞ୍ଚାୟତର ନିଶିକାନ୍ତ ନାୟକ, ଶ୍ରୀକାନ୍ତ ପରିଡା, ସୌମ୍ୟରଞ୍ଜନ ଦାସ, ନାରାୟଣ ପରିଡା, ଜ୍ୟୋତିରଞ୍ଜନ ପତି ପ୍ରମୁଖ ଜିଲ୍ଲାପାଳ ଓ ବିଡିଓଙ୍କୁ ଅଭିଯୋଗ କରି ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଚଞ୍ଚକତା ପୂର୍ବକ ରାସନ କାର୍ଡ ହାତେଇଥିବା ବେଳେ ଅନ୍ତୋଦୟ ଯୋଜନାରେ ସାମିଲ ହୋଇଛନ୍ତି। ସେମାନେ ଧନୀକ ଶ୍ରେଣୀର ହୋଇଥିବାରୁ ସେମାନଙ୍କ କୋଠା ଘର, ୨ଚକିଆ ଯାନ ସହିତ ଜମିଜମା ମଧ୍ୟ ଅଛି। ଅପରପକ୍ଷେ ପ୍ରକୃତ ଗରିବ ଶ୍ରେଣୀର ହିତାଧିକାରୀମାନେ ଯୋଜନାରୁ ବାଦ୍ ପଡିଛନ୍ତି। ସେହିପରି ୨୦୨୪ରେ ପ୍ରକାଶ ପାଇଥିବା ନୂତନ ଭତ୍ତା ତାଲିକାରେ ବୟସ ହୋଇନଥିବା କେତେକ ବ୍ୟକ୍ତିଙ୍କ ନାଁ ରହିଛି। ସୂଚନା ଅଧିକାର ତଥ୍ୟ ମୂଳେ ଏହା ଜାଣିବା ପରେ ସେହି ବ୍ୟକ୍ତିମାନେ ମଧ୍ୟ ଚଞ୍ଚକତା ପୂର୍ବକ ଭତ୍ତା ହାତେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗରେ ସେମାନେ ସେହି ଅଯୋଗ୍ୟ ହିତାଧିକାରୀଙ୍କ ନାଁ ମଧ୍ୟ ଉଲ୍ଲେଖ କରିଛନ୍ତି।

# କେଉଟ ସାହି କେଉଁଠି ବୋଲି ପ୍ରଶ୍ନ କଲେ ବିଧାୟକ

ଆସିକା (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଷଷ୍ଠ କାଉନ୍‌ସିଲ୍ ପରିଷଦ ବୈଠକ ବାଣୀବିହାର କଲ୍ୟାଣ ମଣ୍ଡପ ଠାରେ ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ବିଡ଼ିଓ ସାଗରିକା ଷଡ଼ଙ୍ଗୀ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ଜନସ୍ୱାସ୍ଥ୍ୟ ଅଧିକାରୀ ହିମାଂଶୁ ପାତ୍ର, ଅଞ୍ଚଳ ପରିଦର୍ଶିକା କାଉନସିଲର୍ ରାଘବ ସିଅ, ନିଗମାନନ୍ଦ ରାଉତ, ପ୍ରଦୀପ ଗୌଡ଼, ନିରଞ୍ଜନ ଜେନା, ମଦନମୋହନ ନାୟକ, ବାସନ୍ତୀ ପାତ୍ର, ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଇଂ ଆଦିତ୍ୟ ଦାସ, କନିଷ୍ଠ ଯନ୍ତ୍ରୀ ଇଂ ରାକେଶ ପାତ୍ର, ଆସିକା କବାଡି ସଂଘର କାର୍ଯ୍ୟକାରୀ ସଭ୍ୟ ଶିବ ନାୟକ, ନଗର ବିଜେଡି ସଭାପତି ସତ୍ୟ ନାରାୟଣ ସ୍ୱାଇଁ, ବିଧାୟକ ପ୍ରତିନିଧି ସନ୍ଦୀପ




ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ବୈଠକରେ ହୋଇଥିବା ଦୁର୍ନୀତିର ଚିଠା ଖୋଲିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସୌନ୍ଦର୍ଯ୍ୟ କରଣ ନାମରେ ହୋଇଥିବା ସୁନାମ୍ବ ମଶାଣି, ଆମ ପୋଖରୀ ଯୋଜନା, ଶୌଚାଳୟ ଓ ପାଇଖାନା ନିର୍ମାଣ, ୩ଟି ବ୍ୟାଟେରୀ ଗାଡି, ଟ୍ରାକ୍ଟର କ୍ରୟ, ସ୍ୱଚ୍ଛ ଭାରତ ମିଶନରେ ହୋଇଥିବା କ୍ରୟ ବିକ୍ରୟ, ପାର୍କ ନିର୍ମାଣର ସ୍ୱଚ୍ଛତା ଉପରେ ତର୍ଜମା ହୋଇଥିଲା। ଆସିକା ଏନ୍‌ଏସିରେ କେଉଟସାହି କେଉଁ ୱାର୍ଡରେ ଅଛି ବୋଲି ବିଧାୟକଙ୍କ ପ୍ରଶ୍ନ କରିବା ବେଳେ କୌଣସି କାଉନ୍‌ସିଲର୍ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା କେହି ଉତ୍ତର ଦେଇପାରିନଥିଲେ। କେଉଟସାହି ନାମରେ ଅର୍ଥ ହେର୍‌ଫେର୍ ହୋଇଥିବା ନେଇ ବିଧାୟକ ପ୍ରଶ୍ନ କରିଥିଲେ। କାଉନସିଲର୍ ବିନା ଜାଣତ ବିନା ଷ୍ଟାଣ୍ଡିଂ କମିଟି ବିନା ଅନୁମୋଦନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବିଷୟ ଉପରେ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ ଆସିକାକୁ ପୌର ପରିଷଦ ନିମନ୍ତେ କାଳଷଣ୍ଢପୁର ପଞ୍ଚାୟତର ମକୁନ୍ଦପୁର ଏବଂ ନରସିଂହ ପଲ୍ଲୀକୁ ମିଶାଇବାକୁ ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କହିଥିଲେ। ଆସିକାର ପାନୀୟ ଜଳ ଅବ୍ୟବସ୍ଥାକୁ ନେଇ କର୍ମଚାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରିଥିଲେ। ଚଳିତ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା (ମହିଳା ଏବଂ ପୁରୁଷ) କବାଡି ପ୍ରତିଯୋଗିତା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା। ନଳବଣ୍ଟା-ଗୁଣ୍ଡାପଡା ବାଇପାସ ୩୫୦ କୋଟିରେ ନୂତନ ବ୍ରିଜନିର୍ମାଣ, ୮କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍ ନିର୍ମାଣ, ଋଷିକୂଲ୍ୟା ନଦୀ ଏବଂ ବଡ଼ ନଦୀରେ ଚେକ୍ ଡ୍ୟାମ୍ ନିର୍ମାଣ ଉପରେ ଅତିଶୀଘ୍ର କାମ ହେବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ। ଏହିପରି ହୋ-ହଲ୍ଲା ମଧ୍ୟରେ ତରବରିଆ ଭବେ ବୈଠକ ସମାପ୍ତ ହୋଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ତାଳପଦା ୟୁଜିୟୁପି ସ୍କୁଲ୍‌ର ସଫଳତା



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତାଳପଦା ୟୁଜିୟୁପି ସ୍କୁଲର ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ବିଜ୍ଞାନମେଳାରେ ସଫଳତା ହାସଲ କରିଥିବା ଜଣାପଡ଼ିଛି। ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ରଘୁନାଥ ସାହୁ ବିଜ୍ଞାନମେଳାରେ ପରିଚାଳନା ଉପବିଷୟବସ୍ତୁ ଅନ୍ତର୍ଗତ ହାତ ତିଆରି ନଡ଼ିଆ ଛଡ଼ା ଯନ୍ତ୍ର ପ୍ରକଳ୍ପଟି ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଏହି ପ୍ରକଳ୍ପଟିର ମାର୍ଗଦର୍ଶକ ଭାବେ ବିଜ୍ଞାନ ଶିକ୍ଷକ ଆଶିଷ କୁମାର ସାହୁ ଥିଲେ। ସେହିପରି ଅଷ୍ଟମ ଶ୍ରେଣୀର ଛାତ୍ରୀ ଶ୍ରଦ୍ଧାଞ୍ଜଳି ଦାସ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରକଳ୍ପରେ ବ୍ଲକର ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଜଣାଯାଇଛି। ବାରୋସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ବିଜ୍ଞାନମେଳାରେ ପ୍ରକଳ୍ପ ଦୁଇଟି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଥିବା ବେଳେ ଶିକ୍ଷକ ତାପସ ବରାଳ, ଏସକେ ସାଏବ, ଶିକ୍ଷୟିତ୍ରୀ ରଶ୍ମୀରେଖା ମହାପାତ୍ର, ସରସ୍ୱତୀ ସେଠୀ ପ୍ରମୁଖ ସହାୟତା କରିଥିଲେ। ଏହି ସଫଳତା ପାଇଁ ପଞ୍ଚାୟତର ସମିତିସଭ୍ୟ ତଥା ଆଇନଜୀବୀ ଚିନ୍ତାମଣି ଦାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫ ମାସରେ ଶୁଣାଣି ଶେଷ, ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଶୁକ୍ରା ଜୁଆଙ୍ଗଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି। ଜୋରିମାନା ଅନାଦେୟ ଆଉ ୧ ମାସ ଅଧିକ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପ୍ରକାଶ ଯେ, ତା ୧୬/୦୩/୨୦୨୪ ରିଖରେ ପଣ୍ଡାପଡା ଥାନା ହୁଣ୍ଡା ଗ୍ରାମ ବାଲିଦାଣ୍ଡ ସାହିର ଶୁକ୍ରା ଜୁଆଙ୍ଗ (୩୦) ତା'ର ସ୍ତ୍ରୀ ଗୋଲାପ ଜୁଆଙ୍ଗ (୨୮)କୁ ଗୋଟିଏ ଲୁହା ରଡ଼୍‌ରେ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଥିଲା। ବିବାହର ୬ ବର୍ଷ ପରେ ମଧ୍ୟ ଛୁଆପିଲା ହେଉନଥିବା ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ତା ୧୬/୦୩/୨୦୨୪ ରିଖ ଦିନ ସେମାନେ ପିଲା ଛୁଆ ହେଉନଥିବାରୁ ହରିଚନ୍ଦନପୁର ବ୍ଲକ



ବଙ୍କିବାରିଗାଁକୁ ଏକ ଅଟୋରେ ଯାଇ ଜଣେ ବଇଦକୁ ଦେଖାଇଥିଲେ। ସେଠାରୁ ଫେରି ଅପରାହ୍ନ ୨ଟାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା। ଶୁକ୍ରା ଜୁଆଙ୍ଗ ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡ୍‌ରେ ସ୍ତ୍ରୀ ଗୋଲାପ ଜୁଆଙ୍ଗଙ୍କ ମୁଣ୍ଡରେ ପିଟି ଦେବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ଘଟଣା ନେଇ ପଣ୍ଡାପଡା ଥାନାର ଗ୍ରାମରକ୍ଷୀ ଦୁର୍ଯ୍ୟୋଧନ ବେହେରା ଗାଁ ଲୋକଙ୍କ ଠାରୁ ସୂଚନା ପାଇବା ପରେ ପଣ୍ଡାପଡା ଥାନାରେ ଲିଖିତ ଭାବେ ଜଣାଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଲୁହାରଡ୍ ଜବତ୍ କରିବା ସହ କେସ୍ ନମ୍ବର ୧୨୬/୨୦୨୪ରେ ମାମଲା ରୁଜୁ କରି ଆସାମୀ ଶୁକ୍ରା ଜୁଆଙ୍କୁ ଗିରଫ କରିଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତିକରି ଉକ୍ତ ଦଣ୍ଡାଦେଶ କରିଛି। ସରକାରଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍ କୋର୍ଟର ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ। ଏହି ମାମଲା ପୋଲିସ ଖୁବ୍ କମ୍ ଦିନରେ ଅର୍ଥାତ୍ ୧ ମାସରୁ କମ୍ ଦିନରେ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ପୋଲିସ ତା ୧୬/୦୩/୨୦୨୪ ରିଖରେ ତଦନ୍ତ ଆରମ୍ଭ କରି ତା ୦୬/୦୪/୨୦୨୪ ରିଖରେ ଚାର୍ଜସିଟ୍ ଦାଖଲ କରିଥିଲେ। ହତ୍ୟା ଘଟଣାର ବିଚାର ମଧ୍ୟ ତ୍ୱରିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇଛି। ବିଚାର ତା ୦୪/୦୬/୨୦୨୪ ରିଖରେ ଆରମ୍ଭ ହୋଇ ଆଜି ଶୁଣାଣି ହୋଇଛି। ମାତ୍ର ୫ ମାସରେ ଏହି ମାମଲାର ଟ୍ରାଏଲ, ସାକ୍ଷୀ ଶୁଣାଣୀ, ଆର୍ଗୁମେଣ୍ଟ ଏବଂ ଶୁଣାଣି ଶେଷକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ଖରିଫ୍ ୨୦୨୪ -୨୫ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟକ ସଞ୍ଜଲୀ ମୁର୍ମୁ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀଙ୍କ ପ୍ରତିନିଧି କାନ୍ଦ୍ରା ସୋରେନ ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କିଭଳି କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଓ ଡେପୁଟି ରେଜିଷ୍ଟ୍ରାର୍, ସମବାୟ ସମିତି କୃଷ୍ଣଚନ୍ଦ୍ର ଦାସ ଉପସ୍ଥିତ ରହି ବିବରଣୀ ପାଠ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସୂଚନାନୁସାରେ, ଚଳିତ ମାସ ଡିସେମ୍ବର ୨୪ରୁ ପର୍ଯ୍ୟାୟକ୍ରମେ ଜିଲ୍ଲାର ୫୫୯୩୮ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ୍ ମାଧ୍ୟମରେ ୧୪,୬୬,୧୦୨.୯୪ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।




ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟ୍‌ନୀଛଟ୍‌ନୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି, ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନକୁ ସୁରକ୍ଷିତ ଭାବେ ରଖିବାକୁ ଆବଶ୍ୟକୀୟ ପଲିଥିନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ, ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମ୍‌ସିର ଅଧ୍ୟକ୍ଷ ମାନଙ୍କୁ ଗାଁ ଗାଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫ୍‌ଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟସୀମା, ସମସ୍ତ ବ୍ଲକରେ ଓଜନ ମେସିନ୍‌ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର୍ ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସ୍ତରରେ ନୋଡାଲ ଅଫିସର ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ଦାୟିତ୍ୱ ମିଳିଥିବା ବେଳେ ସମସ୍ତ ମଣ୍ଡିମାନଙ୍କରେ ଜଣେ ଲେଖାଏଁ ନୋଡ଼ାଲ ଅଧିକାରୀ ଏବଂ ୪-୫ଟି ମଣ୍ଡିରେ ଜଣେ ଲେଖାଏ ସୁପରଭାଇଜିଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ଓଜନ ମେସିନ୍‌ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ। ବାହାର ଜିଲ୍ଲାରୁ କିମ୍ବା ଆନ୍ତଃରାଜ୍ୟ ଧାନ ବିକ୍ରି ରୋକ୍ ପାଇଁ ଆରକ୍ଷୀ ଅଧିକ୍ଷକ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବା ତଥା ସିସିଟିଭି ଦ୍ୱାରା ପୋଲିସ ବିଭିନ୍ନ ସ୍ଥାନରେ ଜଗିବ ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍‌ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି। ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ୍ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ। ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଗ୍ରେନ୍ ଆନାଲାଇଜର୍ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ସହ ସିସିଟିଭି କ୍ୟାମେରା ଲଗାଯିବ ଓ ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବେ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ଉପଖଣ୍ଡ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାନଶୁ ଚାନ୍ଦ, ବାମନଘାଟି ଉପାଜିଲ୍ଲପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ଶଙ୍କର ବେହୁରିଆ, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରଠାରେ ଥିବା ଡ଼ଃ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ବିଭାଗର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ତଥା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର, ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ବୁଦ୍ଧିଜୀବୀ ବର୍ଗ, ସମାଜସେବୀ ପ୍ରମୁଖ ଯୋଗଦେଇ ଡ଼ଃ ହରେକୃଷ୍ଣ ମହତାବଙ୍କ ସ୍ମୃତିଚାରଣ କରିଥିଲେ।

### 'ଡାଟା ଫୋରମ୍' ଶୀର୍ଷକ ଦୁଇଦିନିଆ କର୍ମଶାଳା

# ଡାଟା ଏକ ଅମୂଲ୍ୟ ସମ୍ପଦ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରସ୍ପର ସହ ଜଡ଼ିତ ଦୁନିଆରେ ତଥ୍ୟ ଭିତ୍ତିକ ନିଷ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ନୀତି ନିର୍ମାତା, ନିବେଶକ, ଗବେଷକ ଏବଂ ନାଗରିକମାନଙ୍କୁ ଜଟିଳ ଆହ୍ୱାନଗୁଡ଼ିକୁ ଅନୁଧ୍ୟାନ କରି ପ୍ରଭାବଶାଳୀ ଯୋଜନା ଏବଂ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିଥାଏ । ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଅର୍ଥନୀତି କିମ୍ବା ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ, ବିଶ୍ୱସନୀୟ, ବ୍ୟାପକ ଏବଂ ସମୟୋପଯୋଗୀ ତଥ୍ୟର ନିତାନ୍ତ ଆବଶ୍ୟକତା ରହିଛି ବୋଲି ଆଜି ଏହି ପରିପ୍ରେକ୍ଷୀରେ ଅତିଥି ଓ ବକ୍ତାମାନେ ପ୍ରକାଶ କରିଛନ୍ତି । ଗୁରୁବାର ନୀତି ଆୟୋଗ, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ (ଏମଓଏସପିଆଇ)ର ମିଳିତ ଆନୁକୂଲ୍ୟରେ ଏବଂ ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସହଯୋଗରେ ଆଜିଠାରୁ ଆୟୋଜିତ 'ଡାଟା ଫୋରମ୍ - ୨୦୨୪' ଶୀର୍ଷକ ଦୁଇ ଦିନିଆ କର୍ମଶାଳାରେ ଯୋଗଦେଇ ଅତିଥି ଓ ବିଶେଷଜ୍ଞ ବକ୍ତାମାନେ ପ୍ରକାଶ କରିଛନ୍ତି । ଏହି କର୍ମଶାଳା ନଭେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଏଥିରେବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଭାରତ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଇତ୍ୟାଦି ଅଂଶଗ୍ରହଣ କରିଛନ୍ତି । ଏହି କର୍ମଶାଳା ନୀତି ଆୟୋଗର ରାଜ୍ୟ କର୍ମଶାଳା ଶୃଙ୍ଖଳାର ଦ୍ୱିତୀୟ କାର୍ଯ୍ୟକ୍ରମ । ଏହି ଶୃଙ୍ଖଳାର ପ୍ରଥମ କର୍ମଶାଳା ଗତ ୨୦୨୩ ନଭେମ୍ବର ୧୭ରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଉଦଘାଟନୀ କାର୍ଯ୍ୟକ୍ରମରେଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କହିଥିଲେ ଯେ, ତଥ୍ୟଭିତ୍ତିକ ନିଷ୍ପତ୍ତି ନେବା ପାଇଁ ଡାଟା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ କାର୍ଯ୍ୟ କରିଥାଏ କ୍ଷ ଯେକୌଣସି ସମସ୍ୟାକୁ ତୃଣମୂଳସ୍ତରରୁ ସମାଧାନ କରିବାରେ ମଧ୍ୟ ଡାଟାର ଆବଶ୍ୟକ ହୋଇଥାଏ । ସରକାର ଓ ନୀତି ନିର୍ମାତାମାନେ ତଥ୍ୟ ଉପରେ ଆଧାର କରି ନିଷ୍ପତ୍ତି ନିଅନ୍ତି । ଏହା ଯୋଗୁଁ ଆମେ ବିଭିନ୍ନ ସେବା ପ୍ରଦାନରେ ଉନ୍ନତି ଆଣିପାରିବା ସହ ନାଗରିକଙ୍କ ପାଇଁ ସ୍ୱଚ୍ଛ ପ୍ରକ୍ରିୟା ଅବଲମ୍ବନ କରିବା ଦ୍ୱାରା ଅଧିକ ପ୍ରଭାବଶାଳୀ ଫଳାଫଳ ହାସଲ କରିପାରିବା। ଆଜିର ସମୟରେ ଡାଟା ଏକ ଅମୂଲ୍ୟ ସମ୍ପଦ ଭାବେ ସାରା ବିଶ୍ୱରେ ବିବେଚିତ ହେଉଛି ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ପ୍ରକାଶ କରିଥିଲେ । ଆୟୋଜିତ କର୍ମଶାଳାରେ ଡାଟା ଫୋରମ୍ ୨୦୨୪ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଆମର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଯୋଗଦାନ କରିବାର ଲକ୍ଷ୍ୟ ରହିଥିବା ବେଳେ ତ୍ୱରାନ୍ୱିତ ଗତିରେ ବିକାଶ ଓ ଅଭିବୃଦ୍ଧି ପାଇଁ ଆମକୁ ସଠିକ୍ ତଥ୍ୟ ଉପଲବ୍ଧତାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଲେ ଯେ, ତଥ୍ୟ ବା ଡାଟା ନିତି ନିର୍ଦ୍ଧାରକମାନଙ୍କୁ ତଥ୍ୟକୁ ବ୍ୟବହାର କରି ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ସହାୟତା ଦେଇଥାଏ ବୋଲି ସେ ପ୍ରକାଶ କରିଥିଲେ । ମିଳିତ ଜାତିସଂଘ-ଭାରତରେ ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ଯୋଗଦେଇ ଡାଟା ଫୋରମରୁ ତଥ୍ୟ କିଭଳି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହୋଇପାରିବ, ସେଥିପ୍ରତି ଆଲୋକପାତ କରିଥିଲେ। ଭାରତର ଡାଟା ଫୋରମ ଅଭିଯାନ ମଡେଲ ବିଶ୍ୱର ଅନ୍ୟ ଦେଶ ପାଇଁ ଅନୁକରଣୀୟ ହୋଇଛି ବୋଲି ସେ କହିଥିଲେ। ନୀତି ଆୟୋଗର ପ୍ରମୁଖ ଅର୍ଥ ପରାମର୍ଶଦାତା ଆନ୍ନା ରୟ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ଏହି ସମ୍ମିଳନୀ ତଥ୍ୟ ସଂଗ୍ରହ ପରିସଂସ୍ଥାକୁ ଆହୁରି ଉନ୍ନତ ଓ ସମୃଦ୍ଧ କରିବାରେ ସହାୟକ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସମସ୍ତଙ୍କୁ ମିଳିମିଶି ପ୍ରୟାସ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଥିଲେ। ବିଶ୍ୱବ୍ୟାଙ୍କର ଡାଟା ସିଷ୍ଟମ ବିଶେଷଜ୍ଞ ଶ୍ରେୟାଦତ୍ତ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ରାଜ୍ୟରେ ୱେବ୍ ସେଫ୍ ଆଣ୍ଡ୍ ୱାଇଜ୍ ଅଭିଯାନ ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଚାଇଲ୍ଡ ଫଣ୍ଡ, ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ୱେବ ସେଫ ଆଣ୍ଡ୍ ୱାଇଜ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲରେ ଆୟୋଜନ ହୋଇଯାଇଛି । ପିଲାମାନଙ୍କ ପ୍ରତି ହେଉଥିବା ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହା ବିରୋଧରେ ଲଢ଼ିବା ପାଇଁ ପରିବାର, ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନର ସହଯୋଗକୁ ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମିସ ମୋନିଷା ବାନାର୍ଜୀ, ଓଡ଼ିଶା ପୋଲିସ ଆଇଜି ସାଇନି ଏସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନସିକ ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶିକା ଡ଼. ରେଖା ଭାଗତ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷ୍ୟା ମନ୍ଦାକିନୀ କର, ଚାଇଲଡ୍ ଫଣ୍ଡ, ଇଣ୍ଡିଆର ବୋର୍ଡ ସଦସ୍ୟ ରାଜେଶ ରଞ୍ଜନ ସିଂ, ଚାଇଲଡ୍ ଫଣ୍ଡ,ଇଂଟରନ୍ୟାସନାଲର ମୁଖ୍ୟ ଇମ୍ପାକ୍ଟ ଏବଂ ଇନୋଭେଶନ ଅଫିସର ମିସେସ କାରେନ ଜେ ହାନରାହନ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ସହ ଜଡ଼ିତ ଥିବା ଦେଶ ଓ ବିଦେଶର ବହୁ ସରକାରୀ ଓ ବେସରକାରୀ ସଂଗଠନର ପ୍ରତିନିଧିବୃନ୍ଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସମାଜ କଲ୍ୟାଣର ନିର୍ଦ୍ଦେଶିକା ମିସ୍ ବାନାର୍ଜୀ ଆଜିର ପିଲାମାନଙ୍କୁ ଏକ ସ୍ୱାଧୀନ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଏକାଦଶ ଶ୍ରେଣୀର ଜି. ରୋଜା ରେଡ୍ଡୀ ଓ ଚାଇଲ୍ଡ ଫଣ୍ଡର ପ୍ରତିନିଧି ଶ୍ରୀକ୍ଷେତ୍ର ବେହେରା ଅନଲାଇନ ବ୍ୟବହାରର ନିଜ ଅନୁଭୂତି ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ପିଲାଙ୍କ ଅନଲାଇନ ସୁରକ୍ଷା ନିମନ୍ତେ ଏକ ତାଲିମ ପୁସ୍ତିକାକୁ ଉନ୍ମୋଚନ କରାଯାଇଛି।

## ଡିସେମ୍ବର ସୁଦ୍ଧା ୧ କୋଟି ମହିଳାଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଡିସେମ୍ବର ସୁଦ୍ଧା ୧ କୋଟି ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ଆଗାମୀ ଦିନରେ ପ୍ରଦାନ ହେବାକୁ ଥିବା ତୃତୀୟ ପର୍ଯ୍ୟାୟରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ସାମିଲ କରାଯିବ । ଏଥିପାଇଁ ସମସ୍ତଙ୍କର ଆବେଦନ ପତ୍ର ଯାଞ୍ଚ ସରିଛି। ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଆଜି ସନ୍ଧ୍ୟାରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ। ୨୪ରେ ୨୦ ଲକ୍ଷ ମହିଳା ମିଳିବା ସହ ୮୦ ଲକ୍ଷ ମହିଳାଙ୍କୁ ମିଳିଯିବ ସୁଭଦ୍ରା ଟଙ୍କା। ୧ କୋଟି ୧୬ ଲକ୍ଷରେ ପହଞ୍ଚିଲାଣି ସୁଭଦ୍ରା ଆବେଦନକାରୀଙ୍କ ସଂଖ୍ୟା। ୫ ଲକ୍ଷ ଆବେଦନକାରୀଙ୍କୁ ସିଙ୍ଗଲ ଆକାଉଣ୍ଟ୍ ଦେବାକୁ ପୁଣି ଅପିଲ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ଗୋଟିଏ ମୋବାଇଲ ନମ୍ବର ସହ ଏକାଧିକ ଆକାଉଣ୍ଟ୍ ଲିଙ୍କ ରହୁଛି। ତେଣୁ ସମସ୍ୟା ଉପୁଜୁଛି ବୋଲି ସେ କହିଛନ୍ତି।

# ଅକ୍ଷୟ ଶକ୍ତି ଆପଣାଇବା ପାଇଁ ବାଲିଯାତ୍ରାରେ ସଚେତନତା ସୃଷ୍ଟି କରୁଛି ଗ୍ରୀଡ଼କୋ




କଟକ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ କଟକ ବାଲିଯାତ୍ରାରେ ରାଜ୍ୟ ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା ଗ୍ରିଡକୋ ପକ୍ଷରୁ ଏକ ପେଭିଲିଅନ ସ୍ଥାପନ କରାଯାଇଛି। ଏହି ପେଭିଲିଅନ ରେ ଅକ୍ଷୟ ଶକ୍ତିକୁ କିଭଳି ସମସ୍ତେ ଖୁବଶୀଘ୍ର ଆପଣାଇପାରିବେ, ସେ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏଥିସହିତ ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ନିମନ୍ତେ ଥିବା ବ୍ୟାପକ ସୁଯୋଗ ଏବଂ ଏ ଦିଗରେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସମ୍ପର୍କୀତ ତଥ୍ୟ ମଧ୍ୟ ପେଭିଲିଆନରେ ସ୍ଥାନ ପାଇଛି। ଏଥିସହିତ ଏଠାରେ ରହିଛି ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟର ଏକ ମଡେଲ, ଯାହାଦ୍ୱାରା ହାଇଡ୍ରୋଜେନ ଭଳି ସବୁଜ ଶକ୍ତିର ବ୍ୟବହାର କରି କିପରି ବଡ଼ ବଡ ଶିଳ୍ପ କାର୍ଯ୍ୟକ୍ଷମ ହୋଇପାରିବ, ସେ ସମ୍ପର୍କରେ ଦର୍ଶାଯାଇଛି। ତା ସାଙ୍ଗକୁ ରହିଛି ହାଇଡ୍ରୋଜେନ ଦ୍ୱାରା କିଭଳି ଗାଡି ମୋଟର ଆଦି ଚାଳିପାରିବ ତାର ଏକ ମଡେଲ। ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ବସ ଗାଡି ଆଦି ରୁ ଆଉ ଧୂଆଁ ନୁହଁ ପାଣି ବାହାରିବ ବୋଲି ଦର୍ଶାଯାଇଛି। ସେହିପରି ପି. ଏମ ସୂର୍ଯ୍ୟଘର ଯୋଜନାରେ କିଭଳି ଲୋକମାନେ ସୁବିଧାରେ ସୌର ଶକ୍ତି ବ୍ୟବହାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜ ବିଜୁଳି ବିଲକୁ କମାଇପାରିବେ ବା ସମ୍ପୂର୍ଣ୍ଣ ଦେୟମୁକ୍ତ କରିପାରିବେ, ସେ ସମ୍ପର୍କରେ ଏକ ମଡେଲ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏତଦବ୍ୟତୀତ ଗ୍ରୀଡ଼କୋ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ୍ଲିକେସନର ମଧ୍ୟ ବିକାଶ କରାଯାଇଛି, ଯେଉଁଥିରେ ଲୋକେ ନିଜ ଘରର ପରିସୀମା ଅଞ୍ଚଳ ଲେଖିଲେ ତାଙ୍କ ଘର ନିମନ୍ତେ କେତେ ପରିମାଣର ସୌରଶକ୍ତି ଆବଶ୍ୟକ, ସେଥିଲାଗି କେତେ ଟଙ୍କା ଖର୍ଚ୍ଚ ହେବ, ଉକ୍ତ ଖର୍ଚ୍ଚରୁ କେତେ ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାର ସବସିଡି ଆକାର ରେ ପ୍ରଦାନ କରିବେ, ଆଉ କେତେ ବଳକା ଟଙ୍କା ଉପଭୋକ୍ତାଙ୍କୁ ଦେବାକୁ ପଡିବ ଏବଂ ଉକ୍ତ ଟଙ୍କା ପାରାବର୍ତ୍ତୀ ପର୍ଯ୍ୟାୟରେ କିଭଳି ଭରଣା ହୋଇପାରିବ ଇତ୍ୟାଦି ବିଷୟରେ ଜାଣିବାକୁ ମିଳୁଛି । ଏଥିସହିତ ଏଠାରେ ରହିଛି ପବନ ଶକ୍ତି ସମ୍ପର୍କିତ ଏକ ସୁନ୍ଦର ମଡେଲ। ପବନ ଶକ୍ତି ମାଧ୍ୟମରେ କିଭଳି ୨୪ ଘଣ୍ଟିଆ ବିଜୁଳି ଉତ୍ପାଦନ ହୋଇପାରିବ, ସେ ସମ୍ପର୍କରେ ଏହି ମଡେଲ ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଉଛି। କେବଳ ସେତିକି ନୁହଁ, ଗ୍ରୀଡ଼କୋର ଏହି ପାଭିଲିଅନରେ ପ୍ରତିଦିନ ଚାଲିଛି କୁଇଜ ଶୋ । ଯେଉଁଥିରେ ଭାଗ ନେବା ଲାଗି ବିଶେଷ କରି ଛାତ୍ର ଛାତ୍ରୀ ଓ ଯୁବ ବର୍ଗ ବେଶ ଭିଡ ଜମାଉଛନ୍ତି। କୁଇଜରେ ଠିକ ଉତ୍ତର ଦେଉଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପାଭିଲିଅନ ରେ ଭିନ୍ନ ଭିନ୍ନ ଦିନ ମାନଙ୍କରେ ଅକ୍ଷୟ ଶକ୍ତି ସମ୍ପର୍କିତ ବୈଷୟିକ ସତ୍ର ମାନ ଅନୁଷ୍ଠିତ ହେଉଛି । ଯେଉଁଥିରେ ଉଭୟ ସ୍ଥାନୀୟ ଓ ଜାତୀୟ ସ୍ତରର ନିବେଶକ, ବିଶେଷଜ୍ଞ ଓ ଗ୍ରୀଡ଼କୋର ବରିଷ୍ଠ କର୍ମକର୍ତ୍ତା ମାନେ ଯୋଗ ଦେଇ ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟରେ ଥିବା ଅପାର ସମ୍ଭାବନା ଓ ଏହାର ବିକାଶ ଦିଗରେ ଓଡିଶା ନବୀକରଣ ଶକ୍ତି ନୀତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହି ନୀତି ମାଧ୍ୟମରେ ନିବେଶକ ମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସହାୟତା ଓ ସୁବିଧା ସମ୍ପର୍କରେ ସେମାନଙ୍କୁ ଏଠାରେ ଅବଗତ କରାଯାଉଛି।

### ହାଇକୋର୍ଟରେ ବୈକୁଣ୍ଠଧାମ ସେବାଶ୍ରମ ଉଚ୍ଛେଦ ମାମଲା

# ଡିସେମ୍ବର ୧୨ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ମନା

କଟକ(ଭାସ୍କର ନ୍ୟୁଜ୍): ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ୍ ଖଣ୍ଡଗିରୀ ଆଶ୍ରମ ଉଚ୍ଛେଦ ନିମନ୍ତେ ନିଆଯାଇଥିବା ପ୍ରଶାସନିକ ନିଷ୍ପତିକୁ ବିରୋଧ କରି ଏ ସମ୍ପର୍କରେ ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଯାଇଛି । ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ୍ ଖଣ୍ଡଗିରୀ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଆସନ୍ତା ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଛନ୍ତି । ବିଚାରପତି ବି.ପି. ରାଉତରାୟଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି । ଏଥିସହିତ ହାଇକୋର୍ଟ ମାମଲାର ପ୍ରତିପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଶୁକ୍ରବାର ଦିନ ଖଣ୍ଡଗିରିସ୍ଥିତ ବାବା ବୈକୁଣ୍ଠ ଧାମ ଉଚ୍ଛେଦ ପାଇଁ ବିଡିଏ ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଆଶ୍ରମ ନାଁରେ ହୋଇଥିବା ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଏ ପକ୍ଷରୁ ଏହି ନିଷ୍ପତି ନିଆଯାଇଥିଲା । ବିଡିଓ ଓ ବିଏମ୍‌ସିର ମିଳିତ ଏନଫୋର୍ସମେଣ୍ଟ୍ ଟିମ୍ ଆଶ୍ରମ ଉଚ୍ଛେଦ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ସୂଚନାଥାଉକି ଆଶ୍ରମ ନାମରେ ୧୪୦ ଡିସିମିଲ୍ ସରକାରୀ ଜମି ଜବରଦଖଲ ଅଭିଯୋଗ ରହିଛି । ଆଶ୍ରମ ନାମରେ ଘାଟିକିଆ ମୌଜାରେ ରହିଛି ୨ଟି ପ୍ଲଟ । ଉଚ୍ଛେଦ ପୂର୍ବରୁ ଏନେଇ ମାଇକରେ ଘୋଷଣା କରାଯାଇଥିଲା। ନିଜ ପୁଅକୁ କଳ୍‌କୀ ଅବତାର ସଜାଇ ବିବାଦକୁ ଆସିଥିଲେ ବାବା କାଶୀନାଥ। ଅଭିଯୋଗ ବଢ଼ିବା ପରେ ପୋଲିସର ତନାଘନା ଭିତରେ ଆଶ୍ରମରୁ ଅନେକ ଆପତିଜନକ ସାମଗ୍ରୀ ମିଳିଥିଲା। ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଓ ଆସ୍ଥାକୁ ଆଧାର କରି ବ୍ୟବସାୟ କରିବା ସହ ବିଳାସପୂର୍ଣ୍ଣ ଜୀବନ କାଟୁଥିବା ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଫଳରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଏପରି ନିଷ୍ପତ୍ତି ନିଆଯାଇଥିଲା ।

### ବିଶ୍ୱ ମତ୍ସ୍ୟ ଦିବସ ପାଳିତ

## ରୋଜଗାର ବୃଦ୍ଧିରେ ମତ୍ସ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଯୋଗଦାନ ରହିଛି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ମାଧ୍ୟମରେ ଓଡ଼ିଶାକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇପାରିବ। ମତ୍ସ୍ୟଚାଷୀଙ୍କ ରୋଜଗାର ବୃଦ୍ଧ, ଜୀବିକାରେ ଉନ୍ନତି, ଲାଭଦାୟକ ନିଯୁକ୍ତି ସୃଷ୍ଟି, ପୁଷ୍ଟି ସୁରକ୍ଷା ଓ ରପ୍ତାନି ବୃଦ୍ଧିରେ ମତ୍ସ୍ୟ ଓ ଜଳକୃଷିର ପ୍ରମୁଖ ଭୂମିକା ରହିଥିବାବେଳେ ରାଜ୍ୟ ସରକାର ମତ୍ସ୍ୟ କ୍ଷେତ୍ରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି କ୍ଷେତ୍ରରେ ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ଯୁବଗୋଷ୍ଠୀ ଅଧିକ ସଂପୃକ୍ତ ହେବା ଉପରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁତ୍ୱାରୋପ କରିଛନ୍ତି । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ସ୍ଥାନୀୟ ଇନ୍‌ଷ୍ଟିଚୁସନ୍ ଅଫ୍ ଇଂଜିନିୟର୍ସରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରୁ ଆଗାମୀ ୨୦୨୮-୨୯ ବର୍ଷ ପାଇଁ ୨୨୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭ଟି ଉପଯୋଜନ ବିଶିଷ୍ଟ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ରାଜ୍ୟରେ ମତ୍ସ୍ୟକ୍ଷେତ୍ର ଅଭିବୃଦ୍ଧି ଦିଗରେ ସହାୟକ ହେବ। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ନାବାର୍ଡର ଜିଏମ୍ ସଂଜୟ କୁମାର ତାଲୁକଦାର ମଧ୍ୟ ବକ୍ତବ୍ୟ ରଖୁଥିଲେ। ପ୍ରାଣୀପାଳନ, ପ୍ରାଣୀଚିକିତ୍ସା ଓ ମତ୍ସ୍ୟ ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ (ବୈଷୟିକ) ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ସମବେତ ହୋଇଥିବାବେଳେ ମତ୍ସ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୯ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

## ୟୁସିସିର ସମସ୍ତ ସଦସ୍ୟଙ୍କ ସାମ୍ନାରେ ଭୁଲ ମାଗନ୍ତୁ ମନୋଜ: ବବି ଇସଲାମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୟୁସିସିର ସମସ୍ତ ସଦସ୍ୟଙ୍କ ସାମ୍ନାରେ ଭୁଲ ମାଗନ୍ତୁ ମନୋଜ । ସୁଧୁରି ଯାଆନ୍ତୁ ନହେଲେ ସୁଧାରି ଦେବୁ ବୋଲି କହିଛନ୍ତି ବବି ଇସଲାମ। ଓଡ଼ିଆ ସିନେମା ଜଗତ ପାଇଁ ମନୋଜଙ୍କ ଅବଦାନ କଣ, ସେ ଇଣ୍ଡଷ୍ଟ୍ରିକୁ ଆସିକି କରିଛନ୍ତି କଣ ବୋଲି ମନୋଜଙ୍କୁ ପ୍ରଶ୍ନ କରିଛନ୍ତି ନିର୍ଦ୍ଦେଶକ ବବି ଇସଲାମ। ସିନେମା ହେଉଛି ଆମ ମା। ସେ କଣ ସିନେମା ବାବଦରେ କହିବେ। ଏନଏସଡିରେ ପାଠ ପଢିଥିଲେ ମନୋଜ। ଏନଏସଡିଆନ୍ ଭାବରେ ସେ ନିଜକୁ ପରିଚୟ ଦେଉଛନ୍ତି। ତାହାର ମାଯ୍ୟାଦା ରଖନ୍ତୁ। ନିଜ କର୍ମ ପାଇଁ ସେ ତଳକୁ ତଳକୁ ଯାଉଛନ୍ତି। ସେ ଓଡ଼ିଶାକୁ ୨ ଭାଗ କରିବାକୁ ବସିଛନ୍ତି । କେତେବେଳେ ମତେ ମଧ୍ୟ ଶେଷ କରିଦେବେ । ତେଣୁ ମୁଁ ଗତକାଲି ଦର୍ଘା ବଜାର ଥାନାର ଦ୍ୱାରସ୍ଥ ହୋଇଥିଲି। ଏହା ପରେ ମନୋଜ ମିଶ୍ର ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି । ଯଦି ମୁଁ ଭୁଲ୍ ଥିବି ମତେ ଆରେଷ୍ଟ କରାଯିବ। ତେଣୁ ମୁଁ ଆସିଥିଲି ଚନ୍ଦ୍ରଶେଖରପୁର ଥାନା। ଗତକାଲି ମଧ୍ୟ ଆସିଥିଲି ହେଲେ ମନୋଜ ମିଶ୍ର ଆସିଲେ ନାହିଁ। ଆଜି ପୁଣି ଆସିଛି। ମନୋଜ ମୋ ନାଁରେ ଅଭିଯୋଗ ଆଣିନାହାନ୍ତି ବରଂ ସେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ବୋଲି କହିଛନ୍ତି ବବି ଇସଲାମ।

### ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ମାମଲା

## ଓପିଏସ୍‌ସିକୁ ସଂଶୋଧିତ ତାଲିକା ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାରେ ହାଇକୋର୍ଟ ଗୁରୁବାର ଓଡିଶା ଲୋକସେବା ଆୟୋଗ (ଓପିଏସସି) ସଚିବଙ୍କୁ ବ୍ୟକ୍ତିଗତଭାବେ ହାଜିରା ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଆଜି ମାମଲାର ଶୁଣାଣି କରି ସଚିବଙ୍କୁ ଆସନ୍ତା ୨୫ ତାରିଖରେ ସଂଶୋଧିତ ମେଧା ତାଲିକା ସହ ହାଜର ହେବାକୁ ଆଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣିବେଳେ ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ତାଲିକା ଦାଖଲ କରାଯାଉନଥିବାରୁ ହାଇକୋର୍ଟ ଓପିଏସ୍‌ସି ଉପରେ ବିରକ୍ତ ପ୍ରକାଶ କରିବା ସହ ଉପରୋକ୍ତ ଆଦେଶ ଦେଇଛନ୍ତି । ଗତ ୨୦୧୭-୧୮ରେ ଓଡିଶା ଲୋସେବା ଆୟୋଗ ପକ୍ଷରୁ ରାଜ୍ୟ ସରକାରଙ୍କ ।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ ଡେଣ୍ଟାଲ ସର୍ଜନ୍ (ଜୁନିଅର୍) ୧୯୮ଟି ପଦବୀରେ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା । ପରୀକ୍ଷା ଆଧାରରେ ୧୭୧ଜଣ ପ୍ରାର୍ଥୀଙ୍କୁ ଆୟୋଗ ପକ୍ଷରୁ ନିଯୁକ୍ତି ନିମନ୍ତେ ସୁପାରିଶ କରିଥିଲା । ତେବେ ଏଥିମଧ୍ୟରୁ ୫ ଜଣ ଚାକିରିରେ ଯୋଗ ନଦେବାରୁ ରାଜ୍ୟ ସରକାର ଆଉ ୫ ଜଣଙ୍କ ନାମ ପଠାଇବା ନିମନ୍ତେ ଓପିଏସ୍‌ସିକୁ ଚିଠି ଦେଇଥିଲେ। ତଦନୁସାରେ ଓପିଏସ୍‌ସି ଆଉ ୫ ଜଣଙ୍କ ନାମ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କୁ ପଠାଇଥିଲା । ହେଲେ ୨୦୨୨ରେ ବିଶେଷଜ୍ଞ କମିଟି ପରାମର୍ଶରେ ସଂଶୋଧନ କରାଯାଇ ୮ ଜଣଙ୍କ ନାମ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟରୁ ବାଦ୍ ପଡ଼ିଥିଲା। ଏଥିସହ ପୁଣି ୩ ଜଣଙ୍କ ନାମ ଦ୍ୱିତୀୟ ପର୍ଯ୍ୟାୟରେ ୫ ଜଣଙ୍କ ତାଲିକା ମଧ୍ୟରୁ ବାଦ ହୋଇଥିଲା । କଟ୍ ଅଫ୍ ମାର୍କ ଆଧାରରେ ବାଦ୍ ପଡ଼ିଥିବା ୧୧ ଜଣ ୨୦୧୭-୧୮ରୁ ବିଭିନ୍ନ ହସ୍‌ପିଟାଲରେ ସର୍ଜନ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଏହି ୧୧ ଜଣଙ୍କ ନିଯୁକ୍ତି ଉପରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଓପିଏସ୍‌ସିକୁ ଆଦେଶ ଦେଇଥିଲେ। ଏହି ୧୧ ଜଣ ସର୍ଜନଙ୍କୁ ଚାକିରିରୁ ଛଟେଇ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ନେଇ ଓପିଏସ୍‌ସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ନଭେମ୍ବର ୨୦ ତାରିଖ ବୁଧବାର ହାଇକୋର୍ଟ ମାମଲାର ଶୁଣାଣି କରି ରିଭାଇଜଡ୍ ମେରିଟ୍ ଲିଷ୍ଟ ପ୍ରଦାନ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ।

## ଡ଼. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ' ପକ୍ଷରୁ ଉତ୍କଳ କେଶରୀ ଡ଼. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି ଗୁରୁବାର ଅପରାହ୍ନରେ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ନବୀନ ଭବନ ପରିସରରେ ପ୍ରତିଷ୍ଠାନର ଉପସଭାପତି ବର୍ଷୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବିଶିଷ୍ଟ ରାଜନୀତି ବିଜ୍ଞାନ ଗବେଷକ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହରେକୃଷ୍ଣ ମହତାବ ଜଣେ ବିଚକ୍ଷଣ ରାଜନେତା ଥିଲେ ବୋଲି କହିଥିଲେ ଓଡ଼ିଶାର ଉନ୍ନତି କ୍ଷେତ୍ରରେ ମହତାବଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରଫେସର ଚୌଧୁରୀ ନିଜ ବକ୍ତବ୍ୟରେ ଦୋହରାଇଥିଲେ ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ଼. ବାୟାମନୁ ଚର୍ଚ୍ଚି ଯୋଗଦେଇ ଡ଼. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼. ଡ଼ମ୍ବରୁଧର ସାହୁ ମଞ୍ଚାସୀନ ଥିବା ବେଳେ 'ନବୀନ'ର ସମ୍ପାଦକ ତଥା ପ୍ରତିଷ୍ଠାନର ସଭାପତି ରବି ରଥ ପ୍ରାରମ୍ଭିକ ବକ୍ତବ୍ୟ ଦେଇ 'ନବୀନ' ତରଫରୁ ପୂଜ୍ୟପୂଜା ପରମ୍ପରା ଅବ୍ୟାହତ ରହିଛି ବୋଲି କହିଥିଲେ ଶେଷରେ ସମ୍ପାଦକ ସୁଶାନ୍ତ କର ଧନ୍ୟବାଦ ଦେଇଥିଲେ କାର୍ଯ୍ୟକ୍ରମ ପରିଚାଳନାରେ ନବୀନର ପ୍ରକାଶିକା ମଞ୍ଜୁ ରଥ, ସାମ୍ବାଦିକ ରଂଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଂଜନ ତ୍ରିପାଠୀ, ବି. ସତ୍ୟମ୍ ଆଚାରୀ, କାମରାଜୁ ମହାରଣା, ସସ୍ମିତା ମିଶ୍ର, ସମାଜସେବୀ ରାମକୃଷ୍ଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଆକ୍ସନ୍ ମୁଡ୍‌ରେ ଫୁଡ୍ ସେଫ୍ଟି ଟିମ୍

## ବାଲିଯାତ୍ରାର ବିଭିନ୍ନ ଷ୍ଟଲରେ ଚଢ଼ାଉ

କଟକ(ଭାସ୍କର ନ୍ୟୁଜ୍): ବାଲିଯାତ୍ରାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଦୋକାନ ଓ ଷ୍ଟଲ୍‌ରେ ସିଏମ୍‌ସିର ଫୁଡ଼୍ ସେଫ୍ଟି ଟିମ ପକ୍ଷରୁ ଚଢ଼ାଉ କରାଯାଇଛି । ଗୁରୁବାର ସକାଳୁ ସକାଳୁ ବିଭିନ୍ନ ଖାଦ୍ୟ ଷ୍ଟଲରେ ଅଚାନକ ଚଢ଼ାଉ କରାଯାଇଛି । ଖାସ କରି ବିଭିନ୍ନ ଷ୍ଟଲରେ ଖରାପ ତେଲ ଓ ବାସି ଖାଦ୍ୟ ଗୁଡ଼ିକ ରଖା ଯାଇଥିବା ସଂପର୍କରେ ଖବର ପାଇ ଫୁଡ଼୍ ସେଫ୍ଟି ଟିମ ଚଢ଼ାଉ କରିଛି । ଏହି ଚଢ଼ାଉରେ ବିଭିନ୍ନ ବାସି ଖାଦ୍ୟ ଓ ଖରାପ ତେଲ ଜବତ କରି ନଷ୍ଟ କରାଯାଇଛି । ଏହା ସହିତ ସଂପୃକ୍ତ ଦୋକାନୀକୁ ଫାଇନ ମଧ୍ୟ କରାଯାଇଛି । ଏହି ଚଢ଼ାଉରେ ୪ଟି ଟିମ ନିୟୋଜିତ ହୋଇଥିବା ଜଣାପଡ଼ିଛି ।

## ଏକ୍‌ଜିଟ୍ ପୋଲ୍ ଏକ୍‌ଜାଟ୍ ନୁହେଁ: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକଜିଟ ପୋଲ ଏକଜାଟ ନୁହେଁ । ଓଡ଼ିଶାରେ ବି ପ୍ରମାଣିତ ହୋଇଛି । ଏକଜଟ ପୋଲକୁ ଅପେକ୍ଷା କରନ୍ତୁ । ଉଭୟ ରାଜ୍ୟରେ ବିଜେପି ଭଲ କରିବ କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏକଜିଟ ପୋଲ ବି କହୁଛି ଭଲ କରିବ । ଏକଜିଟ ପୋଲ ଠାରୁ ନିର୍ଣ୍ଣାୟକ ଭୋଟ ପାଇ ବିଜେପି ବିଜୟୀ ହେବ ।

### ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନରେ ଅଗ୍ନିକାଣ୍ଡ: କାରଣ ଅସ୍ପଷ୍ଟ

କଟକ(ଭାସ୍କର ନ୍ୟୁଜ୍): ବକ୍ସିବଜାର ମଣିସାହୁ ଛକ ନିକଟସ୍ଥ ଏକ ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ଫ୍ରିଜ, ୱାସିଂମେସିନ ଓ କୁଲର ସଜଡ଼ା ଯନ୍ତ୍ରପାତି ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗର ଟିମ ପହଞ୍ଚି ନିଆଁକୁ ଆୟ କରିଛନ୍ତି ବୋଲି ଅଗ୍ନିଶମ ଅଧିକାରୀ ସଂଜୀବ ବେହେରା ସୂଚନା ଦେଇଛନ୍ତି । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । କ୍ଷୟକ୍ଷତିର ଆକଳନ କରାଯାଇନାହିଁ ।

# ଆରମ୍ଭ ହେଲା 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪' ଓ 'ଓଡ଼ିଶା ପ୍ଲାଷ୍ଟ-୨୦୨୪'ଏକ୍ସପୋ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ଲାଷ୍ଟିକ୍, ପ୍ରିଣ୍ଟିଂ, ପ୍ୟାକେଜିଂ, ଫୁଡ୍ ପ୍ରୋସେସିଂ ଓ ଆନୁଷଙ୍ଗିକ ଶିଳ୍ପକ୍ଷେତ୍ରର ସର୍ବବୃହତ୍ ଏକ୍ସପୋ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪' ଓ 'ଓଡ଼ିଶା ପ୍ଲାଷ୍ଟ-୨୦୨୪' ଗୁରୁବାର ଠାରୁ ଭୁବନେଶ୍ୱର ଜନତା ମଇଦାନ ଠାରେ ଆରମ୍ଭ ହୋଇଯାଇଛି। ଏହା ନଭେମ୍ବର ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ୪ ଦିନିଆ ମେଗା ଇଭେଣ୍ଟରେ ପ୍ଲାଷ୍ଟିକ୍, ପ୍ରିଣ୍ଟିଂ, ପ୍ୟାକେଜିଂ, ଫୁଡ୍ ପ୍ରୋସେସିଂ ଓ ଆନୁଷଙ୍ଗିକ ଶିଳ୍ପକ୍ଷେତ୍ରର ଅତ୍ୟାଧୁନିକତା ଏବଂ ଡେଭେଲପମେଣ୍ଟ ଉପରେ ଆଲୋକପାତ କରାଯାଇଛି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ମିଳିତ ଆନୁକୂଲ୍ୟରେ ୨୫୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଦର୍ଶକଙ୍କୁ ନେଇ ଆୟୋଜିତ ଓଡ଼ିଶା ପ୍ଲାଷ୍ଟ ୨୦୨୪ ଏକ୍ସପୋର ତୃତୀୟ ସଂସ୍କରଣରେ ୩୦୦୦ରୁ ଅଧିକ ଅଭିନବ ଉତ୍ପାଦ ପ୍ରଦର୍ଶିତ ହୋଇଛି। ଏହି ଏକ୍ସପୋ ବ୍ୟବସାୟୀ, ଯୁବ ଉଦ୍ୟୋଗୀ ଏବଂ ଶିଳ୍ପ ବିଶେଷଜ୍ଞ ଆଦିଙ୍କୁ ଏକ ଉପଯୁକ୍ତ ସ୍ଥାନ ପ୍ରଦାନ କରିଥିଲା ଯେଉଁଥିରେ ସେମାନେ ନିଜର ଜ୍ଞାନ ଆଦାନ ପ୍ରଦାନ କରିବା ସହ ନିଜ ନିଜ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ର ସମାଧାନ ନିମନ୍ତେ ଆଲୋଚନା କରିବେ । ଏହି ଏକ୍ସପୋକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶାର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ, ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାସ, ଫ୍ୟୁଚରେକ୍ସର ଏମଡି ଏବଂ ଚେୟାରମ୍ୟାନ ସ୍ୱାମୀପ୍ରେମ ଅନନ୍ୱେଶୀ, ଓସ୍ମେର ଚେୟାରମ୍ୟାନ୍ ଗୌରୀଶଙ୍କର ଦାଶ, ଓଏସ୍‌ଏମ୍‌ଇର ମହାସଚିବ ସାତ୍ୱିକ ସ୍ୱାଇଁ ଏବଂ ଓସମେର ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଓଡିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବ୍ୟବସାୟ କରିବାର ସହଜତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଶିଳ୍ପାଞ୍ଚଳକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ସେ ଶିଳ୍ପଗୁଡ଼ିକୁ ତାଙ୍କର ପୂର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାସ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ଗୁରୁତ୍ୱ ଓ ଏହି ଏକ୍ସପୋରେ ସେମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଏକ୍ସପୋ ସମ୍ପର୍କରେ ସୂଚନା ଦେଇ ଫ୍ୟୁଚରେକ୍ସର ଏମ୍‌ଡି ତଥା ଅଧକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ ଶିଳ୍ପ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଏକ୍ସପୋର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନଭେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଏକ୍ସପୋ ଖୋଲା ରହିଛି ଏବଂ କୌଣସି ପ୍ରବେଶ ମୂଲ୍ୟ ରଖାଯାଇନାହିଁ।



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରବିନ୍ଦ୍ର ପାରେଲେସ ଠାରେ ଗୁରୁବାର ତିର୍ତ୍ତୋଲ ବିଜେପି ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ଥରୀୟ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ର ଯୁବନେତା ତଥା ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ସଭାପତିତ୍ୟରେ ଆୟୋଜିତ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ଜେନା, ଜିଲ୍ଲା ନିର୍ବାଚନ ଦାୟିତ୍ୱରେ ଥିବା ବିଜେବି ନେତା ସୈଭାଗ୍ୟ ମହାନ୍ତି, ଜିଲ୍ଲା ସଦସ୍ୟତା ଟୋଲିର ସଦସ୍ୟ ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ବିଜୟ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିରେ ବିଜେପି ସଂଗଠନ କିପରି ସୁଦୃଢ଼ ହୋଇପାରିବ ତାହା ଉପରେ ଅଭିଭାଷଣ ରଖିଥିଲେ । ଏଥିରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନିର୍ବାଚନ ଦାୟୀତ୍ୟରେ ଥିବା ନେତା, ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ, ବରିଷ୍ଠ ନେତା ମାନେ ଯୋଗଦେଇ ବୁଥସ୍ତରୀ ସକ୍ରିୟ ସଦସ୍ୟ ରହିବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ ।

# ସ୍କୁଲ ଛାତରୁ ଖସୁଛି ପ୍ଲାଷ୍ଟର, ଟେଣ୍ଟ ତଳେ ପାଠପଢ଼ା



ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅଧୀନସ୍ଥ ଖଉରୁଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତରୁ ଖସୁଛି ସିମେଣ୍ଟ ପ୍ଲାଷ୍ଟର । ସିମେଣ୍ଟ ପ୍ଲାଷ୍ଟର ଖସିବା ଘଟଣାକୁ ନେଇ ଗୁରୁବାର ଦିନ ସ୍କୁଲ ସମ୍ମୁଖରେ ଅଭିଭାବକମାନଙ୍କର ହୋହାଲ୍ଲା ହୋଇଥିବା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ ଯେ ଖଉରୁଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ବେଳେ ସ୍କୁଲ ଶ୍ରେଣୀର ଛାତରୁ ସିମେଣ୍ଟ ପ୍ଲାଷ୍ଟର୍ ଖସିବାରୁ ଶ୍ରେଣୀ ଶିକ୍ଷୟିତ୍ରୀ ଓ ସ୍କୁଲରେ ଛାତ୍ରଛାତ୍ରୀମାନେ ଆହତ ହୋଇଥିଲେ । ଯାହା ଫଳରେ ଗ୍ରାମବାସୀମାନଙ୍କ ସହିତ ଅଭିଭାବକମାନେ ଶ୍ରେଣୀ ଗୃହ ନିମ୍ନମାନର କାମ ହୋଇଥିବା ୨୦୨୨ମସିହାରୁ ଅଭିଯୋଗ କରିଆସୁଛନ୍ତି । ଯାହାକୁକେନ୍ଦ୍ର କରି ସ୍କୁଲ ସମ୍ମୁଖରେ ଅଭିଭାବକମାନେ ହୋହାଲ୍ଲା କରିଛନ୍ତି । ଅନ୍ୟପଟେ ମଧ୍ୟ ଶ୍ରେଣୀ ଗୃହରୁ ପ୍ଲାଷ୍ଟର ଖସୁଥିବା ବେଳେ ଛାତ୍ରଛାତ୍ରୀ ଏବେ ଟେଣ୍ଟ ତଳେ ପାଠ ପଢୁଥିବା ଦେଖିବାକୁ ମିଳିଛି । ତେବେ ଗୁରୁବାର ଏହି ଘଟଣାକୁ ନେଇ ବୋଲଗଡ଼ ବିଡ଼ିଓ ଶରତ କୁମାର ମଲ୍ଲିକ , ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ବୋଲଗଡ଼ ଥାନା ପୋଲିସ ସବ ଇନିସ୍ପେକ୍ଟର ପ୍ରମୋଦ କୁମାର ନାୟକ ଓ ବାଙ୍କୋଇ ଫାଣ୍ଡି ପୋଲିସ ଅଧିକାରୀ ଦିଲ୍ଲିପ କୁମାର ସାହୁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କୁ ଓ ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ । ଏହି ବିଦ୍ୟାଳୟରେ ୧୭୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଢୁଛନ୍ତି । ଏହି ବିଦ୍ୟାଳୟଟି ୧୯୨୭ମସିହାରେ ନିର୍ମିତ ହୋଇଥିଲେ ମଧ୍ୟ ତାର ପୂର୍ଣ୍ଣ ଉଦ୍ଧାର ହୋଇପାରିନାହିଁ । ଶିକ୍ଷା ଅଧ୍ୟୟନ ପାଇଁ ନୂତନ ଶ୍ରେଣୀ ଗୃହ ନ ଥିବାରୁ ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ପୁରାତନ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦିଆଯାଉଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି ! ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବାପାଇଁ ଆବଶ୍ୟକୀୟ ଶିକ୍ଷକ /ଶିକ୍ଷୟିତ୍ରୀ ନ ଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ବିଦ୍ୟାଳୟର ସୁରକ୍ଷା ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ବିକାଶ ପାଇଁ ବିଡ଼ିଓ ଶରତ କୁମାର ମଲ୍ଲିକଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଅନୁରୋଧ କରିଛନ୍ତି ।

# ମଧ୍ୟାହ୍ନଭୋଜନ ତରକାରୀରେ ପୋକ ସାଲୁବାଲୁ

## ଉପବାସରେ ଘରକୁ ଫେରିଲେ ଛାତ୍ରଛାତ୍ରୀ



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନହେଲା ପୁରୀର ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟାହ୍ନ ଭୋଜନ ଯୋଗଇ ଦିଆଯାଆସୁଅଛି । ଗୁରୁବାର ଭାତ, ଡାଲି, ବୁଟ ତରକାରୀ ବିଦ୍ୟାଳୟମାନଙ୍କୁ ମଧ୍ୟହ୍ନ ଭୋଜନ ଖାଦ୍ୟରୂପେ ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଥାଳିରେ ନେଇ ଖାଇବାକୁ ବସିବା ସମୟରେ ଦେଖିଲେ ବୁଟ ତରକାରୀରେ ପ୍ରଚୁର ପରିମାଣର କଳାକଳା ପୋକ ଭାସୁଛନ୍ତି । ଛାତ୍ରଛାତ୍ରୀମାନେ ସେହି ଖାଦ୍ୟକୁ ନ ଖାଇବା ପାଇଁ ଶିକ୍ଷକମାନେ ମନା କରିବା ସହିତ ନିଜ ପକେଟ୍‌ରୁ ପଇସା ଖର୍ଚ୍ଚକରି ଛାତ୍ରଛାତ୍ରୀମାନଙ୍କୁ ବିସ୍କେଟ୍ ଖାଇବା ପାଇଁ ଦେଇଥିଲେ । କଳାପଦର ପ୍ରାଥମିକ ବିଦ୍ୟାଳୟ, ଓହ୍ଲାଣ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ଉତର ଚିଲିକା ପ୍ରାଥମିକ ବିଦ୍ୟାଳୟ, ବିରିତୋଇ ପ୍ରାଥମିକ ବିଦ୍ୟାଳୟ, ତେଲେଙ୍ଗାପଡା ପ୍ରାଥମିକ ବିଦ୍ୟାଳୟ, ସାହାସପୁର ପ୍ରାଥମିକ ବିଦ୍ୟାଳୟ ଓ ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପୋକ ଯୋଗୁଁ ମଧ୍ୟାହ୍ନ ଭୋଜନ ଖାଇନଥିବା ଜଣାପଡିଛି । ଏ ସଂପର୍କରେ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି । ବ୍ଲକ ଶିକ୍ଷାଧିକାରୀ ଭବମ୍ ପ୍ରଧାନ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କୁ ଟେଲିଫୋନ୍ ଯୋଗେ ଖାଦ୍ୟ ସଂପର୍କରେ ଜାଣିବା ପାଇଁ ଚାହିଁଥିଲେ ମଧ୍ୟ ସେମାନେ ଫୋନ୍‌ନ୍ ସୁଇଚ୍ ଅଫ୍ କରିଦେଇଥିଲେ ।

# ଦୁର୍ଘଟଣାରେ ଡାକ୍ତରଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ପଟ୍ଟନାୟକ ରୋଡ ନିକଟରେ ଦୃତ ଗତିରେ ଆସୁଥିବା ଏକ ଗୋରୁ ବୋଝେଇ ଟାଟା ଏସସି ଗାଡି ଧକ୍କାରେ ଜଣେ ହୋମିଓପାଥିକ୍ ଡାକ୍ତରଙ୍କ ମୃତ୍ୟୁ ହୋଇଛି । ସୁକରପଡା ଗ୍ରାମପଂଚାୟତ ରାଣୀପଡା ଗ୍ରାମର ସୁଧିରକୁମାର ସାହୁ(୬୫) ସ୍ଥାନୀୟ କଟିକଟା ବଜାରରେ ହୋମିଓପାଥିକ୍ ଦୋକାନ ଖୋଲି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ । ଗୁରୁବାର ଅପରାହ୍ନରେ ଶ୍ରୀ ସାହୁ ତାଙ୍କର ସାଇକେଲ ଯୋଗେ ନିଜ ଘର ରାଣୀପଡାକୁ ଖାଇବା ନିମନ୍ତେ ଆସୁଥିଲେ । ଏହି ସମୟରେ କେନ୍ଦ୍ରାପଡା ଆଡୁ ଦୃତଗତିରେ ଗୋରୁ ନେଇ ଆସୁଥିବା ଏକ ଟାଟା ଏସସି ଗାଡି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏସମ୍ପର୍କରେ ତାଙ୍କ ପୁତ୍ର ସୁନିଲ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ନିଶ୍ଚିନ୍ତକୋଇଲି ଥାନାରେ ଏକ ମାମଲା ରୁଜୁ ହୋଇଛି । ଥାନା ପୋଲିସ ତାଙ୍କର ଶବର ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି । ମୃତକଙ୍କ ପରିବାରକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଜେଡି ନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ଯୁବ ସମାଜସେବୀ କୁମାରେଶ ପଣ୍ଡା,ରୁଦ୍ରପ୍ରସାଦ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାଁରେ ଭୁଆଁ ବୁଲାଉଛି ଜନସେବା କେନ୍ଦ୍ର

## ଜନସାଧାରଣଙ୍କୁ ସଚେତନ କରାଇଲେ ଚମ୍ପୁଆ ବ୍ଲକ୍ ପ୍ରଶାସନ

ଚମ୍ପୁଆ(ଭାସ୍କର ନ୍ୟୁଜ): ସାଧାରଣତଃ କୌଣସି ସରକାରୀ ଯୋଜନାରେ ଆବେଦନ କରିବାକୁ ହେଲେ କୌଣସି ସାର୍ଟିଫିକେଟ ଆବଶ୍ୟକ ହେଲେ କିମ୍ବା ଆଧାର ସମ୍ବନ୍ଧୀୟ କୌଣସି କାର୍ଯ୍ୟ କରିବାକୁ ହେଲେ ସାଧାରଣ ଜନତା ସ୍ଥାନୀୟ ଜନସେବା କେନ୍ଦ୍ର, ମୋ ସେବାକେନ୍ଦ୍ର ଓ ଅନଲାଇନ କାମ କରୁଥିବା କମ୍ପ୍ୟୁଟର ସେଣ୍ଟରଙ୍କ ଉପରେ ନିର୍ଭର କରିଥାନ୍ତି । ତେବେ ଏହି ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ଓ କମ୍ପ୍ୟୁଟର ସେଣ୍ଟରଗୁଡ଼ିକ ଉକ୍ତ କାର୍ଯ୍ୟ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଦେୟଠାରୁ ଢେର ଅଧିକ ଟଙ୍କା ଜନସାଧାରଣଙ୍କଠାରୁ ଆଦାୟ କରୁଥିବା ଏକ ସାଧାରଣ ଘଟଣା ହୋଇ ଗଲାଣି । ଓଡ଼ିଶା ସରକାରଙ୍କ ସଦ୍ୟତମ ଲୋକ ପ୍ରିୟ ଯୋଜନା ମଧ୍ୟରୁ ଅନ୍ୟତମ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ର ଦ୍ୱାରା କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି । ପ୍ରତି ସୁଭଦ୍ରା ଯୋଜନା ଆବେଦନ ପାଇଁ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରଙ୍କୁ ସରକାରଙ୍କ ତରଫରୁ ପାଉଣା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଯଦି କୌଣସି କେନ୍ଦ୍ର ଜନସାଧାରଣଙ୍କଠାରୁ ସୁଭଦ୍ରା ଯୋଜନା ଆବେଦନ ପାଇଁ ଅର୍ଥ ଦାବି କରନ୍ତି ତେବେ ସେ ନେଇ ଅଭିଯୋଗ କରିବା ପାଇଁ ଏକ ଟୋଲ ଫ୍ରି ନମ୍ବର ମଧ୍ୟ ପ୍ରଦାନ କରାଯାଇଛି । ତଥାପି କିଛି ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ସୁଭଦ୍ରା ଯୋଜନା ଆବେଦନ ପାଇଁ ମହିଳାଙ୍କ ଠାରୁ ୫୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରିଥିବା ଦେଖିବାକୁ ମିଳିଥିଲା । ଏ ନେଇ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବା ପରେ ମଧ୍ୟ ସଂପୃକ୍ତ ମୋ ସେବାକେନ୍ଦ୍ର ଓ ଜନସେବା କେନ୍ଦ୍ର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦୃଷ୍ଟି ଗୋଚର ହେଲା ନାହିଁ । ସେହିପରି ଆଧାର ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ସରକାରୀ ଦେୟ ନିର୍ଦ୍ଧାରିତ କରାଯାଇଥିବା ବେଳେ ଜନସେବା କେନ୍ଦ୍ର ମାନେ ନିର୍ଦ୍ଧାରିତ ଦେୟଠାରୁ ଢେର ଅଧିକ ଟଙ୍କା ଦାବି କରୁଥିବା ଦେଖିବାକୁ ମିଳୁଛି । ଟୋଲ ଫ୍ରି ନମ୍ବରରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହାର ସୁଯୋଗ ନେଇ କିଛି ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ରର କର୍ମକର୍ତ୍ତାମାନେ ସାଧାରଣ ଜନତାଙ୍କୁ ଲୁଟିବା ପାଇଁ ନୂଆ ଉପାୟ ବାହାର କରିଛନ୍ତି । ସେମାନେ ସାଧାରଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିବା ନାଁରେ ଜଣ ପିଛା ୧୦୦ ରୁ ୨୦୦ ଟଙ୍କା ଲେଖାଏଁ ଲୁଟି ନେଉଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିବା ପାଇଁ ସରକାରଙ୍କ ତରଫରୁ କୌଣସି ବିଜ୍ଞପ୍ତି ପ୍ରକାଶିତ ହୋଇନଥିବା ବେଳେ ଜନସେବା କେନ୍ଦ୍ରମାନେ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ପଞ୍ଜୀକରଣ କରି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଆବେଦନ ହୋଇଗଲା ବୋଲି ଭୁଆଁ ବୁଲାଉଛନ୍ତି । ଜନସେବା କେନ୍ଦ୍ର ଗୁଡ଼ିକର ଏତାଦୃଶ କାର୍ଯ୍ୟକଳାପ ଚମ୍ପୁଆ ପଞ୍ଚାୟତ ସମିତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର ହେବା ପରେ ଚମ୍ପୁଆ ପଞ୍ଚାୟତ ସମିତି ପକ୍ଷରୁ ପତ୍ର ସଂଖ୍ୟା ୫୫୧୮, ତା ୨୧.୧୧.୨୦୨୪ ରିଖ ଜରିଆରେ ଜନସାଧାରଣଙ୍କୁ ଏଥିପ୍ରତି ସଚେତନ କରାଯାଇଛି ।

# ଦାଦନ ଖଟିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ଶୁଳିଆପଦା(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତର ବଡ଼ଶୋଳ ଗ୍ରାମର ନବୀନ ସିଂଙ୍କ ଏକମାତ୍ର ରୋଜଗାରିଆ ପୁଅ ଭବେଶ ଚନ୍ଦ୍ର ସିଂ ବୟସ(୨୬)ବର୍ଷ ଆଜକୁ ଆଠ ଦଶ ମାସ ହେବ ମୁମ୍ବାଇର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ । ସେ ଫୋନରେ ମାଆ, ବାପାଙ୍କ କଥା ହୋଇ ମକର ସଂକ୍ରାନ୍ତି ବେଳକୁ ଘରକୁ ଆସିବେ ବୋଲି କହିଥିଲେ । ମାଆ, ବାପା ଚାହିଁ ବସିଛନ୍ତି ପୁଅର ଫେରିବା ବାଟକୁ । ଭାଗ୍ୟର କି ବିଡ଼ମ୍ବନା ଗତ ୧୯ ତାରିଖ ରାତିରେ ହଠାତ ଦେହ ଅସୁସ୍ଥ ହେବାରେ ଲାଗିଲା ଏବଂ ମଧ୍ୟ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଲା । କାର୍ଯ୍ୟରତ ଥିବା ହୋଟେଲ ମାଲିକ ତାଙ୍କ ସମ୍ପର୍କୀୟଙ୍କ ସହିତ କଥାହୋଇ ମୃତ ଶରୀରକୁ ବିମାନ ଯୋଗେ ଭୁବନେଶ୍ୱରକୁ ପଠାଇଲେ । ସ୍ୱର୍ଗତ ସିଙ୍କ ପରିବାରଙ୍କଠାରୁ ଖବର ପାଇ କ୍ୟାବିନେଟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ତୁରନ୍ତ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ତାଙ୍କ ଘରକୁ ଭୁବନେଶ୍ୱର ମହାନଗର ନିଗମ ସ୍ୱର୍ଗରଥ ଗାଡ଼ିରେ ପୈତୃକ ଗ୍ରାମ ବଡ ଶୋଳକୁ ପଠାଇ ଦେଇଥିଲେ । ଏହି ଦୁଃଖଦଃ ସମୟରେ ମନ୍ତ୍ରୀ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମୋବେଦନା ଜଣାଇବା ସହ ଧୈର୍ଯ୍ୟ ଓ ସାହସ ରଖିବାକୁ ଆଶ୍ୱାସନା ଦେଇଛନ୍ତି । ଭବେଶ ଏକ ସରଳ ଶାନ୍ତ, ସରଳ ଓ ମେଳାପି ପିଲା ଥିଲା । ତାର ମୃତ୍ୟୁରେ ବଡ଼ଶୋଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ସରିଲା ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ‘ବର୍ଣ୍ଣାଳୀ’



ବାଣପୁର(ଭାସ୍କର ନ୍ୟୁଜ): ବାଣପୁର ବ୍ଲକ ଅଧିନସ୍ଥ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ତିନି ଦିନିଆ ପ୍ରଶିକ୍ଷଣ ଶିବିର ବର୍ଣ୍ଣାଳୀ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ବାଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ହୋଇଥିଲା । ଏହି ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ୫୬ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀ କରଣ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ସମ୍ବଳ ଶିକ୍ଷକ ତଥା ରିସୋର୍ସ ପରସନ୍ ଶ୍ରୀଯୁକ୍ତ ସନ୍ତୋଷ କୁମାର ଷଡଙ୍ଗୀ, ଶୁସାନ୍ତ କୁମାର ରଥ, ବିଶ୍ୱରଂଜିତା ପ୍ରଧାନ ଓ ଜୋସ୍ନାମୟୀ ଜେନା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସି.ଆର.ସି.ସି ସୂର୍ଯ୍ୟକାନ୍ତ ବେହେରା ଓ ନରେଶ ପଣ୍ଡା ଶିବିର ପରିଚାଳନା କରିଥିଲେ । ବ୍ଲକ ଶିକ୍ଷାଅଧିକାରିଣୀ ଶ୍ରୀମତୀ ସି.ଏଚ୍ ବିଜୟା ଲକ୍ଷ୍ମୀ, ବି.ଆର.ସି.ସି ଶ୍ରୀଯୁକ୍ତ ପ୍ରଭାତ କୁମାର ସେଠୀ ଓ ପ୍ରଶିକ୍ଷଣ ଚାଲିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରା ଶିବିରରେ ଯୋଗଦାନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ କିପରିଭାବେ ବିଦ୍ୟାଳୟ ମାନଙ୍କରେ ପ୍ରତିଫଳିତ ହେବ ସେଥିପାଇଁ ସମସ୍ତେ ଚେଷ୍ଟିତ ହେବା ସହ ପୁଅ ଝିଅ ମଧ୍ୟରେ ସାମାଜିକ ଲିଙ୍ଗ ବିଭେଦତା ନରଖି ସମସ୍ତଙ୍କୁ ଏକାଠି ନେଇ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟରୁ ହିଁ ପିଲାମାନେ ଏହି ଧାରଣା ନେଇ ବଡିଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ହୋଇପାରିବ । ପରିଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ତାଳଚେର(ଭାସ୍କର ନ୍ୟୁଜ): ତାଳଚେର କଲେଜ୍ ପଡିଆ ଠାରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ଏଣୁ କୃଷକମାନେ ଏହି ମେଳାକୁ ଆସି ଏଠାରେ ମିଳୁଥିବା ବିଭିନ୍ନ ସୁଯୋଗ ନେବାକୁ ବିଧାୟକ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ କଣିହାଁ ପଂଚାୟତ ସମିତିର ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲ୍ଲିପ୍ କୁମାର ମିଶ୍ର, ଅନୁଗୋଳ କୃଷି ଶିଳ୍ପ ନିଗମର ଜିଲ୍ଲା ପରିଚାଳକ ନାରାୟଣ ଚନ୍ଦ୍ର ସାହୁ, ତାଳଚେର ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ, ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରମୋଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ ସୁବିଧା ବିଷୟରେ ଆଲୋକପାତ କରିଥିଲେ । ପାଲଲହଡାର ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ବ୍ରଜବନ୍ଧୁ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଅଶୋକ କୁମାର ମହାନ୍ତି, ମାନଗୋବିନ୍ଦ ସାହୁ, ଅବିନାଶ ପ୍ରଧାନ, କଣିହାଁ କୃଷି ଅଧିଦର୍ଶକ ସୁନିଲ କୁମାର ଶତପଥି, ମନୋଜ ଶତପଥି, ବିଜୟ କେତନ ପିଙ୍ଗୁଆ, ମନ୍ମଥ ନାଥ, ବୁଦ୍ଧଦେବ ଦାସ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଆଜିଠାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି । ଏଣୁ ବହୁ ସଂଖ୍ୟାରେ କୃଷକମାନେ ଏହି କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ଏହାର ଲାଭ ଉଠାଇବାକୁ ତାଳଚେର ଜିଲ୍ଲା କୃଷି ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

# ଦୁର୍ଘଟଣାରେ ଯୁବକଙ୍କ ମୃତ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ କୁରୁଜଙ୍ଗା ଗ୍ରାମପଞ୍ଚାୟତ ସବଳକଣା ଗ୍ରାମର ଜଣେ ଯୁବକର ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଛି । ତାଙ୍କର ମୃତ୍ୟୁକୁନେଇ ସାଧାରଣରେ ଗଭୀର ଶୋକର ଛାୟା ଖେଳିଯାଇଛି । ଗତ କାଲି ରାତ୍ରରେ ସବଳକଣା ଗ୍ରାମର ତ୍ରିଲୋଚନ ସେଠୀଙ୍କ ଏକମାତ୍ର ପୁତ୍ର ଦୀପକ କୁମାର ସେଠୀ (୨୦) ତାଙ୍କର ପଲସର ଗାଡି ନମ୍ବର ଓଡି ୦୫ବି ଡବ୍ଲୁ ୪୩୧୮ ଯୋଗେ ସ୍ଥାନୀୟ କୁରୁଜଙ୍ଗା ବଜାରରୁ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ତାଙ୍କ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେବା ଯୋଗୁ ଭାରସାମ୍ୟ ହରାଇ ଦୀପକ ଗାଡି ସହ କେନାଲ ମଧ୍ୟରେ ପଡି ଯାଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଂଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏସମ୍ପର୍କରେ ତାଙ୍କର ପିତା ତ୍ରିଲୋଚନ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଭଦ୍ରେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି । ଭଦ୍ରେଶ୍ୱର ଥାନା ପୋଲିସ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ତାଙ୍କର ଶବ ବ୍ୟବଛେଦ ହୋଇ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଛି । ତାଙ୍କର ମୃତ୍ୟୁରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ନାହାଙ୍ଗ ଗ୍ରାମପଞ୍ଚାୟତ ପ୍ରାକ୍ତନ ସରପଂଚ ଭାଗବତ ପ୍ରସାଦ ସେଠୀ, କୁରୁଜଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ କମଳାକାନ୍ତ ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ସ୍ଥାନିତ ହେବ ପ୍ରୀତିସ୍ମିତାଙ୍କ ପ୍ରକଳ୍ପ



ବାରିପଦା(ଭାସ୍କର ନ୍ୟୁଜ): ବଡ଼ସାହି ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ,୨୦୨୪-୨୫ ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରଦର୍ଶନୀରେ ଶତାଧିକ କୁନି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ର ବିଜ୍ଞାନ ଶିକ୍ଷୟତ୍ରୀ ରୋଜାଲିକା ଗିରି ଓ ଗଣିତ ଶିକ୍ଷକ ଦୀପକ ରାମଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ପ୍ରୀତିସ୍ମିତା ଦାସଙ୍କ ପ୍ରକଳ୍ପ ଫଳ ତୋଳିବା ଉପକରଣ ଉପବିଷୟବସ୍ତୁ ରିସର୍ସ ମେନେଜମେଣ୍ଟରେ ସମଗ୍ର ବଡ଼ସାହି ବ୍ଲକରେ ପ୍ରଥମ ହୋଇ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ,୨୦୨୪-୨୫ରେ ଅଂଶଗ୍ରହଣ କରିବା ପାଇଁ ସୌଭାଗ୍ୟ ଲାଭ କରିଛନ୍ତି । ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ଶିକ୍ଷକ ଦୀପକ ରାମ, ପିଇଟି ପାର୍ଥସାରଥୀ ଜେନା, ଶିକ୍ଷୟତ୍ରୀ ରୋଜାଲିକା ଗିରି, ରେଖା ରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସର ମେଟ୍ରୋନ ସୁକାନ୍ତୀ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମିନି କମିଟି ର ସମସ୍ତ ସଦସ୍ୟ, ସିଆରସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ପ୍ରୀତିସ୍ମିତା ଦାସଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ଦୁର୍ଘଟଣାରେ ପତ୍ନୀ ମୃତ, ସ୍ୱାମୀ ଆହତ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ଋନ୍ଦପଡା ଗ୍ରାମର ଶିକ୍ଷକ ପ୍ରଭାକର ଜେନା ନିଜର ପତ୍ନୀ ସୁକାନ୍ତୀ କୁମାରୀ ଜେନା ୪୬ବର୍ଷଙ୍କୁ ନିଜ ମଟରସାଇକେଲ୍‌ରେ ବସାଇ ଗ୍ରାମରୁ କଣାସ ବଜାରକୁ ଯାଉଥିବା ସମୟରେ ନୂଆପଡା ଗ୍ରାମ ନିକଟରେ ଏକ ବାଛୁରି ଆସି ମଟରସାଇକେଲ୍‌ରେ ଧକା ହେବାରୁ ସ୍ୱାମୀ ସ୍ତ୍ରୀ ଛିଟିକି ଯାଇ ତଳେ ପଡିଥିଲେ । ସୁକାନ୍ତି ଓ ପ୍ରଭାକର ଗୁରୁତ୍ୱ ଆହତ୍ ହୋଇଥିବା ସଂଗେ ସଂଗେ ଚିକିତ୍ସା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସୁକାନ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ସୁକାନ୍ତିଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲା ।

# ହାଟ-ବିରଜା ପ୍ରକଳ୍ପ ସପକ୍ଷବାଦୀ ମୁହାଁମୁହିଁ: ଉତ୍ତେଜନା ନେଇ ପୋଲିସ ମୁତୟନ

ଯାଜପୁର(ଭାସ୍କର ନ୍ୟୁଜ): ବିରଜା ପ୍ରକଳ୍ପର ସୁରକ୍ଷା ପାଇଁ ବୁଧବାର ଦିନ ବିରଜା ହାଟ ପୁନଃ ସ୍ଥାପନା ବିରୋଧରେ ବୁଢା ଘାଟ ସେତୁ ନିକଟରେ ରାସ୍ତା ରୋକ ଆନ୍ଦୋଳନ ଚାଲିଥିବାବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଗାଡ଼ି ଉପରେ ଆନ୍ଦୋଳନକାରୀଙ୍କ ଆକ୍ରମଣ ଘଟଣା ପରେ ଯାଜପୁର ଅଶାନ୍ତ ହୋଇଛି । ସନ୍ତୁମାଧବରୁ ବର୍ତ୍ତମାନର ହାଟକୁ ମୂଳ ହାଟ ସ୍ଥାନକୁ ଫେରାଇ ଆଣିବାକୁ କିଛିଦିନ ହେଲା ବହୁ ବ୍ୟବସାୟୀ ଉଦ୍ୟମ କରୁଛନ୍ତି । ବିରଜା ମନ୍ଦିର ପ୍ରକଳ୍ପ ଏହା ଦ୍ୱାରା ଆଦୌ ପ୍ରଭାବିତ ହେବ ନାହିଁ ବୋଲି କେତେକ ମତ ରଖି ପୁରୁଣା ସ୍ଥାନରେ ପୁଣି ହାଟ କରିବାକୁ ଗୋଟିଏ ଗୋଷ୍ଠୀ ଦାବି କରୁଛନ୍ତି । ଏହି ହାଟ ବିବାଦକୁ ନେଇକୁ ରାଜନୀତି ମଧ୍ୟ ସରଗରମ ହୋଇଛି । ବିରଜା ମନ୍ଦିର ପ୍ରକଳ୍ପ ସପକ୍ଷବାଦୀମାନେ ବସ୍ତୁତଃ ବିଜୁ ଜନତା ଦଳର ସମର୍ଥକ ହୋଇ ଥିବାବେଳେ ପୂର୍ବ ସ୍ଥାନରେ ପୁଣି ହାଟ ହେବାକୁ ଦାବି କରୁଥିବା ଓ ସନ୍ତୁମାଧବ ହାଟକୁ ବିରୋଧ କରୁଥିବା ବ୍ୟବସାୟୀ ଗୋଷ୍ଠୀ ଭାରତୀୟ ଜନତା ପାର୍ଟି ସମର୍ଥକ ହୋଇ ପଡିଛନ୍ତି । ଫଳରେ ଶାସକ ଦଳ ଓ ବିରୋଧୀ ଦଳ ଏଠାରେ ଦୁଇ ଗୋଷ୍ଠୀଙ୍କ ନେତୃତ୍ୱ ନେଇଯାଇଛନ୍ତି । ଗତକାଲି ଧର୍ମଶାଳା ବିଧାୟକ ଙ୍କୁ ଆକ୍ରମଣ କରିଥିବା ଲୋକ ବିଜେଡିର ବୋଲି ମଧ୍ୟ ଜଣାପଡିଛି । ଗିରଫ ହୋଇଥିବା ୧୦ ଜଣ ଯାକ ବିଜେଡିର ଆଗଧାଡିର ସଂଗଠକ ଅଟନ୍ତି । ଏଣେ ଆଜି ମଧ୍ୟ ପୁଣି ବିରଜା ହାଟର ବ୍ୟବସାୟୀଙ୍କୁ ବିରୋଧ କରି ବିଜେଡିର ସଂଗଠକ ଓ ସମର୍ଥକ ମାନଙ୍କ ସହିତ ବିଜେପି କର୍ମୀଙ୍କ ହାତାହାତି ହୋଇଥିବା ଦେଖାଯାଇଛି । ଗୁରୁବାର ପୂର୍ବ ସ୍ଥାନରେ ବିରଜା ହାଟ ହେବ ବୋଲି ଗତକାଲି ପ୍ରଚାର ପରେ ବ୍ୟବସାୟୀ ଓ ଚାଷୀ ମାନେ ହାଟରେ ପହଁଚି ଥିବା ବେଳେ ବିଜେଡିର ସମର୍ଥକ ମାନେ ଏହାକୁ ବିରୋଧ କରିବାରୁ ଉତ୍ତେଜନା ଦେଖାଯାଇଥିଲା । ପୋଲିସ ସେଠାରେ ପହଁଚି ଘଟଣାକୁ ନିୟନ୍ତ୍ରଣ କରିଥିବା ବେଳେ ଉପଜିଲ୍ଲାପାଳ ହାଟକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଥିଲେ । ଅନ୍ୟ ପକ୍ଷରେ ହାଟକୁ ବିରୋଧ କରୁଥିବା ବିଜେଡି ସମର୍ଥକମାନଙ୍କ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଆଜି ଏତଲା ହୋଇଛି । ଅଭିଯୋଗକାରୀଙ୍କ ମଧ୍ୟରେ ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ବଳଭଦ୍ର ଦାସ, କାଉନସିଲ ଶେଖ୍ ମୁର୍ତାଜାଙ୍କ ସମେତ ଅନେକ ବିଜେଡି ସଂଗଠକଙ୍କ ନାମ ରହିଛି । ଏହି ଘଟଣା ପରଠାରୁ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଲାଗି ରହିଛି । ଯାଜପୁର ଟାଉନ୍‌ରେ ମଧ୍ୟ ବିପୁଳ ପୋଲିସ ମୁତୟନ ହୋଇଛନ୍ତି ।

# ଆଇସିକ୍ୟୁସିସି ୨୦୨୪ ଆୱାର୍ଡ : ଟିପିସିଓଡିଏଲ୍ ଜିତିଲା ୯ ସ୍ୱର୍ଣ୍ଣ ପୁରସ୍କାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ସମ୍ମାନଜନକ ଇଣ୍ଟରନେସନାଲ୍ କନଭେନସନ୍ ଅନ୍ କ୍ୱାଲିଟି କଣ୍ଟ୍ରୋଲ୍ ସର୍କଲ୍ (ଆଇସିକ୍ୟୁସିସି) ୨୦୨୪ରେ ନଅଟି ସ୍ୱର୍ଣ୍ଣ ପୁରସ୍କାର ସହ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି । କାର୍ଯ୍ୟକ୍ରମକୁ ଶ୍ରୀଲଙ୍କାର କଲମ୍ବୋଠାରେ ଶ୍ରୀଲଙ୍କା ଆସୋସିଏସନ ଫର ଆଡଭାନ୍ସମେଣ୍ଟ ଅଫ କ୍ୱାଲିଟି ଆଣ୍ଡ୍ ପ୍ରଡକ୍ଟିଭିଟି ଦ୍ୱାରା ଆୟୋଜନ କରାଯାଇଥିଲା ଯେଉଁଥିରେ ଗୁଣାତ୍ମକ ମାନ, ଉତ୍ପାଦକତା ଓ ନବସୃଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମ୍ମିଳନୀର ବିଷୟବସ୍ତୁ ଥିଲା ବିୟଣ୍ଡ ବାଉଣ୍ଡ୍ରିଜ: ଏ କ୍ୱେଷ୍ଟ ଫର କ୍ୱାଲିଟି, ପ୍ରଡକ୍ଟିଭିଟି ଆଣ୍ଡ ଇନୋଭେସନ, ଯେଉଁଥିରେ ୧୪ଟି ଦେଶରୁ ୧୦୮୩ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଟିପିସିଓଡିଏଲ୍‌ର କାର୍ଯ୍ୟକ୍ଷେତ୍ରରେ ଗୁଣାତ୍ମକ ମାନ, ଉତ୍ପାଦକତା ଓ ନବସୃଜନରେ ଉନ୍ନତି ଆଣିବା ଲାଗି ଟିମ୍ ପକ୍ଷରୁ ଉଲ୍ଲେଖନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, ଗୁଣାତ୍ମକ ମାନ ଓ ଦଳଗତ କାର୍ଯ୍ୟରେ ଉତ୍କର୍ଷ ପ୍ରଦର୍ଶନ କରି ଆଇସିକ୍ୟୁସିସିରେ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଥିବା ସମସ୍ତ ଟିମକୁ ମୁଁ ଅଭିନନ୍ଦନ ଜଣାଉଛି । ଆମେ ବିଶ୍ୱାସ କରୁଛୁ ଯେ କ୍ୱାଲିଟି ସର୍କଲର ସମ୍ପ୍ରସାରଣ କର୍ମଚାରୀଙ୍କ ସମ୍ପୃକ୍ତିକୁ ସୁଦୃଢ଼ କରିବ ଏବଂ ଆମର ଗ୍ରାହକ କୈନ୍ଦ୍ରିକ ଲକ୍ଷ୍ୟକୁ ଆଗକୁ ବଢ଼ାଇବ । ଏହି ଉପଲବ୍ଧି ନିରନ୍ତର ଉନ୍ନତି ଓ ନବସୃଜନର ଏକ ସଂସ୍କୃତି ଦ୍ୱାରା ପରିଚାଳିତ ହୋଇ ଗ୍ରାହକମାନଙ୍କୁ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ପ୍ରତି ଟିପିସିଓଡିଏଲ୍‌ର ରହିଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ।

# ମକର ମହୋତ୍ସବ କମିଟିର ସଭାପତି ହେଲେ ନୂତନ ବିଧାୟକ




ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠରେ ଜାନୁଆରି ମାସ ୧୪ ରିଖରେ ହେବାକୁ ଥିବା ମକର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ବିଧାୟକ ପ୍ରଦୀପ କୁମାର ସାହୁ ନୂତନ ଭାବେ ମକର ମହୋତ୍ସବ କମିଟିର ସଭାପତି ଭାବେ ଚୟନ କରଯାଇ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରରେ ସଂଯୋଜକ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ଟୁରିଷ୍ଟ ଅଫିସର ମିରାବାଇ ବେହେରା, ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ବିପିଏମ୍, ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ଅଗ୍ନିଶମ ଅଧିକାରୀ ତପନ କୁମାର ମହାନ୍ତି, ବିଦ୍ୟୁତ୍ ବିଭାଗ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ସିଡ଼ିପିଓ ପ୍ରମୋଦିନୀ ପଣ୍ଡା, କୃଷି ବିଭାଗ ଅଧିକାରୀ ଗଣେଶ୍ୱର ରଥ, କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା, ଶୁଭକାନ୍ତ ମହାପାତ୍ର, ମଧୁ ସୂଦନ ସୁବୁଦ୍ଧି ଓ ସମ୍ପାଦକ ଦିଲ୍ଲିପ କୁମାର ମହାପାତ୍ରଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ହୋଇ ମହୋତ୍ସବକୁ ପ୍ରଶାସନିକ ସ୍ତରରେ ସହଯୋଗ କରିବା ପାଇଁ ମତ ପ୍ରକାଶ କରିଥିଲେ । ନୂତନ ଦାୟିତ୍ୱ ନେଇଥିବା ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ ଯେ ମହୋତ୍ସବକୁ ଶୃଙ୍ଖଳିତ, ସରସ, ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମତ ପ୍ରକାଶ କରିଥିଲେ ।

# ଶତାୟୁ ବୃଦ୍ଧାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତ ଓଥକା ଗ୍ରାମର ଶତାୟୁ ବୃଦ୍ଧା ଉମା ମହାପାତ୍ରଙ୍କ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟାନିକଟରେ ତାଙ୍କର ପୁତ୍ର ପୁତ୍ରବଧୂ ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ୍ନ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା । ତାଙ୍କର କନିଷ୍ଠ ପୁତ୍ର କୈଳାସ ମହାପାତ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ମଧୁସ୍ମିତା ରାଉତ, ଯୁବନେତା ଅଚ୍ୟୁତାନନ୍ଦ ପଣ୍ଡା, ସମାଜସେବୀ ରଞ୍ଜନ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ପଣ୍ଡା, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ‘ଚଇତି’ ପାଇଁ ପ୍ରସ୍ତୁତି ବୈଠକ



ରାୟଗଡ(ଭାସ୍କର ନ୍ୟୁଜ): ରାୟଗଡ ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ଚଇତି - ୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ଜିଲ୍ଲାସଂସ୍କୃତି ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲାପାଳ ରାୟଗଡ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତକ୍ଷରେ ସ୍ଥାନୀୟ ବିଜୁ ପଟନାୟିକ ଆଡିଟରିୟମରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଧାୟକ ରାୟଗଡ ଅପ୍ପଳ ସ୍ୱାମୀ କଦ୍ରାକ, ଗୁଣୁପୁର ବିଧାୟକ, ସତ୍ୟଜିତ ଗମାଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସହାତ, ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରୀୟ ଚଇତି ଆସନ୍ତା ଡିସେମ୍ବର ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୬ତାରିଖରୁ ୩୦ତାରିଖ ଯାଏଁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୫ଦିନ ଧରି ଅନୁଷ୍ଠିତ ହେବ । ଏହା ପୂର୍ବରୁ ସ୍ଥାନୀୟ ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡ ଅକ୍ଷର ବ୍ରହ୍ମ ମନ୍ଦିରରୁ ମନ୍ଦିର କର୍ତ୍ତୃପକ୍ଷଙ୍କ ସମତିରେ ଆୟୋଜନ କରାଯିବ । ଏହାପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ । ଚଇତିର ଉପଦେଷ୍ଟା ମଣ୍ଡଳୀ ବୈଠକର ନିଷ୍ପତି ପ୍ରକାରେ ବିଭିନ୍ନ ଉପସମିତି ମାନ ଗଠନ କରାଯାଇଛି । ପ୍ରତ୍ୟେକ ଉପାସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପୃଥକ ପୃଥକ ଭାବରେ ବୈଠକ ଡାକି ନିଷ୍ପତ୍ତି ନେବେ ଓ ବଜେଟ ପ୍ରସ୍ତୁତ କରିବେ । ବୈଠକରେ ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ବୁଦ୍ଧିଜୀବି ସଂସ୍କୃତି ସମ୍ପନ୍ନ ବ୍ୟକ୍ତି, କଳାକାର, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତନିଧି ଆଦି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ଝରୀଗାଁ(ଭାସ୍କର ନ୍ୟୁଜ): ଝରୀଗାଁ ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ଅତିରିକ୍ତ ଶିକ୍ଷା ଅଧିକାରୀ ଦଶରଥ ଗଣ୍ଡ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ବିଶୋଇ ମଞ୍ଚାସିନ ରହିଥିଲେ । ମୁଖ୍ୟ ବକ୍ତା ଭାବେ ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ରୋହିଣୀ ହଜାରୀ ପ୍ରମୁଳା ମଞ୍ଚାସିନ ରହି କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ବିଜ୍ଞାନ ମେଳାରେ ବିଭିନ୍ନ ୭୭ଟି ବିଦ୍ୟାଳୟରୁ ୭ଟି ବିଭାଗର ୯୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରକଳ୍ପ ଗୁଡିକୁ ବିଭିନ୍ନ ବିଦ୍ୟାଳୟର ୧୩୭ଜଣ ଛାତ୍ରଛାତ୍ରୀ ଆଣିଥିଲେ ଓ ସେମାନଙ୍କୁ ୮୬ଜଣ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ । କୃତି ପ୍ରକଳ୍ପ ଚୟନରେ ବିଚାରକ ଭାବେ କଲେଗାଁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱନାଥ ସାହୁ ଓ ଡଙ୍ଗରୀଗୁଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବାନନ୍ଦ ସାହୁ ନିୟୋଜିତ ରହିଥିଲେ ।୯୯ଗୋଟି ପ୍ରକଳ୍ପ ମଧ୍ୟରୁ ୭ଗୋଟି ପ୍ରକଳ୍ପକୁ ଚୟନ କରାଯାଇଛି । କାର୍ଯ୍ୟକ୍ରମ ଶେଷରେ ସିଆରସିସି ପ୍ରେମଦାସ ପନକା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ସହଯୋଗ କରିଥିଲେ ।



# ତାଳଚେରରେ ସରିଲା କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ଭସାଣି

ତାଳଚେର(ଭାସ୍କର ନ୍ୟୁଜ): ତାଳଚେରରେ ପ୍ରଭୁ ଶ୍ରୀକାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ପୂଜା ଗତ ପଞ୍ଚୁକ ଦିନ ଠାରୁ ଆରମ୍ଭ ହୋଇ ଦୀର୍ଘ ୧୧ ଦିନ ପୂଜା ପାଇବା ପରେ ବୁଧବାର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଶେଷ ଆକର୍ଷଣ ଲଡୁ ନିଲାମରେ ୭୫ କିଲୋ ଓଜନର ଲଡୁକୁ ୫୮ହଜାର ୮୦୦ଟଙ୍କାରେ ନିଲାମ ଡାକି କାରିଗରପଡାର ଅମିତ ସୁମିତ ରୋଡ୍ ଲାଇନ ସଂସ୍ଥା ନିଲାମ ନେଇଥିବା ଜଣାପଡିଛି । ତାଳଚେର ନଗର କାର୍ତ୍ତିକ ପୂଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୁତିଆ ଯୋଗ ଦେଇ ଭାଇଚାରାର ସହରରେ ଗଣେଶ ପୂଜା ପରି ପ୍ରଭୁ କାର୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ପୂଜା କରି ତାଳଚେରର କଳା ସଂସ୍କୃତିକୁ ବଜାୟ ରଖିବା ସହିତ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିବା ସହ ଲଡୁ ବିଜେତା ଅମିତ ସୁମିତ ରୋଡ୍ ଲାଇନ ସଂସ୍ଥାକୁ ଲଡୁ ଓ ଆଞ୍ଜା ମାଳକୁ ଅର୍ପଣ କରିଥିଲେ ଓ ଭସାଣୀ




ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଦିବା ୧୨ ଘଟିକାରେ ତାଳଚେର ନଗର କାର୍ତିକ ପୂଜା କମିଟି ପକ୍ଷରୁ ସଭାପତି ଦେବୀ ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ସାଧାରଣ ସଂପାଦକ ପ୍ରକାଶ ମହାରଣା ବିବରଣୀ ପ୍ରଦାନ କରିଥିଲେ । ଅତିଥି ଓ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଭସାଣୀ ଶୋଭାଯାତ୍ରାର ଉଦଘାଟନ କରିଥିଲେ ଏବଂ ଶାନ୍ତିଶୃଙ୍ଖଳାର ସହିତ ଭସାଣୀ ପର୍ବ ପାଳନ କରିବା ପାଇଁ ସମସ୍ତ ମେଢଗୁଡିକୁ ନିବେଦନ କରିଥିଲେ । ଉପସଭାପତି କେଶବ ଭୁତିଆ ମଂଚ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ, ଡିଗଲ ମିଶ୍ର, ବଜରଙ୍ଗ ଅଗ୍ରୱାଲା, ଆନନ୍ଦ ମହାରଣା, ସର୍ବେଶ୍ୱର କୁଅଁର, ପ୍ରଫୁଲ ଦାସ(ବିଦ), ମିଡିଆ ସେଲ ସଂଯୋଜକ ତପନ କୁମାର ମହାରଣା ମଂଚ ଉପରେ ଉପସ୍ଥିତ ରହି ଭସାଣୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । କମିଟି ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତାଳଚେର ଏସଡ଼ିପିଓ ମାନସ ରଞ୍ଜନ ବାରିକଙ୍କ ନେତୃତ୍ୱରେ ତାଳଚେର ସଦର ଆଇଆଇସି ଦିଗ ବିଜୟ ବିଶ୍ୱାଳ ଓ ବିଭିନ୍ନ ଥାନାରୁ ଆସିଥିବା ଅଧିକାରୀ ସମେତ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ଅନ୍ୟପକ୍ଷରେ ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ବିଭିନ୍ନ କମିଟିର କର୍ମକର୍ତା ଡିଜେ ବ୍ୟବହାର ନିଷେଧ ସହ ଡାକବାଜି ଯନ୍ତ୍ରର ଧ୍ୱନୀ ସୀମା ୬୫ ଡେସିବିଲ ମଧ୍ୟରେ ସମିତ ରଖିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ହେଁ ଏଥିରେ କେତେକ ସ୍ଥାନରେ ବ୍ୟତିକ୍ରମ ମଧ ଦେଖିବାକୁ ମିଳିଥିଲା । ସମସ୍ତ ମେଢ଼ରେ କାନଫଟା ଶବ୍ଦରେ ମାଇକ୍ ବଜାଇ ଯାଉଥିବା ଦେଖିବାକୁ ମିଳିଥିଲା । ତେବେ କେନ୍ଦ୍ରୀୟ କମିଟି ଓ ପ୍ରଶାସନର ମିଳିତ ସହଯୋଗରେ ନିର୍ଦ୍ଧାରିତ ସମୟ ମଧରେ ପ୍ରଭୁ ଶ୍ରୀ କାର୍ତିକେଶ୍ୱରଙ୍କ ଭସାଣୀ ଶୋଭାଯାତ୍ରା ସମ୍ପନ୍ନ ହୋଇଥିବା ଜଣାପଡିଛି ।

# ଷ୍ଟ୍ରୀଟ୍ ଲାଇଟ ଅଚଳ: ମରାମତି ଦାବି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ବଜାର ଓ ସାପ୍ତାହିକ ହାଟର ଷ୍ଟ୍ରିଟ ଲାଇଟ ଗୁଡିକ ଅଚଳ ହୋଇ ପଡିଥିବାର ଅଭିଯୋଗ ହୋଇଛି । ଅଚଳ ଲାଇଟ ଗୁଡିକୁ ସଚଳ କରାଯିବା ଦିଗରେ ବିଭାଗୀୟ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟର ଏକ ପେଣ୍ଠସ୍ଥଳୀ ଅଟେ । ସେହିପରି ଭାବେ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ କଟକ ଜିଲ୍ଲାର ସର୍ବ ବୃହତ ହାଟ ଅଟେ । ଦୈନନ୍ଦିନ ଏହି ହାଟ ଓ ବଜାରକୁ ଶହ ଶହ ସଂଖ୍ୟାରେ ଖାଉଟି ବ୍ୟବସାୟୀ ଚାଷୀ ସର୍ବୋପରି ସ୍କୁଲ କଲେଜ ଛାତ୍ରଛାତ୍ରମାନେ ଆସିଥାନ୍ତି । ଏଠାରେ ନିଶ୍ଚିନ୍ତକୋଇଲି ବ୍ଲକ, ଥାନା, ତହସିଲ, ଅଦାଲତ, ମେଡିକାଲ, ୨-୩ଟି ମହାବିଦ୍ୟାଳୟ ଓ ଏକାଧିକ ଜାତୀୟକରଣ ବ୍ୟାଙ୍କ ରହିଛି । ଏହି ହାଟ ଓ ବଜାରର ସମସ୍ୟାକୁ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ୟମ କ୍ରମେ ଉଭୟ ହାଟ ଓ ବଜାରକୁ ଉଜ୍ଜଳ ଆଲୋକୀକରଣ ସାମିଲ କରାଯାଇଥିଲା । ଲକ୍ଷାଧିକ ଟଙ୍କା ବ୍ୟୟରେ



ଷ୍ଟ୍ରିଟ ଲାଇଟ ସ୍ଥାପନ କରାଯାଇଥିଲା । ମାତ୍ର ପ୍ରାୟ ୧୫ଦିନ ହେଲା ହାଟ ଓ ବଜାରରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଅଚଳ ହୋଇପଡିଥିବାର ଅଭିଯୋଗ ହୋଇଛି । ଫଳରେ ହାଟ ବଜାର ବ୍ୟବସାୟୀ ଓ ଖାଉଟିମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ଅନ୍ଧାରର ସୁଯୋଗ ନେଇ ଏହି ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଏହି ଲାଇଟ ଗୁଡିକୁ ସଚଳ କରାଯିବା ଦିଗରେ ସ୍ଥାନୀୟ ଟାଟା ପାୱାର ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ଅଚଳ ଲାଇଟ ଗୁଡିକୁ ସଚଳ କରାଯିବା ନିମନ୍ତେ ବ୍ୟବସାୟୀ ସଙ୍ଘର ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ରାମଚନ୍ଦ୍ର ସାହୁ,ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଦୃଢ ଦାବି କରିଛନ୍ତି ।

# ଚୋରା କାଠ ସହ ଗାଡି ଜବତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁଣି ସକ୍ରିୟ ଚୋରା କାଠ ବେପାରୀ । ବେଆଇନି କାଠ ଚୋରା ଚାଲାଣ ବେଳେ ଏକ ଆଇଚର ଗାଡି ସହିତ କାଠ ଜବତ ହୋଇଥିବା ଜଣାପଡିଛି । ଏପରି ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧିନ



ଅସ୍ତରଙ୍ଗ ରୁ ଚାରିଛକ ମୁଖ୍ୟରାସ୍ତା ତୁଳସୀପୁର ନିକଟରେ ଆଇଚର ଗାଡି (ଓଡି ୦୨ଏଭି ୬୩୬୫)ଜବତ କରିବା ସହ ଚାଲାଣ ହେଉଥିବା କୁରୁମ ଓ ହଳଦୁ ମୂଲ୍ୟବାନ କାଠ ଜବତ କରିଛି ଅସ୍ତରଙ୍ଗ ବନବିଭାଗ । ସୂଚନା ଅନୁଯାୟୀ ଅସ୍ତରଙ୍ଗ ପଟୁ ଏକ ଆଇଚର ଗାଡ଼ିରେ ଚୌକାଠ ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଓ ବନପାଳ ବବୁଲ ମଲ୍ଲିକଙ୍କ ସହ ବନକର୍ମଚାରୀ ଗାଡିକୁ ତୁଳସୀପୁର ନିକଟରେ ଧରିଥିଲେ ।ଉକ୍ତ ଜବତ ଗାଡିଟି ବନବିଭାଗ କାର୍ଯ୍ୟାଳୟ ରେ ରହିଛି ବୋଲି ସୂଚନା ମିଳିଛି ।

# ବ୍ଲକ୍‌ସ୍ତରୀୟ ମେଳାରେ ୧୦୨ ପ୍ରକଳ୍ପ ପ୍ରଦର୍ଶିତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଗୁରୁବାର ଅନୁଷ୍ଠିତ ହୋଇ ୧୦୨ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ସଭାପତିତ୍ୱରେ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅନୁଷ୍ଠିତ ଏହି ମେଳାକୁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ସଞ୍ଜିବ ମଲ୍ଲିକ ଉଦଘାଟନ କରିଥିଲେ ।



ଏଥିରେ ପ୍ରଧାନଶିକ୍ଷକ ଡଃ ଆଶୁତୋଷ ବଳ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାପ୍ରିୟଦର୍ଶନୀ ଯେନା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗୋଷ୍ଠୀ ଶିକ୍ଷାସଂଯୋଜକ ଅକ୍ଷୟ କୁମାର ଜେନା, ଏବିଇଓ ଉମେଷ ଯେନା, ମଞ୍ଜୁଳା ନାୟକ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାର ଉପଯୋଗୀତା ଓ ଉତ୍କର୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଗୋଷ୍ଠୀ ବିଜ୍ଞାନ ସଂଯୋଜକ ତଥା ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ମାୟାଧର ଦାଶ ଅତିଥି ପରିଚୟ ଓ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳାରେ ଉପ୍ରା ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ୫୪ଟି ଓ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀମାନେ ୪୮ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ଚନ୍ଦ୍ର ପତ୍ରୀ ଓ ଅନ୍ତର୍ଯ୍ୟାମୀ ଓଝା ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ । ସରସଦା ହାଇସ୍କୁଲ ଛାତ୍ରୀ 'ସ୍ମାର୍ଟ ହାଉସ' ପ୍ରକଳ୍ପ ପାଇଁ ୧ମ ସ୍ଥାନ ହାସଲ କରିଥିଲେ । ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ଛାତ୍ର ରଜତ କୁମାର ଜେନା 'ସେଲ୍ଫ ଭେହିକିଲ ପାର୍କିଂ ବ୍ୟବସ୍ଥା' ପ୍ରକଳ୍ପ ପାଇଁ ୨ୟ, କଣ୍ଟି ହାଇସ୍କୁଲ ଛାତ୍ରୀ ମଧୁସ୍ମିତା ବେହେରା 'ସମନ୍ୱିତ କୃଷି' ପ୍ରକଳ୍ପ ପାଇଁ ୩ୟ, ଶରଦପୁର ଆଞ୍ଚଳିକ ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀ ଲିପ୍ସା ମହାପାତ୍ର 'ଜଳ ଶୁଦ୍ଧତା ପ୍ରକ୍ରିୟାକରଣ' ପ୍ରକଳ୍ପ ପାଇଁ ୪ର୍ଥ, ଝୁଟୁଣା ଉପ୍ରା ବିଦ୍ୟାଳୟ ଛାତ୍ର ବୈଶାଖି ସୂତାର 'ମିନି କମ୍ପ୍ୟୁଟର' ପ୍ରକଳ୍ପ ପାଇଁ ୫ମ, ବିଶୋଳ-କୁଲଣା ମୈତ୍ରୀ ଉଚ୍ଚବିଦ୍ୟାପୀଠ ଛାତ୍ର ବିଶ୍ୱଜିତ ପଣ୍ଡା 'ୱାଟର ସାଇକେଲ' ପ୍ରକଳ୍ପ ପାଇଁ ୬ଷ୍ଠ ଓ ବିରୋଳି ଉପ୍ରା ବିଦ୍ୟାଳୟ ଛାତ୍ରୀ ଲିପ୍ସା ଜେନା 'ଖାଦ୍ୟ, ସ୍ୱାସ୍ଥ୍ୟ ଓ ପରିମଳ' ପ୍ରକଳ୍ପ ପାଇଁପ୍ରକଳ୍ପ ପାଇଁ ୭ମ ସ୍ଥାନ ହାସଲ କରି ଜିଲ୍ଲାସ୍ତରରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିବା ଜଣାଯାଇଛି । ଏହା ସହ ମେଳାରେ ମୁକ୍ତ ବିଜ୍ଞାନ, ଗଣିତ ଓ ପରିବେଶ କୁଇଜ ଅନୁଷ୍ଠିତ ହୋଇଥିଲା । ସମସ୍ତ ଶିକ୍ଷା ସଂଯୋଜକ, ପ୍ରଧାନଶିକ୍ଷକ ଅଜୟ ନନ୍ଦ, ଭଗବାନ ପ୍ରଧାନ, କୈଳାସ ଚନ୍ଦ୍ର ସାମଲ, ପ୍ରସନ୍ନ ରଥ, ସୁଧାଂଶୁ ମିଶ୍ର, ଶିକ୍ଷକ ଶରତ ଥାଟୋଇଙ୍କ ସମେତ ଶିକ୍ଷାକାର୍ଯ୍ୟାଳୟ କର୍ମଚାରୀମାନେ ମେଳା ପରିଚାଳନା କରିଥିଲେ ।

## ଷୋଳପୁର ସ୍କୁଲରେ ମଧ୍ୟାହ୍ନ ଭୋଜନ କେଳେଙ୍କାରୀ ଘଟଣା

# ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକ ନାଗପୁର ପଞ୍ଚାୟତର ଷୋଳପୁର ଚର୍ଚ୍ଚିକା ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟ ରେ ଦୀର୍ଘ ଦିନ ହେବ ମଧ୍ୟାହ୍ନ ଭୋଜନରେ ବାରମ୍ବାର ଅନିୟମିତତାକୁ ଖବର ପ୍ରକାଶ ପାଇବା ପରେ ଏ ଗ୍ରାମବାସୀମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଦୁର୍ନୀତିକୁ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା ପ୍ରତ୍ୟେକ ଦିନ କେତେକ ହାତଗଣତି ପିଲା ଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ୧୩୦ରୁ ୧୬୫ ଜଣ ଶିଶୁଙ୍କ ନାମରେ ମଧ୍ୟାହ୍ନ ଭୋଜନ ଅର୍ଥ ହରିଲୁଟ୍ କରୁଛନ୍ତି । ବେଆଇନ୍ ଭାବେ ଅନଭିଜ୍ଞ ଶିକ୍ଷକମାନଙ୍କୁ ସ୍କୁଲରେ ପଢାଇବା ନିମନ୍ତେ ଅନୁମତି ଦେବା ସହିତ ନିଜେ ସ୍କୁଲକୁ ନଯାଇ ନିଜେ ଘରେ ଚାଲୁଥିବା କୋଚିଂ ସେଂଟରରେ ମାତିଥାଆନ୍ତି । ବେଆଇନ୍ ଭାବେ ରହିଥିବା ଅନଭିଜ୍ଞ ଶିକ୍ଷକମାନେ ପିଲାଙ୍କୁ ଭୁଲ ପାଠ ପଢାଇବା ସହ ମାରଧର କରୁଛନ୍ତି । ସମ୍ପୃକ୍ତ ପ୍ରଧାନଶିକ୍ଷକ ସରକାରୀ ଶିକ୍ଷକ ହୋଇ ମଧ୍ୟ ନିଜ ନାଗପୁର ସ୍ଥିତ ଘରେ ସକାଳ ଓ ସଂଧ୍ୟା ସମୟରେ କୋଚିଙ୍ଗ ସେଂଟର କରି ପିଲାଙ୍କୁ ଟ୍ୟୁସନ୍ କରୁଛନ୍ତି । କୋଚିଂ ସେଣ୍ଟର ସହିତ ଘରୋଇ ଟ୍ୟୁସନ୍, ବିଦ୍ୟାଳୟର ଅନେକ ଅନୁଦାନ ଅର୍ଥ ସହିତ ମଧ୍ୟାହ୍ନ ଭୋଜନକୁ ହରିଲୁଟ୍ କରି ନାଗପୁରରେ ନିଜର କୋଟି କୋଟି ଟଙ୍କାର ତିନି ମହଲା କୋଠା କରିଛନ୍ତି । କୋଭିଡ୍ ସମୟରେ ଶିଶୁ ମାନଙ୍କର ମଧ୍ୟାହ୍ନ ଭୋଜନ ଉଦ୍ଦେଶ୍ୟରେ ଆସୁଥିବା ରୋଷେଇ ଖର୍ଚ୍ଚ ଦୁଇ ଥର ଶିଶୁ ମାନଙ୍କ ଆକାଉଂଟରେ ଦେଇଛନ୍ତି ମାତ୍ର ଅନ୍ୟ ଅର୍ଥକୁ ନିଜେ ଉଠାଇ କେତେକ ଶିଶୁଙ୍କୁ ଅଳ୍ପ କିଛି ଦେଇ ଅବଶିଷ୍ଟ ଅର୍ଥକୁ ଚଳୁ କରିଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଅର୍ଥ ସରକାର କୋଭିଡ ସମୟରେ ଶିଶୁମାନଙ୍କ ଆକାଉଂଟକୁ ଛାଡିବାକୁ ନିର୍ଦ୍ଦେଶ ଥିବା ବେଳେ ଏହା କିପରି ନିଜେ ଉଠାଇଲେ ତାହା ଏବେ ସନ୍ଦେହ ଘେରରେ । ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଆୟ ବର୍ହିଃଭୂତ ସମ୍ପତି ଅନେକ ଥିବା ବେଳେ ଏହାର ତଦନ୍ତ କରିବା ନିହାତି ଜରୁରୀ । ଗତ ୦୪.୧୧.୨୦୨୪ ତାରିଖ ସୋମବାର ଦିନ ପ୍ରମାଣ ସ୍ୱରୂପ ୪୩ ଶିଶୁ ମଧ୍ୟାହ୍ନ ଭୋଜନ ଖାଉଥିବାର ଭିଡିଓ ଓ ଫଟୋ ଆମର ହସ୍ତଗତ ହୋଇଥିବା ବେଳେ ଅନେକ ବିଳମ୍ବରେ ସ୍କୁଲ ତରଫରୁ ୫୫ ଶିଶୁଙ୍କ ନାମ ଅନଲାଇନରେ ଦର୍ଶାଇଥିଲେ । ଯାହା ସନ୍ଦେହ କରାଯାଉଥିଲା ଯେ ସବୁଦିନ ଶତାଧିକ ଶିଶୁଙ୍କ ନାମ ମଧ୍ୟାହ୍ନ ଭୋଜନରେ ପକାଯାଉଥିବା ବେଳେ ଉକ୍ତ ଦିନି କିପରି ୫୫ ଶିଶୁ ଖାଇଲେ ତାହା ତଦନ୍ତ ସାପେକ୍ଷ । ବିଭିନ୍ନ ଖବର କାଗଜରେ ଖବର ପ୍ରକାଶନ ପରେ ବିଭାଗୀୟ ତଦନ୍ତ ହେବା ଜାଣି ସମ୍ପୃକ୍ତ ପ୍ରଧାନଶିକ୍ଷକ ଘର ଘର ବୁଲି ସମସ୍ତ ଶିଶୁ ମାନଙ୍କୁ ଡାକି ମଧ୍ୟାହ୍ନ ଭୋଜନ ସମୟରେ ସମସ୍ତ ଶିଶୁ ଙ୍କୁ ମଧ୍ୟାହ୍ନ ଭୋଜନ ସମୟରେ ବିଦ୍ୟାଳୟର ତାଲା ପକାଇ ଯେଉଁମାନେ କେବେ ବି ମଧ୍ୟାହ୍ନ ଭୋଜନ ଖାଆନ୍ତି ନାହିଁ ସେମାନଙ୍କୁ ବାଧ କରି ଖୁଆଇ ଥିଲେ । ଯାହାର ଫଳସ୍ୱରୂପ ମଧ୍ୟାହ୍ନ ଭୋଜନ ସମୟରେ ବିଭାଗୀୟ ତଦନ୍ତ ହୋଇଥିଲା ଏବଂ ଗୋପ ବ୍ଲକ ଶିକ୍ଷାବିଭାଗ ଓ ପ୍ରଧାନଶିକ୍ଷକ ନିଜକୁ ସଚ୍ଚୋଟ ଦେଖାଇବାକୁ ପ୍ରୟାସ କରିଥିଲେ । ଏ ନେଇ ଗ୍ରାମର ରଜନୀକାନ୍ତ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁରେଶ କୁମାର ମାଟି, ଦେବରାଜ ପରିଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପମୁଖ୍ୟମନ୍ତ୍ରୀ, ଏସପି ଭିଜିଲାନ୍ସ ଭୁବନେଶ୍ୱର, ଜିଲ୍ଲା ଶିକ୍ଷାଧିକାରୀ, ଗଣଶିକ୍ଷା ବିଭାଗ ସଚିବ, ଜିଲ୍ଲାପାଳ ପୁରୀ, ଗୋପ ବ୍ଲକ ଶିକ୍ଷାଧିକାରୀ, ଗୋପ ବିଡିଓଙ୍କୁ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଆକାରରେ ଜଣାଇଛନ୍ତି । ଏ ନେଇ ଗ୍ରାମବାସୀ କହିଛନ୍ତି ଯେ ଯଦି ଆଗାମୀ ୭ ଦିନ ମଧ୍ୟରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସେମାନେ ବିଦ୍ୟାଳୟରେ ତାଲା ପକାଇବା ସହିତ ଧାରଣାରେ ବସିବେ ।

# ଶିମିଳିପାଳ ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ

କରଞ୍ଜିଆ(ଭାସ୍କର ନ୍ୟୁଜ): ନଭେମ୍ବର ୧୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ତର ବନ୍ୟପ୍ରାଣୀ ଶିମିଳିପାଳ ବନଖଣ୍ଡ ପକ୍ଷରୁ ଶିମିଳିପାଳ ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି । ଶିମିଳିପାଳ ବନ୍ୟପ୍ରାଣୀ ଶିମିଳିପାଳ ବନଖଣ୍ଡ ଉପନିର୍ଦ୍ଦେଶକ ସାଇ କିରଣ ଡିଏନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ ବନ ସଂରକ୍ଷକ ନିକେଶ ମହାପାତ୍ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୃଥିବୀ ମାନଚିତ୍ରରେ ଏକ ମୁଖ୍ୟ ପରିଦର୍ଶନ ସ୍ଥଳୀ ଭାବରେ ଅଧିକାର ପାଇଥିବା ଶିମିଳିପାଳ ଅଭୟାରଣ୍ୟର ବନ୍ୟପ୍ରାଣୀ ସୁରକ୍ଷା,ଅଗ୍ନି ନିବାରଣ ବା ନିଷେଧ, ଜଙ୍ଗଲ ଗଛପତ୍ର ସୁରକ୍ଷା, ଜଙ୍ଗଲ ଜମି ଭୂମୀ ଅତିକ୍ରମଣ, ଜଳଉତ୍ସ ଗୁଡ଼ିକ ସୁରକ୍ଷା ଓ ପର୍ଯ୍ୟଟକଙ୍କୁ ଏହା ମଧ୍ୟରେ ଥିବା




ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖାଇବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଇତ୍ୟାଦି ବିଷୟରେ ସଚେତନତା ଚଳଚ୍ଚିତ୍ର ମାଧ୍ୟମରେ ସଚେତନ ବାର୍ତ୍ତା ପ୍ରେରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଇକୋ ଟୁରିଜିମ ହରିହର ମାଝୀ, ବନପାଳ ଅର୍ଜୁନ ମହାକୁଡ଼ ଏବଂ ୪ ଜଣ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିବା ବେଳେ ମାଷ୍ଟର ଟ୍ରେନର ରିସର୍ଚ୍ଚ ପର୍ସନ ସୁବ୍ରତ କୁମାର ବିଶ୍ୱାଳ ସଂଯୋଜନା କରିଥିଲେ । ଚଳଚ୍ଚିତ୍ର ନିଆଁ ଛାରଖାର କରେ ଦୁନିଆଁ ପ୍ରଦର୍ଶିତ ହୋଇଥିଲା । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଶିମିଳିପାଳ ମଧ୍ୟରେ ଓ ସଂଲଗ୍ନରେ ଥିବା ଗାଁ ଗୁଡିକରେ ଆଗେଇ ଚାଲିଛି । ଏହି କାର୍ଯ୍ୟକ୍ରମ ଗାଁ ଗୁଡ଼ିକର ଯୁବପିଢୀ, ସ୍ୱୟଂ ସହାୟକ ଦଳ ଓ ବୁଦ୍ଧିଜୀବି ମାନଙ୍କ ଦ୍ୱାରା ଆଦୃତ ଓ ଆକୃଷ୍ଟ ଲାଭ କରିଛି ।

# ବ୍ଲକ୍‌ର ୬ ପ୍ରମୁଖ ରାସ୍ତା ଆର୍‌ଡିକୁ ହସ୍ତାନ୍ତର

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ୬ ପ୍ରମୁଖ ରାସ୍ତା ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି । ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ମନମୋହନ ସାମଲ ଗତ ୯ ତାରିଖରେ ଗ୍ରାମ୍ୟ ଉନ୍ନୟନ ପ୍ରମୁଖ ସଚିବଙ୍କୁ ପଞ୍ଚାୟତ ସମିତିରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ସୁପାରଶ କରିଥିଲେ । ବିଭାଗୀୟ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସହକାରୀ ନିର୍ବାହୀଯନ୍ତ୍ରୀ ଗତ ୧୮ ତାରିଖ ପତ୍ର ସଂଖ୍ୟା ୩୫ ଯୋଗେ ବିଡିଓଙ୍କୁ ରାସ୍ତାର ସ୍ଥିତି, ଦୁର୍ନୀତି ମାମଲା ଓ ଅନ୍ୟାନ୍ୟ ସମସ୍ୟା ଆଦି ସମ୍ପର୍କରେ ଅବଗତ କରିବା ସହ ହସ୍ତାନ୍ତର ପାଇଁ ଅନୁରୋଧ କରିଥିଲେ । ତଦନୁଯାଇ ବିଡିଓ ୨୦ ତାରିଖ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୦୫୪ ଅନୁଯାୟୀ ଝୁଟୁଣା ପଞ୍ଚାୟତ ଅନ୍ତର୍ଗତ ଆର.ଡି. ରୋଡ ଠାରୁ ବଳିପୁର ଭାୟା ନମକଣା ରାସ୍ତା, ରହଣିଆ ପଞ୍ଚାୟତ ବୋଧପଡା ବିଲ ରାଉତସାହି ଠାରୁ କଣ୍ଟିପୋଲ ଭାୟା ନୂଆପୋଖରୀ ରାସ୍ତା, ନେରଡା ପଞ୍ଚାୟତର ଜାତୀୟ ରାଜପଥ ୧୬ ଠାରୁ ଯଶୋଟିକିରି ବୈତରଣୀ ନଦୀବନ୍ଧ ରାସ୍ତା, ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ସ୍କୁଲ ଠାରୁ ଝୁଟୁଣା ପଞ୍ଚାୟତ ମହେଶପୁର ଭାୟା ମେଘା ଓ ତୁଳପଦୀ ରାସ୍ତା, ତେସିଙ୍ଗା ପଞ୍ଚାୟତର ବିଶୋଳ ପୋଲ ଠାରୁ ମୋବାରକପୁର ଭାୟା ସାରୋ ରାସ୍ତା ଓ ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ପୁର୍ତ୍ତରାସ୍ତା ଠାରୁ ୪ନଂ କେନାଲ ରୋଡ ଭାୟା ଗୁହାଳିଆ ସ୍କୁଲ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଛନ୍ତି ।

# ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ୍'




କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ପାଞ୍ଚପିଢ଼ ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ-୨୦୨୪ ଯଶିପୁର ଅଙ୍ଗାରପଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ତଥା କରଞ୍ଜିଆ ଆଇଟିଡିଏ ଦ୍ୱାରା ପରିଚାଳିତ ୩୯ଟି ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟର ମନୋନୀତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ମାନିତ ଅତିଥି ମହୋତ୍ସବ କମିଟିର ସଭାପତି ତଥା କରଞ୍ଜିଆ ଆଇଟିଡିଏ ପିଏ ପ୍ରବୀଣ କୁମାର ବଣ୍ଡଆ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ନିମନ୍ତ୍ରିତ ଅତିଥି ଯଶିପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ ପ୍ରଧାନ, ଠାକୁରମୁଣ୍ଡା ଅଧିକାରୀ ସୁଶାନ୍ତ ସାହୁ, ରରୁଆଁ ଅଧିକାରୀ ସଞ୍ଜୟ ସୋରେନ, ପ୍ରିୟଦର୍ଶନୀ ପାତ୍ର ପ୍ରମୁଖ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦାପନା କରି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତାଟୋ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଦିତ୍ କୁମାର ନାୟକ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ପିଲାମାନଙ୍କ ମହୋତ୍ସବରେ ମୁଖ୍ୟତଃ ପ୍ରବନ୍ଧ ରଚନା, ବକ୍ତୃତା, ସ୍ଲୋଗାନ, କୁଇଜ୍, ପେଣ୍ଟିଂ, ଗୀତ, ନୃତ୍ୟ, ଏକାଙ୍କିକା, ଯନ୍ତ୍ରସଙ୍ଗୀତ, ଭଲିବଲ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କେତେକ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ମଧ୍ୟ ପ୍ରଦର୍ଶିତ କରିଥିଲେ । ଉକ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ମଞ୍ଚରେ ପୁରସ୍କୃତ କରିଥିଲେ । ଅଙ୍ଗାରପଦା ଏସ୍‌ଏସ୍‌ଡି ବାଳିକା ଆଶ୍ରମ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମୁକୁନ୍ଦ ମାରାଣ୍ଡି, ଠାକୁରମୁଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ତାଟୋ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ମଲ୍ଲିକ, ଅଙ୍ଗାରପଦା ବାଳକ ଆଶ୍ରମର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ସେଠୀ, ବାକରତଳା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, ସିଙ୍ଗାରପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ସିଂ, ଅଙ୍ଗାରପଦା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନ୍ମେଜୟ ମହାନ୍ତ, ଡୁମୁରିଆ ଆଶ୍ରମର ପ୍ରଧାନଶିକ୍ଷକ ଶାନ୍ତନୁ ଝରିଆଲ୍, ସାତକୋଶିଆ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ମହାନ୍ତ ପ୍ରମୁଖ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ମହୋତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ଡୁମୁରିଆ ଆଶ୍ରମ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ନିଳୀମା ସାଉ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନନ୍ତ ଡିଏଭିରେ ଲିଟ୍‌ରେଚର୍ କନ୍‌କ୍ଲେଭ୍



ତାଳଚେର (ଭାସ୍କର ନ୍ୟୁଜ୍): ଏମ୍‌ସିଏଲ୍, ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ଦ୍ୱାରା ବିଦ୍ୟାଳୟ ପରିସରରେ ଲିଟରେଚର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଏସ୍‌ଓଏଲ୍ ଆଣ୍ଡ ଆର୍ ନିରାକାର ଶତପଥୀ ଏବଂ ଜଗନ୍ନାଥ କ୍ଷେତ୍ରର ଏପିଏମ୍ ମାନସ ରଞ୍ଜନ ଜେନା, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର କାହ୍ନୁଚରଣ ପାଣି, ଇଂରାଜୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅଭୟ କୁମାର ମଲ୍ଲିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେରର ହିନ୍ଦୀ ଶିକ୍ଷକ ରାଧାମୋହନ ପୂଜାରୀ, ଡିଏଭି ପବ୍ଲିକ ସ୍କୁଲ, ଲିଙ୍ଗରାଜ କ୍ଷେତ୍ରର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି ଏବଂ ଅନନ୍ତ ଡିଏଭି ସ୍କୁଲର ଅଧକ୍ଷା ତଥା ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ସହଅଧିକାରିଣୀ ଜ୍ୟୋତି ମିଶ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆଜିର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉପସ୍ଥିତ ଅତିଥିମାନଙ୍କ ଗହଣରେ ବିଦ୍ୟାଳୟର ଅଧକ୍ଷା ଜ୍ୟୋତି ମିଶ୍ର ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ଳୋକ ଉଚ୍ଚାରଣ ଏବଂ ବିଦ୍ୱାନ ସାହିତ୍ୟିକଙ୍କ ଦ୍ୱାରା ସାହିତ୍ୟର ବିଭିନ୍ନ ଦିଗକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଧିରେନ୍ କୁମାର ପ୍ରଧାନ ଏବଂ ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲଙ୍କ ଦ୍ୱାରା ବିଭିନ୍ନ ପ୍ରଶ୍ନ ଜରିଆରେ ଉପସ୍ଥିତ ସାହିତ୍ୟ ବିଶାରଦଙ୍କ ଉତ୍ତର ଲୋଡୁଥିବା ବେଳେ ଛାତ୍ରଛାତ୍ରୀମାନେ ସେମାନଙ୍କ ମନରେ କୁହୁଳୁଥିବା ପ୍ରଶ୍ନର ସମାଧାନ ଲୋଡିଥିଲେ । ବିଦ୍ୟାଳୟର ପିଲାମାନେ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ଆବୃତି ମାଧ୍ୟମରେ ଭରପୂର ଆନନ୍ଦ ଉଠାଇଥିଲେ । ତୃତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମରେ କୁନି କୁନି ପିଲାଙ୍କ ଦ୍ୱାରା ସଚେତନତାଧର୍ମୀ ନାଟ୍ୟାଭିନୟ ମାଧ୍ୟମରେ ଲିଖନ କଳାକୁ ଭଲ ପାଇବାର ପ୍ରସଙ୍ଗକୁ ଉପସ୍ଥାପନ କରିବାର ନିଆରା ଶୈଳୀ ପରିବେଶକୁ ଚଳଚଞ୍ଚଳ କରିଥିଲା । ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନନ୍ତ ସାହିତ୍ୟ ଆସନର ଦ୍ୱିତୀୟ ଅର୍ଘ୍ୟ 'ସୃଜନୀଦ'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ ବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଶିକ୍ଷକ ଡକ୍ଟର ଅନ୍ତର୍ଯ୍ୟାମୀ ସାହୁ ଏବଂ ଇଂରାଜୀ ଶିକ୍ଷୟିତ୍ରୀ କ୍ରିଷ୍ଣା ପାଣି । ପଞ୍ଚମ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଳ୍ପ କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଡ଼କ୍ଟର ଅନ୍ତର୍ଯ୍ୟାମୀ ସାହୁ ଉନ୍ମୋଚିତ ପୁସ୍ତକକୁ ସମୀକ୍ଷା କରିବା ଅବସରରେ 'ସୃଜନୀଦ'ର ପ୍ରକାଶିକା ଜ୍ୟୋତି ମିଶ୍ରଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳିକା ଭାବେ ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଏବଂ ଶିକ୍ଷକ କରୁଣାକର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ବିଦ୍ୟାଳୟ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଆୟେଶା ଅନନ୍ୟା ଦେହୁରୀଙ୍କ ଦ୍ୱାରା କବିତା ପାଠୋତ୍ସବର ସଂଯୋଜନା କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ସମ୍ପଦ ଜେନା, ସୁଧାଂଶୁ ସ୍ୱାଇଁ, ସବ୍ୟସାଚୀ ପ୍ରଧାନ, ମହେନ୍ଦ୍ର ବେହେରା, ରୀତାରାଣୀ ତ୍ରିପାଠୀ, ରଞ୍ଜନ ସାମଲ, ନିରଞ୍ଜନ ସାହୁ, ରବି ନାରାୟଣ ପଣ୍ଡା, ସୀମାଞ୍ଚଳ ପତି, ସୁସ୍ମିତା ବାରିକ୍‌ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

# ଜାତୀୟ ନବଜାତ ଶିଶୁ ସପ୍ତାହ ଉଦ୍‌ଯାପିତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ନବଜାତ ଶିଶୁ ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ନଭେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହ ପାଳନ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳନ କରାଯାଇଥିଲା । ଏଥିରେ ୧୦ ନବଜାତ ଶିଶୁ ଓ ମା, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସେବିକା ଓ କର୍ମଚାରୀମାନେ ଯୋଗଦେଇ ନବଜାତ ଶିଶୁର ପ୍ରସୂତି କାଳୀନ ସତର୍କତା, ଜନ୍ମ ପରେ ଶିଶୁ ଓ ମା'ର ଚିକିତ୍ସା ଓ ଯତ୍ନ, ଶିଶୁକୁ ସ୍ତନ୍ୟପାନ, ଶିଶୁ ରୋଗର ଚିକିତ୍ସା ସହ ପରବର୍ତ୍ତୀ ଯତ୍ନ ସମ୍ପର୍କରେ ସଚେତନ କରାଯାଇଥିଲା । ନିରୋଗ ଶିଶୁ ସ୍ୱାସ୍ଥ୍ୟ ଏହି ସପ୍ତାହ ପାଳନର କେନ୍ଦ୍ରବିନ୍ଦୁ ବୋଲି କୁହାଯାଇଥିଲା । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ମା, ଆଶାକର୍ମୀ, ସେବିକା ଓ ଚିକିତ୍ସକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ୧୦ ନବଜାତ ଶିଶୁଙ୍କୁ ଗିନା ଓ ଚାମଚ ଉପହାର ପ୍ରଦାନ କରାଯାଇଥିଲା । ଏହା ସହ ବିଶ୍ୱ ନିମୋନିଆ ଦିବସ ଓ ବିଶ୍ୱ ମଧୁମେହ ଦିବସ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଳନ କରାଯାଇଛି ।

# ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ୭୧ତମ ସମବାୟ ସପ୍ତାହ ପାଳିତ

ଫୁଲବାଣୀ (ଭାସ୍କର ନ୍ୟୁଜ୍): ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘର ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ଧମାଳ ଜିଲ୍ଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ କରି ଗୁଜରାଟ ଓ ଆନ୍ଧ୍ରପ୍ରଦେଶ ଭଳି ସଶକ୍ତିକରଣ କରିବାକୁ ପରାମର୍ଶ ଦେଇଥିଲା ବେଳେ ସଂଘର ସଭାନେତ୍ରୀ ସୁପ୍ରଭା ନାୟକ ସଭାପତିତ୍ୱ କରିଥିଲେ । ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବାବେଳେ ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଡିଆରସିଏସ୍ ତୃପ୍ତି କଲ୍ୟାଣ ସେଠୀ, ନାବାର୍ଡ ଡିଡିଏମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲ୍ଲାରେ ମଜଭୂତ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ୍ ଚାଷୀଭାଇ ମାନେ ଯୋଗ ଦେଇଥିଲେ । ୧୯୦୪ ମସିହା ଠାରୁ ଦେଶରେ ସମବାୟ ଆଇନ କାର୍ଯ୍ୟକାରୀ ହୋଇଥିଲା ବେଳେ ଓଡିଶାରେ ତା'ର ୬ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ କଟକରେ ଖାଉଟି ସମବାୟ ଭଣ୍ଡାର ପ୍ରତିଷ୍ଠା କରି ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବୋଲି ସଂଘର ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଜନସାଧାରଣଙ୍କ ସାମାଜିକ ଓ ଅର୍ଥ ନୈତିକ ବିକାଶରେ ସମବାୟ ଅନୁଷ୍ଠାନ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମବାୟ ଆନ୍ଦୋଳନରେ ଅର୍ଥନୈତିକ ବିକାଶ ହେଲେ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ମଧୁବାବୁ କହୁଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମବାୟ ଆନ୍ଦୋଳନର ପୁରୋଧା ହିସାବରେ ଗୌରୀ ଶଙ୍କର ପଟନାୟକଙ୍କୁ ଅତିଥିମାନେ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଜି ଉଦୟଗିରି ଓ ବ୍ରାହ୍ମଣୀ ଗାଁ ଲ୍ୟାମ୍ପସ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉଲେଖନୀୟ ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନିଲ ସାହୁଙ୍କୁ ମଞ୍ଚରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ କୁମାର ମିଶ୍ର, ଇନ୍‌ସପେକ୍ଟର ସତ୍ୟଜିତ ସେଠୀ, ଅଡିଟର ଗୋପାଳକୃଷ୍ଣ ପ୍ରଧାନ ଏବଂ ଓଏଏସ୍ ପାଇଥିବା ସମବାୟ ଇନ୍‌ସପେକ୍ଟର ଲିପ୍‌ସା ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ୨୪ଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମବାୟରେ ହୀନମନ୍ୟତା ଓ ସ୍ୱାର୍ଥପରତା ଛାଡି ସହଭାଗିତା ଓ ସହଯୋଗ ବୃଦ୍ଧି ହେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ । କନ୍ଧମାଳ ଜିଲ୍ଲାରେ ବିକଳ୍ପ ରୋଜଗାର ପାଇଁ ପ୍ରତି ବ୍ଲକ ଓ ପଞ୍ଚାୟତରେ ସମବାୟ ସମିତି ଗଠନ କରି ଗରିବ ଖଟିଖିଆଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ବ୍ୟବସ୍ଥା କରିବା ଆବଶ୍ୟକ । ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୩ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୫୦୦୦/-, ଟ୩୦୦୦/- ଓ ଟ୨୦୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆରସିଏସ୍ ଗଙ୍ଗାଧର କହଁର, ଏମ୍‌ଡି ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।

# କେନାଲ ପାଣି ନେଇ ପୁଣି ଗର୍ଜିଲେ ଚାଷୀ

## ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ




ଧର୍ମଗଡ଼, (ଭାସ୍କର ନ୍ୟୁଜ): ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପରୁ ଚଳିତ ୨୦୨୪-୨୫ ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିବା ନେଇ ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ମିଳିଥିଲା । ଏନେଇ ଚାଷୀଙ୍କ ଭିତରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ପୁନଃ ବିଚାର କରି କେନାଲ ପାଣି ଛାଡିବାକୁ ବିଭିନ୍ନ ସମୟରେ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଧର୍ମଗଡ ବିଧାୟକ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ହେଲେ କେନାଲ ଡିଭିଜନ ଚାଷୀଙ୍କ ଅଭିଯୋଗ ଶୁଣିବା ବଦଳରେ ନିଜ ଜିଦ୍‌ରେ ଅଟଳ ରହିଥିଲା । ଯାହା ଚାଷୀଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଇଁ ଆନ୍ଦୋଳନର ରୂପ ନେଇଥିଲା । ଗୁରୁବାର ସକାଳ ୧୦ ଟାରୁ ଧର୍ମଗଡ଼ ଚାରିଛକ ଠାରେ ଚାଷୀମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆନ୍ଦୋଳନ ଫଳରେ ଗାଡି ମୋଟର ଠପ୍ ପଡିଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଧର୍ମଗଡ଼-ରାୟପୁର ୧୩୦ସି ରାସ୍ତାରେ ଶହ ଶହ ଯାନବାହାନ ଅଟକି ରହିଥିଲା । ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ଚଳିତ ବର୍ଷ ଅପେକ୍ଷା ବିଗତ ବର୍ଷ ଠାରୁ କମ୍ ପାଣି ରହିଥିବା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଉପର ଇନ୍ଦ୍ରାବତୀ ବାମ କେନାଲଙ୍କ ଠାରୁ ସୂଚନା ପାଇବା ପରେ ରବି ଚାଷ ପାଇଁ ଜଳସେଚନରେ ସମସ୍ୟା ହେବା ଆଶଙ୍କା ନେଇ ଧର୍ମଗଡ଼ ବ୍ଲକର ଅନେକ ଚାଷୀ ଚିନ୍ତାରେ ରହିଛନ୍ତି । ଜଳସେଚନ ବ୍ୟବସ୍ଥା ବନ୍ଦ କରିବା ନିହାତି ବିଭାଗର ଚାଲ୍ ଥିବା ଚାଷୀ ଅଭିଯୋଗ ଉଠାଇଛନ୍ତି । ଖରିଫ ଫସଲରେ ନାନା ପ୍ରକାର ରୋଗ ପୋକ ଲାଗିଥିବା ବେଳେ କ୍ଷତି ହେବା ଆଶଙ୍କା ଢେର ରହିଛି । ଏହାକୁ ଭରଣ କରିବାକୁ ହେଲେ ରବି ଚାଷ ନିହାତି ଆବଶ୍ୟକ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଯାହା ଉତ୍ତେଜିତ ଚାଷୀ ଗୁରୁବାର ଦିନ ଆନ୍ଦୋଳନକୁ ଓହ୍ଲାଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଆନ୍ଦୋଳନ ସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଗୁରୁବାର ଚାଷୀ ଓ କେନାଲ ଡିଭିଜନ ଅଧିକାରୀଙ୍କ ସହ ଏକ ବୈଠକ ଡକା ଯାଇ ତାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ । ଆନ୍ଦୋଳନରେ କୃଷକ ସଂଗଠନ ଧର୍ମଗଡ଼ର ସଭାପତି ଡମ୍ବରୁଧର ଲହଜଳ, ତୁଷାର ରଞ୍ଜନ ପଟ୍ଟଯୋଶୀ, ଦିଗାମ୍ବର ଦୁରିଆ, ଡାକେଶ୍ୱର ଲହଜଳ, ସନ୍ତୋଷ ପାତ୍ରୀ, ରତନ ନାଏକ, ଟିକମନ ଯାଦବ, ପ୍ରଣବ ଭଇଁସାଳ ସମେତ ଧର୍ମଗଡ଼ ଆଞ୍ଚଳିକ କୃଷକ ସଙ୍ଘର ଶହ ଶହ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ସମ୍ବିଧାନ ସଚେତନତା ଅଭିଯାନ



ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ଆମ୍ବେଦକର ଷ୍ଟାଚ୍ୟୁ ସମ୍ମୁଖରେ ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ବାବାସାହେବ ଆମ୍ବେଦକରଙ୍କ ଷ୍ଟାଚ୍ୟୁ ସମ୍ମୁଖରେ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ସଚେତନତା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ସମ୍ବିଧାନର ଗୁରୁତ୍ୱ ଓ ସଚେତନରର ବାର୍ତ୍ତା ନେଇ ପ୍ରଧାନଶିକ୍ଷକ ନେପାଳ ବାଗ, ଚିତ୍ତରଞ୍ଜନ ନିଆଳ, ଜାତୀନ୍ଦ୍ର କର ପ୍ରମୁଖ ଲୋକଙ୍କୁ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ, ନରେନ୍ଦ୍ର କ୍ଷିତି, ଲଳିତ ବାଗ, ନିଲୁ ମାଝୀ, ରତନ ଧଙ୍ଗଡ଼ା ମାଝୀ, ବିଶ୍ୱନାଥ କର, ରବି ସୁନାନୀ, ମିନୁ କନ୍ଦପାନ, ଶରତ ଶବର, ଅଞ୍ଜନ ଖିତି, ଗୌରାଙ୍ଗ ସୁନା ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଚିଲିଗୁଡ଼ା ବସ୍‌ଷ୍ଟାଣ୍ଡ ପାଖରେ ମଧ୍ୟ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସମ୍ବିଧାନ ସଚେତନତା ରଥକୁ ମହିଳାମାନେ ବନ୍ଦାପନା, ଫୁଲମାଳ ଓ ହୁଳହୁଳି ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆସନ୍ତା ୨୬ ନଭେମ୍ବର ୨୦୨୪ରେ ଭାରତୀୟ ସମ୍ବିଧାନକୁ ୭୫ ବର୍ଷ ପୂରଣ ହେବ । ସେହି ଉଦ୍ଦେଶ୍ୟରେ ଲୋକଙ୍କୁ ସଚେତନତା କରିବା ପାଇଁ ୧୫ଗୋଟି ଜିଲ୍ଲାରେ ୭୫ ତମ ସମ୍ବିଧାନ ଦିବସ ମହାସମାରୋହରେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିରୀକୃତ ହୋଇଛି । ଏହି ସମ୍ବିଧାନ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ସିଡୁଲ କାଷ୍ଟ ଫେଡେରେସନର ମହାସଚିବ ଯତୀନ୍ଦ୍ର କର, ଜୁନାଗଡ଼ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ ଜାଲ, ଆଇନଜୀବୀ ଚିତ୍ତରଞ୍ଜନ ନିଆଲ, ଯୁଗେଶ୍ୱର ସାଗର, ଢଗ ନାଏକ, ପଦ୍ମ ନାଭ ନାଗ, ଫିରୋଜ ନିଆଲ, ଅଦଳ ନିଆଲ, ମାଧୁରୀ ସେନାପତି, କ୍ଷମା ଶିଳା ଛତ୍ରିଆ, ପଦ୍ମାବତୀ ନାଗ, ଚକ୍ରଧର ବେଣୁପାଣି, ରମଣୀ ଦୁରିଆ, ଦିଗାମ୍ବର ଦୁରିଆ, ଏସ୍ ସୁଜାତା, ପ୍ରେମ ଲାଲ ନାଏକ, ପ୍ରକାଶ ମାଝି, ମହାଦେବ ନାଏକ, ସୁରେସନ ଛତ୍ରିଆ, ରାଧେ ଶ୍ୟାମ ନାଗ ଏବଂ ନୀଳକଣ୍ଠ ନାଏକ ପ୍ରମୁଖ ଯୋଗ ଦେଇ ସମ୍ବିଧାନର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ ।

# ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ



ମ.ରାମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମୋହନଗିରି ଠାରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଉପସ୍ଥିତରେ ଶତାଧିକ ମହିଳା ଓ ପୁରୁଷ ବିଧିବଦ୍ଧ ଭାବରେ ବିଜେଡ଼ିରେ ସାମିଲ ହୋଇଥିଲେ । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ବିଧାୟିକାଙ୍କ ସମେତ ମ.ରାମପୁର ଜୋନ୍-୨ ଜିଲ୍ଲାପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଓ ବରିଷ୍ଠ ବିଜେଡ଼ି ନେତା ବିକାଶ ରଞ୍ଜନ ସିଂଦେଓ, ନବୀନ ପଧାନ, ଗୋବିନ୍ଦ ତାଣ୍ଡି, ନବୀନ ପଧାନ,ଯୁବ ନେତା ପ୍ରଦୀପ ପାଣିଗ୍ରାହୀ, ଚନ୍ଦ୍ର ହାସ୍ୟ ଧଙ୍ଗଡା ମାଝି, ଭଗବାନ ଭୋଇ ସମେତ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ। ବିଧାୟିକା ମନୋରମା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମ.ରାମପୁର ଜିଲ୍ଲା ପରିଷଦ ଜୋନ୍-୨ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ବଳିଷ୍ଠ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ମ.ରାମପୁର ଅଞ୍ଚଳରେ ହଜାର ହଜାର ଜନସାଧାରଣ ବିଜୁ ଜନତା ଦଳରେ ପ୍ରାଥମିକ ସଦସ୍ୟତା ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା ।

# ସମସ୍ୟାଘେରରେ ପୋଡ଼ାପାଇ ପ୍ରାଥମିକ ବିଦ୍ୟାଳୟ



ରାମପୁର,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କେରପାଇ ପଞ୍ଚାୟତ ସ୍ଥିତ ପୋଡ଼ାପାଇ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଗତି କରୁଛି । ୨୦୦୮ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଏଠାରେ ସମୁଦାୟ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ଦୁଇଜଣ ଶିକ୍ଷକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଲେ ପ୍ରଧାନଶିକ୍ଷକ ତ୍ରିଲୋଚନ ବରାଳ, ଆଉ ଜଣେ ହେଲେ ସହଶିକ୍ଷକ ସୋମନାଥ ମାଝୀ । ସରକାର ଆଦିବାସୀ ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ ଏହାର ଠିକ୍ ବିନିଯୋଗ ଓ ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଏବଂ ଉଚିତ ତଦାରଖ ଅଭାବ ଯୋଗୁ ଆଜି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଥିବା ସାଙ୍ଗକୁ ଶିକ୍ଷକ ଶିକ୍ଷାଦାନରେ ପ୍ରାୟ ଦିନ ଅନୁପସ୍ଥିତ ରହୁଥିବା ଯାହା ଗ୍ରାମବାସୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । କୌଣସି ଛୁଟିଦିନ ନଥିବା ସତ୍ତ୍ୱେ ଶିକ୍ଷକମାନେ ମନଇଚ୍ଛା ଛୁଟି ନେଇ ଘରକୁ ପଳାଇବା ସହ ସ୍କୁଲ ଆସୁନାହାନ୍ତି । ଏକ ସ୍ୱାସ୍ଥ୍ୟ ସ୍ୱରାଜ ନାମକ ଜଣେ ସଂସ୍ଥାରେ କାର୍ଯ୍ୟରତ ଜଣଙ୍କ ହାତରେ ପ୍ରତିଦିନ ପିଲାଙ୍କ ପାଠପଢ଼ା ଛାଡ଼ି ଦେଇଥିବା ଘଟଣାକୁ ନେଇ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି । ପୂର୍ବ ସରକାର ୫ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକର ରୂପାନ୍ତରକରଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ପୋଡ଼ାପାଇ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ମଧ ଆମ ଓଡ଼ିଶା ନବୀନ ଓଡ଼ିଶା ପାଣ୍ଠିରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ୪ଲକ୍ଷ ବ୍ୟୟ ଅଟକଳରେ ସ୍କୁଲର ଉନ୍ନତିକରଣ ପାଇଁ ଅନୁଦାନ ଆସିଥିବା ଯାହା ଜଣାଯାଏ, ହେଲେ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନଥିବା ନେଇ ସ୍ଥାନୀୟ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବର୍ତ୍ତମାନ ବିଦ୍ୟାଳୟ କୋଠା ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡିଛି । ଛାତରୁ ସିମେଣ୍ଟ ଖସି ଯାଇ ଲୁହାରଡଗୁଡ଼ିକ ଦେଖାଯାଉଛି। ବର୍ଷାଦିନେ ଛାତରୁ ପାଣି ଝରିବା ଫଳରେ ସମୁଦାୟ ୨ଟି କୋଠରି ମଧ୍ୟରୁ ଗୋଟି କୋଠରିରେ ପାଠ ପଢିବା ପଢ଼ାଇବା ପାଇଁ ବାଧ ହେଉଛନ୍ତି । ବିଦ୍ୟାଳୟ ଅବସ୍ଥା ଅତି ଦୟନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍କୁଲରେ ପାନୀୟ ଜଳର ଘୋର ଅଭାବ ସାଙ୍ଗକୁ ସୁରକ୍ଷା ପାଚେରୀ ଭୁଷୁଡ଼ି ଯାଇଛି । ଏଣୁ ସରକାର ତୁରନ୍ତ ନୂତନ ଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ତ୍ରିଲୋଚନ ବରାଳଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ବିଷୟରେ ପ୍ରତିକ୍ରିୟା ନେବାରୁ, ମୁଁ ଛୁଟି ନେଇକି ଘରକୁ ଯାଇଛି ଏବଂ ମୋ ସହଶିକ୍ଷକ କାର୍ଯ୍ୟରେ ରହିବା କଥା ହେଲେ ପିଲା କମ୍ ମାତ୍ରାରେ ସ୍କୁଲ ଆସୁଛନ୍ତି, କାରଣ ବର୍ତ୍ତମାନ ଉକ୍ତ ଅଳରେ ଧାନ କଟା, ଅଳସି କଟା ଭଳି ଇତ୍ୟାଦି ଚାଷ ଜନିତ କାମ କରିବାରେ ପିଲା ବ୍ୟସ୍ତ । ପିଲା ପାଠପଢ଼ିବାକୁ ଆସୁ ନ ଥିବାରୁ ମୁଁ ନିଜେ ସହଶିକ୍ଷକଙ୍କୁ ସ୍କୁଲ ନଆସିବା ପାଇଁ ମନା କଲି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ସେ ଆହୁରି ମଧ କହିଛନ୍ତି, ପୂର୍ବ ସରକାର ସମୟରେ ଆମ ସ୍କୁଲ ପାଇଁ ଯେଉଁ ଉନ୍ନତିକରଣ ପାଇଁ ଅନୁଦାନ ଆସିଥିଲା । ସରକାର ବଦଳିଲା ପରେ ବିଲ୍ କରିବାରେ ଅସୁବିଧା ହେଉଛି । ଯାହା ଜେଇ ସେମ୍ସ ପ୍ରସାଦ କେଙ୍ଗୁଆ ସୂଚନା ଦେଇଛନ୍ତି, ଯେମିତି ବ୍ଲକ କାର୍ଯ୍ୟାଳୟ ଆଡୁ ମରାମତି କାମ କରିବାକୁ ସବୁଜ ସଙ୍କେତ ମିଳିବା ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି । ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ତମାଖୁ ମୁକ୍ତ ଅଭିଯାନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚପୁରିଆ ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସାରା ଭାରତରେ ତମାଖୁ ସେବନ କରି ପ୍ରତି ବର୍ଷ କର୍କଟ, ହୃଦରୋଗ, ଶ୍ୱାସଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ ଆଦି ରୋଗରେ ପୀଡ଼ିତ ହୋଇ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଛନ୍ତି । ତମାଖୁ କିପରି ନିୟନ୍ତ୍ରଣ ହେବ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ଉକ୍ତ ଅଭିଯାନ ମାଧ୍ୟମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ଲକର ବିଭିନ୍ନ ଗ୍ରାମଗୁଡିକରେ ବୁଲି ବୁଲି ସଚେତନ କରାଯାଉଛି । ଏହା ଦ୍ୱାରା ଅନେକ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବ୍ଲକ ପ୍ରାଣୀ ସଂପଦ ବିଭାଗରେ କର୍ମଚାରୀ ଅଭାବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ମଣିଷ ଭଳି ଗାଈଗୋରୁ, ଛେଳିମେଣ୍ଢା, କୁକୁଡା ଆଦି ଗୃହପାଳିତ ଜୀବମାନଙ୍କ ପ୍ରାଣୀ ସଂପଦ ବିଭାଗ ରହିଥିବାବେଳେ ରାଜ୍ୟ ସରକାର ପ୍ରାଣୀ ସଂପଦର ରକ୍ଷଣାବେକ୍ଷଣ ସହିତ ଏ ଦିଗରେ ଲୋକଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ତେବେ ବିଭିନ୍ନ ସ୍ଥାନରେ କର୍ମଚାରୀ ଅଭାବ ସମସ୍ୟା ଯୋଗୁଁ ପ୍ରାଣୀ ସଂପଦ ବିଭାଗର ଲକ୍ଷ୍ୟସାଧିତ ହୋଇପାରୁନାହିଁ । ଏହିପରି ଭାବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପ୍ରାଣୀ ସଂପଦ ବିଭାଗରେ କର୍ମଚାରୀ ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବାବେଳେ ସୀମିତ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ବ୍ଲକର ୨୬ ଗୋଟି ଗ୍ରାମପଞ୍ଚାୟତର ୪୮୩ ଗୋଟି ଗାଁକୁ ସେବା ଯୋଗାଇଦେବା ସମ୍ଭବପର ହୋଇପାରୁନାହିଁ । ବ୍ଲକରେ ଜଣେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ରହିଥିବାବେଳେ ତାଙ୍କ ଅଧୀନରେ ଦୁଇଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ରହିଛନ୍ତି । ତେବେ ମୋବାଇଲ ପ୍ରାଣୀ ସଂପଦ ୟୁନିଟର ପ୍ରାଣୀ ଚିକିତ୍ସା ଅଧିକାରୀ, ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ୧୧ ଜଣରୁ ୬ ଜଣ ପ୍ରାଣୀ ନିରୀକ୍ଷକ ଆଦି ପଦବୀ ଖାଲି ରହିଛି । ଯାହାଫଳରେ ବ୍ଲକରେ ପ୍ରାଣୀ ସଂପଦର ରକ୍ଷଣାବେକ୍ଷଣ, ଚିକିତ୍ସା ଓ ଟୀକାଦାନ ଆଦି ବିଭିନ୍ନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି । ବିଭାଗୀୟ ଆକଳନ ଅନୁଯାୟୀ ବ୍ଲକରେ ୨୨,୩୦୪ ସଂଖ୍ୟକ ଗାଈଗୋରୁ, ୪୬୩୩ ସଂଖ୍ୟକ ମଇଁଷି, ୨୬୩୭୨ଗୋଟି ଛେଳି, ୨୧୨୭ ଗୋଟି ମେଣ୍ଢା, ୩୫୬୨୮ ସଂଖ୍ୟକ କୁକୁଡା ଆଦି ଥିବା ସୂଚନା ମିଳିଛି । ସେହିପରି ଗାଈଗୋରୁ, ଛେଳିମେଣ୍ଢା ଆଦି ପ୍ରାଣୀ ସଂପଦ ୧୫ରୁ ଅଧିକ ପ୍ରକାର ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଥିବାବେଳେ ସରକାରଙ୍କ ପ୍ରାଣୀ ବିଭାଗ ପକ୍ଷରୁ ସେମାନଙ୍କୁ ବିନା ମୂଲ୍ୟ କିମ୍ବା ସ୍ୱଳ୍ପମୂଲ୍ୟରେ ୧୨ ପ୍ରକାରର ଟୀକା ଉପଲବ୍ଧ କରାଯାଉଛି । ତେବେ କର୍ମଚାରୀ ଅଭାବ ଯୋଗୁଁ ଏଥିରେ ସମସ୍ୟା ଦେଖାଦେଇଛି । ତେବେ କର୍ମଚାରୀ ଅଭାବ ସତ୍ତ୍ୱେ ଗତ ତିନିବର୍ଷ ମଧ୍ୟରେ ପ୍ରାଣୀ ସଂପଦ ବିଭାଗ ତରଫରୁ ହିତାଧିକାରୀମାନଙ୍କ ପାଇଁ ବେଶ୍ କିଛି ଯୋଜନାର ଲାଭ ମିଳିଥିବାବେଳେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଉପକୃତ ହୋଇଥିବା ଜଣାପଡ଼ିଛି । ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨ ଜଣ ହିତାଧିକାରୀ ୫୦୦ ବ୍ରଏଲର ଚିଆଁ ପାଇଁ ୧ ଲକ୍ଷ ୮୦ ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଥିବାବେଳେ ୧୦୦୦ ବ୍ରଏଲର ଯୋଜନାରେ ୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ଲକ୍ଷ ୬୦ ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଥିଲା । ସେହିପରି ୩୦ଗୋଟି ମାଈ ଛେଳି ଓ ଦୁଇଟି ବୋଦା ପାଇଁ ବ୍ଲକର ୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ଗୋଟିଏ ଧଳା ଘୁଷୁରୀ ଫାର୍ମ ପାଇଁ ୪ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି । ସେହିପରି ୨୦୨୨-୨୩ରେ ୫୦୦ ବ୍ରଏଲର କୁକୁଡା ଯୋଜନାରେ ୧୭ଜଣ ହିତାଧିକାରୀଙ୍କୁ ଆର୍ଥିକ ଅନୁଦାନ ଦିଆଯାଇଥିବାବେଳେ ୧୦୦୦ ବ୍ରଏଲର ଯୋଜନାରେ ୧୧ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ଲକ୍ଷ ୬୦ ହଜାର ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି । ସେହିପରି ୩୦ ଗୋଟି ମାଈ ଛେଳି ଓ ଦୁଇଟି ବୋଦା ଯୋଜନାରେ ୫୬ ଗୋଟି ଆଦିବାସୀ ପରିବାରଙ୍କୁ ୧୦୦ ପ୍ରତିଶତ ସବ୍‌ସିଡି ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହାସହିତ ୩ ଗୋଟି ଧଳାଘୁଷୁରୀ ଫାର୍ମ ପାଇଁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଅପରପକ୍ଷରେ ଚଳିତ ବର୍ଷ ୫୦୦ ବ୍ରଏଲର ଯୋଜନାରେ ୨୧ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଥିବାବେଳେ ୧୮ଗୋଟି ପ୍ରକଳ୍ପ କାର୍ଯ୍ୟ ସରିଛି । ଚଳିତ ବର୍ଷ ୧୦୦୦ ବ୍ରଏଲର ଯୋଜନା ୨୦୦୦କୁ ବର୍ଦ୍ଧିତ ହୋଇଥିବାବେଳେ ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୧୧ ଗୋଷ୍ଠୀର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ସେହିପରି ୩୦ ମାଈ ଛେଳି ଓ ଦୁଇଟି ବୋଦା ମଧ୍ୟ ୫ରୁ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିସାରିଛି । ତେବେ ସବୁଠୁ ବଡ଼ କଥା ହେଲା ୫୦୦ ବ୍ରଏଲର ଯୋଜନାରେ ୧ ଲକ୍ଷ ୮୦ ହଜାର ଅନୁଦାନ ମଧ୍ୟରୁ ୭୨ ହଜାର ଟଙ୍କା ସବ୍‌ସିଡି, ୧୦୦୦ ବ୍ରଏଲର ଯୋଜନାରେ ୩ ଲକ୍ଷ ୬୦ ହଜାରର ଅନୁଦାନ ମଧ୍ୟରୁ ୧ ଲକ୍ଷ ୪୪ ହଜାର ସବ୍‌ସିଡି, ୨୦୦୦ ବ୍ରଏଲର ଯୋଜନାରେ ୨ ଲକ୍ଷ ୮୮ ହଜାର ଟଙ୍କାର ସବ୍‌ସିଡି, ଛେଳି ପାଇଁ ୨ ଲକ୍ଷ ୩୦ ହଜାର ଅନୁଦାନ ମଧ୍ୟରୁ ୧ ଲକ୍ଷ ୧୫ ହଜାର ଟଙ୍କା ସବ୍‌ସିଡି ବର୍ତ୍ତମାନ ଏହା ୧ ଲକ୍ଷ ୩୮ହଜାର ଟଙ୍କା, ଧଳା ଘୁଷୁରି ଫାର୍ମ ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ମଧ୍ୟରୁ ୧ ଲକ୍ଷ ୬୦ ହଜାର ଟଙ୍କା ସବ୍‌ସିଡି ଦିଆଯାଉଛି । ଯାହା ବ୍ଲକର ଗରିବ ଚାଷୀ, ହିତାଧିକାରୀଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହୋଇଛି । ତେବେ କର୍ମଚାରୀ ସମସ୍ୟା ପୂରଣ ହୋଇପାରିଲେ ବ୍ଲକ ଅଞ୍ଚଳର ହିତାଧିକାରୀମାନେ ଆହୁରି ଉପକୃତ ହେବେ ଓ ପ୍ରାଣୀ ସମ୍ପଦ ସୁରକ୍ଷିତ ରହିପାରିବେ ବୋଲି ଦାବି ହେଉଛି ।

## ରାଶିଫଳ

ଶୁକ୍ରବାର, ୨୨ ନଭେମ୍ବର ୨୦୨୪



**ମେଷ:** ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ କାମରେ ଅଗ୍ରଗତି ଘଟିପାରେ । ଦ୍ୱିଜା ନକ୍ଷତ୍ରର ଆର୍ଥିକ ସଙ୍କଟ ଲାଗି ରହିଲେ ମଧ୍ୟ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ । ସ୍ଥିର ମନ ନେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ ।



**ବୃଷ:** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ । ଆନୁଷ୍ଠାନିକ କାମରେ ସତକଥା କହି ବିରୋଧୀ ହୋଇପାରନ୍ତି । ଆର୍ଥିକ ସ୍ଥିତି କମ୍‌ଜୋର ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।



**ମିଥୁନ:** ସ୍ୱାସ୍ଥ୍ୟ ସଚେତନତାର ଅଭାବଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ । ପାଖରେ ନଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।



**କର୍କଟ:** ମନ ପ୍ରଫୁଲ୍ଲ ରହିବ ଏବଂ ଯାହା ଆଶା କରୁଛନ୍ତି ପାଇବେ। ଅଶ୍ଳେଷା ନକ୍ଷତ୍ର ବ୍ୟବସାୟରେ ଲାଭବାନ୍ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ । ଅସୁବିଧା ନହେଲେ ମଧ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ ।



**ସିଂହ:** କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅନ୍ୟମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି । ପ୍ରଶାସନିକ ସ୍ତରରେ ସହଯୋଗ ଅଭାବରୁ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ।



**କନ୍ୟା:** ଆଜି ହଠାତ୍ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି । ବିବାଦୀୟ କଥାରେ ମୁଣ୍ଡ ନପୂରାଇବା ଭଲ । ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ ପାଖ ମାଡ଼ିବେ ନାହିଁ।



**ତୁଳା:** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ । ତଥାପି କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ ।



**ବିଛା:** ଆଜି ସକାଶେ ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ । ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି । ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ । କଳା, କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ।



**ଧନୁ :** ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣା ଓଟରା ଲାଗିବ । ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଶତ୍ରୁଠାରୁ ଦୂରେଇ ରୁହନ୍ତୁ । ଉତ୍ତରାଷାଢ଼ା ନକ୍ଷତ୍ରର ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ ।



**ମକର:** ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ । ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ । ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।



**କୁମ୍ଭ:** ଆଜିର କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ହୋଇପାରୁଛି ଆପଣଙ୍କ ପାଇଁ ସେପରି ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତଭିଷା ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।



**ମୀନ:** ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ସ୍ଥଗିତ କାମ ହାସଲ କରିବେ । ଅସୁବିଧା ନହେଲେ ମଧ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ । ପ୍ରକୃତ ଘଟଣା ନବୁଝି ପଡ଼ୋଶୀ କ୍ରୋଧ ପ୍ରକାଶକରି କଟୁ କଥା କହିବାକୁ ପଛାଇବେ ନାହିଁ । ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯